

◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 42 ♦ISSUE-333 ♦BHUBANESWAR ♦SUNDAY ♦1 JUNE 2025 ♦PAGE-12 ♦₹ 6.00 | PANIKOILI | ♦ବର୍ଷ-୪୨ ♦ସଂଖ୍ୟା-୩୩୩ ♦ଭୁବନେଶ୍ୱର ♦ରବିବାର ♦୧ ଜୁନ୍ ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦ (ସିନ୍ଦୂରା ସହ)


## ବ୍ୟାପୁଛି କରୋନା, ନେଲାଣି ୨୩ ଜୀବନ

■ **ନୂଆଦିଲ୍ଲୀ, ୩୧।୫ (ଏଜେନ୍ସି):** ପୁଣି ଚିନ୍ତା ବଢ଼ାଇଲାଣି କରୋନା। ଏହି ଭୂତାଣୁ ଦେଶରେ କ୍ରମାଗତ ଭାବେ କାୟା ବିସ୍ତାର କରିବାରେ ଲାଗିଛି। ଆଜିସୁଦ୍ଧା ଦେଶରେ କରୋନା ରୋଗୀ ସଂଖ୍ୟା ୩ ହଜାର ଅତିକ୍ରମ କରି ୩୩୯୫ରେ ପହଞ୍ଚିଥିବା ବେଳେ ୨୨ ଜଣ ଲୋକ ଏହି ରୋଗରେ ପ୍ରାଣ ହରାଇଲେଣି। ଏଥର କରୋନାର ହଟ୍‌ସ୍ପଟ୍ କେରଳ ହୋଇଥିବା ବେଳେ ଏହାପଛକୁ ରହିଛି ମହାରାଷ୍ଟ୍ର ଓ ଦିଲ୍ଲୀ। କେରଳରେ ସର୍ବାଧିକ ୧୩୩୬ ପଜିଟିଭ ମାମଲା ସାମନାକୁ ଆସିଥିବା ବେଳେ ମହାରାଷ୍ଟ୍ରରେ ୮୪ଟି ନୂଆ ମମାଲା ସାମ୍ନାକୁ ଆସିଛି ଓ ସଂକ୍ରମିତଙ୍କ ସଂଖ୍ୟା ୬୮୧ ରେ ପହଞ୍ଚିଛି। ଏହି ଦୁଇଟି ରାଜ୍ୟରେ ଦେଶର ୬୦ ପ୍ରତିଶତ ମାମଲା ଦେଖିବାକୁ ମିଳିଛି। ଏହାପଛକୁ ରହିଛି ଦିଲ୍ଲୀ। ସେଠାରେ ୩୭୫ ଜଣ ସଂକ୍ରମିତ ହେଲେଣି। ଏହାପଛକୁ ଗୁଜରାଟ (୨୬୫) ରହିଥିବା ବେଳେ କର୍ଣ୍ଣାଟକର ୨୩୪, ପଶ୍ଚିମବଙ୍ଗରେ ୨୦୫, ତାମିଲନାଡୁରେ ୧୮୫ ଏବଂ ଉତ୍ତର ପ୍ରଦେଶରେ ୧୧୭ ଜଣ ସଂକ୍ରମିତ ହୋଇଛନ୍ତି। ▶ପୃଷ୍ଠା-୭

**ସଂକ୍ରମିତ ହେଲେଣି ୩୩୯୫, କେରଳରେ ସର୍ବାଧିକ**


## ଧସିଲା ପାହାଡ଼: ଆସାମରେ ୫, ଅରୁଣାଚଳରେ ୯ ମୃତ

■ **ନୂଆଦିଲ୍ଲୀ, ୩୧।୫ (ଏଜେନ୍ସି):** ଭାରତରେ ପାଣିପାଗ ବଦଳିବାରେ ଲାଗିଛି। ଅନେକ ରାଜ୍ୟରେ ମୌସୁମୀ ପ୍ରବେଶ କରିଛି। ଏହାର ପ୍ରଭାବରେ ବିଭିନ୍ନ ରାଜ୍ୟର ପ୍ରବଳ ବର୍ଷା ଜାରି ରହିଛି। ଏଥିଯୋଗୁଁ ମାନବୀୟ ସଙ୍କଟ ସୃଷ୍ଟି ହୋଇଛି। ଦୁଇ ଦିନ ହେଲା ପ୍ରବଳ ବର୍ଷା ଜାରି ରହିଥିବାରୁ ମିଜୋରାମ, ତ୍ରିପୁରା, ଅରୁଣାଚଳ ପ୍ରଦେଶ, ଆସାମରେ ଅଚାନକ ବନ୍ୟା ଆସିଛି। ଏହା ସହିତ ଭୂସ୍ଖଳନ ହୋଇଛି। ଭିତ୍ତିଭୂମି ଭୁଶୁଡ଼ି ଯାଇଛି। ଏହା ଜନଜୀବନକୁ ପ୍ରଭାବିତ କରିଛି। ଅରୁଣାଚଳର ଜାତୀୟ ରାଜପଥ ୧୩ରେ ଭୂସ୍ଖଳନ ହୋଇଛି। ଏଥିଯୋଗୁଁ ଏକ ଗାଡ଼ି ଗଭୀର ଖାଇକୁ ଖସି ପଡ଼ିଥିଲା। ଏଥିରେ ଥିବା ସମସ୍ତ ୭ ଜଣଙ୍କ ମୃତ୍ୟୁ ହୋଇଛି। ଭୂସ୍ଖଳନରେ ଅନ୍ୟ ଦୁଇ ଜଣ ପ୍ରାଣ ହରାଇଥିବାବେଳେ ଅନେକ ମଧ୍ୟ ଆହତ ହୋଇଛନ୍ତି। ସେହିପରି ମିଜୋରାମର ଲଙ୍ଗତିଲାରେ ଶୁକ୍ରବାର ରାତିରେ ୫ଟି ଘର ଏବଂ ଏକ ହୋଟେଲ ଭୁଶୁଡ଼ି ପଡ଼ିବାରୁ ୫ ଜଣଙ୍କ ଜୀବନ ଯାଇଛି। ଆହୁରି କିଛି ଲୋକ ଅବଶେଷ ତଳେ ଫସି ରହିଥିବା ▶ପୃଷ୍ଠା-୭

**ମିଜୋରାମ-ସିକିମରେ ଭୁଶୁଡ଼ିଲା ଅନେକ ଘର**

### ପୋଲାଭରମ୍ ପ୍ରକଳ୍ପରେ କ୍ଷୟକ୍ଷତି ଆକଳନ

# ତେଲଙ୍ଗାନା ଜିତିଲା; ଓଡ଼ିଶା ଜଳକା



**ତେଲଙ୍ଗାନାରେ ପଛୁଆ ଜଳର ପ୍ରଭାବ ଆକଳନ କରିବ ସିଡବ୍ଲ୍ୟୁସି**

**କ୍ଷତିଗ୍ରସ୍ତ ମାଲକାନଗିରି ପାଇଁ ତୁଣ୍ଡ ଖୋଲୁନାହାନ୍ତି ଓଡ଼ିଶା ସରକାର**

**ପ୍ରଭାବିତ ଅଞ୍ଚଳରେ ଜନଶୁଣାଣି ପାଇଁ ପରାମର୍ଶ ଦେଇଥିଲେ ସୁପ୍ରିମକୋର୍ଟ**

■ **ଭୁବନେଶ୍ୱର, ୩୧।୫ (ସମିସ):** ତେଲଙ୍ଗାନା ସରକାରଙ୍କ ପ୍ରବଳ ଚାପ ଆଗରେ ଶେଷରେ ନଇଁଛନ୍ତି କେନ୍ଦ୍ର ଓ ଆନ୍ଧ୍ର ସରକାର। ପୋଲାଭରମ୍ ପ୍ରକଳ୍ପ ଯୋଗୁଁ ତେଲଙ୍ଗାନାର କେତେ ଅଞ୍ଚଳ ଜଳମଗ୍ନ ହେବ ସେନେଇ ଖୁବଶୀଘ୍ର କେନ୍ଦ୍ରୀୟ ଜଳ ଆୟୋଗଙ୍କ ପକ୍ଷରୁ ସର୍ଭେ କରାଯିବ। ମାତ୍ର ସୁପ୍ରିମକୋର୍ଟଙ୍କ ପରାମର୍ଶ ସତ୍ତ୍ୱେ ଓଡ଼ିଶାର ମାଲକାନଗିରି ଜିଲ୍ଲାରେ ଅନୁରୂପ ସର୍ଭେ ପାଇଁ କେନ୍ଦ୍ର ସରକାର ବା ଆନ୍ଧ୍ର ସରକାର ଆଗ୍ରହ ପ୍ରକାଶ କରୁନାହାନ୍ତି। ପୋଲାଭରମ ପ୍ରକଳ୍ପ ଯୋଗୁଁ ମାଲକାନଗିରି ଜିଲ୍ଲା ବିଶେଷ ଭାବେ କ୍ଷତିଗ୍ରସ୍ତ ହେବା ନିଶ୍ଚିତ ହୋଇଥିଲେ ମଧ୍ୟ ରାଜ୍ୟର ଶାସକ ବିଜେପି ସରକାର ଏ ସମ୍ପର୍କରେ ନିରବ ରହିଛନ୍ତି। ବିରୋଧୀ ବିଜେଡି ଓ କଂଗ୍ରେସ ଏ ସମ୍ପର୍କରେ ବାରମ୍ବାର ଦାବି କରିଥିଲେ ମଧ୍ୟ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ସମ୍ପୂର୍ଣ୍ଣ ନିରବ ରହିଛନ୍ତି।

ପୋଲାଭରମ୍ ପ୍ରକଳ୍ପର ପଛୁଆ ଜଳ ଯୋଗୁଁ ତେଲଙ୍ଗାନାର ଭଦ୍ରାଚଳମ୍ ସହର ଜଳମଗ୍ନ ହେବ। ଏହାକୁ ନେଇ ତେଲଙ୍ଗାନା ସରକାର ଉଦ୍‌ବେଗ ପ୍ରକାଶ କରିବା ସହ ପ୍ରକଳ୍ପ ବିରୋଧରେ ଦୃଢ଼ ସ୍ୱର ଉତ୍ତୋଳନ କରିଥିଲା। ଶେଷରେ ଉଭୟ ଆନ୍ଧ୍ର ସରକାର, ତେଲେଙ୍ଗାନା ସରକାର, ପୋଲାଭରମ ପ୍ରକଳ୍ପ ପ୍ରାଧିକରଣ(ପିପିଏ)ଙ୍କ ମଧ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ପଛୁଆ ଜଳ ସର୍ଭେ ନେଇ ସହମତି ପ୍ରକାଶ ପାଇବା ପରେ ଏନେଇ ସିଡବ୍ଲ୍ୟୁସିଙ୍କୁ ପିପିଏଙ୍କ ପକ୍ଷରୁ ବିଧିବଦ୍ଧ ଭାବେ ପ୍ରସ୍ତାବ ଦିଆ ଯାଇଥିଲା ଓ ଏହା ଆଧାରରେ ସର୍ଭେ କାର୍ଯ୍ୟ କରାଯିବ ବୋଲି ସୂଚନା ମିଳିଛି। ମାତ୍ର ଏହି ପ୍ରସଙ୍ଗରେ ରାଜ୍ୟ ବିଜେପି ସରକାର ସମ୍ପୂର୍ଣ୍ଣ ପ୍ରସଙ୍ଗରେ ନିରବ ▶ପୃଷ୍ଠା-୭

## ବଜ୍ରପାତରେ ଟଳିପଡ଼ିଲେ ୧୫ ଗୋରୁ, ୨ ଛେଳି



■ **ବାରିପଦା, ୩୧।୫ (ସମିସ):** ଶିମିଳିପାଳ ଜାତୀୟ ଉଦ୍ୟାନ ପାଦଦେଶ ତଥା ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ବ୍ଲକ୍ ଅନ୍ତର୍ଗତ ଜଳଡିହା ଗ୍ରାମରେ ବଜ୍ରପାତ ଘଟି ୧୫ଟି ଗୋରୁଙ୍କ ମୃତ୍ୟୁ ଘଟିଛି। ଶୁକ୍ରବାର ସନ୍ଧ୍ୟାରେ ଏହି ଅଘଟଣ ଘଟିଛି। ସଂଧ୍ୟାରେ ଘଡ଼ଘଡ଼ି ସହ ଜୋର୍‌ରେ ବର୍ଷା ହୋଇଥିଲା। ଏହି ସମୟରେ ବାହାରକୁ ଚରିବାକୁ ଯାଇଥିବା ଗୋରୁଗୁଡ଼ିକ ବର୍ଷାରୁ ରକ୍ଷା ପାଇବା ପାଇଁ ଗ୍ରାମର ଏକ ପଣସ ଗଛ ମୂଳେ ଆଶ୍ରୟ ନେଇଥିଲେ। ତେବେ ସେଠାରେ ଗୋଟିଏ ବଜ୍ରପାତ ହେବାରୁ ୧୫ଟି ଗୋରୁ ଘଟଣାସ୍ଥଳରେ ପ୍ରାଣ ହରାଇଥିଲେ। ଖବର ପାଇ ▶ପୃଷ୍ଠା-୭

### ଘରୋଇ କଳିର କରୁଣ ପରିଣତି

# ୫ ମାସର ଛୁଆକୁ ଛାଡ଼ି ଝୁଲିପଡ଼ିଲେ ଦମ୍ପତି


■ **କେନ୍ଦୁଝର, ୩୧।୫ (ସମିସ):** ସାମାନ୍ୟ ମୋବାଇଲ୍‌ରେ କଥା ହେବାକୁ କେନ୍ଦ୍ର କରି ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ କଳହ ଓ ପରେ ଜଙ୍ଗଲ ଭିତରେ ଏକାଠି ଆତ୍ମହତ୍ୟା କରିବା ଭଳି ଘଟଣା ଆଜି କେନ୍ଦୁଝର ଜିଲ୍ଲାବ୍ୟାପୀ ଚର୍ଚ୍ଚାର ବିଷୟ ହୋଇଛି। ମୃତ ଦମ୍ପତି ହେଲେ, କେନ୍ଦୁଝର ସଦର ଥାନା ଅନ୍ତର୍ଗତ ପଦ୍ମପୁର ପଞ୍ଚାୟତ ଯୋଗୀମଠ ମୁଣ୍ଡା ସାହିର ରଇବୁ ମୁଣ୍ଡା ଏବଂ ତାଙ୍କ ସ୍ତ୍ରୀ ଗୌରୀ ମୁଣ୍ଡା। ସଦର ଥାନା ପୁଲିସ୍ ସ୍ଥାନୀୟ ଏକ ୟୁକାଲିପଟାସ୍ ଜଙ୍ଗଲରୁ ଆଜି ଭୋର୍‌ରୁ ଦୁହିଁଙ୍କ ଝୁଲନ୍ତା ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏହି ଘଟଣାକୁ ନେଇ ଆଜି ସ୍ଥାନୀୟ ଅଞ୍ଚଳରେ ଗଭୀର ଶୋକ ପ୍ରକାଶ ପାଇଛି। ଦୁହିଁଙ୍କର ୫ ମାସର ଏକ ଶିଶୁକନ୍ୟା ରହିଛି। ଦୁନିଆ ଜାଣିବା ପୂର୍ବରୁ, ଦୁନିଆ ଜଣେଇବା ଲୋକଦ୍ୱୟ ତା' ଜୀବନରୁ ଚାଲିଯିବା ପରେ ଶିଶୁଟିର ଭବିଷ୍ୟତ ଏବେ ଅନିଶ୍ଚିତତା ଭିତରକୁ ଠେଲି ହୋଇଯାଇଛି।

ପଡ଼ୋଶୀଙ୍କ କହିବାନୁସାରେ, ମୋବାଇଲ୍‌ରେ କଥାବର୍ତ୍ତାକୁ ନେଇ ଉଭୟଙ୍କ ଉଭୟଙ୍କ ମଧ୍ୟରେ ଅନେକବାର ପାଟିତୁଣ୍ଡ ହୋଇଥିଲା। କିଛି ▶ପୃଷ୍ଠା-୭

**ଜଙ୍ଗଲରୁ ଉଦ୍ଧାର ହେଲା ଶବ**







# ଯୁଦ୍ଧ ବିମାନ ହରାଇଛୁ, କିନ୍ତୁ...

## ତ୍ରୁଟି ସୁଧାରିଛୁ, ପୁଣି ମାଡ଼ ମାରିଛୁ: ଜେନେରାଲ୍ ଚୌହାନ

ନୂଆଦିଲ୍ଲୀ, ୩୧ା୫ (ଏଜେନ୍ସି)

ଅପରେସନ୍ ସିନ୍ଦୂର ବେଳେ ଆମେ କିଛି ଲଢୁଆ ବିମାନ ହରାଇଛୁ। କେତେ ହରାଇଛୁ, ତାହା ବଡ଼ କଥା ନୁହେଁ। କିନ୍ତୁ କାହିଁକି ହରାଇଲୁ ଏବଂ ତ୍ରୁଟି କେଉଁଠି ରହିଲା? ଏହା ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ସେ ଯାହା ହେଉ, ସେହି ତ୍ରୁଟି ଉପରେ ସମୀକ୍ଷା କରିଛୁ। ତ୍ରୁଟିର ସମାଧାନ ବାଟ ବାହାର କଲୁ। ଦୁଇ ଦିନ ପରେ ପାକିସ୍ତାନ ବିରୋଧରେ କାର୍ଯ୍ୟାନୁଷ୍ଠାନକୁ ଜୋରଦାର କରାଗଲା ଏବଂ ଏଥିରେ ଆମେ ଶତ ପ୍ରତିଶତ ସଫଳ ରହିଲୁ। ଆମର ଆଉ କୌଣସି କ୍ଷତି ହେଲାନାହିଁ, ଦୂରଗାମୀ ଲକ୍ଷ୍ୟଭେଦ କରି ସମସ୍ତ ବିମାନ ସୁରକ୍ଷିତ ଭାବେ ଫେରିଲେ।

ପହଲଗାମ ଆତଙ୍କବାଦୀ ଆକ୍ରମଣର ପ୍ରତିଶୋଧ ନେବାଲାଗି ପାକିସ୍ତାନ ବିରୋଧରେ ଭାରତର ସାମରିକ କାର୍ଯ୍ୟାନୁଷ୍ଠାନ ଅପରେସନ ସିନ୍ଦୂର ସଂପର୍କରେ ଏଭଳି ବୟାନ ଦେଇଛନ୍ତି ଭାରତୀୟ ସେନାର ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ ଜେନେରାଲ ଅନୀଲ ଚୌହାନ। କାର୍ଯ୍ୟାନୁଷ୍ଠାନ ବେଳେ ଭାରତୀୟ ସେନା ବିମାନ ହରାଇଛି ବୋଲି କୌଣସି ସେନା ଅଧିକାରୀ ପ୍ରଥମ ଥର ଲାଗି ସୂଚନା ଦେଇଛନ୍ତି। କିନ୍ତୁ ଭାରତୀୟ ସେନାର କେତୋଟି ଲଢୁଆ ବିମାନ ଖସିଛି ତାହାର ସଂଖ୍ୟା ଜଣାଇବାକୁ ସେ ମନାକରିଦେଇଛନ୍ତି। ଭାରତର ୬ଟି ବିମାନକୁ



ପାକିସ୍ତାନ ଖସାଇଥିବା ପାକ୍ ପ୍ରଧାନମନ୍ତ୍ରୀ ସରିଫ ଦେଇଥିବା ବୟାନ ସଂପର୍କରେ ଜେନେରାଲ ଚୌହାନ କହିଲେ, ଏଥିରେ କୌଣସି ସତ୍ୟତା ନାହିଁ। କେବଳ ସେ ଏତିକି କହିଲେ, ଆମର କିଛି ତ୍ରୁଟି ଥିଲା ଏବଂ ଏହାକୁ ତତକ୍ଷଣାତ୍ ସୁଧାରିବାରେ ସଫଳ ହୋଇଥିଲୁ।

ସିଙ୍ଗାପୁରରେ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଜେନେରାଲ ଚୌହାନ କହିଲେ ଯେ ଭାରତର ସାମରିକ କାର୍ଯ୍ୟାନୁଷ୍ଠାନକୁ ପ୍ରତିହତ କରିବାରେ ଚୀନ ନିର୍ମିତ ଏୟାର ଡିଫେନ୍ସ ସମର୍ଥ ହୋଇଛି ବୋଲି ପାକିସ୍ତାନ କରିଥିବା ଦାବିକୁ ଅଗ୍ରାହ୍ୟ କରିଦେଇ ସେ କହିଲେ ଯେ ସେଗୁଡ଼ିକୁ କିଛି କାମ ଦେଇନି। ଆମେ ଆମର ମିସନରେ ସଫଳ ହୋଇଛୁ। ଭାରତ ସହ ସଂଘର୍ଷ ବେଳେ ପାକିସ୍ତାନକୁ ଚୀନ ଏୟାରଡିଫେନ୍ସ ଏବଂ ଉପଗ୍ରହ ସହାୟତା ଦେଇଥିଲା। କିନ୍ତୁ ସେବୁକୁ ଭାରତୀୟ କ୍ଷେପଣାସ୍ତ୍ର ଚକ୍‌ମା ଦେଇ ଧ୍ୱଂସ ରଚାଇଥିଲା। ପାକିସ୍ତାନ ସୀମା ଭିତରେ ୩୦୦ କିଲୋମିଟର ପର୍ଯ୍ୟନ୍ତ ଟାର୍ଗେଟକୁ ଭାରତୀୟ କ୍ଷେପଣାସ୍ତ୍ର ଧ୍ୱଂସ କରିବାକୁ ସକ୍ଷମ ହୋଇଛି ବୋଲି ଜେନେରାଲ ଚୌହାନ କହିଛନ୍ତି।

ସେ ଅହୁରି କହିଲେ ଯେ ଚାରି ଦିନ ଚାଲିଥିବା ସଂଘର୍ଷରେ ଭାରତ ଓ ପାକିସ୍ତାନ କେବେହେଲେ ପରମାଣୁ ଯୁଦ୍ଧର ନିକଟତର ହୋଇନାହାନ୍ତି। ଏସଂପର୍କରେ ଆମେରିକାର ରାଷ୍ଟ୍ରପତି ଟ୍ରମ୍ପ ଦେଇଥିବା ବୟାନକୁ ଖଣ୍ଡନ କରି ସେ କହିଲେ ଯେ ସେମିତି ପରିସ୍ଥିତି ଉପୁଜିନଥିଲା। ଟ୍ରମ୍ପ କହିଥିଲେ, ଭାରତ ଓ ପାକିସ୍ତାନ ପରମାଣୁ ଯୁଦ୍ଧ ଆଡ଼କୁ ମୁହାଁଉଥିଲେ ଏବଂ ତାଙ୍କ ମଧ୍ୟସ୍ଥତା ଯୋଗୁଁ ଏହାକୁ ଏଡ଼ାଇ ଦିଆଯାଇପାରିଛି।

## ହସିନାଙ୍କ ଗାଦିଚ୍ୟୁତ ହେବା ପଛରେ ହାଫିଜ୍ ସୈଦ

ଇସଲାମାବାଦ, ୩୧ା୫ (ଏଜେନ୍ସି): ବାଂଲାଦେଶରୁ ଶେଖ୍ ହାସିନା ବିତାଡିତ ହେବା ପଛରେ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣର ମାଷ୍ଟରମାଇଣ୍ଡ ତଥା ବିଶ୍ୱ ଆତଙ୍କବାଦୀ ତାଲିକାରେ ସାମିଲ ଆତଙ୍କବାଦୀ ହାଫିଜ ସୈଦର ହାତ ରହିଛି। ଏହି ଆତଙ୍କବାଦୀର ଆତଙ୍କବାଦୀ ସଂଗଠନ ଜମାତ-ଉଦ୍-ଦାୱା (ଜେୟୁଡି) ବାଂଲାଦେଶରେ ଗତ ବର୍ଷ ହୋଇଥିବା ସରକାରୀ ବିରୋଧୀ ବିକ୍ଷୋଭ ପ୍ରଦର୍ଶନରେ ସାମିଲ ଥିଲା। ଏହାର ଆତଙ୍କବାଦୀ ହିଁ ଆନ୍ଦୋଳନକୁ ଉସୁକାଇ ଥିଲେ। ବିଶ୍ୱ ଆତଙ୍କବାଦୀ ତାଲିକାରେ ସାମିଲ ଜେୟୁଡି ସଦସ୍ୟ ସୈଫୁଲା କସୁରୀ ଏବଂ ମୁଜାମିଲ ହାସିମ ଏହି ଦାବି କରିଛି। କିଛି ଦିନ ତଳେ ରହିମ ୟାର ଖାନର ଆହ୍ଲାବାଦରେ ନିଜ ସମର୍ଥକଙ୍କୁ ସମ୍ବୋଧନ କରି କସୁରୀ କହିଥିଲା ଯେ ସେ ୪ ବର୍ଷର ହୋଇଥିବାବେଳେ ୧୯୭୧ରେ ପାକିସ୍ତାନକୁ ଭାଗ ଭାଗ କରିଦେଇଥିବା ଭାରତୀୟ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଘୋଷଣା କରିଥିଲେ। କିନ୍ତୁ ଗତ ବର୍ଷ ମେ' ୧୦ରେ ଆମେ ୧୯୭୧ର ପ୍ରତିଶୋଧ ନେଇଛୁ।

## ଅବାସଙ୍କୁ ୨ ବର୍ଷ ଜେଲ୍ ଦଣ୍ଡ

ଲକ୍ଷ୍ନୌ, ୩୧ା୫ (ଏଜେନ୍ସି): ମାଫିଆ ଡନ୍ ମୁଖ୍ତାର ଅନସାରୀର ପୁଅ ତଥା ଏସ୍‌ବିଏସ୍‌ପି ବିଧାୟକ ଅବାସ ଅନସାରୀକୁ ବଡ଼ ଝଟ୍‌କା ଲାଗିଛି। ୨୦୨୨ର 'ଅଧିକାରୀଙ୍କ ହିସାବ-କିତାବ' ଘୃଣ୍ୟ ମନ୍ତବ୍ୟକୁ ନେଇ ମଉର ଚିଫ୍ ଜୁଡିସିଆଲ ମାଜିଷ୍ଟ୍ରେଟ (ଏମପି-ଏମଏଲଏ) ଅନାସକୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଏହି ମାମଲାରେ ତାଙ୍କୁ ୨ ବର୍ଷ ଜେଲ୍ ଦଣ୍ଡ ରେ ଦଣ୍ଡିତ କରିଛନ୍ତି। ୩ ହଜାର ଟଙ୍କା ଜୋରିମାନା ମଧ୍ୟ ଲଗାଇଛନ୍ତି। ଆବାସଙ୍କ ଏଜେଣ୍ଟ ମନ୍‌ସୁରକୁ ମଧ୍ୟ ୬ ମାସ ଜେଲ୍ ଦଣ୍ଡ ହୋଇଛି। ତେବେ ପରେ ଉଭୟେ ଜାମିନରେ ମୁକ୍ତି ପାଇଛନ୍ତି। ଏହି ଦଣ୍ଡ ଯୋଗୁଁ ଆବାସ ବିଧାୟକ ପଦ ହରାଇପାରନ୍ତି।

## ମସ୍କଙ୍କ ଆଖିକୁ ନେଇ ଚର୍ଚ୍ଚା

ୱାଶିଂଟନ୍, ୩୧ା୫ (ଏଜେନ୍ସି): ଗୁରୁବାର ଶିଳ୍ପପତି ଏଲନ୍ ମସ୍କ ଡୋନାଲ୍ଡ ଟ୍ରମ୍ପ ସରକାରଙ୍କଠାରୁ ଅଲଗା ହେବେ ବୋଲି ସାମାଜିକ ଗଣମାଧ୍ୟମରେ ଘୋଷଣା କରି ହଇଚଇ ସୃଷ୍ଟି କରିଥିଲେ। ପରସ୍ପରଠାରୁ ଅଲଗା ହେବା ପୂର୍ବରୁ ଦୁହେଁ ସାମ୍ବାଦିକ ସମ୍ମିଳନୀ କରିଥିଲେ। ମସ୍କ ମୋର ଜଣେ ଭଲ ବନ୍ଧୁ ଓ ତାଙ୍କୁ ମନେ ରଖିବୁ ବୋଲି ଟ୍ରମ୍ପ କହିଥିଲେ। ସେହିପରି ଟ୍ରମ୍ପଙ୍କୁ ପରାମର୍ଶ ଦେବା ଜାରି ରଖିବି ବୋଲି ମସ୍କ କହିଥିଲେ। ଆଖି ତଳେ ଥିବା କଳା ଦାଗ ନେଇ ମସ୍କ ଏକ ପ୍ରଶ୍ନର ଉତ୍ତର ଦେଇ ହାସ୍ୟରୋଳ ସୃଷ୍ଟି କରିଥିଲେ। ଏହା ଡ୍ରଗ୍ସ ସେବନ କାରଣରୁ ନୁହଁ, ପୁଅ ସହ ଖେଳୁଥିବା ବେଳେ ତା'ର ମୁଥା ମୁହଁରେ ବାଜିବା ଫଳରେ କଳାଦାଗ ସୃଷ୍ଟି ହୋଇଥିଲା ବୋଲି ସେ କହିଥିଲେ।

## ପାକିସ୍ତାନ ମନ୍ତବ୍ୟରୁ ଓହରିଲା କଲମ୍ବିଆ: ଥରୁର

ନୂଆଦିଲ୍ଲୀ,୩୧ା୫(ଏଜେନ୍ସି): ଅପରେସନ ସିନ୍ଦୂର ନେଇ ଲାଟିନ ଆମେରିକୀୟ ଦେଶ କଲମ୍ବିଆ ପାକିସ୍ତାନ ପାଇଁ ଜାରି କରିଥିବା ଶୋକ ବାର୍ତ୍ତାକୁ ଫେରାଇ ନେଇଛି। ଫଳରେ ଭାରତ ଆଉ ଏକ



କୂଟନୈତିକ ବିଜୟ ହାସଲ କରିଛି ବୋଲି କଂଗ୍ରେସ୍ ସାଂସଦ ଶଶୀ ଥରୁର କହିଛନ୍ତି। ଏବେ କଲମ୍ବିଆ ଭାରତକୁ ସମର୍ଥନ କରି ଆତଙ୍କବାଦ ବିରୋଧରେ ନିଜର ନୂଆ ବିବୃତ୍ତି ଜାରି କରିବ ବୋଲି ସେ କହିଛନ୍ତି। ବୋଗୋଟାସ୍ଥିତ ତାଦେଓ ଲୋଜାନେ ବିଶ୍ୱବିଦ୍ୟାଳୟରେ ଥରୁର ପହଞ୍ଚି ମହାତ୍ମା ଗାନ୍ଧୀଙ୍କ ପ୍ରତିମା ଉପରେ ଫୁଲମାଳା ଚଢାଇଥିଲେ। ଏହା ପରେ ସେ କଲମ୍ବିଆର ଉପ- ବିଦେଶ ମନ୍ତ୍ରୀ ରୋସା ୟୋଲାଣ୍ଡ ଭିଲାଭିସେନସିଓଙ୍କୁ ସାକ୍ଷାତ କରିଥିଲେ। ତାଙ୍କ ସହ କଥା ହେବା ପରେ ସରକାର ତାଙ୍କ ବୟାନ ଫେରାଇ ନେଇଥିଲେ ବୋଲି ଥରୁର କହିଛନ୍ତି। ଭାରତ ତରଫରୁ ଆମକୁ ଏ ନେଇ ବିସ୍ତୃତ ବିବରଣୀ ପ୍ରଦାନ କରାଯାଇଥିଲା। ଯାହାକୁ ଆମେ ହୃଦୟଙ୍ଗମ କରିଛୁ ବୋଲି ଭିଲାଭିସେନସିଓ କହିଛନ୍ତି। ପୂର୍ବରୁ ଅପରେସନ ସିନ୍ଦୂର ଦ୍ୱାରା ପାକିସ୍ତାନରେ ମୃତାହତ ଲୋକଙ୍କ ପାଇଁ କଲମ୍ବିଆ ତରଫରୁ ଜାରି କରାଯାଇଥିବା ଶୋକ ବାର୍ତ୍ତାକୁ ନେଇ ଥରୁର ଆପତ୍ତି ଉଠାଇଥିଲେ। ପହଲଗାମରେ ଆତଙ୍କବାଦୀ ଆକ୍ରମଣରେ ୨୬ଜଣ ବ୍ୟକ୍ତି ମୃତ୍ୟୁବରଣ କରିଥିଲେ। ଏ ନେଇ ବିଜେପି ସାଂସଦ ତଥା ଭାରତୀୟ ପ୍ରତିନିଧି ମଣ୍ଡଳୀର ସଦସ୍ୟ ତେଜସ୍ୱୀ ସୂର୍ଯ୍ୟା କଲମ୍ବିଆର ପରିବର୍ତ୍ତିତ ଆଭିମୁଖ୍ୟକୁ ସ୍ୱାଗତ କରିଛନ୍ତି।

## ୬ ରାଜ୍ୟରେ 'ଅପରେସନ ସିଲ୍ଡ' ମକ୍ ଡ୍ରିଲ୍

ନୂଆଦିଲ୍ଲୀ, ୩୧ା୫ (ଏଜେନ୍ସି): ଅପରେସନ ଶିଲ୍ଡ ପ୍ରକ୍ରିୟାରେ ଶନିବାର ଗୁଜରାଟ, ରାଜସ୍ଥାନ, ପଞ୍ଜାବ, ହରିୟାଣା, ଚଣ୍ଡିଗଡ଼ ଓ ଜମ୍ମୁ-କଶ୍ମୀରରେ ମକ୍ ଡ୍ରିଲ ଚାଲିଛି। ପୂର୍ବରୁ ଗୁରୁବାର ମକ୍ ଡ୍ରିଲ କରିବାର କାର୍ଯ୍ୟକ୍ରମ ରହିଥିଲେ ମଧ୍ୟ ଏହାକୁ ସ୍ଥଗିତ ରଖାଯାଇଥିଲା। ଜମ୍ମୁ-କଶ୍ମୀରର ଅନନ୍ତନାଗ, ଜମ୍ମୁ, ବାରାମୂଲା ଓ ଅନ୍ୟ ଜିଲ୍ଲାଗୁଡିକରେ ମକ୍ ଡ୍ରିଲ



କରାଯାଇଛି। ଜମ୍ମୁରେ ରାତି ୮ଟାରେ ପୂରା ବ୍ଲାକ ଆଉଟ ହୋଇଥିଲା। ଜମ୍ମୁର ଅଖନୁର ସେକ୍ଟରରେ ଏୟାର ଷ୍ଟ୍ରାଇକ୍‌ର ଡ୍ରିଲ କରାଯାଇଥିଲା। ଗୁଜରାଟ୍‌ରେ ମଧ୍ୟ ଏୟାର ଷ୍ଟ୍ରାଇକ୍‌ର ମକ୍ ଡ୍ରିଲ ଚାଲିଛି।

- ବ୍ଲାଷ୍ଟ କରି ଉଦ୍ଧାର କରାଗଲା
- ପାକିସ୍ତାନ ସୀମାବର୍ତ୍ତୀ ରାଜ୍ୟଗୁଡିକରେ ବ୍ଲାକ୍ ଆଉଟ୍ ହେବ
- ମକ୍ ଡ୍ରିଲ ବେଳେ ମହୁମାଛି ଆକ୍ରମଣ

ଗୁଜରାଟର ପାଟଣ ଓ ବ୍ଲାସାଡ୍‌ରେ ସାଇରନ ବାଜିଥିଲା। ପାଟଣ ତହସିଲ ଅଫିସ୍‌ରେ ନିଆଁ ଲାଗିଥିଲା ଓ ସେଥିରେ ଫସିଥିବା ୩ ଜଣ ଲୋକଙ୍କୁ ଉଦ୍ଧାରକାରୀ ଦଳ ଉଦ୍ଧାର କରିଛି। ରାଜସ୍ଥାନର ଜୟପୁରରେ ମଧ୍ୟ ଏୟାର ଷ୍ଟ୍ରାଇକ୍‌ର ମକ୍ ଡ୍ରିଲ କରାଯାଇଥିଲା। ଏଠାରେ ଅଚାନକ ବିସ୍ଫୋରଣ କରାଯାଇଥିଲା ଓ ବାୟୁରୁ ଫାୟାର କରାଯାଇଥିଲା। ଲୋକେ ଦୌଡ଼ାଦୌଡ଼ି କରିଥିଲେ। ଘଟଣାସ୍ଥଳରେ ମେଡିକାଲ ଏଡ୍ ପହଞ୍ଚିଥିଲା ଓ ଏସ୍‌ଡିଆରଏଫ୍ ସମେତ ଅନ୍ୟ ଟିମ ସ୍ଥିତି ସମ୍ଭାଳିଥିଲେ। ସେହିପରି ହରିୟାଣା, ପଞ୍ଜାବ ଓ ଚଣ୍ଡିଗଡ଼ରେ ମଧ୍ୟ ମକ୍ ଡ୍ରିଲ କରାଯାଇଥିଲା। ମକ୍ ଡ୍ରିଲ୍ ଚାଲିଥିବା ବେଳେ ରାଜସ୍ଥାନର ଝାଲାବଡ଼ରେ ମହୁମାଛି ଆକ୍ରମଣର ଦୃଶ୍ୟ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛି। ମହୁମାଛିଙ୍କ ଦଳ ପୁଲିସ ଓ ପ୍ରଶାସନର ଲୋକଙ୍କ ଉପରେ ଆକ୍ରମଣ କରିଥିଲେ। ଫଳରେ ଜିଲ୍ଲାପାଳ ଓ ଏସ୍‌ପି ମହୁମାଛିଙ୍କ ଆକ୍ରମଣରୁ ରକ୍ଷା ପାଇବାକୁ ଦୌଡ଼ିବାରେ ଲାଗିଥିଲେ।

# ସୀମା ବିବାଦକୁ ନେଇ ପାକିସ୍ତାନ-ତାଲିବାନ ମୁହାଁମୁହିଁ

କାବୁଲ, ୩୧ା୫ (ଏଜେନ୍ସି): ପାକିସ୍ତାନ ଏବଂ ଆଫଗାନିସ୍ତାନ ସୀମା ପୁଣି ଅଶାନ୍ତ ହୋଇପଡ଼ିଛି। ସୀମା ବିବାଦକୁ ନେଇ ଏହି ଦୁଇ ଦେଶ ପୁଣି ମୁହାଁମୁହିଁ ହୋଇଛନ୍ତି। ଏଥିଯୋଗୁ ସୀମାରେ ଯୁଦ୍ଧ ସ୍ଥିତି ସୃଷ୍ଟି ହୋଇଛି। ଏହା ସଶସ୍ତ୍ର ସଂଗ୍ରାମର କେନ୍ଦ୍ର ପାଲଟି ଯାଇଛି। ଉଭୟ ପକ୍ଷ ମଧ୍ୟରେ ଗୁଳିଗୋଳା ମାଡ଼ ଚାଲିଛି। ଆଫଗାନିସ୍ତାନର ହେଲମନ୍ଦ ପ୍ରଦେଶରେ ଥିବା ବହରାମ ଚହରେ ଏଭଳି ସ୍ଥିତି ସୃଷ୍ଟି ହୋଇଛି। ଏହି ଅଞ୍ଚଳ ପାକିସ୍ତାନର ଚଗଇ ଜିଲ୍ଲାକୁ ଲାଗିଛି। ସୀମାରେ ତାଲିବାନ ନିଜ ସୁରକ୍ଷା ପାଇଁ ସେନା ପୋଷ୍ଟ ନିର୍ମାଣ ପ୍ରୟାସ କରିବାରୁ ଏହି ନୂଆ ବିବାଦ ଆରମ୍ଭ ହୋଇଛି। ପାକିସ୍ତାନ ସୁରକ୍ଷାବାହିନୀ ଏହାକୁ ବିରୋଧ କରିଛି। ଏହାକୁ ଚୁକ୍ତିର ଉଲ୍ଲଂଘନ ବୋଲି କହି ଅଫଗାନିସ୍ତାନ ଉପରେ ଗୁଳିଗୋଳା ମାଡ଼ ଆରମ୍ଭ କରିଦେଇଥିଲା। ଫଳରେ ତାଲିବାନ ଜବାବୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ପାକିସ୍ତାନ ସେନା ପୋଷ୍ଟ ଉଡାଇ ଦେଇଥିଲା। ତାଲିବାନ ଆକ୍ରମଣ ଦେଖି ପାକିସ୍ତାନ ଛାନିଆ ହୋଇ ଯାଇଥିଲା। ଏହାର ଯବାନ ଭୟଭୀତ ହୋଇ ୪ଟି ପୋଷ୍ଟରୁ ହଟି ଯାଇଛନ୍ତି। ଏଥିରୁ ତିନୋଟି ପୋଷ୍ଟ ବହରମ୍ ଚାହ ନିକଟରେ ରହିଛି। ସୂଚନାଯୋଗ୍ୟ ଯେ ସଂଘର୍ଷରତ ଚଗଇ ଜିଲ୍ଲା ପାକିସ୍ତାନର ସର୍ବବୃହତ ପ୍ରଦେଶ ବେଲୁଚିସ୍ତାନରେ ରହିଛି। ଆଫଗାନିସ୍ତାନ ଏବଂ ଇରାନକୁ ସୀମା ଲାଗି ରହିଥିବାରୁ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

ଏହି ସଂଘର୍ଷ ବିରାଟ ରୂପ ଧାରଣ କରିବ ବୋଲି କୁହାଯାଉଛି। ଏହି ସ୍ଥିତିକୁ ଦେଖି ଶାହବାଜ ସରିଫ ସରକାର ଚଗଇ ଜିଲ୍ଲାରୁ ଅଢେଇ ଲକ୍ଷ ଲୋକଙ୍କୁ ଘର ଖାଲି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ତାଲିବାନ ମଧ୍ୟ ଏହାର ନାଗରିକମାନଙ୍କୁ ଅଞ୍ଚଳ



- ଅଢେଇ ଲକ୍ଷ ଲୋକଙ୍କୁ ଘର ଛାଡ଼ିବାକୁ ନିର୍ଦ୍ଦେଶ
- ପାକିସ୍ତାନ ପୋଷ୍ଟ ଉଡ଼ାଇଦେଲା ତାଲିବାନ
- ଭୟରେ ୪ ପୋଷ୍ଟ ଛାଡ଼ି ପଳାଇଲେ ପାକିସ୍ତାନ ଯବାନ

ଖାଲି କରିବାକୁ କହିଛି। ଏହି ସ୍ଥିତି ପାକ୍-ଆଫଗାନ ସମ୍ପର୍କକୁ ଆହୁରି ଉତ୍ତେଜନାପୂର୍ଣ୍ଣ କରିଦେଇଛି।

ବହରମ ଚାହ ଚେକପୋଷ୍ଟ ଡୁରାଣ୍ଡ ଲାଇନରେ ଅବସ୍ଥିତ। ଏହାକୁ ଡ୍ରଗ୍ସ, ଅସ୍ତ୍ରଶସ୍ତ୍ର ଚୋରା ଚାଲାଣ ଏବଂ ବିଦ୍ରୋହୀ କାର୍ଯ୍ୟକଳାପ ପାଇଁ ଗୁରୁତ୍ୱପୂର୍ଣ୍ଣ କରିଡର ଧରାଯାଉଛି। ଏହା ଚଗଇ ଏବଂ ହେଲମନ୍ଦ ମଧ୍ୟରେ ସାମରିକ କାର୍ଯ୍ୟକଳାପକୁ ବି ନିୟନ୍ତ୍ରଣ କରୁଛି। ତାଲିବାନ ଏହାକୁ ନଷ୍ଟ କରିଦେଇଥିବାରୁ ପାକିସ୍ତାନୀ ସେନା ପାଇଁ ସଙ୍କଟ ସୃଷ୍ଟି ହୋଇପାରେ।

ଦୁଇ ଦେଶର ସେନା ମଧ୍ୟରେ ଚାଲିଥିବା ସଂଘର୍ଷର ଅନେକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ସ୍ଥିତିକୁ ଦେଖି ତାଲିବାନ ଆତ୍ମଘାତୀ ଦଳ ଏବଂ ପାକିସ୍ତାନ ଫ୍ରଣ୍ଟିୟର୍ କର୍ପସ ମୁତୟନ କରିଛି। ଦୁଇ ଦେଶ ସାମରିକ ପ୍ରସ୍ତୁତିକୁ ମଧ୍ୟ ଜୋରଦାର କରିଛି। ତାଲିବାନ କାନ୍ଦାହାରର ୨୦୫ତମ କର୍ପସ ନିୟୋଜିତ କରିଛି। ଏଥିରେ ୫୦ଜଣିଆ ଆତ୍ମଘାତୀ ଦଳ ରହିଛି। ଏହି ସ୍କ୍ୱାଡ୍ ପାକିସ୍ତାନୀ ସେନା ଉପରେ ଆକ୍ରମଣ କରିବାକୁ ପ୍ରସ୍ତୁତ ହୋଇ ରହିଛି। ଏହା ସ୍ଥିତିକୁ ଅଧିକ ବିପଜ୍ଜନକ କରିଦେଇଛି। ସେହିପରି ପାକିସ୍ତାନ ଫ୍ରଣ୍ଟିୟର୍ କର୍ପସ ବେଲୁଚିସ୍ତାନକୁ ମଧ୍ୟ ଶକ୍ତିଶାଳୀ କରିଛି। ତାଲିବାନ ସହିତ ମୁକାବିଲା କରିବା ପାଇଁ ସୀମାରେ ଟ୍ୟାଙ୍କ ନିୟୋଜିତ କରିଛି। ପାକିସ୍ତାନ ସେନା ପଛଘୁଞ୍ଚା ଦେଇଥିବାରୁ ଯୁଦ୍ଧ ସ୍ଥିତି ଦେଖି ସାଧାରଣ ଲୋକ ଭୟରେ ବଞ୍ଚୁଛନ୍ତି। ପାକିସ୍ତାନ ପ୍ରଶାସନ ସ୍କୁଲ, କଲେଜ ଏବଂ ଅନ୍ୟାନ୍ୟ ସାର୍ବଜନୀନ ସ୍ଥାନ ବନ୍ଦ କରିଦେଇଛି। ହସ୍ପିଟାଲକୁ ହାଇ ଆଲର୍ଟରେ ରଖିଛି। ଏପରି ସ୍ଥଳେ ବଲୁଚି ବିଦ୍ରୋହୀ ତାଲିବାନକୁ ସମର୍ଥନ କରିଛନ୍ତି।

## ଜଷ୍ଟିସ ବର୍ମାଙ୍କ ଘରୁ ଟଙ୍କା ଜବତ ମାମଲା

## ନିଆଁ ଲାଗିବା ପରେ ଷ୍ଟୋରରୁମ୍‌ରୁ ଟଙ୍କା ହଟାଇଥିଲେ

ନୂଆଦିଲ୍ଲୀ,୩୧ା୫(ଏଜେନ୍ସି): ଦିଲ୍ଲୀ ହାଇକୋର୍ଟର ତତ୍କାଳୀନ ବିଚାରପତି ଜଷ୍ଟିସ୍ ଯଶୋବନ୍ତ ବର୍ମାଙ୍କ ସରକାରୀ ବାସଭବନରୁ ଅଧାଜଳା ଟଙ୍କା ମିଳିବା ମାମଲା ନେଇ ଏବେ ନୂଆ କଥା ସାମ୍ନାକୁ ଆସିଛି। ଯେଉଁ ଷ୍ଟୋରରୁମ୍‌ରେ ଅଧଜଳା ଟଙ୍କା ମିଳିଥିଲା ତାହା, ବର୍ମା ଓ ତାଙ୍କ ପରିବାର ଲୋକଙ୍କ ଅଧିନରେ ରହିଥିଲା। ତଦନ୍ତ କରୁଥିବା କମିଟି ବାସଭବନର ଇଲେକଟ୍ରୋନିକ ସାକ୍ଷୀ, ପ୍ରମାଣ ଓ ତଦନ୍ତକୁ ଆଧାର କରି ଏହି ନିଷ୍କର୍ଷରେ ପହଞ୍ଚିଛି। କମିଟି ୫୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ବୟାନ ରେକର୍ଡ କରିଛି। ଏଥିରେ ଦିଲ୍ଲୀ ପୁଲିସ କମିଶନର ସଞ୍ଜୟ ଆରୋରା ଓ ଦମକଳ ବିଭାଗର ମୁଖ୍ୟ ସାମିଲ ରହିଛନ୍ତି। ଟଙ୍କାରେ ନିଆଁ ଲଗାଯିବା ପରେ ଏହି ଦୁଇଜଣ ଅଧିକାରୀ ପ୍ରଥମେ ଘଟଣାସ୍ଥଳରେ ପହଞ୍ଚିଥିଲେ। ଗତ ମାର୍ଚ୍ଚ ୧୪ ତାରିଖ ରାତି ୧୧.୩୫ରେ ନିଆଁ ଲଗାଇବା ପରେ ଷ୍ଟୋର ରୁମ୍‌ରୁ ଅଧାଜଳା ଟଙ୍କା ହଟାଇବାକୁ ପ୍ରୟାସ କରାଯାଇଥିଲା ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି।

ଏହି ମାମଲାର ଯାଞ୍ଚ ପାଇଁ ସୁପ୍ରିମକୋର୍ଟ ମୁଖ୍ୟ ବିଚାରପତି ସଞ୍ଜୀବ ଖାନ୍ନା ମାର୍ଚ୍ଚ ୨୨ରେ ଏକ ସ୍ୱତନ୍ତ୍ର କମିଟି ଗଠନ କରିଥିଲେ। ଏହି କମିଟି ମେ ୪ରେ ଖାନ୍ନାଙ୍କୁ ତା'ର ରିପୋର୍ଟ ପ୍ରଦାନ କରିଥିଲା। ଏଥିରେ ବିଚାରପତି ବର୍ମାଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଥିଲା। ଏବେ ତାଙ୍କ ବିରୋଧରେ ଦେଶର ସଂସଦରେ ମହା ଅଭିଯୋଗ ଆଣିବାକୁ ବିଚାର କରାଯାଉଛି। ବର୍ମା ନିଜ ପଦରୁ ଆପେ ଇସ୍ତଫା ଦିଅନ୍ତୁ ବୋଲି ସରକାର ଅପେକ୍ଷା କରିଛନ୍ତି। ଏବେ ବର୍ମା ଆହ୍ଲାବାଦ ହାଇ କୋର୍ଟରେ ଦାୟିତ୍ୱ ବହନ କରୁଛନ୍ତି। ଘଟଣା ସମୟରେ ସେ ଦିଲ୍ଲୀ ହାଇକୋର୍ଟରେ ନିୟୋଜିତ ଥିଲେ। ପରେ ତାଙ୍କର ବଦଳି କରାଯାଇଥିଲା। ତେବେ କୌଣସି ନ୍ୟାୟିକ କାର୍ଯ୍ୟ ସମ୍ପାଦନରୁ ତାଙ୍କୁ ବାରଣ କରାଯାଇଛି। ଉଲ୍ଲେଖଥାଉ କି, ୨୦୧୮ ରେ ବର୍ମାଙ୍କ ବିରୋଧରେ ଉତ୍ତରପ୍ରଦେଶର ଗାଜିଆବାଦରେ ଏକ ସୁଗାର ମିଲ୍‌ରେ ୯୭.୮୫ କୋଟି ଟଙ୍କାର ଘୋଟାଲା କରିଥିବାର ଅଭିଯୋଗ ଆସିଥିଲା।

## ଶାଳୀର କଟାମୁଣ୍ଡ ଧରି ବୁଲିଲା ଭିଣୋଇ

କୋଲକାତା,୩୧ା୫(ଏଜେନ୍ସି): ପଶ୍ଚିମବଙ୍ଗର ସାଉଥ ୨୪ ପରଗନା ଜିଲ୍ଲାରେ ଶୁକ୍ରବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଭିଣୋଇ ନିଜ ଶାଳୀର କଟାମୁଣ୍ଡ ଧରି ବୁଲୁଥିବା ଦେଖାଯାଇଥିଲା। ସ୍ଥାନୀୟ ଲୋକ ଏ ନେଇ ସୂଚନା ଦେବା ପରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ପୁଲିସ ଗିରଫ କରିଛି। ଏହି ଘଟଣାକ୍ରମର ଭିଡିଓ ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ ହୋଇଛି। ବ୍ୟକ୍ତିଜଣକ ଡାହାଣ ହାତରେ ଧାରୁଆ ହତିଆର ଓ ବାମହାତରେ କଟାମୁଣ୍ଡ ଧରିଥିବାର ଦେଖାଯାଇଥିଲା। ସେ ମଧ୍ୟ ଏକ ମନ୍ଦିର ସାମ୍ନାରେ ଜୟକାର ଲଗାଇଥିଲା ବୋଲି ସ୍ଥାନୀୟ ଲୋକ କହିଛନ୍ତି। ଏହି ଘଟଣା ବସନ୍ତୀ ଥାନର ଭରତଗଡ଼ ଗାଁରେ ଘଟିଛି। ଶାଳୀଙ୍କ ସହ ଅଭିଯୁକ୍ତ ବ୍ୟକ୍ତିଙ୍କର ଶୁକ୍ରବାର ଝଗଡ଼ା ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ବ୍ୟକ୍ତିଜଣକ ଧାରୁଆ ଅସ୍ତ୍ରରେ ଶାଳୀର ମୁଣ୍ଡକୁ ହାଣି ଶରୀରରୁ ଅଲଗା କରିଦେଇଥିଲେ। ଘଟଣାର ଯାଞ୍ଚ କରାଯାଉଛି ବୋଲି ପୁଲିସ କହିଛି। ଘଟଣାସ୍ଥଳକୁ ଫରେନସିକ୍ ଟିମ୍‌କୁ ପଠାଯାଇଛି। ମହିଳାଙ୍କ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି।

# ଚୀନ୍‌ର ନୂଆ ଚାଲ୍: ଅନ୍ତର୍ଜାତୀୟ ବିବାଦରେ ଏଥର ମୁଣ୍ଡ ପୂରାଇବ

ବେଜିଂ, ୩୧ା୫ (ଏଜେନ୍ସି): ବିଶ୍ୱରେ କର୍ତ୍ତୃତ୍ୱ ଜାହିର କରିବା ପାଇଁ ଚୀନ୍ ନୂଆ ଚାଲ୍ ଚଳାଇଛି। ଏହି କମ୍ୟୁନିଷ୍ଟ ଦେଶ ଅନ୍ତର୍ଜାତୀୟ ବିବାଦର ସମାଧାନ ଲାଗି ନୂଆ ସଂଗଠନ ଗଠନ କରିଛି। ଏହାର ନାମ ଇଣ୍ଟରନ୍ୟାସନାଲ ଅର୍ଗାନାଇଜେସନ ଫର୍ ମିଡିଏସନ (ଆଇଓଏମଇଡି) ରଖାଯାଇଛି। ଏହାକୁ ଅନ୍ତର୍ଜାତୀୟ କୋର୍ଟ (ଆଇସିଜେ) ଏବଂ ପରମାନେଣ୍ଟ କୋର୍ଟ ଅଫ୍ ଆର୍ବିଟେସନ ଭଳି ସଂସ୍ଥାର ବିକଳ୍ପ ଭାବେ ଉପସ୍ଥାପନ କରାଯାଇଛି। ଏହାକୁ ଚୀନ୍‌ର ଶକ୍ତି ପ୍ରଦର୍ଶନ ଭାବେ ମଧ୍ୟ ଦେଖାଯାଉଛି। ଆମେରିକା ଏବଂ ଜାତିସଂଘକୁ ଅଣଦେଖା କରିବା ପାଇଁ ଚୀନ୍ ଏଭଳି କୁଟୀଳ ଖେଳ ଖେଳିଥିବା କୁହାଯାଉଛି। କାରଣ ଆଇଓଏମଇଡି କାର୍ଯ୍ୟକ୍ରମରେ ୮୫ ଦେଶ ଏବଂ ପ୍ରାୟ ୨୦ ଅନ୍ତର୍ଜାତୀୟ ସଂଗଠନର ୪୦୦ ବଡ଼ ଅଧିକାରୀ ସାମିଲ ହୋଇଥିଲେ। ଏଗୁଡିକ ମଧ୍ୟରୁ ୩୩ ଦେଶ ତୁରନ୍ତ ସ୍ୱାକ୍ଷର କରି ଆଇଓଏମଇଡିର ପ୍ରତିଷ୍ଠାତା ସଦସ୍ୟ ହୋଇଛନ୍ତି। ଚୀନ୍‌ର ସରକାରୀ ଗଣମାଧ୍ୟମ ଗ୍ଲୋବାଲ ଟାଇମ୍ସ ଏହାକୁ ମଧ୍ୟସ୍ଥତା ମାଧ୍ୟମରେ ଅନ୍ତର୍ଜାତୀୟ ବିବାଦର ସମାଧାନ କରୁଥିବା ବିଶ୍ୱର ପ୍ରଥମ 'ଆନ୍ତଃ ସରକାରୀ ଆଇନଗତ ସଂଗଠନ' କହିଛି। ତେବେ ଆମେରିକା ଏହାକୁ ତୀବ୍ର ବିରୋଧ କରିଛି। ଏସିଆର ସନ୍ତୁଳନ ବିଗାଡିବାକୁ ଚୀନ୍ ପ୍ରୟାସ କରୁଛି ବୋଲି ଆମେରିକା ଅଭିଯୋଗ କରିଛି।

ହଂକଂରେ ଆୟୋଜିତ ଏକ ଉଚ୍ଚସ୍ତରୀୟ କାର୍ଯ୍ୟକ୍ରମରେ ଚୀନ୍ ବିଦେଶମନ୍ତ୍ରୀ ୱାଙ୍ଗ ୟି ଆଇଓଏମଇଡିର ପ୍ରତିଷ୍ଠାକୁ ଔପଚାରିକ





ଭାବେ ଉଦ୍‌ଘାଟନ କରିଥିଲେ। ଇଣ୍ଡୋନେସିଆ, ପାକିସ୍ତାନ, ବେଲାରୁଷ, କ୍ୟୁବା ଏବଂ କମ୍ବୋଡିଆ ସହିତ ୩୩ ଦେଶର ଏହାର ପ୍ରତିଷ୍ଠାତା ସଦସ୍ୟ ହୋଇଥିଲେ। ଏହି ସଂଗଠନର ମୁଖ୍ୟାଳୟ ହଂକଂରେ ରହିବ। ଚୀନ୍ ବୈଦେଶିକ ମନ୍ତ୍ରୀ ୱାଙ୍ଗ ୟି କହିଛନ୍ତି ଯେ ବିବାଦର ସମାଧାନ କିପରି ଶାନ୍ତିପୂର୍ଣ୍ଣ ଭାବରେ କରାଯାଇପାରିବ ହଂକଂ ତାହାର ଉଦାହରଣ। ଚୀନ୍ ଯୁଦ୍ଧ ଦ୍ୱାରା ନୁହେଁ, ଆଲୋଚନା ଏବଂ ବୁଝାମଣା ମାଧ୍ୟମରେ ବିଶ୍ୱର ସମସ୍ୟାର ସମାଧାନ କରିବାକୁ ଚାହୁଁଛି। 'ତୁମେ ହାରିବ, ମୁଁ ଜିତିବି' ଚିନ୍ତାଧାରାକୁ ଏହା ଛାଡିବାରେ ସାହାଯ୍ୟ କରିବ। ଦେଶ ଏବଂ ଅନ୍ୟ ଦେଶର ନାଗରିକଙ୍କ ମଧ୍ୟରେ କିମ୍ବା ଅନ୍ତର୍ଜାତୀୟ ବ୍ୟବସାୟୀକ ସଂଗଠନ ମଧ୍ୟରେ ବିବାଦର ସମାଧାନ କରିବା ଏହାର ଉଦ୍ଦେଶ୍ୟ। କେବଳ ମଧ୍ୟସ୍ଥତା ମାଧ୍ୟମରେ ଅନ୍ତର୍ଜାତୀୟ ବିବାଦର ସମାଧାନ ପାଇଁ ଏହାକୁ ଗଠନ କରାଯାଇଛି। ସେହିପରି ହଂକଂ ସରକାରର ମୁଖ୍ୟ ଜନ୍ ଲି କହିଛନ୍ତି ଯେ ଶୀଘ୍ର ଏବଂ ଭରସାଯୋଗ୍ୟ ସମାଧାନ ଦେବା ପାଇଁ ତାଙ୍କ ସରକାର ଆଇଓଏମଇଡିକୁ ସବୁ ପ୍ରକାରର ସମର୍ଥନ କରିବ।

ଅନ୍ୟପକ୍ଷରେ ଆମେରିକା ଚୀନ୍‌ର ଏଭଳି ପଦକ୍ଷେପକୁ ନେଇ ଚିନ୍ତିତ ହୋଇପଡ଼ିଛି। ଏହି ଦେଶ ଏସିଆରେ କ୍ଷମତାର ସନ୍ତୁଳନ ବିଗାଡିବାକୁ ପ୍ରୟାସ କରୁଛି ବୋଲି ପ୍ରତିରକ୍ଷାମନ୍ତ୍ରୀ ପିଟ୍ ହେଗ୍‌ସେଥ୍ କହିଛନ୍ତି। ସେ ସିଙ୍ଗାପୁରରେ ଜାରି ସାଙ୍ଗରି-ଲା ଡାଏଲଗରେ ଏହି ମନ୍ତବ୍ୟ ଦେଇଛନ୍ତି। ସେ କହିଛନ୍ତି ଯେ ଚୀନ୍ ୨୦୨୭ ସୁଦ୍ଧା ତାଇୱାନ ଉପରେ ଆକ୍ରମଣ କରିପାରେ। ଚୀନ୍ ଯଦି ଜବରଦସ୍ତି ତାଇୱାନକୁ କବ୍‌ଜା କରେ ତେବେ ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ର ଏବଂ ସମ୍ପୂର୍ଣ୍ଣ ବିଶ୍ୱ ଉପରେ ଏହାର ଅତ୍ୟନ୍ତ ଖରାପ ପ୍ରଭାବ ପଡ଼ିବ। ସେ ଚୀନ୍ ଉପରେ ଗୁରୁତର ଅଭିଯୋଗ ଲଗାଇଛନ୍ତି। ଚୀନ୍ ପଡୋଶୀଙ୍କୁ ଭୟଭୀତ କରିବାରେ ଲାଗିଛି।


- ଅନ୍ତର୍ଜାତୀୟ ବିବାଦର ସମାଧାନ ଲାଗି ଗଢ଼ିଲା ନୂଆ ସଂସ୍ଥା
- ସଦସ୍ୟ ହେଲେ ପାକିସ୍ତାନ ସମେତ ୩୩ ଦେଶ
- ତୀବ୍ର ବିରୋଧ କଲା ଆମେରିକା
- ଏସିଆର ସନ୍ତୁଳନ ବିଗାଡିବାକୁ ପ୍ରୟାସ କରୁଛି ଚୀନ୍
- ୨୦୨୭ ସୁଦ୍ଧା ଚୀନ୍ ତାଇୱାନ ଉପରେ ଆକ୍ରମଣ କରିପାରେ

ପଡୋଶୀ ରାଷ୍ଟ୍ର ଉପରେ ସାଇବର ଆକ୍ରମଣ ଏବଂ ଦକ୍ଷିଣ ଚୀନ୍ ସାଗରକୁ ବେଆଇନ ଭାବେ କବ୍‌ଜା କରୁଛି। ତାଇୱାନ ଚାରିପାଖରେ କ୍ରମାଗତ ଭାବେ ଯୁଦ୍ଧାଭ୍ୟାସ ମଧ୍ୟ କରୁଛି। ଏଥିରୁ ଚୀନ୍ କୌଣସି ବଡ଼ ଆକ୍ରମଣ ପାଇଁ ପ୍ରସ୍ତୁତି କରୁଥିବା ମନେ ହେଉଛି। ଚୀନ୍ ଠାରୁ ବିପଦ ବାସ୍ତବ ଏବଂ ଏହା ଯେକୌଣସି ସମୟରେ ସାମ୍ନାକୁ ଆସିପାରେ। ହେଗସେଥ୍ ଦାବି କରିଛନ୍ତି ଯେ ଚୀନ୍‌ର ଲକ୍ଷ୍ୟ ୨୦୭ ସୁଦ୍ଧା ତାଇୱାନକୁ କବ୍‌ଜା କରିବା। କିନ୍ତୁ ଏପରି ହେବାକୁ ଦେବୁନାହିଁ। ଆମେରିକା ଏବଂ ଏହାର ସହଯୋଗୀମାନେ ମିଳିତ ଭାବରେ ଚୀନ୍‌ର ଆକ୍ରମଣର ମୁକାବିଲା କରିବେ। ଡୋନାଲ୍ଡ ଟ୍ରମ୍ପ ପ୍ରଶାସନ ଚୀନ୍‌କୁ ରୋକିବା ପାଇଁ ବାଣିଜ୍ୟ ଏବଂ ପ୍ରତିରକ୍ଷା ଉଭୟ ମୋର୍ଚ୍ଚାରେ କାମ କରୁଛି। ଆମେରିକା ଏହି ଅଞ୍ଚଳରେ ଶାନ୍ତି, ସ୍ଥିରତା ଏବଂ ସୁରକ୍ଷା ଚାହୁଁଛି। ଆମେରିକା ଏହାର ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରର ସହଯୋଗୀଙ୍କ ସହିତ ଘନିଷ୍ଠ ଭାବରେ କାର୍ଯ୍ୟ କରୁଛି। ଏହି ରାଷ୍ଟ୍ରଙ୍କ ସହାୟତାରେ ଆମେରିକା ଏହି ଅଞ୍ଚଳକୁ ଅଧିକ ଧ୍ୟାନ ଦେବ। ଆମେରିକା ଏବଂ ଏହାର ସହଯୋଗୀଙ୍କ ସୁରକ୍ଷା ଓ କଲ୍ୟାଣ ପରସ୍ପର ସହିତ ଜଡିତ। ଟ୍ରମ୍ପ ୟୁରୋପୀୟ ଦେଶଗୁଡ଼ିକୁ ନିଜ ସୁରକ୍ଷା ଦାୟିତ୍ୱ ନିଜେ ନିଅନ୍ତୁ ବୋଲି କହିଛନ୍ତି। ଏପରି କରି ଆମେରିକା ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ଅଧିକ ସମ୍ବଳ ବିନିଯୋଗ କରିବ। ଏହି ସମ୍ମିଳନୀକୁ ଉଦ୍‌ଘାଟନ କରି ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନ ଚୀନ୍ ଏବଂ ରୁଷ୍‌କୁ ତୀବ୍ର ସମାଲୋଚନା କରିଥିଲେ। କିଛି ଦେଶ ଜୋର ଜବରଦସ୍ତି ଆଧିପତ୍ୟ ବିସ୍ତାର କରିବାକୁ ଚାହୁଁଛନ୍ତି ବୋଲି କହିଥିଲେ।

■ କାୟା ମେଲାଉଛି କରୋନା

## କଟକ ଓ ଭୁବନେଶ୍ୱରରେ ୭ ସଂକ୍ରମିତ ଚିହ୍ନଟ

**ଭୁବନେଶ୍ୱର,୩୧।୫(ସମିସ):** ରାଜ୍ୟରେ କାୟା ମେଲାଉଛି କରୋନା। ଦିନେ ଦୁଇ ଦିନ ବ୍ୟବଧାନ ପରେ ବଢ଼ିବାରେ ଲାଗିଛି ଆକ୍ରାନ୍ତଙ୍କ ସଂଖ୍ୟା। ଭୁବନେଶ୍ୱର-କଟକର ବିଭିନ୍ନ ଅଞ୍ଚଳରେ ଏବେ ସୁଦ୍ଧା ୭ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ତେବେ କଟକରୁ ଚିହ୍ନଟ ହୋଇଥିବା ଦୁଇ ଜଣ ଆକ୍ରାନ୍ତଙ୍କ ଟ୍ରାଭେଲ୍ ହିଷ୍ଟ୍ରି ଜଣା ପଡୁ ନ ଥିବାରୁ ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଇବାର ଆଶଙ୍କା ସୃଷ୍ଟି ହୋଇଛି। ଅପରପକ୍ଷରେ ବର୍ତ୍ତମାନ ଚିହ୍ନଟ ହେଉଥିବା ଭେରିଏଣ୍ଟ୍କୁ ନେଇ ବିଶେଷ ଭୟଭୀତ ହେବାର କାରଣ ନାହିଁ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।



ଭୟଭୀତ ନ ହେବାକୁ ସ୍ୱାସ୍ଥ୍ୟ ସଚିବଙ୍କ ପରାମର୍ଶ

ସ୍ୱାସ୍ଥ୍ୟ ସଚିବ ଏସ୍. ଅଶ୍ୱଥୀ କହିଛନ୍ତି ଯେ ଏବେ ମୌସୁମୀ ଆସିଛି, ତେଣୁ ସମସ୍ତେ ନିଜ ସ୍ୱାସ୍ଥ୍ୟର ଯତ୍ନ ନିଅନ୍ତୁ। ଯେତିକି ରୋଗୀ ଚିହ୍ନଟ ହେଉଛନ୍ତି, ସେମାଙ୍କର ଚିକିତ୍ସା ମଧ୍ୟ ଚାଲିଛି। ସେମାନେ ସୁସ୍ଥ ହେଉଛନ୍ତି। କୋଭିଡ ସ୍ଥିତି ଉପରେ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ରହିଛି। ସେହିପରି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନୀଳକଣ୍ଠ ମିଶ୍ର କହିଛନ୍ତି, ବର୍ତ୍ତମାନ ସୁଦ୍ଧା ଚିହ୍ନଟ ହୋଇଥିବା ରୋଗୀମାନେ ସ୍ୱାସ୍ଥ୍ୟ ବିଭାଗ ନଜର୍‌ରେ ଅଛନ୍ତି। ତେଣୁ ଭୟଭୀତ ହେବାର କାରଣ ନାହିଁ ବୋଲି ଉଲ୍ଲେଖ କରି ସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶାବଳୀ ମାନିବାକୁ ଜନସାଧାରଣଙ୍କୁ ସେ ପରାମର୍ଶ ଦେଇଛନ୍ତି।

କଟକରେ ମଧ୍ୟ ଗତକାଲି ଦୁଇ ଜଣ ବ୍ୟକ୍ତି କରୋନାରେ ସଂକ୍ରମିତ ହୋଇଥିବା ଜଣାପଡ଼ିଥିଲା। କଟକ ସିଡିଏମଓ ପ୍ରଶାନ୍ତ ହୋତାଙ୍କ ସୂଚନା ମୁତାବକ ପ୍ରଥମ ଆକ୍ରାନ୍ତ ହେଉଛନ୍ତି ୪୪ ବର୍ଷୀୟ ବ୍ୟକ୍ତି। ତାଙ୍କର କୌଣସି ଟ୍ରାଭେଲ୍ ହିଷ୍ଟ୍ରି ନ ଥିବା ବେଳେ ଥଣ୍ଡା ଓ ଜ୍ୱରରେ ଆକ୍ରାନ୍ତ ହେବା ପରେ ଉକ୍ତ ବ୍ୟକ୍ତି ଜଣଙ୍କ କୋଭିଡ୍ ଟେଷ୍ଟ କରାଇଥିଲେ। ତେବେ ଟେଷ୍ଟ କରିଲା ପରେ କୋଭିଡ ପଜିଟିଭ ଥିବା ଜାଣିବାକୁ ମିଳିଥିଲା। ସଂପୃକ୍ତ ଆକ୍ରାନ୍ତ ଏବେ ନିଜ ଗୃହରେ ସଂଗରୋଧ ହୋଇ ରହିଛନ୍ତି।

# ଓଡ଼ିଶାରେ ୩୦ ପ୍ରତିଶତ ପିସି ସରକାର: କଂଗ୍ରେସ

**ଭୁବନେଶ୍ୱର,୩୧।୫(ସମିସ):** ଓଡ଼ିଶାରେ ୩୦ ପ୍ରତିଶତ ପିସି ସରକାର ଚାଲିଛି। ଓଡ଼ିଆଙ୍କୁ ଶୋଷଣ ଓ ଓଡ଼ିଶାକୁ ଲୁଟ୍ କରିବା ବର୍ତ୍ତମାନ ରାଜ୍ୟ ସରକାରଙ୍କର ଏକମାତ୍ର କାମ ହୋଇଛି ବୋଲି ସାଂଘାତିକ ଅଭିଯୋଗ କରିଛି କଂଗ୍ରେସ।



■ ଓଡ଼ିଆଙ୍କୁ ଶୋଷଣ, ଓଡ଼ିଶାକୁ ଲୁଟ ଏବେ ସରକାରଙ୍କ ଏକମାତ୍ର କାମ
■ ଗ୍ରାମ୍ୟ ଉନ୍ନୟନ ବିଭାଗର କୁବେର ଅତିରିକ୍ତ ମୁଖ୍ୟଯନ୍ତ୍ରୀଙ୍କ ପଛରେ କିଏ

ଶନିବାର ରାଜ୍ୟ କଂଗ୍ରେସ ପକ୍ଷରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପିସିସି ଉପସଭାପତି ତଥା ପୂର୍ବତନ ବିଧାୟକ ଡ. ଦେବାଶିଷ ପଟ୍ଟନାୟକ ସରକାରଙ୍କ ଉପରେ ପ୍ରବଳ ବର୍ଷିଛନ୍ତି। ସେ କହିଛନ୍ତି ଯେ ବିଜେପି ସରକାରକୁ ବର୍ଷେ ହେବାକୁ ଆଉ ୧୨ଦିନ ବାକିଅଛି। ସରକାରର ପ୍ରଥମ ବର୍ଷରେ ଉଭୟ ମନ୍ତ୍ରୀ, ଯନ୍ତ୍ରୀ, ସଚିବ ଓ ବାବୁମାନେ ଖୁଲମଖୁଲା ଦୁର୍ନୀତି କରିବାରେ ଲାଗିପଡ଼ିଛନ୍ତି। ଏହାର ସଦ୍ୟତମ ଉଦାହରଣ ହେଉଛି ଏହି ଗ୍ରାମ୍ୟ ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟଯନ୍ତ୍ରୀ ବୈକୁଣ୍ଠ ନାଥ ଷଡ଼ଙ୍ଗୀ। ଧରା ପଡ଼ିଥିବା ମୁଖ୍ୟଯନ୍ତ୍ରୀ କେବଳ ଏକ ଉଦାହରଣ, ରାଜ୍ୟର ସବୁ ସରକାରୀ ଅଫିସ ଏବେ ବଟି ଆଦାୟର କେନ୍ଦ୍ରସ୍ଥଳ ପାଲଟିଛି ଓ ୩୦% ପିସି ନ ଦେଲେ କୌଣସି କାମ ହେଉନାହିଁ ବୋଲି ସେ ଅଭିଯୋଗ କରିଛନ୍ତି।

ସେ କହିଛନ୍ତି ଯେଦୁଇଦିନ ତଳେ ଭିଜିଲାନ୍ସ ଆୟବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଗ୍ରାମ୍ୟ ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟଯନ୍ତ୍ରୀ ବୈକୁଣ୍ଠ ନାଥ ଷଡ଼ଙ୍ଗୀଙ୍କୁ ଗିରଫ କରିବା ସହିତ ତାଙ୍କ ଘରୁ ୨କୋଟି ୫୭ ଲକ୍ଷ ୨୯ ହଜାରରୁ ଅଧିକ ଟଙ୍କା ସହିତ ୧୫ କୋଟି ଟଙ୍କାର ସମ୍ପତ୍ତି ଜବତ କରିଛି। ରାଜ୍ୟରେ ଦୁର୍ନୀତିମୁକ୍ତ ସରକାର ଗଠନ ପ୍ରତିଶ୍ରୁତି ଦେଇ ସରକାକୁ ଆସିଥିବା ବିଜେପି ଏବେ ଓଡ଼ିଶାକୁ ଲୁଟ୍ କରିବାରେ ଲାଗି ପଡ଼ିଛି। ସରକାରୀ ଅଧିକାରୀ ଓ ମନ୍ତ୍ରୀ ବହୁ ମାତ୍ରାରେ ଦୁର୍ନୀତିରେ ଲିପ୍ତ ରହୁଛନ୍ତି। ୧୨ ମାସର ସରକାର ରହିଲା ପରେ ମଧ୍ୟ ଏହି ବ୍ୟକ୍ତି ଏତେ ଦୁର୍ନୀତିଖୋର ହୋଇଥିଲେ ମଧ୍ୟ କାଣିଚାଏ ଖବର ମନ୍ତ୍ରୀ ଓ ସଚିବଙ୍କ ପାଖରେ କିପରି ପହଞ୍ଚିଲା ନାହିଁ ବୋଲି ଶ୍ରୀ ପଟ୍ଟନାୟକ ପ୍ରଶ୍ନ କରିଛନ୍ତି।

କଂଗ୍ରେସ ନେତା ତଥା ପୂର୍ବତନ ମୁଖପାତ୍ର ରଜନୀ ମହାନ୍ତି କହିଛନ୍ତି ଯେ ବର୍ଷ ବର୍ଷ ଧରି ଦୁର୍ନୀତି କରୁଥିବା ଅଧିକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ନୂଆ ସରକାର ପ୍ରଥମ ଦିନରୁ ରାଜ୍ୟବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଏବେ ଦୁର୍ନୀତିଗ୍ରସ୍ତ ଅଫିସର ଓ ସରକାରଙ୍କ ମନ୍ତ୍ରୀମାନଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଚାଲିଛି। ସେମାନଙ୍କ ପାଖରୁ ମୋଟା ଅଙ୍କର ପାଣ୍ଠି ଦଳ ପାଇଁ ସଂଗ୍ରହ କରିବା ପାଇଁ ସଲାସୁତୁରା ହୋଇଛି। ଏ ସରକାର ଦୁର୍ନୀତି କରୁଥିବା ବ୍ୟକ୍ତିମାନଙ୍କୁ ନିଜ ବେକରେ ମାଳା କରି ପିନ୍ଧୁଛନ୍ତି। ରାଜ୍ୟକୁ ଦୁର୍ନୀତିମୁକ୍ତ କରିବା ଏମାନଙ୍କ ଏଜେଣ୍ଡାରେ ନାହିଁ ବୋଲି ସେ କହିଛନ୍ତି।

■ ଆୟଠାରୁ କଳାଧନ ୪୮୩ ପ୍ରତିଶତ ଅଧିକ

## ଜେଲ ଗଲେ ଗ୍ରାମ୍ୟ ଉନ୍ନୟନ ବିଭାଗ ମୁଖ୍ୟଯନ୍ତ୍ରୀ

**ଭୁବନେଶ୍ୱର,୩୧।୫(ସମିସ):** ଆୟଠାରୁ ୪୮୩ ପ୍ରତିଶତ କଳାଧନ ଅର୍ଜନ କରିବା ଓ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଗ୍ରାମ୍ୟ ଉନ୍ନୟନ ବିଭାଗର ମୁଖ୍ୟ ଯନ୍ତ୍ରୀ ବୈକୁଣ୍ଠ ନାଥ ଷଡ଼ଙ୍ଗୀଙ୍କୁ ଗିରଫ କରି ଜେଲ ପଠାଇଛି ଭିଜିଲାନ୍ସ। ଏହା ସହ କଳାଧନ ଅର୍ଜନରେ ସହଯୋଗ କରିଥିବା ତାଙ୍କ ପତ୍ନୀଙ୍କ ନାମରେ ମଧ୍ୟ ଏକ ମାମଲା ରୁଜୁ କରାଯାଇଛି। କୋର୍ଟ ବୈକୁଣ୍ଠଙ୍କ ଜାମିନ ଆବେଦନ ନାମଞ୍ଜୁର କରିବାରୁ ତାଙ୍କୁ ୧୪ ଦିନିଆ ବିଚାର ବିଭାଗୀୟ ହାଜକୁ ପଠାଇ ଦିଆଯାଇଛି। ଗତକାଲି ଚଢଉ ସମୟରେ ତାଙ୍କ ଘରୁ ସମୁଦାୟ ୨.୫୬କୋଟିର ନଗଦ ଟଙ୍କା ଠାବ କରାଯାଇଥିଲା। ଅନୁଗୁଳସ୍ଥିତ କାରଡ଼ାଗାଡ଼ିଆ ଘରୁ ନଗଦ ୧କୋଟି ୩୪ଲକ୍ଷ ୩୪ ହଜାର ଟଙ୍କା ଓ ଡୁମୁଡୁମା ଫ୍ଲାଟରୁ ୧କୋଟି ୨୧ଲକ୍ଷ ୯୫ ହଜାର ଟଙ୍କା ଜବତ ହୋଇଥିଲା। ସେହିପରି କାରଡ଼ାଗାଡ଼ିଆ ଓ ଅନୁଗୁଳ ମାଟିଆସାହିରେ ଅନ୍ୟ ଦୁଇଟି ଦୁଇ ମହଲା କୋଠା, ଡୁମୁଡୁମାରେ ଓ ପିପିଲିରେ ଦୁଇଟି ଫ୍ଲାଟ, ଭୁବନେଶ୍ୱର ଓ ଅନୁଗୁଳରେ ୭ଟି ଦାମୀ ପ୍ଲଟ, ଘରୁ ୧.୧କେଜିର ସୁନା ଗହଣା, ସେୟାର ମାର୍କେଟରେ ୨.୭ କୋଟି ଟଙ୍କା ଓ ବ୍ୟାଙ୍କରେ ପ୍ରାୟ ଜମା ଦେଢ଼ କୋଟି ଟଙ୍କା ଭିଜିଲାନ୍ସ ଠାବ କରିଥିଲା। ଏହାବ୍ୟତୀତ ୧୫ ଲକ୍ଷରୁ ଉର୍ଦ୍ଧ୍ୱ ଆସବାବପତ୍ର, ଦୁଇଚକିଆ ଓ ଚାରଚକିଆ ଯାନ ମଧ୍ୟ ଭିଜିଲାନ୍ସ ଜବତ କରିଥିଲା।

ମୁଖ୍ୟ ଯନ୍ତ୍ରୀଙ୍କ ପତ୍ନୀଙ୍କ ନାମରେ ମଧ୍ୟ ମାମଲା ରୁଜୁ

ଦାଦନ ଯନ୍ତ୍ରଣା

## ପ୍ରୟାଗରାଜରେ ଓଡ଼ିଆ ଶ୍ରମିକଙ୍କୁ ହତ୍ୟା

**ନୂଆପଡ଼ା, ୩୧।୫ (ସମିସ):** ନୂଆପଡ଼ା ଜିଲ୍ଲାର ଜଣେ ଦାଦନ ଶ୍ରମିକଙ୍କୁ ପ୍ରୟାଗରାଜରେ ହତ୍ୟା କରାଯାଇଛି। ମୃତକ ହେଲେ, ନୂଆପଡ଼ା ସଦରଥାନା ଅନ୍ତର୍ଗତ ସାରାବଙ୍ଗ ଗାଁର ଭୋକ ସିଂ ରାଉତ(୩୨)। ସେ ସେଠାରେ ଏକ ଇଟଭାଟିରେ କାମ କରୁଥିଲେ। ଦୁର୍ବୃତ୍ତମାନେ ତାଙ୍କୁ ଇଟାଭାଟିରେ ହତ୍ୟା କରିବା ପରେ ଶବକୁ ରେଲଲାଇନ୍ ଫିଙ୍ଗି ଦେଇଛନ୍ତି। ଏହି ଘଟଣାରେ ପ୍ରୟାଗରାଜ ପୁଲିସ୍ ଶବକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିବା ସହ ଭୋକସିଂଙ୍କ ସ୍ତ୍ରୀ ସମେତ ୩ ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ଅପରପକ୍ଷେ, ପରିବାରଲୋକ ଆଜି ସେଠାରେ ଭୋକସିଂଙ୍କ ଅନ୍ତିମ ସଂସ୍କାର କରିଛନ୍ତି।



ମ୍ରିୟମାଣ ପରିବାର

ସୂଚନାନୁଯାୟୀ, ସାରାବଙ୍ଗ ଗାଁର ଚୈନ ସିଂ ରାଉତଙ୍କ ପୁଅ ଭୋକସିଂ ତାଙ୍କ ସ୍ତ୍ରୀ ନନ୍ଦିନୀଙ୍କ ସହ ମିଶି ଗତବର୍ଷ ଅକ୍ଟୋବରରେ ଜଗତ ଗୁପ୍ତା ନାମକ ଦଲାଲଙ୍କ ଜରିଆରେ ଉତ୍ତରପ୍ରଦେଶର ପ୍ରୟାଗରାଜକୁ ଦାଦନ ଖଟିବାକୁ ଯାଇଥିଲେ। ସେଠାରେ ଖଟୋଲୀ ଗାଁସ୍ଥିତ ଜଣେ ଇଟାଭାଟି ସର୍ଦ୍ଦାରଙ୍କ ନିକଟରେ ଇଟାଗଢ଼ା କାମରେ ନିୟୋଜିତ ଥିଲେ। ଗରମ ଯୋଗୁଁ ଗୁରୁବାର ରାତିରେ ସେ କୁଡ଼ିଆ ବାହାରେ ଶୋଇଥିଲେ। ଏହି ସମୟରେ କିଛି ଦୁର୍ବୃତ୍ତ ତାଙ୍କୁ ଅତି ନିର୍ମମ ଭାବେ ହତ୍ୟା କରିବା ପରେ ରେଳ ଲାଇନ୍ କଡ଼ରେ ଫିଙ୍ଗି ଦେଇଥିଲେ। ଭୋକସିଂ ଶୋଇଥିବା ଜାଗାରେ ରକ୍ତ ପଡ଼ିଥିବା ବେଳେ ମଶାରୀରେ ମଧ୍ୟ ରକ୍ତଛିଟା ଲାଗିଥିଲା।

ଶୋଇଥିବା ବେଳେ ହତ୍ୟା କରି ରେଳଧାରଣାରେ ଫିଙ୍ଗିଦେଲେ

ଶୁକ୍ରବାର ସକାଳେ କିଛି ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ପୁଲିସ୍ ଶବକୁ ଜବତ କରିଥିଲା। ଖବର ପାଇ ସାରାବଙ୍ଗରୁ ସମ୍ପର୍କୀୟମାନେ ଟ୍ରେନ୍ ଯୋଗେ ସେଠାରେ ଯାଇ ପହଞ୍ଚିଥିଲେ। ପ୍ରୟାଗରାଜ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତକଙ୍କ ସ୍ତ୍ରୀ ସମେତ ୩ ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ଅନ୍ୟପଟରେ ମୃତଦେହକୁ ପ୍ରୟାଗରାଜଠାରେ ଅନ୍ତିମ ସତ୍କାର କରାଯାଇଛି।

## ହତ୍ୟାକାରୀକୁ ୨୦ବର୍ଷ ଜେଲ୍

**ସମ୍ବଲପୁର, ୩୧।୫ (ସମିସ):** ସମ୍ବଲପୁର ଅତିରିକ୍ତ ଜିଲ୍ଲାଜଜ୍ ତଥା ସ୍ୱତନ୍ତ୍ର ପୋକ୍‌ସୋ ଅଦାଲତ ବିଚାରପତି ଅଭିଳାଷ ସେନାପତି ବୁର୍ଲା ଥାନା ଅଞ୍ଚଳରେ ୨୦୨୨ ମସିହାରେ ଘଟିଥିବା ଏକ ହତ୍ୟା ମାମଲାର ଶୁଣାଣି କରି ଅଭିଯୁକ୍ତ ସୂରଜ କିଷାନକୁ ଦୋଷୀ ସାବ୍ୟସ୍ତ କରିବା ସହ ୨୦ ବର୍ଷ ଜେଲ୍ ଓ ୫୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ ଦୋଷୀକୁ ଅଧିକ ୧ବର୍ଷ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ରହିଛି।

ସୂଚନାନୁଯାୟୀ, ୨୦୨୨ ଜୁଲାଇ ୩୦ ରାତିରେ ବୁର୍ଲା ଥାନା ଅନ୍ତର୍ଗତ ଧୁଡ଼ିଆପଡ଼ାରେ ବିନୋଦ ଓରାମଙ୍କୁ ହତ୍ୟା କରାଯାଇଥିଲା। ସେଦିନ ବିନୋଦ ତା' ମା'ଙ୍କଠାରୁ ୫୦୦ ଟଙ୍କା ନେଇ ରାତି ପ୍ରାୟ ୯ଟା ବେଳେ ବାହାରକୁ ଯାଇଥିଲେ। କୌଣସି କଥାକୁ କେନ୍ଦ୍ର କରି ସୂରଜ ଏକ ପଥରରେ ବିନୋଦଙ୍କ ମୁଣ୍ଡକୁ ଛେଚିଦେବାରୁ ସେ ଗୁରୁତର ହୋଇପଡ଼ିଥିଲେ। ପରିବାରଲୋକ ତାଙ୍କୁ ରକ୍ତଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରି ବୁର୍ଲା ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ବିନୋଦଙ୍କ ଭାଇ ମନୋଜ ବୁର୍ଲା ଥାନାରେ ଅଭିଯୋଗ କରିବାରୁ ପୁଲିସ୍ ସୂରଜକୁ ଗିରଫ କରି କୋର୍ଟଚାଲାଣ କରିଥିଲା। ସରକାରୀ ଓକିଲ ସନ୍ତୋଷ କୁମାର ପଣ୍ଡା ମାମଲା ପରିଚାଳନା କରୁଥିଲେ।

ଭଦ୍ରକକୁ ଦୁର୍ଘଟଣା ଚିନ୍ତା

## ୪ ମାସରେ ୮୭ ଦୁର୍ଘଟଣା, ୪୭ ମୃତ

**ଭଦ୍ରକ, ୩୧।୫ (ସମିସ):** ଭଦ୍ରକ ଜିଲ୍ଲାରେ ଗତ ଜାନୁଆରୀରୁ ଏପ୍ରିଲ ୪ ମାସ ମଧ୍ୟରେ ୮୭ଟି ଦୁର୍ଘଟଣା ଘଟିଛି। ଏଥିରେ ୪୭ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୧୬୧ ଜଣ ଆହତ ହୋଇଛି। ଜାନୁଆରୀରେ ୧୬ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଫେବୃଆରୀରେ ୬, ମାର୍ଚ୍ଚରେ ୧୬ ଓ ଏପ୍ରିଲରେ ୯ଜଣଙ୍କର ମୃତ୍ୟୁ ହୋଇଛି। ଜିଲ୍ଲା ସଡ଼କ ସୁରକ୍ଷା ସମିତି ବୈଠକରୁ ଏହି ସାଂଘାତିକ ତଥ୍ୟ ସାମ୍ନାକୁ ଆସିଛି।

■ ଆହତ ହେଲେଣି ୧୬୧ ଆହତ
■ ୧୬କୋଟି ୬୯୨ ଜରିମାନା ଆଦାୟ
■ ୫୬ ଦିନରେ ୩୧୨୧ ଇ-ଚାଲାଣ





ସେହିଭଳି ପରିବହନ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଧଡପଗଡ଼ କରାଯାଇ ଗତ ମାର୍ଚ୍ଚ ୧ ତାରିଖରୁ ମେ'୨୬ ତାରିଖ ମଧ୍ୟରେ ମୋଟ ୫୭ ଦିନରେ ୩୧୨୧ଟି ଇ-ଚାଲାଣ (ଜରିମାନା) କଟାଯାଇଥିବା ଜଣାଯାଇଛି। ତହିଁରୁ ଓଭରଲୋଡିଂ ବାବଦରେ ୨୨ଟି, ଦ୍ରୁତଗତିରେ ଗାଡ଼ି ଚଳାଇବା କାରଣରୁ ୧୩୦୦ଟି, ମଦ୍ୟପାନ କରି ଗାଡ଼ି ଚଳାଇବା କାରଣରୁ ୩୪ଟି, ବିନା ହେଲମେଟ୍ ବାଇକ୍ ଚାଳନା କାରଣରୁ ୧୪୯୭ଟି, ସିଟ୍ ବେଲ୍ଟ ନ ବାନ୍ଧିବା କାରଣରୁ ୩୦ଟି, ଗାଡ଼ି ଚଳାଇବା ବେଳେ ମୋବାଇଲରେ କଥାହେବା କାରଣରୁ ୯୧ଟି, ମାଲବାହୀ ଗାଡ଼ିରେ ଯାତ୍ରୀ ପରିବହନ କାରଣରୁ ୩୭ଟି ଓ ଅନ୍ୟାନ୍ୟ କାରଣରୁ ୧୦୫ଟି ମାମଲା ରୁଜୁ କରାଯାଇଥିବା ଜଣାଯାଇଛି।

ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ଜିଲ୍ଲାପାଳ ଦିଲୀପ ରାଉତରାଏଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ସେହିଭଳି ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ପ୍ରଦତ୍ତ ସୂଚନାନୁଯାୟୀ, ଗତ ଏପ୍ରିଲ ୨୦୨୪ରୁ ଗତ ମାର୍ଚ୍ଚ ୨୦୨୫ ଅର୍ଥାତ୍ ବର୍ଷକ ମଧ୍ୟରେ ଏନଫୋର୍ସମେଣ୍ଟ ବାବଦକୁ ୨୦କୋଟି ୨ଲକ୍ଷ ଟଙ୍କା ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ବେଳେ ୧୬କୋଟି ୬୯୨ହଜାର ୯୦୬ଟଙ୍କା ଆଦାୟ କରାଯାଇଛି। ଡିସିଆର୍ ପାଇଁ ୩୬୭୪୧ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ବେଳେ ୯୨୦୭ ଡିସିଆର କଟାଯାଇଥିବା ଜଣାଯାଇଛି।

## ଆଜିଠୁ ବଢ଼ିବ ଦିନ ତାପମାତ୍ରା

**ଭୁବନେଶ୍ୱର,୩୧।୫(ସମିସ):** ଆସନ୍ତାକାଲିଠାରୁ ରାଜ୍ୟବ୍ୟାପୀ ପାଗରେ ପରିବର୍ତ୍ତନ ହେବ। କେବଳ ମୟୂରଭଞ୍ଜ, ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାରେ କାଳବୈଶାଖୀ ସମ୍ଭାବନା ଥିବାବେଳେ ଅନ୍ୟ ସ୍ଥାନରେ ପାଗ ପ୍ରାୟତଃ ଶୁଖିଲା ରହିବ। ସୋମବାରଠାରୁ ଆସନ୍ତା ୫ରୁ ୬ ଦିନ ପର୍ଯ୍ୟନ୍ତ ଦିନ ତାପମାତ୍ରା ୨ରୁ ୪ ଡିଗ୍ରୀ ଯାଏଁ ବୃଦ୍ଧି ପାଇବ ବୋଲି ଆକଳନ କରିଛି ଭୁବନେଶ୍ୱର ପାଣିପାଗ କେନ୍ଦ୍ର।

ନିର୍ଦ୍ଧାରିତ ସମୟ ପୂର୍ବରୁ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଦକ୍ଷିଣ ଓଡ଼ିଶା ଛୁଇଁବା ପରେ ଏହା ପ୍ରାୟତଃ ସ୍ଥିର ହୋଇଯାଇଛି। ଯାହାଫଳରେ ଆଗାମୀ ସପ୍ତାହେ ପର୍ଯ୍ୟନ୍ତ ରାଜ୍ୟରେ ବିଶେଷ ବର୍ଷା ସମ୍ଭାବନା ନାହିଁ। କେବଳ ଦକ୍ଷିଣ ଓଡ଼ିଶାର କାଁ ଭାଁ ସ୍ଥାନରେ ହାଲୁକା ବର୍ଷା ସମ୍ଭାବନା ଥିବାବେଳେ ରାଜ୍ୟର ଅନ୍ୟସ୍ଥାନରେ ପାଗ ଶୁଖିଲା ରହିବା ସହ ତାପମାତ୍ରା ବୃଦ୍ଧି ପାଇବ ବୋଲି କେନ୍ଦ୍ର ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।



# ଅଭୟାରଣ୍ୟ କୋର୍ ଏରିଆରେ ଯିବ ରିଂ ରୋଡ୍

## ଚିନ୍ତାବ୍ୟକ୍ତ ସହ ଆପତ୍ତି ଉଠାଇଲେ ପରିବେଶବିତ୍

**ଭୁବନେଶ୍ୱର,୩୧।୫(ସମିସ):** କପିଳାସ ବନ୍ୟପ୍ରାଣୀ ଅଭୟାରଣ୍ୟର କୋର୍ ଏରିଆ ଦେଇ ଅତିକ୍ରମ କରିବାକୁ ଥିବା କ୍ୟାପିଟାଲ ରିଜିଓନ୍ ରିଙ୍ଗରୋଡ୍‌ର ସମ୍ପୃକ୍ତ ଷ୍ଟ୍ରେଚ୍‌କୁ ପରିବେଶ ମନ୍ତ୍ରଳାୟର ଅନୁମତି ମିଳିଛି। ପରିବେଶ ମନ୍ତ୍ରଣାଳୟ ବିଶେଷଜ୍ଞ ମୂଲ୍ୟାଙ୍କନ କମିଟି (ଇଏସି) ଏହି ୬ ଲେନ୍ ବିଶିଷ୍ଟ ରାସ୍ତାର ପ୍ରସ୍ତାବିତ ଅଂଶକୁ ଅନୁମତି ଦେଇଛି। ଏହି ରାସ୍ତାର ଗୋଟିଏ ଷ୍ଟ୍ରେଚ୍ ପ୍ରାୟ ୧ କିଲୋମିଟର ରାସ୍ତା ଗୋବିନ୍ଦପୁର-ଟାଙ୍ଗି କପିଳାସ ବନ୍ୟପ୍ରାଣୀ ଅଭୟାରଣ୍ୟର କୋର୍ ଏରିଆ ମଧ୍ୟ ଦେଇ ଅତିକ୍ରମ କରିବ। ପରିବେଶ ମନ୍ତ୍ରଣାଳୟର ଏହି ଅନୁମତି ପରେ ପରିବେଶବିତ୍‌ମାନେ ଚିନ୍ତାବ୍ୟକ୍ତ କରିବା ସହ ପ୍ରକଳ୍ପକୁ ନେଇ ଆପତ୍ତି ଉଠାଇଛନ୍ତି।

ଭାରତମାଳା ଯୋଜନା ଅଧୀନରେ ୧୧୧ କିଲୋମିଟର ବିଶିଷ୍ଟ ଏହି କ୍ୟାପିଟାଲ ରିଜିଓନ୍ ରିଙ୍ଗରୋଡ୍ ନିର୍ମାଣ ପାଇଁ ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ ପରିବେଶ ମଞ୍ଜୁରି ପାଇଁ ସୁପାରିସ କରିଥିଲା। ଏହି ପ୍ରକଳ୍ପଟି ଖୋର୍ଦ୍ଧାର ରାମେଶ୍ୱରରୁ କଟକର ଟାଙ୍ଗୀ ପର୍ଯ୍ୟନ୍ତ ସଂଯୋଗ କରିବ। ଏହା ଢେଙ୍କାନାଳର ଗୋବିନ୍ଦପୁର ଗ୍ରାମରୁ କଟକର ଟାଙ୍ଗି ନିକଟବର୍ତ୍ତୀ ବନ୍ଧାଲୋ ଟୋଲ୍ ପ୍ଲାଜା ପର୍ଯ୍ୟନ୍ତ ମୋଟ ୪୦.୩୩ କିଲୋମିଟର ଲମ୍ବ ହେବ। ଏଥି ମଧ୍ୟରୁ ଅତି କମରେ ୧ କିଲୋମିଟର ରାସ୍ତା ଢେଙ୍କାନାଳର କପିଳାଶ ବନ୍ୟପ୍ରାଣୀ ଅଭୟାରଣ୍ୟ ଦେଇ ଯିବ। ଏଥିପାଇଁ ପ୍ରାୟ ୩୯ ହେକ୍ଟର ଜଙ୍ଗଲ ଜମିର କିସମ ପରିବର୍ତ୍ତନ ଆବଶ୍ୟକତା ରହିଛି। ତେବେ ଏହି ପ୍ରକଳ୍ପ ନିର୍ମାଣରେ ହାତୀମାନଙ୍କ ଯିବା ଆସିବା ପାଇଁ ପାଇଁ ୧.୬୫ କିଲୋମିଟର ଓ ୮୫୦ ମିଟର ଲମ୍ବ ବିଶିଷ୍ଟ ଦୁଇଟି ହାତୀ ଅଣ୍ଡରପାସ୍ ନିର୍ମାଣ କରିବାକୁ ପରାମର୍ଶ ଦିଆଯାଇଥିବା ଜଣାପଡ଼ିଛି। ଯାହାର ଉଚ୍ଚତା ୧୦ ମିଟର ରଖିବା ପାଇଁ କୁହାଯାଇଛି। ଦୀର୍ଘ ଦିନ ଧରି ପଡ଼ି ରହିଥିବା ୬,୬୫୩ କୋଟି ଟଙ୍କାର ପ୍ରକଳ୍ପକୁ ଦୁଇଟି ପ୍ୟାକେଜରେ କାମ କରାଯିବ। ପ୍ୟାକେଜ-୧ ରେ ପ୍ରାୟ ୪୦୨୬ କୋଟି ଟଙ୍କା ବିନିଯୋଗରେ ରାମେଶ୍ୱରରୁ ଗୋବିନ୍ଦପୁର ପର୍ଯ୍ୟନ୍ତ ୭୧ କିଲୋମିଟର ରାସ୍ତା ଅନ୍ତର୍ଭୁକ୍ତ ରହିଥିବା ବେଳେ ପ୍ୟାକେଜ-୨ ରେ ପ୍ରାୟ ୨୨୮୭ କୋଟି ଟଙ୍କା ବିନିଯୋଗରେ ଗୋବିନ୍ଦପୁରରୁ ଟାଙ୍ଗୀ ପର୍ଯ୍ୟନ୍ତ ୪୦ କିଲୋମିଟର ରାସ୍ତା ଅନ୍ତର୍ଭୁକ୍ତ ରହିଛି। ଏହି ୬ ଲେନ୍ ଏକ୍ସପ୍ରେସ ୱେ ଏନ୍‌ଏଚ୍-୧୬ ରେ ଯାନବାହାନଗୁଡ଼ିକୁ ଖୋର୍ଦ୍ଧା ସହର, ଭୁବନେଶ୍ୱର ଏବଂ କଟକ ସହର ରାସ୍ତାରେ ଭିଡ଼ ହ୍ରାସ କରି ବାଇପାସ୍ କରିବାକୁ ଯୋଜନା କରାଯାଇଛି। ସୂଚନା ଥାଉ କି ରାଜ୍ୟର ଏହି ବହୁ ପ୍ରତିକ୍ଷିତ କ୍ୟାପିଟାଲ ରିଜିଅନ୍ ରିଙ୍ଗ ରୋଡ୍ ପ୍ରକଳ୍ପ ବିଳମ୍ବିତ ହେତୁ ଗତ ଏପ୍ରିଲ୍ ମାସରେ ଏନ୍‌ଏଚ୍‌ଏଆଇ ଅଧ୍ୟକ୍ଷ ସନ୍ତୋଷ କୁମାର ଯାଦବ ଚିନ୍ତା ପ୍ରକଟ କରିବା ସହ ରାଜ୍ୟ ମୁଖ୍ୟଶାସନ ସଚିବ ମନୋଜ ଆହୁଜାଙ୍କ ହସ୍ତକ୍ଷେପ ଲୋଡ଼ିଥିଲେ। ଏହି ପ୍ରକଳ୍ପ ପାଇଁ ଶୀଘ୍ର ମଞ୍ଜୁରୀ ପ୍ରଦାନ ଦିଗରେ ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ ବନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେବାକୁ ସେ ଚିଠିରେ ଅନୁରୋଧ କରିଥିଲେ।

## ନାହିଁ ପରିବେଶ ସୁରକ୍ଷା ବ୍ୟବସ୍ଥା

# ବିନା କାଗଜପତ୍ରରେ ଚାଲିଛି କ୍ରସର

**ଜେନାପୁର,୩୧।୫(ସମିସ)**

ବେଆଇନ କଳା ପଥର ଉତ୍ତୋଳନ, ପରିବହନ ଓ ଶହ ଶହ କୋଟି ଟଙ୍କାର ରାଜସ୍ୱ ବାବଦରେ ଫାଇନ ହେଉ କିମ୍ବା କଳା ପଥର କଳା ଟଙ୍କାକୁ ନେଇ ହତ୍ୟା ଭଳି ପ୍ରସଙ୍ଗ ପାଇଁ ସବୁବେଳେ ଚର୍ଚ୍ଚାରେ ରହିଆସିଛି ଯାଜପୁର ଜିଲ୍ଲାର ଧର୍ମଶାଳା ତହସିଲ। ଧର୍ମଶାଳା ତହସିଲ ଅଧୀନରେ ଥିବା କଳା ପଥର ପାହାଡ଼ରେ ମାଫିଆମାନେ ସକ୍ରିୟ ରହି ବେଆଇନ ଲୁଟ୍‌ର ଦମନଲୀଳା ଚାଲିଥିବାବେଳେ ତାହା ଠାରୁ ବଳି ଯାଉଛି ବେଆଇନ କ୍ରସର ଶିଳ୍ପ।

ମୁନାଫା ଖୋର କ୍ରସର ମାଲିକମାନେ କଳା ପଥର ଲୁଟ୍‌ର ମାଧ୍ୟମ ସାଜିଛନ୍ତି। ପାହାଡ଼ର ଚାରିପାଖରେ କ୍ରସର ତିଆରି କରି କିଭଳି ସହଜରେ ସୁବିଧାରେ ସରକାରୀ ସମ୍ପତ୍ତିକୁ ଚୋରି କରି ନିଜର ସମ୍ପତିକୁ ଶହେ ଗୁଣ ବୃଦ୍ଧି କରିବେ ସେଥି ପାଇଁ ଯୋଜନା କରିଚାଲିଛନ୍ତି। ପାହାଡ଼ ଠାରୁ ମାତ୍ର ୫୦୦ ମିଟରରୁ ଗୋଟେ କିଲୋମିଟର ଭିତରେ କ୍ରସର କରି ବିନା ଟ୍ରାଞ୍ଜିଟ ପାସ୍‌ରେ ହଜାର ହଜାର ମେଟ୍ରିକ୍ ଟ୍‌ନ କଳା ପଥର ଚୋରାଚାଲାଣ କରୁଛନ୍ତି। ବିଭାଗୀୟ ଅଧିକାରୀଙ୍କ ମଧୁଚନ୍ଦ୍ରିକାରୁ ମାଫିଆ ମାନେ କୋଟି କୋଟି ଟଙ୍କା ମୁନାଫା କମେଇ ସେଇ ଟଙ୍କାରୁ କିଛି ଜିଲ୍ଲା ପ୍ରଶାସନକୁ ଦେଇ ମୁହଁ ବନ୍ଦ କରୁଛନ୍ତି। ଯାହା ଦ୍ୱାରା ସରକାର କୋଟି କୋଟି ଟଙ୍କାର ରାଜସ୍ୱ କ୍ଷତି ସହୁଛନ୍ତି। ଅଧାରୁ ଅଧିକ କ୍ରସର୍ ସରକାରୀ ନିୟମ ଭିତରେ ଚାଲୁନାହିଁ।

ସରକାରଙ୍କ ନିୟମ ଅନୁସାରେ କ୍ରସର୍ ଶିଳ୍ପ ପାଇଁ କେତେ ଗୁଡିଏ ନିୟମ ରହିଛି। ଯେଉଁ ଅଞ୍ଚଳରେ କ୍ରସର ବସିବ ସେହି ପଞ୍ଚାୟତରେ ଜନଶୁଣାଣି ହେବ। ଅଞ୍ଚଳର ବିକାଶ ମୂଳକ କାର୍ଯ୍ୟ ପାଇଁ ଆର୍ଥିକ ସହାୟତା, ଅନୁମତି ପ୍ରମାଣପତ୍ର (ଏନ୍‌ଓସି) ସହିତ ପରିବେଶ ମଞ୍ଜୁରୀ ପାଇବା ପରେ କ୍ରସର ନିର୍ମାଣ ହବ। କିନ୍ତୁ ବିନା ଜନଶୁଣାଣିରେ କ୍ରସର ନିର୍ମାଣ ହେଉଛି। ଡଙ୍କାରି, ରହାଡ଼ପୁର, ବାଜବାଟି, ଆରୁହା, ମାଳଗୋଡ଼ା, ବାଘୁଆ, କୁସୁନପୁର, ବିଛା ଖଣ୍ଡି ଇତ୍ୟାଦି ମୌଜାରେ ଶହ ଶହ ଉଚ୍ଚ କ୍ଷମତା ସମ୍ପନ୍ନ ମେଗା କ୍ରସର ନିର୍ମାଣ କରି ସରକାରୀ ନିୟମକୁ ଉଲ୍ଲଙ୍ଘନ କରୁଥିବା ଦେଖିବାକୁ ମିଳୁଛି।

ରାଜ୍ୟ ସରକାରଙ୍କ ଇସ୍ପାତ ଏବଂ ଖଣି ବିଭାଗର ତା. ୫-୫-୨୫ ରିଖ ପତ୍ର ସଂଖ୍ୟା ୪୨୦୬ ଦ୍ୱାରା ଧାରାବାହିକ କାର୍ଯ୍ୟ ପ୍ରଣାଳୀ ଅନୁଯାୟୀ ଷ୍ଟୋନ୍ କ୍ରସର ପଞ୍ଜୀକରଣ ହେବା ଜରୁରୀ ବୋଲି ଚିଠିରେ ଉଲ୍ଲେଖ ହୋଇଛି। ତା' ସହିତ ସମସ୍ତ ବିଭାଗୀୟ ଅନୁମତି ଓ ନିର୍ଦ୍ଦେଶାବଳିକୁ ମାନିବାକୁ ନିର୍ଦ୍ଦେଶ ରହିଛି। ଏତଦ୍ ନିର୍ଦ୍ଦେଶ ଅନୁସାରେ କ୍ରସର ଚାଲିବା ପାଇଁ ଖଣି ଲିଜ୍‌ଧାରୀଙ୍କ ସହିତ କ୍ରସର୍ ମାଲିକ ସରକାରୀ ନିୟମ ଭିତ୍ତିରେ ଅନୁବନ୍ଧିତ ହୋଇ କୁଆଁରୀ ଲିଙ୍କେଜ ଜରିଆରେ କଳା ପଥର କ୍ରୟ ବିକ୍ରୟ କରିବାର ନିୟମ ରହିଛି। କିନ୍ତୁ ଧର୍ମଶାଳା ଅଞ୍ଚଳରେ ଏଥିରେ ବ୍ୟତିକ୍ରମ ଦେଖାଦେଉଛି। ପରିବେଶ ସୁରକ୍ଷା ପ୍ରତି କ୍ରସର ମାଲିକମାନେ ଗୁରୁତ୍ୱ ଦେଉନାହାନ୍ତି। ପାଚେରି ନିର୍ମାଣ, ବୃକ୍ଷରୋପଣ, ସିସିଟିଭି, ଜଳ ସିଞ୍ଚନର ବ୍ୟବସ୍ଥା ଆବଶ୍ୟକସ୍ଥଳେ ଏସବୁ ନିୟମ ପାଳନ କରୁନାହାନ୍ତି। ସରକାରୀ ନିୟମକୁ ପାଦରେ ଦଳି ଲକ୍ଷ ଲକ୍ଷ ଟନ୍ କଳା ପଥର ଚୋରା ଉପାୟରେ ଆଣି ଗଚ୍ଛିତ ରଖୁଛନ୍ତି। କ୍ରସର ଚାରି ପାଖରେ ପାଚେରି ନିର୍ମାଣ କରୁନାହାଁନ୍ତି କି ବୃକ୍ଷ ରୋପଣ ହେଉନାହିଁ। କ୍ରସର ଚାଲୁଥିବା ସମୟରେ ସ୍ପ୍ରିଙ୍କ୍‌ଲାର୍ ଜରିଆରେ ଜଳ ସିଞ୍ଚନ ହେଉନାହିଁ। ଏହାଦ୍ୱାରା କ୍ରସର୍‌ରୁ ବାହାରୁଥିବା ପଥର ଗୁଣ୍ଡ ପବନରେ ଏଣେ ତେଣେ ଉଡ଼ି ବାୟୁ ପ୍ରଦୂଷଣ, ଜଳ ପ୍ରଦୂଷଣ, ମୃତ୍ତିକା ପ୍ରଦୂଷଣ କରିବା ସଙ୍ଗେ ସଙ୍ଗେ କ୍ରସରରେ କାମ କରୁଥିବା ଶ୍ରମିକମାନଙ୍କର ସ୍ୱାସ୍ଥ୍ୟାବସ୍ଥା ଖରାପ ହେଉଛି। ତା'ସହିତ ଆଖ ପାଖରେ ବସବାସ କରୁଥିବା ଲୋକମାନେ ବିଭିନ୍ନ ମାରାତ୍ମକ ରୋଗରେ ଆକ୍ରାନ୍ତ ହେଉଛନ୍ତି। ବିଶେଷ କରି କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ଅନେକଙ୍କ ଜୀବନ ଯାଇଛି ଓ ଅନେକ ପୀଡ଼ିତ ଅଛନ୍ତି। କ୍ରସର ଅଞ୍ଚଳରେ ମହାମାରୀର ରୂପ ନେଉଛି କିଡ୍‌ନୀ ରୋଗ। ବିଭାଗୀୟ ଅଧିକାରୀମାନେ ସରକାରୀ ନିୟମକୁ କାଗଜ କଲମରେ ଉପସ୍ଥାପନ କରି ନିଜ କର୍ତ୍ତବ୍ୟ ସାରିଦେଉଛନ୍ତି। ସରକାରୀ ବାବୁ ମାନେ ସ୍ଥିତି ପରଖୁ ନାହାଁନ୍ତି କି କାର୍ଯ୍ୟାନୁଷ୍ଠାନ ନେଉନାହାନ୍ତି। ଯାହା ଫଳରେ ବେଆଇନ କ୍ରସର ନିର୍ମାଣ କରି କ୍ରସର ମାଲିକମାନେ ନିଜର କାୟାବିସ୍ତାର କରୁଛନ୍ତି।



## ସ୍କୁଟି ସହ ବାଇକ୍ ଧକ୍କା, ୨ ଆହତ

**ପାଣିକୋଇଲି,୩୧।୫(ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର ପାଣିକୋଇଲି ଯାଜପୁରରୋଡ ରାସ୍ତାର ପାତ୍ର ପେଟ୍ରୋଲପମ୍ପ ନିକଟରେ ସ୍କୁଟି ସହ ବାଇକ ଧକ୍କା ହେବାରୁ ୨ ଜଣ ଗୁରୁତର ଆହତ ହୋଇଛନ୍ତି। ପେଟ୍ରୋଲ ପମ୍ପରୁ ତେଲପକାଇ ବାହାରିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ବଡବିରୁହାଁରେ କାର୍ଯ୍ୟ କରୁଥିବା ଦୁଇ ବଙ୍ଗାଳୀ ମିସ୍ତ୍ରି ପି. ଆରୁଲ ଓ ମୁର୍ସିଦ ମୁଦସର ପେଟ୍ରୋଲ ପମ୍ପରୁ ବାହାରୁଥିବା ବେଳେ ସିଧା ସଳଖ ଏକ ବାଇକ ସହ ଦୁର୍ଘଟଣା ହୋଇଥିଲା। ଉଭୟ ଗୁରୁତର ଭାବେ ଆହତ ହୋଇଥିବା ବେଳେ ରାଜପଥ ପାଟ୍ରୋଲିଂ ଘଟଣାସ୍ଥଳେ ପହଞ୍ଚି ସେମାନଙ୍କୁ ଉଦ୍ଧାର କରି ଚିକିତ୍ସା କରାଇଥିଲା।

## ବଙ୍ଗଳା ଛକରେ ଏଟିଏମ୍ ଉଦ୍‌ଘାଟିତ

**ଯଖପୁରା,୩୧।୫(ସମିସ):** କଳିଙ୍ଗନଗରର ପ୍ରବେଶ ଦ୍ୱାର ପଙ୍କପାଳ ବଙ୍ଗଳା ଛକ ଠାରେ ଏକ ଏଟିଏମ୍ ସ୍ଥାପନା କରାଯାଇଛି। ଆଜି ଏହି ଇଣ୍ଡିଆ ୱାନ୍ ଏଟିଏମ୍‌କୁ ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଉଦ୍‌ଘାଟନ କରିଛନ୍ତି। ପାଖରେ ୟୁନିଅନ ବ୍ୟାଙ୍କ ଥିଲେ ମଧ୍ୟ କେବଳ ବ୍ୟାଙ୍କ ଚାଲୁଥିବା ସମୟରେ ଏହା ଖୋଲା ରହେ। ତେଣୁ ଏହି ଏଟିଏମ୍‌ଟି ଏନ୍‌ଏଚ୍ ୫୩ କଡ଼ରେ ସ୍ଥାପନ ହୋଇଥିବାରୁ ସ୍ଥାନୀୟ ଲୋକ ସହ ବାହାରୁ ଆସୁଥିବା ସମସ୍ତେ ଏହାର ସୁବିଧା ପାଇପାରିବେ।




ଆଜିର କାର୍ଯ୍ୟକ୍ରମରେ ପଙ୍କପାଳ ପଞ୍ଚାୟତ ସରପଞ୍ଚ ସ୍ମୃତିରଞ୍ଜନ ଜେନା ସମେତ ଆଖପାଖ ଗ୍ରାମ ପଙ୍କପାଳ, ନୀଳମଣି ଦେଇପୁର, ମନୋହରପୁର, ପିଙ୍ଗଳ, କଇଥା, ନିମପଲ୍ଲୀ, ରଗଡି ଆଦି ଗ୍ରାମର ଲୋକମାନେ ଉପସ୍ଥିତ ଥିଲେ। ସୌମ୍ୟରଞ୍ଜନ ସାହୁଙ୍କ ଦ୍ୱାରା ଏଟିଏମ୍‌ର ଉଦ୍‌ଘାଟନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

## ଇଶାନେଶ୍ୱର ମନ୍ଦିରରେ ଶିବ ପାର୍ବତୀ ବିବାହ

**ପାଣିକୋଇଲି,୩୧।୫(ସମିସ):** ପବିତ୍ର ଶିବ ପାର୍ବତୀ ବିବାହ ଅବସରରେ ଗୋଳେଇପୁର ପଞ୍ଚାୟତର ସୋତି ଗ୍ରାମର ଆରାଧ୍ୟ ଦେବତା ବାବା ଇଶାନେଶ୍ୱର ମହାଦେବଙ୍କ ବିବାହ ଉତ୍ସବ ବୈଦିକ ରୀତି ଅନୁଯାୟୀ ମହାସମାରୋହରେ ପାଳିତ ହୋଇଯାଇଛି। ଗ୍ରାମର ବେଦଜ୍ଞ ବ୍ରାହ୍ମଣ ନୀଳମଣି ପଣ୍ଡା ସହଯୋଗୀ ଗଦାଧର ଦାଶ, ନାରାୟଣ ପଣ୍ଡା, ବିଶ୍ୱନାଥ ପଣ୍ଡା, ତ୍ରିନାଥ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ ବିବାହ ଉତ୍ସବରେ କନ୍ୟାପିତା ଭାବେ ଗ୍ରାମର ବୟୋଜ୍ୟେଷ୍ଠ ବ୍ୟକ୍ତି ଅଦୈତ୍ୟ ଚରଣ ଦାଶ ଓ ସହଧର୍ମିଣୀ ପଦ୍ମାବତୀ ଦାଶ ଯୋଗ ଦେଇଥିବା ବେଳେ ବରପିତା ଭାବେ ଗ୍ରାମର ମଧୁସୁଦନ ଦାଶ ଓ ସହଧର୍ମିଣୀ ମିତାଞ୍ଜଳି ଦାଶ ଯୋଗ ଦେଇ ବିବାହ କାର୍ଯ୍ୟ ସମ୍ପାଦନ କରିଥିଲେ। ପ୍ରତ୍ୟୁଷରେ ସୂର୍ଯ୍ୟପୂଜା, ଗୋମାତା ପୂଜା ପରେ ହୋମ ଯଜ୍ଞ ଅନୁଷ୍ଠିତ ହୋଇ ବିବାହ କାର୍ଯ୍ୟ ସମ୍ପାଦିତ ହୋଇଥିଲା। ସମସ୍ତ କାର୍ଯ୍ୟକୁ ପ୍ରଫୁଲ୍ଲ କୁମାର ପାଳ, କୃତିବାସ ଖଣ୍ଡାଇ, ଗୋପାଳ ଚନ୍ଦ୍ର ଦାଶ, ବିନୋଦ ଦଳାଇ, ଅଲେଖ ଦାଶ, ଶିବ ବାରିକ, ଚିନ୍ତାମଣୀ ଦାଶ, କୃଷ୍ଣଚନ୍ଦ୍ର ଦାଶ, ସୂର୍ଯ୍ୟମଣି ସାହୁ , ରବି ନାୟକ, ସୁଲୋଚନା ପଣ୍ଡା, ବିଣାପାଣୀ ମଲ୍ଲିକ, ଅଭୟ କୁମାର ସ୍ୱାଇଁ, ନବ କିଶୋର ଦାଶ, ମହେନ୍ଦ୍ର କୁମାର ଦାଶ, ବିବେକାନନ୍ଦ ଦାସ, ବଟକୃଷ୍ଣ ମହାପାତ୍ର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।



## ମଙ୍ଗଳଚଣ୍ଡି କମ୍ୟୁନିଟି ସେଣ୍ଟର ବିବାଦ

# ମୁହଁ ଖୋଲିଲେ କମିଟି ମୁଖ୍ୟ

**ବିଞ୍ଝାରପୁର,୩୧।୫(ସମିସ):** ବିଞ୍ଝାରପୁର ବ୍ଲକ କଲ୍ୟାଣପୁର ସ୍ଥିତ ମଙ୍ଗଳଚଣ୍ଡି କମ୍ୟୁନିଷ୍ଟ ସେଣ୍ଟର ନିର୍ମାଣ କାର୍ଯ୍ୟରେ ଅନିୟମିତତା ଅର୍ଥ ଆତ୍ମସାତ ଅଭିଯୋଗ ଘଟଣା ଚର୍ଚ୍ଚାର ବିଷୟ ପାଲଟିଥିବା ବେଳେ ଏହାକୁ ନେଇ ଏବେ କଡ଼ ଲେଉଟାଇଛନ୍ତି ମଙ୍ଗଳଚଣ୍ଡିଉନ୍ନୟନ କମିଟି ମୁଖ୍ୟ ମନୋଜ ନାୟକ। ମନ୍ଦିର ନିର୍ମାଣ କାର୍ଯ୍ୟରେ କୌଣସି ସରକାରୀ ଅର୍ଥ ଖର୍ଚ୍ଚ ହୋଇନଥିବା କହୁଥିବା ମନୋଜ ନାୟକ ଆଜି ମୁହଁ ଖୋଲିବା ସହିତ କହିଛନ୍ତି ଯେ କମ୍ୟୁନିଟ ସେଣ୍ଟର ନିର୍ମାଣରେ କୌଣସି ଅନିୟମିତତା ହୋଇନାହିଁ କିମ୍ବା ଅର୍ଥ ଆତ୍ମସାତ ହୋଇନାହିଁ। ବରଂ ଏହି ଅର୍ଥ ମନ୍ଦିର କାର୍ଯ୍ୟରେ ବିନିଯୋଗ କରାଯାଇଥିବା ସେ ପ୍ରକାଶ କରି ସମ୍ପୂର୍ଣ୍ଣ ଘଟଣାରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି। କିଛିଦିନ ହେବ ଅଭିଯୋଗ ହୋଇ ଆସୁଥିଲା ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ଅନୁଦାନ ପାଣ୍ଠିରୁ ୨୦୨୩-୨୪ ଆର୍ଥିକ ବର୍ଷରେ ୭ ଲକ୍ଷ ଟଙ୍କା ବ୍ୟୟ ବରାଦରେ କଲ୍ୟାଣପୁର ପଞ୍ଚାୟତର ଅଧିଷ୍ଠାତ୍ରୀ ଦେବୀ ମା' ମଙ୍ଗଳଚଣ୍ଡି ପୀଠରେ ଏକ କମ୍ୟୁନିଟ୍ ସେଣ୍ଟର ନିର୍ମାଣ କରାଯାଇଛି। ଏହି ସେଣ୍ଟର ନିର୍ମାଣରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଥିଲା। ଅନ୍ୟ ପକ୍ଷରେ ବ୍ଲକ ନିର୍ବାହୀଯନ୍ତ୍ରୀ ପ୍ରଶାନ୍ତ ଦାସ ମଧ ଏହି ଅଭିଯୋଗକୁ ଖଣ୍ଡନ କରିବା ସହିତ ଉପଯୁକ୍ତ ଭାବେ କାର୍ଯ୍ୟ ହୋଇଥିବା ଦର୍ଶାଇଛନ୍ତି। ମନ୍ଦିର ନିର୍ମାଣ ଓ ମା' ମଙ୍ଗଳଚଣ୍ଡିଙ୍କ ମହିମା ପ୍ରଚାର ପ୍ରସାର କରିବା ପରିବର୍ତ୍ତେ କିଛି ବ୍ୟକ୍ତି ବିଶେଷ ଏଭଳି ଅପପ୍ରଚାର କରି ମା'ଙ୍କ ପୀଠକୁ ବଦନାମ କରୁଛନ୍ତି ବୋଲି ପୂର୍ବତନ ସରପଞ୍ଚ ମୁକ୍ତିକାନ୍ତ ସାମଲ ପ୍ରକାଶ କରିଛନ୍ତି।



## ଅଧ୍ୟାପକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ସିଂହପୁର,୩୧।୫(ସମିସ):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ସ୍ଥିତ ଖରସ୍ରୋତା ମହାବିଦ୍ୟାଳୟର ଅଧ୍ୟାପକ ପ୍ରଦୀପ କୁମାର ମଲ୍ଲିକଙ୍କଅବସରକାଳୀନ ସମ୍ବର୍ଦ୍ଧନା ମହାବିଦ୍ୟାଳୟର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ନିରଞ୍ଜନ ଗୁରୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ସାମଲ, ଗଗନ ବିହାରୀ ବେହେରା, ମୀନକେତନ ତ୍ରିପାଠୀ, ବିଜୟ ପତି, ଷ୍ଟାଫ୍ ଆସୋସିଏସନ୍ ସଂପାଦକ ପ୍ରଣୟ କୁମାର ଥାଟୋଇ, ରାଜେଶ ପୃଷ୍ଟି ଓ ସ୍ଥାନୀୟ ବିଭିନ୍ନ କଲେଜର ଅଧ୍ୟାପକ ମାନେ ଯୋଗ ଦେଇଥିଲେ।

## ଅନିରୁଦ୍ଧ ରାଉତରାୟଙ୍କ ଏସ୍‌ପି ର୍‌ୟାଙ୍କକୁ ପଦୋନ୍ନତି

**ପାଣିକୋଇଲି,୩୧।୫(ସମିସ):** ପାଣିକୋଇଲିସ୍ଥିତ ଯାଜପୁର ଜିଲ୍ଲା ପୁଲିସ ମୁଖ୍ୟାଳୟର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଭାବେ କାର୍ଯ୍ୟରତ ଅନିରୁଦ୍ଧ ରାଉତରାୟଙ୍କୁ ଆରକ୍ଷୀ ଅଧିକ୍ଷକ ଭାବେ ପଦୋନ୍ନତି କରାଯାଇଛି। ଏନେଇ ଓଡିଶା ରାଜ୍ୟ ସରକାରଙ୍କ ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ରାଜ୍ୟ ମୋଟ ୧୬ ଜଣ ଏଏସ୍‌ପିଙ୍କୁ ଏସପି ର୍‌ୟାଙ୍କକୁ ପଦୋନ୍ନତି କରାଯାଇଛି। ଏହି କ୍ରମରେ ଯାଜପୁର ଜିଲ୍ଲା ଶ୍ରୀ ରାଉତରାୟ ପଦୋନ୍ନତି ପାଇଛନ୍ତି।

## ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



**ଯଖପୁରା,୩୧।୫(ସମିସ):** ଦାନଗଦି ଶିକ୍ଷା ମଣ୍ଡଳ ଅଧୀନସ୍ଥ କହ୍ନେୟା ନନ୍ଦ ବ୍ରହ୍ମଚାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଆଜିର ଏହି ବିଦାୟକାଳୀନ ସମ୍ବର୍ଦ୍ଧନା ସଭାରେ କେଏନ୍ ବ୍ରହ୍ମଚାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ସହକାରୀ ଶିକ୍ଷକ ମନୋଜ କୁମାର ପୃଷ୍ଟିଙ୍କୁ ତାଙ୍କ କାର୍ଯ୍ୟକାଳରୁ ଅବସର ଗ୍ରହଣ କରିଛନ୍ତି। ଏହି ସଭାରେ ମୁଖ୍ୟଅତିଥି ଭାବରେ ରବି ନାରାୟଣ ଶତପଥୀ, ସୋମନାଥ ଶରଣ, ଉଦୟ ଶଙ୍କର ରାଉତ, କିଶୋର କୁମାର ଶତପଥୀ, ପ୍ରତାପ କୁମାର ଓତା, ଶ୍ରୀଧର ଶତପଥୀ, ନାରାୟଣ ଚନ୍ଦ୍ର ପରିଡା, ମୋହନ କୁମାର ଓଝା, ସନ୍ତୋଷ କୁମାର ସାହୁ, ବିଜୟ କୁମାର ରାଉତ, ସୁରେନ୍ଦ୍ର କୁମାର ବାରିକ୍, ନିର୍ମଳ ଚନ୍ଦ୍ର ବେହେରା, ଜୟରାମ ମଲ୍ଲିକ, ଶୀତଳ ଶା, ପୁଷ୍ପାଞ୍ଜଳି ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଆଜିର ସଭାରେ କେଏନ୍ ବ୍ରହ୍ମଚାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିର୍ମଳ ଚନ୍ଦ୍ର ବେହେରା ସଭାପତି ଭାବେ ସଭା ପରିଚାଳନା କରିଥିଲେ।

## ସିଆଇଟିୟୁର ୫୬ତମ ପ୍ରତିଷ୍ଠା ଦିବସ ପାଳିତ




**ବ୍ୟାସନଗର,୩୧।୫(ସମିସ):** ସିଆଇଟିୟୁର ୫୬ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଯାଜପୁର ଜିଲ୍ଲା କମିଟି ପକ୍ଷରୁ ସିଆଇଟିୟୁ ସହ ସଂଶ୍ଳିଷ୍ଟ ନିର୍ମାଣ ଶ୍ରମିକ ସଂଘ, ବ୍ୟାସନଗର ମୁନିସପାଲିଟି ସଫେଇ ସଂଘ, ପାଚିକା ସଂଘ, ଓଡ଼ିଶା ରେଲୱେ ହକର ସଂଘ ପ୍ରଭୃତି ସଂଗଠନମାନଙ୍କର ମିଳିତ ଶୋଭାଯାତ୍ରା ବଜାର ପରିକ୍ରମା କରି ନେତାଜୀ ନଗର ଡୋଲିପୁର କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା। ସେଠାରେ ସିଆଇଟିୟୁର ଜିଲ୍ଲା ସଭାପତି ପ୍ରଫୁଲ୍ଲ ନାୟକଙ୍କ ସଭାପତିତ୍ୱରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ସାଥୀ ଦିଲ୍ଲୀପ କୁମାର ଦାସ, ସନ୍ତୋଷ ବରାଳ, ତ୍ରିଲୋଚନ ରାଉତ, ପନୀ କିସ୍କୁ, ଲାଲ୍ ମଣି ମୁଣ୍ଡା, ବିଜୟା ଲକ୍ଷ୍ମୀ ମହାନ୍ତି, ମାଳତୀ ହାଁସଦା, ସମୀର ମୁଖୀ, ଭାଗବତ ମୁଖୀ, କୁନି ପୂର୍ତ୍ତୀ ପ୍ରମୁଖ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ସଭା ପୂର୍ବରୁ ସାଥୀ ପ୍ରଫୁଲ୍ଲ ନାୟକ ୫୬ତମ ପ୍ରତିଷ୍ଠା ଦିବସ ପରିପ୍ରେକ୍ଷୀରେ ଶ୍ରମିକ ଶ୍ରେଣୀର ଲାଲ୍ ପତାକା ଉତ୍ତୋଳନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମନ୍ମଥ ରାୟ, ଦୀପକ ମୁଖୀ, ସଦାନନ୍ଦ ମୁଖୀ,ମାନୀ ପାଳିଆ, ନୀତାଶା ଟିୟୁ, ସନ୍ତୋଷ ପୃଷ୍ଟି, ପ୍ରଦିପ ମହାନ୍ତି, ଡ଼ଲି ନାୟକ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

## କବାଟବନ୍ଧ ମୁଖ୍ୟ ବଜାରରେ ଟ୍ରାଫିକ ସମସ୍ୟା

# ରାସ୍ତାରେ ଅଟକିଲା ଆମ୍ବୁଲାନ୍ସ

**କବାଟବନ୍ଧ,୩୧।୫ (ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଧୀନ କବାଟବନ୍ଧ ମୁଖ୍ୟ ବଜାରରେ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇ ଯିବା ଆସିବାରେ ବାଧାପ୍ରାପ୍ତ ହୋଇଛି। ଏମିତିକି ଆମ୍ବୁଲାନ୍ସ ମଧ ଭିଡ଼ ଭିତରେ ଅଟକି ରହିଥିବା ଦେଖିବାକୁ ମିଳିଥିଲା। କବାଟବନ୍ଧ ବଜାର ପାଇଁ ଟ୍ରାଫିକ ସମସ୍ୟା ନିତିଦିନିଆ ହୋଇ ଗଲାଣି। ସଂକୀର୍ଣ୍ଣ ରାସ୍ତା ଟ୍ରାଫିକ ସମସ୍ୟା ର ମୁଖ୍ୟ କାରଣ ଅଟେ। ରାସ୍ତାର ଉଭୟ ପାଶ୍ୱର୍ ରେ ଅନେକ ଦୋକାନ ତଥା ବ୍ୟବସାୟ ପ୍ରତିଷ୍ଠାନ ରହିଛି। ବଜାର କୁ ଆସୁଥିବା ଗ୍ରାହକ ମାନେ ସାଇକେଲ ଏବଂ ମୋଟର ସାଇକଲକୁ ରାସ୍ତା କଡ଼ରେ ରଖି ଦେଉଛନ୍ତି। ଯଦ୍ୱାରା ରାସ୍ତା ଅବରୋଧ ହୋଇ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଦୀର୍ଘ ଦିନ ଧରି ଏହି ସମସ୍ୟା ଲାଗି ରହିଥିଲେ ମଧ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ଅନ୍ୟ ପକ୍ଷରେ ଭାରିଯାନ ଉପରେ କୌଣସି କଟକଣା ମଧ ନାହିଁ। ଦୁଇଟି ଗାଡ଼ି ଯିବା ଆସିବା କରିବା ପାଇଁ ରାସ୍ତା ନ ଥିବା ବେଳେ କୌଣସି ସମୟରେ ଏକ କାଳୀନ ଉଭୟ ଦିଗରୁ ଦୁଇଟି ଭାରିଯାନ ପ୍ରବେଶ କଲେ ରାସ୍ତା ଜାମ ହୋଇ ଯାଉଛି। ଯାହା ଫଳରେ ବହୁ ସମୟ ଧରି ବିଭିନ୍ନ ଜନସାଧାରଣ ଟ୍ରାଫିକ ସମସ୍ୟା ରେ ଅଟକି ରହୁଛନ୍ତି। ଶନିବାର ଅପରାହ୍ନରେ ଏକାଧିକ ଗାଡ଼ି ଉଭୟ ପଟରୁ ପ୍ରବେଶ କରିବା ଫଳରେ ରାସ୍ତା ଜାମ ହୋଇଥିଲା। ବହୁ ଗାଡି ଅଟକିବା ସହିତ ଜରୁରୀ କାଳୀନ ଆମ୍ବୁଲାନ୍ସ ମଧ ଅଟକି ରହିଥିଲା। ପ୍ରାୟ ଅଧ ଘଣ୍ଟାଏ ପରେ ରାସ୍ତା ରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା। ପ୍ରଶାସନ ପକ୍ଷରୁ ଏହାର ପ୍ରତିକାର ପାଇଁ ସାଧାରଣ ରେ ଦାବି ହୋଇଛି।



## କୋରେଇରେ ବିକଶିତ କୃଷି ସଂକଳ୍ପ ଶିବିର

**କୋରେଇ,୩୧।୫(ସମିସ):** କୋରେଇ ବ୍ଲକ୍ ଅନ୍ତର୍ଗତ ଜହ୍ନା ହାଇସ୍କୁଲ୍‌ରେ ବ୍ଲକ୍‌ସ୍ତରୀୟ ବିକଶିତ କୃଷି ସଂକଳ୍ପ ଶିବିର ଅନୁଷ୍ଠିତ ହୋଇଯାଇଛି। କୋରେଇ ବ୍ଲକ୍ କୃଷି ଅଧିକାରୀ କବିତା ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶିବିରରେ ମୁଖ୍ୟଅତିଥି ଭାବେ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡ. ବବିତା ମିଶ୍ର ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସିଆଡବ୍ଲୁଏର କୃଷି ବୈଜ୍ଞାନିକ ଡ. ଲିପିକା ଦାଶ, ବୈଜ୍ଞାନିକ ବିଜୟ କୁମାର ରାଉତରାୟ, ମତ୍ସ୍ୟ ଗବେଷଣା କେନ୍ଦ୍ରର ବୈଜ୍ଞାନିକ ଡ. ମଦନ ଆର୍. ବାଡେ, ଯାଜପୁର ସାଂସଦଙ୍କ ଜିଲ୍ଲା ପ୍ରତିନିଧି (କୃଷି ବିଭାଗ) ଜିତେନ୍ଦ୍ର କୁମାର ବିଶ୍ୱାଳ, ବ୍ଲକ ସହକାରୀ କୃଷି ଅଧିକାରୀ ମଧୁମିତା ବାରିକ, ଅମ୍ଲାନଜ୍ୟୋତି ସୋର, ଉଦ୍ୟାନ କୃଷି ଅଧିକାରୀ ଅନ୍ତର୍ଯ୍ୟାମୀ ସାହୁ, ସହକାରୀ ମୃତିକା ସଂରକ୍ଷଣ ଅଧିକାରୀ ରଶ୍ମିତା ପାତ୍ର, କୃଷି ଓଭରସିଅର ଜୟଶ୍ରୀ ମେକାପ୍, ପଞ୍ଚାୟତ କୃଷି ଅଧିକାରୀ କେଶବ ବେଜ, ଚାରୁ ଚନ୍ଦ୍ର ପ୍ରଧାନ ଏବଂ କ୍ଷୀରୋଦ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଆଧୁନିକ ଚାଷ ପ୍ରଣାଳୀ ସମ୍ପର୍କରେ ଶିବିରରେ ଅଧିକାରୀମାନେ ଚାଷୀମାନଙ୍କୁ ବିବରଣୀ ଦେଇଥିବା ବେଳେ ବିଭିନ୍ନ କୃଷିଭିତ୍ତିକ ବିଭାଗରେ ଯୋଜନାଗୁଡ଼ିକ କିଭଳି କାର୍ଯ୍ୟକାରୀ ହେବ ସେନେଇ ସୂଚନା ଦେଇଥିଲେ। ସେହିପରି ବ୍ଲକ୍‌ର କରଦା ପଞ୍ଚାୟତରେ ମଧ ଶିବିର ଆୟୋଜିତ ହୋଇଥିଲା। ଆୟୋଜିତ ଶିବିରରେ ବ୍ଲକ୍‌ର ବହୁ ଚାଷୀ ଯୋଗ ଦେଇଥିବା ବେଳେ କୃଷି ବିଭାଗର କର୍ମଚାରୀମାନେ ପରିଚାଳନା କରିଥିଲେ।




## କ୍ରସର କର୍ମଚାରୀ ମୃତ୍ୟୁ ଘଟଣା

# ମୁଖ୍ୟ ଅଭିଯୁକ୍ତକୁ ପାଉନି ପୁଲିସ

**କବାଟବନ୍ଧ/ଯାଜପୁର,୩୧।୫(ସମିସ):**

ଧର୍ମଶାଳା ତହସିଲ ଜେନାପୁର ଥାନା ଅନ୍ତର୍ଗତ ରାହାଡ଼ପୁର ପଦ୍ମାବତୀ କ୍ରସର କର୍ମଚାରୀଙ୍କ ମୃତ୍ୟୁକୁ ୧ମାସ ବିତିଲା। ଏକ ମାତ୍ର ପୁଅକୁ ହରାଇ ନ୍ୟାୟ ଅପେକ୍ଷାରେ ମୃତ ଅରଜିତର ପରିବାର। ମାତ୍ର ଘଟଣାର ମୁଖ୍ୟ କାର୍ପଟଦାର ତଥା ମାଷ୍ଟର ମାଇଣ୍ଡ ସିଲୁ ମହାପାତ୍ର ପାଖରେ ପହଞ୍ଚି ପାରିନି ଯାଜପୁର ପୁଲିସ। ଗତ ମେ' ମାସ ୧ ତାରିଖରେ ରାହାଡ଼ପୁରଠାରେ ଥିବା ପଦ୍ମାବତୀ କ୍ରସର କର୍ମଚାରୀ ଙ୍କୁ ବାଡେଇ ବାଡେଇ ମାରିବା ଘଟଣାରେ ୪ ଜଣଙ୍କ ସମ୍ପୃକ୍ତି ଥିବା ପୁଲିସ ତଦନ୍ତ କହୁଥିବା ବେଳେ ସହଯୋଗୀଙ୍କୁ ଧରି କ୍ରସର ମାଲିକଙ୍କୁ ଖସେଇ ଦେବାରେ ଏକ ପ୍ରକାର ସକ୍ଷମ ହୋଇଛି ଜିଲ୍ଲା ପୁଲିସ। ଏହା ଦ୍ୱାରା ଆଇନର ଗଳା ବାଟ ଦେଇ କ୍ରସର ମାଲିକ ସିଲୁ ମହାପାତ୍ର ଖସି ଯିବାକୁ ଚେଷ୍ଟା କରୁଥିବା ବେଳେ ପୀଡ଼ିତାର ପରିବାର କିଭଳି ଆଉ କେଉଁ ପ୍ରକାର ନ୍ୟାୟ ପାଇବେ ତାହା ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଘଟଣାକ୍ରମେ ଜେନାପୁର ଥାନା ରାହାଡ଼ପୁରଠାରେ ସିଲୁ ମହାପାତ୍ରଙ୍କ ମାଲିକାନାରେ ଥିବା ପଦ୍ମାବତୀ କ୍ରସରରେ ଧର୍ମଶାଳା ଥାନା ଜାମୁବଣିଆ ଗ୍ରାମର ଅଜୟ ଜେନାଙ୍କ ପୁଅ ଅରଜିତ ଜେନା କ୍ୟାସିୟର ଭାବେ କାମ କରୁଥିଲେ। କ୍ରସର ଟଙ୍କା ହେରଫେରକୁ ନେଇ ମାଲିକ ସିଲୁ ମହାପାତ୍ର ଏକ ନାଟକୀୟ ଢଙ୍ଗରେ ଅରଜିତକୁ ପଦ୍ମାବତୀ କ୍ରସର ରୁ ଉଠେଇ ନେଇଥିଲେ। ଭଡଙ୍ଗା ନିକଟରେ ଥିବା ତାଙ୍କର ଅଫିସରେ ଅନେକ ପ୍ରକାର ନିର୍ଯାତନା ସହ ଗରମ ଲୁହା ଚେଙ୍କ, ପ୍ଲାଷ୍ଟିକ ପାଇପ୍‌ରେ ବାଡେଇଥିଲେ। ମେଡ଼ିକାଲରେ ଅରଜିତଙ୍କ ମୃତ୍ୟୁ ହୋଇଥିଲା। ଏନେଇ ମୃତକଙ୍କ ବାପା ଧର୍ମଶାଳା ଥାନାରେ ଅଭିଯୋଗ କରିଥିଲେ। ହେଲେ ଘଟଣାରେ ସିଲୁ ମହାପାତ୍ରର ଭଣଜାକୁ ପୁଲିସ ମୁଖ୍ୟ ଅଭିଯୁକ୍ତ ଦର୍ଶାଇ ସିଲୁ ମହାପାତ୍ରକୁ ଖସାଇବା ପାଇଁ ଏକ ଚାଲ ଖେଳିଥିଲା। ଘଟଣା ଦିନ ସିଲୁ ମହାପାତ୍ରର ଭଣଜା ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ଚାରିନଙ୍ଗଳ ଗ୍ରାମର ସତ୍ୟସୁନ୍ଦର ବଳ ଓରଫ ରୋନିକୁ ଅଟକ ରଖି ୫ ଦିନ ପରେ କୋର୍ଟଚାଲାଣ କରିଥିଲା।



ଘଟଣାରେ ୬ଟି ପ୍ଲାଷ୍ଟିକ ପାଇପ, ୩ଟି ମୋବାଇଲ ଫୋନ, ୨ଟି ବାଇକ୍‌କୁ ଜବତ କରି ଏହାର ୧୭ ଦିନ ପରେ ଗଣମାଧ୍ୟମ ଚାପର ବଶବର୍ତ୍ତୀ ହୋଇ ହତ୍ୟାକାଣ୍ଡରେ ସମ୍ପୃକ୍ତ କୁଆଖିଆ ଥାନା ଅନ୍ତର୍ଗତ ଜାବରା ଗ୍ରାମର ହେମନ୍ତ କୁମାର ଦେଓ ଏବଂ ଧର୍ମଶାଳା ଥାନା ଅନ୍ତର୍ଗତ ହରଦେଇପୁର ଗ୍ରାମର ସୌମ୍ୟ ରଞ୍ଜନ ବିଶ୍ୱାଳଙ୍କୁ ପୁଲିସ ଭୁବନେଶ୍ୱରରୁ ଗିରଫ କରିଥିଲା। ମାତ୍ର ଅରଜିତ ମୃତ୍ୟୁରେ ବ୍ୟବହାର ହୋଇଥିବା ଚାରିଚକିଆ ଗାଡ଼ି, ଭଡଙ୍ଗା ଅଫିସରେ ନିର୍ଯାତନା ଦିଆଯିବା ସମୟରେ ଭୟଭୀତ କରିବା ପାଇଁ ଦେଖା ଯାଇଥିବା ବନ୍ଧୁକ, ସକଆବଜରଭର ପାଇପ୍, ଚେଙ୍କ ଦିଆ ଯାଇଥିବା ଲୁହା ରଡ଼ କୁଆଡେ ଗଲା ବୋଲି ଏକ ପ୍ରସଙ୍ଗ ତିଆରି ହୋଇଛି। ଏହି ହୃଦୟ ବିଦାରକ ସମ୍ବେଦନଶୀଳ ଘଟଣାରେ ବିଭିନ୍ନ ରାଜନୈତିକ ଦଳ ମୃତ ପରିବାର ପାଖରେ ପହଞ୍ଚି ସମବେଦନା ଜଣାଇବା ସହିତ ନ୍ୟାୟ ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଦିନ ଗଡ଼ିବା ସହିତ ଘଟଣା ମଧ ମନରୁ ଲିଭିଯିବା ଭଳି ଅନୁଭବ ହେଉଛି। ଏହି ଘଟଣାରେ ପୁଲିସର ଶୀଥିଳ କାର୍ଯ୍ୟାନୁଷ୍ଠାନ ସାଧାରଣରେ ସନ୍ଦେହ ସୃଷ୍ଟି କରିଛି। ପୁଲିସ ଏହି ହତ୍ୟାକାଣ୍ଡ ଘଟଣାର ଅଭିଯୁକ୍ତ କ୍ରସର ମାଲିକ ସିଲୁ ମହାପାତ୍ରଙ୍କୁ କେବେ ଗିରଫ କରିବ ନା ହାଇକୋର୍ଟରୁ ଆଗୁଆ ଜାମିନ ପାଇଁ ସୁଯୋଗ ଦେବ ତାହା ଦେଖିବାକୁ ବାକି ରହିଲା।

# ବରୁଣେଶ୍ୱର ପୀଠରେ ଶୀତଳ ଷଷ୍ଠୀ ଯାତ୍ରା



**ବିଞ୍ଝାରପୁର, ୩୧।୫(ସମିସ):** ବିଞ୍ଝାରପୁର ବ୍ଲକ ଅରେଇରେ ପ୍ରସିଦ୍ଧ ଶୀତଳ ଷଷ୍ଠୀ ଅବସରରେ ମହାଦେବ ଓ ମା' ପାର୍ବତୀଙ୍କ ଶୁଭପରିଣୟ ଶେଷ ସମ୍ପର୍ଣ୍ଣ ହୋଇଛି। ଆଜି ଯୁଗଳ ଦର୍ଶନ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଯୁଗଳ ମୂର୍ତ୍ତୀଙ୍କୁ ଦର୍ଶନ କରୁଛନ୍ତି ଭକ୍ତ। ମାତା ପାର୍ବତୀଙ୍କୁ ଝିଅ ଭାବରେ ପାଇ ଥିବା ଦମ୍ପତି ଶାନ୍ତନୁ ରାଉତ ଓ ତାଙ୍କ ପତ୍ନୀ ତଥା ତାଙ୍କ ପରିବାର ଏହି ଭବ୍ୟ ବାହାଘର ପାଇଁ ସବୁ ଯୋଗାଡ଼ କରିଥିଲେ। ସେହିପରି ମହାଦେବଙ୍କ ମାତା ପିତା ସାଜିଥିବା ନିରଞ୍ଜନ ରାଉତ ମଧ୍ୟ ନିଜକୁ ଭାଗ୍ୟବାନ ମନେ କରିଛନ୍ତି। ମହାଦେବଙ୍କୁ ପୁଅ ଭାବରେ ପାଇଥିବା ବେଳେ ମାତା ପାର୍ବତୀଙ୍କ ବୋହୂ ରୂପେ ପାଇ ସେମାନେ ଉତ୍ସାହିତ ଥିଲେ। ଏହି କାର୍ଯ୍ୟକ୍ରମରେ ବିଧାୟିକା ପ୍ରମିଳା ମଲ୍ଲିକ, ସମାଜସେବୀ ରବୀନ୍ଦ୍ର ପରିଡ଼ା ଏବଂ କୈଳାସ ସେଠୀ, ସ୍ଥାନୀୟ ସରପଞ୍ଚଙ୍କ ପ୍ରତୀନିଧି ରାଧାକାନ୍ତ ନାୟକ, ଅରେଇ ପ୍ରାଥମିକ କୃଷି ସମବାୟ ସମିତି ସଭାପତି ହେମେନ୍ଦ୍ର ସାମଲ, ରୋମିଓ ରୁପନ ରାଉତ, ଗୌରାଙ୍ଗ ପରିଡ଼ା, ଅରେଇ ସମିତି ସଭ୍ୟା ଲଭଲି ନାୟକ, ଜିତେନ୍ଦ୍ର ପ୍ରଧାନ, ଦିପକ ସାହୁ, ପ୍ରାଣକୃଷ୍ଣ ନାୟକ, ଜଗନ୍ନାଥ ବରାଳ, ମନୋରଞ୍ଜନ ଧଳ, ଘାଣ୍ଟିଆଳି ସରପଞ୍ଚ କାର୍ତ୍ତିକ ଧଳ ପ୍ରମୁଖ ଯୋଗଦେଇଥିଲେ।

## ଘରୁ ସୁନାଗହଣା ଲୁଟିନେଲେ ଦୁର୍ବୃତ୍ତ

# ଅଭିଯୋଗକାରୀଙ୍କୁ ଥାନାବାବୁଙ୍କ ଧମକ

**ଦଶରଥପୁର, ୩୧।୫(ସମିସ)**

ଘରେ କେହି ନଥିବା ସୁଯୋଗରେ ଘରଭଡା ନେଇ ରହୁଥିବା ୨ ଯୁବକ ଘରେ ଥିବା ଆଲମିରା ଭିତରୁ ଟଙ୍କା ଏବଂ ସୁନାଗହଣା ଲୁଟ କରିନେଇଥିବା ଲିଖିତ ଅଭିଯୋଗର ତଦନ୍ତ କରିବା ପରିବର୍ତ୍ତେ ଥାନାବାବୁ ଅଭିଯୋକାରୀଙ୍କୁ ଧମକ ଦେଇଥିବା ନେଇ ଯାଜପୁର ଜିଲ୍ଲା ଏସ୍‌ପିଙ୍କ ନିକଟରେ ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ ମଙ୍ଗଳପୁର ଥାନା କନିକାପଡ଼ା ଗ୍ରାମର ଗୋବର୍ଦ୍ଧନ ଓଝା (୭୨)ଜଣେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ। ପତ୍ନୀ ଆରପାରିକୁ ଚାଲିଯାଇଥିବା ବେଳେ ପୁଅ ବୋହୂ ବାହାରେ ରୁହନ୍ତି। ଗୋବର୍ଦ୍ଧନ ଘରେ ଏକାକୀ ରହିଆସୁଥିବା ବେଳେ କିଛି ମାସ ହେବ ସୌମ୍ୟରଞ୍ଜନ ଯେନା ଏବଂ ଅମର ସାହୁ ନାମକ ୨ ଜଣ ଯୁବକ ଗୋବର୍ଦ୍ଧଙ୍କ ଘରେ ଭଡା ସୂତ୍ରରେ ରହୁଥିଲେ। ଚଳିତ ମାସ ୨୯ ତାରିଖ ରାତି ପ୍ରାୟ ୧୦ ଘଟିକା ସମୟରେ ଗୋବର୍ଦ୍ଧନ ନିଜ ସ୍ୱାସ୍ଥ୍ୟ ଜନିତ ସମସ୍ୟା ପାଇଁ ମଙ୍ଗଳପୁର ବଜାରକୁ ଔଷଧ ଆଣିବାକୁ ଯାଇଥିବା ସୁଯୋଗରେ ସମ୍ପୃକ୍ତ ଭଡାରେ ରହୁଥିବା ଯୁବକ ଗୋବର୍ଦ୍ଧଙ୍କ ଶୋଇବା ଘରେ ଥିବା ଆଲମିରା ଚାବି ଭାଙ୍ଗି ଆଲମିରା ଭିତରେ ଥିବା ୩୫ ହଜାର ଟଙ୍କା ସମେତ ୧୪ ଗ୍ରାମ ଓଜନର ସୁନାଗହଣା ଲୁଟି ନେଇଥିବା ଗୋବର୍ଦ୍ଧନ ପରଦିନ ସକାଳେ ମଙ୍ଗଳପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ମଙ୍ଗଳପୁର ଥାନାଧିକାରୀ ଜଗଦୀଶ କର ଅଭିଯୋଗକାରୀ ଗୋବର୍ଦ୍ଧନଙ୍କୁ ଥାନାକୁ ଡାକି ତୁମେ ବେଆଇନ ଭାବେ ମହାଜନି କାରବାର କରୁଥିବା କହିବା ସହିତ ଏତେ ସୁନା ଏବଂ ଟଙ୍କା ଘରେ କାହିଁକି ରଖିଥିଲ ବୋଲି ପ୍ରଶ୍ନ କରି ଆବଶ୍ୟକ ହେଲେ ବେଆଇନ ମହାଜନୀ କାରବାରକୁ ନେଇ ତୁମ ବିରୁଦ୍ଧରେ କେଶ କରିବାକୁ ଧମକ ଦେଇଥିଲେ। ଜଣେ ବରିଷ୍ଠ ନାଗରିକଙ୍କ ଅଭିଯୋଗକୁ ଗୁରୁତ୍ୱ ଦେବା ପରିବର୍ତ୍ତେ ଥାନାଧିକାରୀଙ୍କ ଏଭଳି ଧମକପୂର୍ଣ୍ଣ ଚେତାବନୀକୁ ନେଇ ଗୋବର୍ଦ୍ଧନ ଆଜି ପାଣିକୋଇଲି ସ୍ଥିତ ଜିଲ୍ଲା ଏସ୍‌ପିଙ୍କ କାର୍ଯ୍ୟାଳୟରେ ପହଞ୍ଚି ଏସ୍‌ପି ଯସ ପ୍ରତାପ ଶ୍ରୀମଲଙ୍କୁ ଲିଖିତ ଅଭିଯୋଗ କରିଥିବା ଜଣାଯାଇଛି।

**ଏସ୍‌ପିଙ୍କୁ ଭେଟିଲେ ବରିଷ୍ଠ ନାଗରିକ**



# ତ୍ରିଲୋଚନେଶ୍ୱର ମନ୍ଦିରରେ ଶିବବିବାହ



**ଯାଜପୁର, ୩୧।୫(ସମିସ):** ଯାଜପୁରର ପ୍ରସିଦ୍ଧ ଶୈବ ପୀଠ ତ୍ରିଲୋଚନେଶ୍ୱର ମନ୍ଦିରରେ ଆଜି ସକାଳୁ ପାରମ୍ପରିକ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯିବା ସହ ଶିବ ବିବାହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ ମହାରୁଦ୍ରାଭିଷେକ, ହୋମ ଯଜ୍ଞ ଅନୁଷ୍ଠିତ ହେବା ପରେ ସନ୍ଧ୍ୟାରେ ପାରମ୍ପରିକ ରୀତିରେ ବିବାହ ଉତ୍ସବ ପାଇଁ ସମଗ୍ର ଅଞ୍ଚଳ ଚଳଚଞ୍ଚଳ ହୋଇଥିଲା। ସତ୍ୟପ୍ରକାଶ ଦାସ କନ୍ୟା ପିତା ହୋଇଥିବା ବେଳେ ଜନାର୍ଦ୍ଦନ ଦୀକ୍ଷିତ ବରପିତା ଭାବେ ଯୋଗ ଦେଇ ଏହି ବିବାହ କାର୍ଯ୍ୟ ସମ୍ପନ କରିଥିଲେ। ବାଦ୍ୟ, ରୋଷଣୀ, ଘଣ୍ଟ ଓ ମନ୍ତ୍ରଧ୍ୱନୀରେ ସମଗ୍ର ପରିବେଶ ପକମ୍ପିତ ହୋଇଉଠିଥିଲା। ଏନେଇ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ ଲାଗି ରହିଥିଲା। ଭକ୍ତମାନେ ମହାଦେବଙ୍କୁ ଦର୍ଶନ କରିବା ସହ ବରଯାତ୍ରୀ ଯୋଗ ଦେଇ ବିବାହ ଉତ୍ସବରେ ସାମିଲ ହୋଇଥିଲେ। ମନ୍ଦିର କମିଟି ପକ୍ଷରୁ ଶୃଙ୍ଖଳିତ ଦର୍ଶନ ସହ ପ୍ରସାଦ ସେବନ ପାଇଁ ଆୟୋଜନ କରାଯାଇଥିଲା।


# ନାବାଳିକା ବଳାତ୍କାରୀକୁ ଆଜୀବନ କାରାଦଣ୍ଡ

**ଯାଜପୁର ୩୧।୫(ସମିସ):** ଜନୈକା ୫ ବର୍ଷୀୟା ନାବାଳିକାକୁ ବଳାତ୍କାର କରିବା ପରେ ତାକୁ ହତ୍ୟା କରିବା ଅଭିଯୋଗରେ ଅଭିଯୁକ୍ତକୁ ଶନିବାର ପୋକ୍‌ସୋ (୨) ବିଚାରପତି ବିଜୟ କୁମାର ଜେନା ଆଜୀବନ କାରାଦଣ୍ଡରେ ଦଣ୍ଡିତ କରି ରାୟ ପ୍ରକାଶ କରିଛନ୍ତି। ବିବରଣୀରୁ ପ୍ରକାଶ, ମୟୂରଭଞ୍ଜ ଜିଲା ରାଇରଙ୍ଗପୁରରୁ ଆସି ଯାଜପୁର ରୋଡ଼ ପାନାସିଆ (ଫେରୋକ୍ରମ) ଜନୈକା ଅନୁସୂଚିତ ଜନଜାତିର ମହିଳା ୩ ବର୍ଷର ପୁଅ ଓ ୫ ବର୍ଷର ଝିଅକୁ ନେଇ ଏକ ଭଡ଼ା ଘରେ ରହି ଅନ୍ୟତ୍ର କାମ କରିବାକୁ ଯାଉଥିଲେ। ପ୍ରତ୍ୟେକ ଦିନ ପୁଅକୁ ସାଙ୍ଗରେ ନେଇ କାମକୁ ଯାଉଥିବା ବେଳେ ୫ ବର୍ଷୀୟା ଝିଅକୁ ଖାଦ୍ୟ ଦେଇ ଘରେ ରଖି ଦେଇ ଯାଉଥିଲେ। ଗତ ୨୦୧୬ ମସିହା ଜାନୁଆରୀ ୩ ତାରିଖ ଦିନ ମହିଳା ଜଣକ କାମକୁ ଯାଇ ସନ୍ଧ୍ୟା ବେଳେ ଫେରି ଆସି ଘରେ ଝିଅ ନଥିବା ଦେଖି ଚାରିଆଡେ ଖୋଜାଖୋଜି କରିଥିଲେ। ପରେ କିଛି ପଡୋଶୀ ପାନାସିଆ ରେଳଲାଇନ ପାଖରେ ଗୋଟିଏ ଛୋଟ ଝିଅ ପଡ଼ି ରହିଛି ବୋଲି କହିବାରୁ ନାବାଳିକାର ମା' ଓ କେତେକ ପଡୋଶୀ ଲୋକ ସେଠାରେ ପହଞ୍ଚ ରକ୍ତାକ୍ତ ଅବସ୍ଥାରେ ପଡ଼ିଥିବା ଶବକୁ ଚିହ୍ନିବା ପରେ ପୁଲିସକୁ ଖବର ଦେଇଥିଲେ। ପୁଲିସ ସେଠାରେ ପହଞ୍ଚି ତଦନ୍ତ ସମୟରେ ଜାଣିବାକୁ ପାଇଥିଲେ ସେକ୍ ମୋହିତ ଓରଫ



ମେଜୋ କବାଡ଼ିଆବାଲା ଏକ ଅଖାରେ ଝିଅଟିର ଶବକୁ ଆଣି ରେଳ ଲାଇନରେ ପକାଇ ଦେଇ ପଳାଇଯାଇଥିଲେ। ତଦନ୍ତ ସମୟରେ ଜାଣିବାକୁ ପାଇଲେ ନାବାଳିକା ଜଣକ ତା' ମା' କାମକୁ ଗଲା ପରେ ୩/୪ଟି ମଦ ବୋତଲ ନେଇ ସେକ୍ ମେଜୋକୁ ବିକ୍ରି କରିବା ପାଇଁ ଦେଇଥିଲା। ମେଜୋ ସେଠାରେ କେହି ନଥିବା ଦେଖି ନାବାଳିକାକୁ ତା' ଘର ଭିତରକୁ ନେଇଯାଇ ଜୋର ଜବରଦସ୍ତ ବଳାତ୍କାର କରିଥିଲା। ବଳାତ୍କାର ସମୟରେ ନାବାଳିକାର ଅତ୍ୟଧିକ ରକ୍ତ ସ୍ରାବ ହେବାରୁ ପ୍ରମାଣ ନଷ୍ଟ କରିବାକୁ ଯାଇ ସେହିଠାରେ ତାକୁ ତଣ୍ଟି ଚିପି ଜୀବନରୁ ମାରି ଦେଇଥିଲା। ପରେ ଶବକୁ ଅଖାରେ ପୁରାଇ ସନ୍ଧ୍ୟା ସମୟରେ ପାନାସିଆ ରେଳ ଲାଇନ ପାଖରେ ପକାଇ ଦେଇଥିଲା। ରାସ୍ତାରେ ଯିବା ସମୟରେ ସେକ୍ ମେଜୋକୁ କିଛି ସ୍ଥାନୀୟ ଲୋକ ଅଖାରେ ପୁରାଇ ନେଇକି ଯାଉଥିବାର ଦେଖିବାକୁ ପାଇଥିଲେ। ନାବାଳିକାର ମା'ର ଲିଖିତ ଅଭିଯୋଗ ଅନୁଯାୟୀ ଯାଜପୁର ରୋଡ଼ ପୁଲିସ କେଶ ରୁଜୁ କରି ଥାନା କେଶ ନଂ. ୩/୨୦୧୬ ମୁତାବକ ରୁଜୁ କରି ଆସାମୀ ସେକ୍ ମୋହିତ ଓରଫ ମେଜୋକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ମାମଲାର ଚୂଡ଼ାନ୍ତ ଶୁଣାଣୀ କରି ଯାଜପୁର ପୋକ୍‌ସୋ ଜଜ୍(୨) ବିଜୟ କୁମାର ଜେନା ୩୫ଜଣ ସାକ୍ଷୀଙ୍କ ସାକ୍ଷ୍ୟ ଓ ପ୍ରମାଣ ଅନୁଯାୟୀ ଅଭିଯୁକ୍ତକୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିବା ସହ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି। ଏହି ଜରିମାନା ଅର୍ଥ ଅନାଦେୟରେ ଅଧିକ ୬ମାସ କାରାଦଣ୍ଡ ଭୋଗ କରିବ ବୋଲି ରାୟରେ ପ୍ରକାଶ କରିଛନ୍ତି। ଜିଲା ଆଇନ ସେବା ପ୍ରାଧିକରଣକୁ ମୃତା ନାବାଳିକାର ମା'କୁ ୫ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାଟିକୁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ରାଜେନ୍ଦ୍ର ପ୍ରସାଦ ନାୟକ ପରିଚାଳନା କରିଥିଲେ।

# ମା' ମଙ୍ଗଳାଙ୍କ ବିଗ୍ରହ ପ୍ରତିଷ୍ଠା



**ଯାଜପୁର, ୩୧।୫(ସମିସ):** ଯାଜପୁର ବ୍ଲକ ଅନ୍ତର୍ଗତ ଜମଧର ପଞ୍ଚାୟତର ରେକାବି ବଜାରରେ ମା'ମଙ୍ଗଳାଙ୍କ ବିଗ୍ରହ ପ୍ରତିଷ୍ଠା ଅବସରରେ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଅଛି। ଏହି କାର୍ଯ୍ୟକ୍ରମରେ କର୍ତ୍ତା ଭାବେ ଜିତେନ୍ଦ୍ର ପୃଷ୍ଟି କର୍ତ୍ତୀ ଭାବେ କିରଣବାଳା ପୃଷ୍ଟି ଥିଲେ। ପଣ୍ଡିତ ସୀତାରାମ ପତିଙ୍କ ପୌରୋହିତ୍ୟରେ ପଣ୍ଡିତ ଇନ୍ଦ୍ରମଣି ପତି, ପଣ୍ଡିତ ବିଚିତ୍ରାନନ୍ଦ ପାଢ଼ୀ, ଅମୀୟ ପତି ଓ ମୁକ୍ତିକାମ ପତି ଯଜ୍ଞକାର୍ଯ୍ୟ ସମ୍ପାଦିତ କରିଥିଲେ। ଏହି ପ୍ରତିଷ୍ଠା ଉତ୍ସବରେ ବିଦ୍ୟାଧର ପୃଷ୍ଟି, ପୁରୁଷୋତ୍ତମ ପୃଷ୍ଟି, ରାଜକିଶୋର ପୋଥାଳ, ବ୍ରହ୍ମାନନ୍ଦ ରଣା, ବିଷ୍ଣୁଚରଣ ରଣା, ଭାସ୍କର ପୋଥାଳ, ଅଭିମନ୍ୟୁ ରଣା, ରବୀନ୍ଦ୍ର ସାହୁ, ରବୀନ୍ଦ୍ର ବେହେରା, ଅଙ୍କୁର ସେଠୀ, ଗଦାଧର ସାହୁ ପ୍ରମୁଖ କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ବ୍ୟବସ୍ଥା କରାଯାଇଥିଲା।

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅବସର ସମ୍ବର୍ଦ୍ଧନା



**ଯାଜପୁର, ୩୧।୫(ସମିସ):** ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଡେପୁଟି କଲେକ୍ଟର ମଧୁସୂଦନ ନାୟକ ଓ ବରିଷ୍ଠ ରାଜସ୍ୱ ସହାୟକ ତଥା ଜିଲ୍ଲା ଅମଲା ସଂଘର ସମ୍ପାଦକ ମଦନ ମୋହନ ପତି ସରକାରୀ ଚାକିରିରୁ ଅବସର ନେଇଛନ୍ତି। ଏହି ଉପଲକ୍ଷେ ଆଜି ମଧ୍ୟାହ୍ନରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଯୁଧିଷ୍ଠିର ନାୟକ, ସହକାରୀ ଜିଲ୍ଲାପାଳ ବାସୁଦେବ ନାୟକ, ଜିଲ୍ଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ଜ୍ଞାନରଞ୍ଜନ ସେଠୀ, ବିଭାଗୀୟ ଅଧିକାରୀ ଦେବକାନ୍ତ କର, ବରିଷ୍ଠ ରାଜସ୍ୱ ସହାୟକ ଅଶୋକ ମିଶ୍ର ଓ ଜିଲ୍ଲା କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ବୃନ୍ଦ ତାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରିବା ସହିତ ତାଙ୍କର ସୁଖ, ସମୃଦ୍ଧି, ସୁସ୍ଥ ଓ ନିରାମୟ ଜୀବନଯାପନ କାମନା କରିଛନ୍ତି।

# ବିଶ୍ୱଜିତ ମହାନ୍ତି ହେଲେ ଓଇଆର୍‌ସି ସଦସ୍ୟ

**ଯାଜପୁର, ୩୧।୫(ସମିସ):** ରାଜ୍ୟ ଶକ୍ତି ବିଭାଗ ପକ୍ଷରୁ ପୂର୍ବତନ ଜିଲ୍ଲା ଦୌରା ଜଜ ବିଶ୍ୱଜିତ ମହାନ୍ତି ଙ୍କୁ ଓଡ଼ିଶା ବିଦ୍ୟୁତ ନିୟମାକ ଆୟୋଗ (ଓଇ ଆର ସି)ସଦସ୍ୟ (ଲିଗାଲ ) ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି। ଏ ସମ୍ପର୍କରେ ଓଇଆରସି ପକ୍ଷରୁ ଏକ ବିଜ୍ଞପ୍ତି



ପ୍ରକାଶ ପାଇଛି ଏବଂ ଏହି ନିଯୁକ୍ତି ଆସନ୍ତା ୫ ବର୍ଷ ପାଇଁ କରାଯାଇଛି ବୋଲି ଜଣାପଡ଼ିଛି। ଶ୍ରୀ ମହାନ୍ତି ଆସନ୍ତା ୫ ତାରିଖ ଦିନ ଶପଥ ଗ୍ରହଣ କରିବେ ବୋଲି ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଏଥିପାଇଁ ଯାଜପୁର ଜିଲ୍ଲାର ବହୁ ବୁଦ୍ଧିଜୀବୀ, ସଂଗଠନ ଏବଂ ଆଇନଜିବୀଙ୍କ ପକ୍ଷରୁ ଅଭିନନ୍ଦନ ଜଣାଇଛନ୍ତି।

# କିନ୍ନର ସଂଘ ଶାନ୍ତି ସେନା ପକ୍ଷରୁ ଶୀତଳ ଷଷ୍ଠୀ ମହୋତ୍ସବ

**ବ୍ୟାସନଗର, ୩୧।୫(ସମିସ):** ଯାଜପୁର ଜିଲ୍ଲା କିନ୍ନର ସଂଘ ଶାନ୍ତି ସେନା ପକ୍ଷରୁ ୧୫ତମ ବାର୍ଷିକ ଶିବ ପାର୍ବତୀ ବିବାହ ଏବଂ ଶୀତଳ ଷଷ୍ଠୀ ମହୋତ୍ସବ ସ୍ଥାନୀୟ ପଦ୍ମପୁର ସାପଗଡ଼ିଆ ଠାରେ ଅନୁଷ୍ଠିତ ହୋଇଯାଇଛି। ଯାଜପୁର ଜିଲ୍ଲା କିନ୍ନର ସଂଘ ଶାନ୍ତି ସେନାର ସଭାପତି କାଜଲ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ମହାନ କାର୍ଯ୍ୟକ୍ରମରେ ଶନିବାର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଶିବ ପାର୍ବତୀଙ୍କ ଆଶୀର୍ବାଦ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ବବିଙ୍କ ସହିତ ବ୍ୟାସନଗର ବିଜୁ ଜନତା ଦଳର ଅନେକ ପଦାଧିକାରୀ ଏବଂ କର୍ମୀ ଉପସ୍ଥିତ ରହି ବିବାହ ଉତ୍ସବରେ ସାମିଲ ହୋଇଥିଲେ। ଶୁକ୍ରବାର ପ୍ରାତଃ ସମୟରୁ ସୂର୍ଯ୍ୟ ପୂଜା, ଗୋ ପୂଜା କରାଯିବା ପରେ ୧୧ ଘଟିକା ୫୬ ମିନିଟ ସମୟରେ ଅଙ୍ଗୁରାରୋପଣ ଏବଂ ମଣ୍ଡପ ପୂଜା କରାଯାଇ ଶତାଧିକ ଶ୍ରଦ୍ଧାଳୁ ଏବଂ କିନ୍ନରମାନଙ୍କ ଦ୍ୱାରା କଳସ ଶୋଭାଯାତ୍ରା ଉମାପଦା ପୋଖରୀରୁ ଜଳ ଧରି ବାହାରି ପଦ୍ମପୁର ସାପଗଡ଼ିଆ ପୂଜା ମଣ୍ଡ ପର୍ଯ୍ୟନ୍ତ ପହଞ୍ଚିବା ପରେ ସେଠାରେ ବିଧି ଅନୁଯାୟୀ ପୂଜା କାର୍ଯ୍ୟ ସମାପନ କରାଯାଇଥିଲା ପରେ ସମାଜର ମଙ୍ଗଳ ନିମନ୍ତେ ବିଶ୍ୱଶାନ୍ତି ମହାଯଜ୍ଞ କରାଯାଇଥିଲା। ଏହି ଅବସରରେ ଶୁକ୍ରବାରଠାରୁ ରବିବାର ପର୍ଯ୍ୟନ୍ତ ସମ୍ପୃକ୍ତ ସ୍ଥାନରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରଯିବା ସହିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମହାଦେବ ଶିବଙ୍କ ପିତା ଦଳା ନିବାସୀ ତ୍ରିଲୋଚନ ସାମଲଙ୍କ ଘରୁ ଅପରାହ୍ନ ୪ ଘଟିକାରେ ବରଯାତ୍ରୀ ବାହାରି ପଦ୍ମପୁର ପୂଜା ମଣ୍ଡପରେ ପହଁଚିବା ପରେ ମାତା ପାର୍ବତୀଙ୍କ ପିତା ଲକ୍ଷ୍ମୀନଗର ନିବାସୀ ପ୍ରଦୀପ କୁମାର ପରିଡ଼ା ବାଟବରେଣୀ କରିବା ପରେ ବିବାହ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଶାନ୍ତି ସେନା ପକ୍ଷରୁ କାଜଲ ନାୟକ, ଲଭଲି ସାହୁ, ସପନୀ, ବେବି ପାତ୍ର, ରୋସନୀ ସିଂ, ରାଣୀ, ଚିନୁ ସାହୁ, ଡାଏନା, ରିଙ୍କି, ପିଙ୍କି, ସୋହାନୀ, ସୁମନ, ସନ୍ଧ୍ୟା, ଅନୁ, ସୁଇଟି, ମାନସୀ, ରଞ୍ଜିତା, ସୋଫିଆ, ସ୍ନେହା, ରୋଜି, ଖୁସି, ରିୟା ଏବଂ ଶୁଭମ ପ୍ରମୁଖ ଉପସ୍ଥିତ ରହିଥିଲେ।



## ଝିଅାରୀକୁ ଅସଦାଚରଣ; ଦାଦା ଗିରଫ

**କବାଟବନ୍ଧ, ୩୧।୫(ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଝିଅାରୀକୁ ଅସଦାଚରଣ ଅଭିଯୋଗରେ ଦାଦାକୁ ଗିରଫ କରି କୋର୍ଟଚାଲାଣ କରିଛି ଜେନାପୁର ପୁଲିସ। ଗିରଫ ଅଭିଯୁକ୍ତ ଜଣକ ହେଲେ ଏହି ଥାନା ଅନ୍ତର୍ଗତ ରେଖିଦେଇପୁର ପଞ୍ଚାୟତ ପାଇକେରାପୁର ଗ୍ରାମର ନନ୍ଦ ମଲିକଙ୍କ ପୁଅ ପରି ମଲିକ (୩୫)ବୋଲି ଜଣାପଡ଼ିଛି। ପୁଲିସ ସୂଚନା ମୁତାବକ ଅଭିଯୁକ୍ତ ପରି ଗତ ୨୦ ତାରିଖ ରାତିରେ ଝିଅାରୀକୁ ଅସଦାଚରଣ କରିଥିଲା। ଏନେଇ ପୀଡ଼ିତାଙ୍କ ପରିବାର ପକ୍ଷରୁ ଜେନାପୁର ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତି କରି ପୁଲିସ ଜେନାପୁର ଥାନା କେସ ନମ୍ବର ୧୯୦/୨୫ରେ ଏକ ମାମଲା ରୁଜୁ କରି ପରିକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନା ଅଧିକାରିଣୀ ନିରୂପମା ଜେନା ସୂଚନା ଦେଇଛନ୍ତି।

# ଦୁର୍ଘଟଣାରେ ଆହତ ବ୍ୟକ୍ତିଙ୍କୁ ଚିକିତ୍ସା ସୁବିଧା

**ପାଣିକୋଇଲି, ୩୧।୫(ସମିସ):** ପାଣିକୋଇଲି ପୁରୁଣା ଟୋଲଗେଟ ନିକଟରେ ଥିବା ଏକେ ମଲ୍‌ଟି ସ୍ପେସିଆଲିଷ୍ଟ ଏଣ୍ଡ କାଜୁଆଲଟି ପ୍ରାଇଭେଟ ଏଲ୍‌ଟିଡି ହସ୍ପିଟାଲ ଏଣିକି ଦୁର୍ଘଟଣା ଗ୍ରସ୍ଥ ଆହତ ବ୍ୟକ୍ତି ମାନଙ୍କୁ ମାଗଣା ଚିକିତ୍ସା ସୁବିଧା ଯୋଗାଇବ। ଦୁଇଟି ରାଜପଥର ସଂଯୋଗସ୍ଥଳ ପାଣିକୋଇଲି ହୋଇଥିବା ବେଳେ ପ୍ରତ୍ୟେହ ଦୁର୍ଘଟଣା ଘଟୁଛି। ଏଠାରେ ଥିବା ଟ୍ରମା କେୟାର ମଧ ଉଦ୍‌ଘାଟନ ହୋଇନି। ଦୁର୍ଘଟଣାରେ ଆହତ ବ୍ୟକ୍ତି ମାନଙ୍କ ହଠାତ ପରିଚୟ ମିଳୁନଥିବାରୁ ସ୍ୱେଚ୍ଛାସେବୀ ସଂଗଠନ ସ୍ଥାନୀୟ ଘରୋଇ ଚିକିତ୍ସାଳୟରେ ନିଜ ଅର୍ଥ ଦେଇ ସେମାନଙ୍କୁ ଚିକିତ୍ସା କରାଉଛନ୍ତି। ଅଧିକ ଆହତ ବ୍ୟକ୍ତି ମାନଙ୍କୁ ପ୍ରାଥମିକ ଚିକିତ୍ସା କରାଇ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଯାଉଛି। ରାଜପଥ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ସେମାନଙ୍କର ପାଣିକୋଇଲି ସ୍ଥିତ ଏକେ ହସ୍ପିଟାଲ ସହିତ ଚୁକ୍ତି ହୋଇଛି। ଏଣିକି ଆହତ ରୋଗୀର ଚିକିତ୍ସା ନମିନ୍ତେ ୧୦ ହଜାର ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସୁବିଧା ଓ ୨୪ ଘଣ୍ଟିଆ ରହଣୀ ବ୍ୟବସ୍ଥା କରାଯାଇଛି। ଏକେ ମଲ୍‌ଟି ସ୍ପେସିଆଲିଷ୍ଟ ଏଣ୍ଡ କାଜୁଆଲଟି ପ୍ରାଇଭେଟ ଏଲଟିଡି ହସ୍ପିଟାଲ ଏହି ସମସ୍ତ ସୁବିଧା ରାଜପଥରେ ଦୁର୍ଘଟଣା ଆହତ ବ୍ୟକ୍ତିଙ୍କୁ ଯୋଗାଇବ। ତେଣୁ ସମସ୍ତ ସମାଜିକ କର୍ମୀ ଓ ସ୍ୱେଚ୍ଛାସେବୀ ମାନଙ୍କୁ ଏହାର ସୁବିଧା ନେବା ପାଇଁ ରାଜପଥ ପେଟ୍ରୋଲିଂଗ ଅଧିକାରୀ ଅଶୋକ କୁମାର ବଳ ସୂଚନା ଦେଇଛନ୍ତି।

# ବାଲି ଚିନ୍ତାରେ ଆବାସ ହିତାଧିକାରୀ



**ଦଶରଥପୁର, ୩୧।୫(ସମିସ)**

ଆବାସ ଯୋଜନାରେ ଗୃହ ପାଇଁ ସିମେଣ୍ଟ, ଚିପ୍ସ, ମେଟାଲ ଏବଂ ବାଲି ଆଦି ନିର୍ମାଣ ସାମଗ୍ରୀର ଅଚାନକ ମୂଲ୍ୟ ବୃଦ୍ଧି ପାଇଛି। ସରକାର ପକ୍କାଘର ନିର୍ମାଣ ପାଇଁ ଯେଉଁ ପରିମାଣରେ ଅନୁଦାନ ଯୋଗାଇ ଦେଇଛନ୍ତି ସେଥିରେ କିଭଳି ଘର ନିର୍ମାଣ କରିବେ ଚିନ୍ତାରେ ପଡ଼ିଛନ୍ତି ଆବାସ ହିତାଧିକାରୀ। ବିଶେଷକରି ବାଲିର ଅଚାନକ ମୂଲ୍ୟବୃଦ୍ଧି ଉପରେ ଲଗାମ ଲଗାଇବା ଦିଗରେ ପଦକ୍ଷେପ ନେବାକୁ ପ୍ରଶାସନ ନିକଟରେ ଦାବି ହୋଇଛି। ଏ ସମ୍ପର୍କରେ ଦଶରଥପୁର ପଞ୍ଚାୟତ ସମିତି ଅଧକ୍ଷ ଦିଗାମ୍ବର ମଲ୍ଲିକ ଓ ସରପଞ୍ଚ ସଂଘ ପକ୍ଷରୁ ପୂର୍ବତନ ସରପଞ୍ଚ ପ୍ରଦୀପ କୁମାର ମହାନ୍ତିଙ୍କ ନେତୃତ୍ୱରେ କସପା ପଞ୍ଚାୟତର ସରପଞ୍ଚ ପ୍ରଭାତ ନାୟକ, ବିରଜାପୁର ସରପଞ୍ଚ ନିରାକାର ସାହୁ, ଖଣ୍ଡରା ସରପଞ୍ଚ କୁଞ୍ଜବିହାରୀ ଦାସ, ଗୋପାଳପୁର ସରପଞ୍ଚ ସେକ ନାଦର, ଡାହାଣହତା ସରପଞ୍ଚ ପ୍ରତିନିଧି ଅଜୟ ମହାନ୍ତି, ଦୁଦୁରାଅନ୍ତା ସରପଞ୍ଚ ପ୍ରଶାନ୍ତ ମାଝୀ, ମଲ୍ଲୀକାପୁର ସରପଞ୍ଚ ପ୍ରତିନିଧି ଶୁଭେନ୍ଦୁ ଦାସ ପ୍ରମୁଖ ଦଶରଥପୁର ବିଡ଼ିଓ ଆକାଶ ପଟ୍ଟନାୟକଙ୍କୁ ଭେଟି ତୁରନ୍ତ ଏହାର ନିରାକରଣ ପାଇଁ ଦାବି କରିଥିଲେ। ସରକାରଙ୍କ ଅନ୍ତୋଦୟ ଗୃହ ଯୋଜନାରେ ଚଳିତ ବର୍ଷ ମାର୍ଚ୍ଚ ୩୦ ତାରିଖ ଦିନ ଦଶରଥପୁର ବ୍ଲକ ଅଧିନ ୩୫ ପଞ୍ଚାୟତର ୬୦୬ ହିତାଧିକାରୀଙ୍କୁ ପକ୍କାଘର ନିର୍ମାଣ ପାଇଁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ଏହି ଯୋଜନାରେ ହିତାଧିକାରୀଙ୍କୁ ମିଳିବାକୁ ଥିବା ମୋଟ ୧ ଲକ୍ଷ ୨୦ ହଜାର ଟଙ୍କାରୁ ପ୍ରଥମ କିସ୍ତିରେ ୪୦ ହଜାର ଟଙ୍କା ମିଳିଛି। ତେବେ ଅଚାନକ ଭାବେ ଘର ନିର୍ମାଣ ପାଇଁ ଅତ୍ୟାବଶକ ସାମଗ୍ରୀ ବାଲିର ଅହେତୁକ ମୂଲ୍ୟ ବୃଦ୍ଧି ହିତାଧିକାରୀଙ୍କ ମୁଣ୍ଡବିନ୍ଧାର କାରଣ ପାଲଟିଛି। ଦଶରଥପୁର ବ୍ଲକର ବିଭିନ୍ନ ଅଞ୍ଚଳରେ ଅଳ୍ପ ଦିନ ପୂର୍ବରୁ ବାଲି ଟ୍ରାକ୍ଟର ପିଛା ୧୨୦୦ ରହିଥିବା ବେଳେ ଏବେ ଏହାର ମୂଲ୍ୟ ୨୫୦୦ ରୁ ୨୮୦୦ ଟଙ୍କାକୁ ବୃଦ୍ଧି ପାଇଛି ଯାହାକି ଅସି ରୁ ନବେ ଫୁଟ୍। ସରକାରୀ ଭାବେ ଦଶରଥପୁର ତହସିଲ ଦ୍ୱାରା ମାନ୍ୟତାପ୍ରାପ୍ତ ବାଲିଘାଟ ଗୁଡିକ ବନ୍ଦ ଥିବାରୁ ବାଲିର ଏଭଳି ମୂଲ୍ୟ ବୃଦ୍ଧି ହୋଇଥିବା ଜଣାଯାଇଛି। ଫଳରେ ଚୋରାରେ କିଛି ବାଲି ମାଫିଆ ବେଆଇନ ଭାବେ ନଦୀରୁ ବାଲି ଉତ୍ତୋଳନ କରି ବା ବହାରୁ ହାଇୱା ଯୋଗେ ବାଲି ମଗାଇ ଉଚ୍ଚ ଦରରେ ହିତାଧିକାରୀଙ୍କୁ ବିକି ମାଲମାଲ ହେଉଛନ୍ତି।ଏଭଳି ସ୍ଥିତିରେ ସରକାର ଯୋଗାଇ ଦେଇଥିବା ପ୍ରଥମ କିସ୍ତି ଟଙ୍କାରେ କେମିତି ଘର ନିର୍ମାଣ କରିବେ ଚିନ୍ତାରେ ପଡ଼ିଛନ୍ତି। ୪ ମାସ ଏବଂ ୬ ମାସ ମଧ୍ୟରେ ଗୃହ ନିର୍ମାଣ ଶେଷ କଲେ ସରକାର ରଖିଥିବା ପ୍ରୋତ୍ସାହନ ରାଶି ପାଇବା ତ ଦୂରର କଥା ଘର ନିଅଁ ପକାଇବାକୁ ହିତାଧିକାରୀ ସାହସ ଜୁଟାଇ ପାରୁନଥିବା ବେଳେ ପଞ୍ଚାୟତ ମାନଙ୍କରେ ବିଭିନ୍ନ ଉନ୍ନୟନ କାର୍ଯ୍ୟ କିପରି ଭାବେ କରାଯାଇ ପାରିବ ଚିନ୍ତା ପ୍ରକଟ କରିଥିବାବେଳେ ଆଜି ବ୍ଲକ ସରପଞ୍ଚ ସଂଘ ପକ୍ଷରୁ ବିଡ଼ିଓ ଶ୍ରୀ ପଟ୍ଟନାୟକଙ୍କୁ ଅବଗତ କରିବା ସହିତ ବାଲିର ଅହେତୁକ ମୂଲ୍ୟବୃଦ୍ଧି ଉପରେ ଲଗାମ ଲଗାଇବା ନେଇ ଆଲୋଚନା କରିଥିଲେ। ସରପଞ୍ଚ ସଂଘ ଦାବିର ଗମ୍ଭୀରତାକୁ ଦୃଷ୍ଟିରେ ରଖି ବିଡ଼ିଓ ଶ୍ରୀ ପଟ୍ଟନାୟକ ଖୁବଶୀଘ୍ର ଜିଲ୍ଲପାଳଙ୍କୁ ଜଣାଇ ପ୍ରଥମତଃ ବାଲି ମୂଲ୍ୟବୃଦ୍ଧି ଉପରେ ବିହିତ ପଦକ୍ଷେପ ନେବାକୁ ପ୍ରାଥମିକତା ଦେବେ ବୋଲି ପ୍ରତିଶ୍ରୁତି ଦେଇଥିବା ସରପଞ୍ଚ ସଂଘ ତରଫରୁ ସୂଚନା ମିଳିଛି।

**ବିଡିଓଙ୍କୁ ଭେଟିଲା ସରପଞ୍ଚ ସଙ୍ଘ**

अखिल भारतीय आयुर्विज्ञान संस्थान (एम्स), भुवनेश्वर
ALL INDIA INSTITUTE OF MEDICAL SCIENCES (AIIMS), BHUBANESWAR
(A Statutory body under aegis of Ministry of Health and Family Welfare, Govt. of India)
Sijua, Post-Dumuduma, Bhubaneswar (Odisha) -751019

F. No.: RECT-11015/1/2023-RECU SEC/1217 Date: 30.05.2025

WALK-IN-INTERVIEW

The **All India Institute of Medical Sciences (AIIMS), Bhubaneswar** invites eligible candidates for a **Walk-In Interview** for the following **Non-Faculty Post** on a **Contractual Basis** for **11 months** or until alternative arrangement is made, whichever is earlier, as per the following Schedule:

| Sl. No. | Name of the Post | Qualification/ Experience | No. of Post | Age Limit | Monthly Emoluments | Date of Interview |
|---|---|---|---|---|---|---|
| 01 | Medical Physicist (Nuclear Medicine) | 1. M.Sc. Nuclear Medicine Technology from a recognized University/ Institution<br>**Desirable**<br>1. RSO Level-II certification recognized by AERB<br>2. Ph.D. in Nuclear Medicine | 02 | 21-35 years | ₹ 86,955/- | 09/06/2025 |

| | |
|---|---|
| Reporting Time: | 10:00 A.M. to 10:30 A.M. |
| Venue for Reporting: | Room No.: 331, Recruitment Cell, 3rd Floor, Academic Block, AIIMS Bhubaneswar, Sijua, Post: Dumuduma, Bhubaneswar, Odisha- 751019 |

2. In view of the above, Candidates fulfilling the eligibility criteria may report for the **Walk-In Interview by 10:00 AM** on the scheduled date at the above designated venue, bringing their original certificates, testimonials, and other necessary documents for verification. **The candidates who report after 10.30 AM will not be considered.**

Sd/-
Senior Administrative Officer,
AIIMS, Bhubaneswar

# ନଈ, ପ୍ରେମ ପାଇଁ ନାଁଟିଏ



କାଶୀନାଥ ନନ୍ଦୀ



ମୁଁ ଆଜିର ଦିନରେ ଅଛି। ମୋ ଦିନସବୁ ସରି ସରି ଯାଉଛି। ଏଇ ବେଳକାଳ ମତେ କାହିଁକି କେଜାଣି ଭଲ ଲାଗୁ ନାହିଁ। ମୋ ଦେହଜୀବନ ସିନା ଏବେ ବର୍ତ୍ତମାନ କାଳରେ, ହେଲେ ମନ ସବୁବେଳେ ପଛକୁ ପଛକୁ ଚାଲି ଯାଉଛି ଆପେ ଆପେ। ଅନେକ ପଛକୁ ରହିଗଲା ସେଇ ଦିନସବୁ, ଯୋଉଠି ମୋ ବୋଉ ଓ ଆମେ ଥିଲୁ। ଆମର ଭଲ ଦିନସବୁ ଥିଲା। ବସିଥିଲେ ମୁଁ ମୋ ବୋଉକୁ ମନେ ପକାଏ। ମୋ ବୋଉର ପ୍ରିୟ ତା' ନଈକୁ ମନେ ପକାଏ। ଆମ ମାଟିଘର, ମାଟିହାଣ୍ଡିରେ ଭାତ, ଗହିରିଆ ପଲମରେ ପିଠା, ଗୁଆଘିଅ, ପାଣିଆ ହାଣ୍ଡିଗୁଡ଼ କଥା ମନେପଡ଼େ। ତାଆରି ଭିତରେ ଆମ ଜୀବନର କେତେ ଦୁଃଖ ସୁଖର କଥା । ମନକୁ ସେ ସବୁ ଆସିଗଲେ ମୋ ଭିତରେ ଦୁଃଖ ଆସେ ନା। ଖୁସି ବି ଆସେନା। ଗୋଟେ ନୀରବତା ଥାଏ ମନରେ। ଶାନ୍ତ ଥାଏ ମୋ ଶୀତଳ ମନ। ଲାଗୁଥାଏ ମୁଁ ମୁଠେଇ ଧରିଛି ସେଇ ଦିନସବୁକୁ। - ବୋଉ ଜଳିଗଲା। ପାଉଁଶ ହେଇ ଯାଇଥିବା ତା' ଦେହକୁ ମୁଁ ସେଇ ନଦୀରେ ବାହି ଦେଲି। ତା'ର ଏକାନ୍ତ ଇଚ୍ଛା ଥିଲା ସେଇଆ। ସେ କହିଥିଲା, "ବାବାରେ, ମୁଁ ମରିଗଲେ ମୋର ମୁଠେ ପାଉଁଶ ଏଇ ନଈକୁ ଦେବୁ। ଇଏ ହିଁ ମୋ ମା' କୋଳ। ମୁଁ ଏଇଠି ଶୀତଳ ହେଉଥିବି, ଶାନ୍ତ ହେଉ ଥିବି। ମୋ ଘରେ ମୁଁ ଥିବି।"

ବୋଉର ଏଇ ଇଚ୍ଛା ଏତେ ଶେଷକୁ ଜାଣିବା ଆଗରୁ ମୋ ବୋଉର ଏ ନଈ ମୋ ପ୍ରେମିକା ଥିଲା। ଦିନବେଳେ ସେ ଫୁଲେଇ ଟୋକୀ। ନୀରବ ରାତିରେ ସେ କୂଳବଧୂ। - ସେମିତି ଶୀତଳ, ସେମିତି ଧୀର ଛଳଛଳ। ମୁଁ ଛୁଇଁ ପାରେ ତାକୁ। ସେ ଧୀର ସ୍ୱର ରଖିଥାଏ ନୀରବ ରାତିରେ। ଯେମିତି ସେ ଗୁଣୁଗୁଣୁ ହେଇ ଗୀତ ଗାଉଛି। ମୁଁ ଜହ୍ନ ଆଲୁଅରେ ତାକୁ ଦେଖୁଥାଏ। ଗୋଟେ ରୂପ ଥାଏ ତା'ର। ମୁଁ ତା ରୂପରେ, ସ୍ୱରରେ ମୋହି ଯାଇଥାଏ। ଆଉ ବେଳ ଆସେ ତା'କୁ ମୋ କଥା କହିବାକୁ। ତେବେ କହୁଥାଏ, ପୁଣି କହି ପାରୁ ନ ଥାଏ। ତା' କେତେ ସମୟ ପରେ ମୁଁ ଉଠିଯାଏ ତା' ପାଖରୁ ଓ ସେଇ ସମୟ ଉପରୁ। ତା' ମଙ୍ଗଳମୟ ପ୍ରେମରୁ ବାହାରି ମୁଁ ପୁଣି ଏକୁଟିଆ ହେଉ ଥାଏ। ଫେରିଯାଉ ଥାଏ, ମତେ ଲାଗେ ମୁଁ ଯେମିତି ଗୋଟେ ଶୂନ୍ୟତା ଆଡ଼କୁ ପଶି ଯାଉଛି। ମୋର ହେଇ ଯେମିତି ଆଉ କେହି ନାହିଁ। ଅଥଚ କେମିତି କେଜାଣି ମୋ ମନ ପଛମୁହାଁ ହୁଏ। ପଛକୁ ଅନାଏ। ମତେ ଲାଗେ କିଏ ଯେମିତି ମତେ ସେଇଠୁ ଥାଇ ଅନେଇ ରହିଛି। ମତେ ଦେଖା ଯାଉଥାଏ, ସେଇଠି ଛାଇଟିଏ ଠିଆ ହେଇଛି। ସେଇ ଛାଇରେ ଝିଅଟିଏ ଠିଆ ହେଇଛି। ମତେ ଅନେଇ ରହିଛି। ହୁଏତ ହସୁଛି। ମୁଁ କିଛି ଗୋଟେ ପାଇଲା ପରି ଲାଗେ। ପୁଣି କିଛି ଗୋଟେ ହରେଇ ଦେଲା ପରି ଲାଗେ। ଲାଗେ ମୁଁ ଭ୍ରମରେ ଅଛି। ଲାଗେ ମୁଁ ସତରେ ଅଛି। ଲାଗେ ମୁଁ ଦୃଶ୍ୟରେ ଅଛି। ପୁଣି ଅଦୃଶ୍ୟରେ ଅଛି।

ପୁଣି ଥର ଥର କି ଯାଉଥାଏ ସେଇ ନଈ କୂଳକୁ। ତା' ପାଖ ସେଇ ବୁଦାମୂଳକୁ। ଖୁସି ଥାଉ, ଦୁଃଖ ଥାଉ, ମୁଁ ତା'ର ହେଇଗଲେ ମତେ ତୃପ୍ତ ଲାଗେ ମୋ ଜୀବନ। ସେଇଠି ଯେତେ ଯାହା ମୋର ହେଇ ଘଟଣା, ଯେତେ ଯାହା ମୋର ହେଇ ଜୀବନ ମୋ ଦେହ ତଳେ କୋଉଠି ଗୋଟେ ଲୁଚିଯାଏ।

ଏଇ ନଈ, ଏଇ ମୋ ପ୍ରେମିକା, ମୋ ବୋଉର ମାଆ। ତା' ଶେଷ ସମୟକୁ, ମୋ ବୋଉର ଜୀବନ ଯିବା ବେଳକୁ ମୁଁ ଜାଣିଲି ଏ କଥା। ଏଇ ନଈ ସେଇଠୁ ମୋ ଆଈ। ପୁଣି ସେ ମୋ ପ୍ରେମିକା। ମୁଁ ଆଜି ମୋ ଆଈ କୋଳରେ, ମୋ ପ୍ରେମିକାର କୂଳରେ କେତେ ଦିନ ପରେ ବସିଛି। କେତେବେଳ ହେଇ ଗଲାଣି କେଜାଣି ! ଏତିକି ବେଳେ ମୋ ପୁଅ ଆସିଲା ମୋ ପାଖକୁ। ତାକୁ ଦେଖିଲି ତ ମୋ ମଗ୍ନମନ ଭାଙ୍ଗିଗଲା। ମୁଁ କି ଗୋଟେ ଆଲିଙ୍ଗନର ମୁହୂର୍ତ୍ତଠାରୁ ଉଠିଗଲି।

"ବାପା...।" ପୁଅର ସ୍ୱରରେ ଭୟ। କିଛି ଗୋଟେ ଯେମିତି ହେଇ ଯାଇଛି।

ଆମ ମଗ୍ନ-ପ୍ରେମ ଭିତରକୁ ପୁଅର ଡାକ ପଶିଗଲା। ଭାଙ୍ଗିଦେଲା ମତେ, ମୋ ନଈକୁ ଓ ଆମ ପ୍ରମିଳ ମୁହୂର୍ତ୍ତକୁ। ମୁଁ ପୁଅ ଆଡ଼କୁ ଚାହିଁଲି। ଦେଖିଲି ତା' ଆଖିରେ ଲୁହ। ତା' ଭୟ ଉପର ଦେଇ ସେଇ ଲୁହ ଗଡ଼ି ଆସୁଥିଲା, "ବାପା, ତମ ଦେହ ଏତେ ଖରାପ, ଅଥଚ ତମେ ଏଠି ? ଏଠିକୁ ଆସିପାରିଲ କିପରି ?"

ମୋ ହୋସ୍ ପଶିଗଲା, ଆରେ, ମୁଁ ଏଠିକୁ ଆସିଲି କେମିତି...? ସାହାରା ନ ନେଲେ ମୁଁ ତ ଚାଲି ପାରେ ନା ପାଦେ !

ମୋ ଆଖି ପୁଅଠୁ ଉଠି ନଈ ଉପରକୁ ଚାଲି ଗଲା। ନଈରେ ଜହ୍ନ। ନଈରେ ନଈର ମୁହଁ। ସେଇଠି ତା' ଆଖି। ସେଇଠି ତା' ହସ।

ତା' ମୋର କୋଉ ଅବସ୍ଥା ମୁଁ କହି ପାରିବି ନାହିଁ। ସେଇଠି ମୋ ମନ ମତେ କ'ଣ କହିଲା, ମୁଁ ଜାଣି ପାରୁ ନାହିଁ; ପାଦ ଉଠାଇଲି ମୋ ନଈକୁ ପଶି ଯିବାକୁ। ଅଥଚ ଆଉ ଉଠି ପାରିଲି ନାହିଁ। ମୁଁ ସେତେବେଳକୁ ସତ ହେଇ ଯାଇଥିଲି କି କ'ଣ ଜାଣି ପାରୁ ନ ଥିଲି। ମୁଁ କି ଗୋଟେ ସ୍ୱପ୍ନର ଉହାଡ଼ରୁ ଗୋଟେ ସକାଳରେ ପହଞ୍ଚିଲି ଯାଉଥିଲି।

ପୁଅ ଏଥର ମୋ ହାତ ଧରିଲା। ମତେ ଉଠାଇଲା। ଏଇଠି ମୁଁ ଆତୁର ହେଇ ପୁଅକୁ କହିଲି, "ବାବାରେ ...ମୁଁ ମରିଗଲେ, ମତେ ଏଇଠି ପୋଡ଼ିବୁ। ମୋ ପାଉଁଶରୁ ମୁଠେ ଏଇ ପାଣିରେ ଦେବୁ।"


ତା'ପରେ ମୋ ତୁଣ୍ଡରେ ଆଉ କଥା ନାହିଁ। ମୋ ପୁଅକୁ ତାହା ହିଁ ଥିଲା ମୋ ଶେଷ କଥା। ତାପରେ ମୋ କଥା ସଂସାରରେ ଆଉ କିଏ ବି ଶୁଣି ନାହିଁ। ମୋ ପଡ଼ିଯିବା ପାଟି ଆଉ ଫିଟି ନାହିଁ। ଅଥଚ ସବୁ ଦିନରେ, ସବୁ ରାତିରେ ମୁଁ କଥା ହୁଏ ମୋ ନଈ ସାଙ୍ଗେ। ମୋ ନଈ ମୋ କଥା ଶୁଣୁ ଥାଏ। କୁଳୁ କୁଳୁ ବହୁଥାଏ। ■

ସି/ ୯୩, ସେକ୍ଟର-୪
ରାଉରକେଲା-୨
ମୋ: ୯୮୬୨୬୫୫୩୫୭

## ପୁସ୍ତକ ପରିଚୟ

### ମୁକ୍ତିକାମୀ ମୋହିନୀ ମୋହନ

ପ୍ରଫେସର ମଣୀନ୍ଦ୍ର କୁମାର ମେହେର




ବ୍ଲାକ୍ ଈଗଲ୍ ବୁକ୍ସ
ଭୁବନେଶ୍ୱର
ପ୍ରଥମ ସଂସ୍କରଣ: ୨୦୨୫
ମୂଲ୍ୟ: ୨୦୦ ଟଙ୍କା

ବ୍ୟାସକବି ଫକୀରମୋହନ ସେନାପତିଙ୍କ ସୁପୁତ୍ର ମୋହିନୀ ମୋହନ ସେନାପତିଙ୍କ ସଂପର୍କରେ ପ୍ରଫେସର ମଣୀନ୍ଦ୍ର କୁମାର ମେହେରଙ୍କ ରଚିତ 'ମୁକ୍ତିକାମୀ ମୋହିନୀ ମୋହନ' ପୁସ୍ତକ ପ୍ରକାଶ ପାଇଛି। ଏହି ପୁସ୍ତକରେ ସଂକଳିତ ପ୍ରବନ୍ଧଗୁଡ଼ିକରେ ମୋହିନୀ ମୋହନଙ୍କ ଜୀବନ, ବ୍ୟକ୍ତିତ୍ୱ, ସାହିତ୍ୟ ସାଧନା, ସାରସ୍ୱତ କୃତି ଆଦି ସଂପର୍କରେ ଲେଖକ ଅତି ଚମତ୍କାର ଭାବେ ବର୍ଣ୍ଣନା କରିଛନ୍ତି। 'ମୋହିନୀ ମୋହନ ସେନାପତିଙ୍କ ସାହିତ୍ୟ ସାଧନାର ପ୍ରେରଣା', 'ଗଦ୍ୟଶିଳ୍ପୀ ମୋହିନୀ ମୋହନ', 'ମୋହିନୀ ମୋହନଙ୍କ ବ୍ୟକ୍ତିତ୍ୱ ଓ ସାହିତ୍ୟ : ପରିବର୍ତ୍ତନର ଆହ୍ୱାନ', 'ମୋହିନୀ ମୋହନଙ୍କ ବନ୍ଧନ- ମୁକ୍ତ ସମାଜର ପରିକଳ୍ପନା', 'ବିବାହ–ସଂସ୍କାର ସପକ୍ଷରେ ମୋହିନୀ ମୋହନ', 'ଆଧୁନିକତା ଓ ମୋହିନୀ ମୋହନ-ମାନସ', 'ଫକୀରମୋହନଙ୍କ ଆତ୍ମଚରିତର ପ୍ରକାଶକ ମୋହିନୀ ମୋହନ' ଆଦି ପ୍ରବନ୍ଧଗୁଡ଼ିକରେ ମୋହିନୀମୋହନଙ୍କ ସାହିତ୍ୟ ସାଧନା, ସାହିତ୍ୟ-ଜୀବନ- ଜଗତ ପ୍ରତି ଦୃଷ୍ଟିଭଙ୍ଗୀ, ବ୍ୟକ୍ତିତ୍ୱର ଆଭା ଅତି ମାର୍ମିକ ଭାବେ ଫୁଟି ଉଠିଛି। ପ୍ରବନ୍ଧଗୁଡ଼ିକ ବସ୍ତୁନିଷ୍ଠ ନହୋଇ ବ୍ୟକ୍ତିନିଷ୍ଠ ହୋଇଛି। ମୋହିନୀ ମୋହନ ସେନାପତିଙ୍କ ସଂପର୍କରେ ଜାଣିବା ପାଇଁ ଏହି ପୁସ୍ତକରେ 'ମୋହିନୀ ମୋହନ ସେନାପତି: ଏକ ସଂକ୍ଷିପ୍ତ ପରିଚିତି' ସନ୍ନିବେଶିତ ହୋଇଛି। ସେହିପରି ଓଡ଼ିଶାର ପ୍ରତିଷ୍ଠିତ ସମାଲୋଚକମାନେ ମୋହିନୀ ମୋହନଙ୍କ ସଂପର୍କରେ କ'ଣ କହନ୍ତି, ସେ ସଂପର୍କରେ କିଛି ମତାମତ ରହିଛି। ମୋହିନୀ ମୋହନଙ୍କ ସାହିତ୍ୟ ଓ ଜୀବନ ସମ୍ବନ୍ଧରେ ଜାଣିବା ପାଇଁ 'ମୁକ୍ତିକାମୀ ମୋହିନୀ ମୋହନ' ପୁସ୍ତକଟି ପାଠକ,ଗବେଷକମାନଙ୍କୁ ସାହାଯ୍ୟ କରିବ ବୋଲି ଆଶା କରାଯାଏ। ■

### ଷୋଡ଼ଶ

ଗଂଗାଧର ବିଶ୍ୱାଳ



ପକ୍ଷୀଘର ପ୍ରକାଶନୀ
୩୨, ମଧୁସୂଦନ ନଗର
ଭୁବନେଶ୍ୱର -୧
ପ୍ରଥମ ସଂସ୍କରଣ: ୨୦୨୫
ମୂଲ୍ୟ: ୨୫୦ ଟଙ୍କା

କଥାକାର ଗଂଗାଧର ବିଶ୍ୱାଳଙ୍କ 'ଷୋଡ଼ଶ' ଗଳ୍ପ ପୁସ୍ତକ ପ୍ରକାଶ ପାଇଛି। ସ୍ୱପ୍ନ ମଣିଷର ମନକୁ ସତେଜ କରିଦିଏ। ଅସଜଡ଼ା ମନକୁ ସଜାଡ଼ି ଦିଏ। ନିରସ ମନକୁ ସରସ କରିଦିଏ। ଏଭଳି ଏକ ଭାବନାକୁ ନେଇ ଗତିଶୀଳ ହୋଇଛି 'ତନୁଲତା' ଗପର କାହାଣୀ। ସେଭଳି ବିବାହ ପୂର୍ବରୁ ନିଜ ଭାବି ପତ୍ନୀଙ୍କୁ ଦେଖିବାର ସ୍ୱପ୍ନ ଅନେକ ପୁରୁଷଙ୍କ ସ୍ୱପ୍ନ ଥାଏ। ଏଭଳି ଜଣେ ପୁରୁଷଙ୍କ ସ୍ୱପ୍ନ ପ୍ରତିଫଳିତ ହୋଇଛି 'ଝିଅ' ଗପରେ। ଏହି ପୁସ୍ତକରେ ସନ୍ନିବେଶିତ 'ବାର୍ଦ୍ଧକ୍ୟ ଭତ୍ତା', 'ଅନ୍ୟଜଣେ ଯୀଶୁ', 'ପ୍ରେମିକା', 'କର୍ଫ୍ୟୁରାତି', 'ଅପ୍ରାକୃତିକ', 'ଜୀବନ ଓ ପ୍ରେମ', 'ଜେଜେ', 'ଭୋକକଥା', 'ଏକ ପ୍ରେମଗଳ୍ପ', 'ବର୍ଷା ବୋଲି ଜଣେ ଝିଅ','ଦାଗ', 'ରାତି ହେଲେ', 'ବୃତ୍ତ', 'ଚରିତ୍ର', 'ମନୋରମା', 'ମଶାଣି ସ୍ୱପ୍ନ' ଆଦି ଗପଗୁଡ଼ିକ ମନଛୁଆଁ ହୋଇଛି। ନିମ୍ନମଧ୍ୟବିତ୍ତ ପରିବାରର ତିନି ଅଙ୍କର ଦରମା ପାଉଥିବା ଚାକିରିଆ ପୁଅ ଅବିନାଶ ନିଜ ପତ୍ନୀଙ୍କ ଦାବି ପୂରଣ କରିବାରେ ଅସହାୟ ହୋଇପଡୁଛନ୍ତି। ସେଥିପାଇଁ ସେ ପ୍ରେମିକା ଓ ପତ୍ନୀ ଭିତରେ ଥିବା ପ୍ରଭେଦକୁ ଅନୁଭବ କରୁଛନ୍ତି। ନିମ୍ନମଧ୍ୟବିତ୍ତର ପରିବାରର ବାସ୍ତବ ଚିତ୍ରକୁ ଅତି ଚମତ୍କାର ଭାବେ ଗାଳ୍ପିକ ବିଶ୍ୱାଳ 'ପ୍ରେମିକା' ଗପରେ ବର୍ଣ୍ଣନା କରିଛନ୍ତି। ସଂକଳିତ ଗପଗୁଡ଼ିକରେ ମଣିଷର ପ୍ରେମ, ବିରହ, ସ୍ୱପ୍ନ, ସ୍ୱପ୍ନଭଙ୍ଗ, ଆଶା, ଆକାଂକ୍ଷା, ସାମାଜିକ ବାସ୍ତବତା ପ୍ରତିଫଳିତ ହୋଇଛି। 'ଷୋଡ଼ଶ' ପୁସ୍ତକର ଗଳ୍ପଗୁଡ଼ିକ ପାଠକମାନଙ୍କ ମନକୁ ଛୁଇଁ ପାରିବ ବୋଲି ଆଶା କରାଯାଏ। ■

## ତମକୁ କ'ଣ ଲୋଡ଼ା ?

ଡକ୍ଟର କମଳା କୃଷ୍ଣ ତ୍ରିପାଠୀ



ତମକୁ କ'ଣ ଲୋଡ଼ା ?
କିଛି ପଳ ମାଂସ
ତଟକା ରକ୍ତର ପାନୀୟ
ମୁଠାଏ ମାଟି
ନା ଥାଳିଏ ଥାଳିଏ ଗରମ ଗରମ ଭାତ ?

କୁହ, ମୁହଁ ଖୋଲି କୁହ
ଲାଜ ନ କରି କୁହ।
ଡରି ଥରି ଶଙ୍କି ନ ଯାଇ କୁହ !

ତମ ଭାଇମାନଙ୍କୁ ଡାକି ଆଣି
ଗଧିଆ କି ଭୋକିଲା କୁକୁର ପରି
ପଛକୁ ପଛ ଠିଆ ହୁଅ
ଦଧିଚି ଓ ଶିବିରାଜାର ବଂଶଧର
ଶହେ ପଚାଶ କୋଟି ଫଡ଼ିଆରୁ ଫେଡ଼େ ଫେଡ଼େ ଖୁଆଇ
ପଠେଇ ଦେବେ ତମ ଭିକାରି କୁଡ଼ିଆକୁ।

ରକ୍ତ ପିଇବ ତ କୁହ
ଏ ବି ଓ ଆଦି କୋଉ ଦଳର କେତେ ରୋଗୀ ଅଛ?
ଭର୍ତ୍ତି ହୋଇଯାଅ ତମ ଗାଁ ଡାକ୍ତରଖାନାରେ।
ଆମେ ପଠେଇ ଦେବୁ ରକ୍ତ ସହ ରୋଗର ନିବାରକ
ପଥ୍ୟ ପାଚନ ଚିକିତ୍ସକ ।
ଆମେ ଚିକିତ୍ସା କରିନେବୁ
ମଣିଷ ମନସ୍କ ହେବାଯାଏ।

କାହିଁକି ତମେ ଛଦ୍ମନାମ ଛଦ୍ମବେଶରେ ଆସି
ମାଟି କାମୁଡ଼ି ଲୁଚିଯାଉଛ ବଙ୍କର ଭିତରେ ?
ଆଗେ ନିଷ୍ପତ୍ତି ନିଅ
ମାଟି ଲୋଡୁଛ ନା ରୁଟି ଖୋଜୁଛ?
ପଟେ ପଟେ ରୁଟି ଦେବୁ ତ
ତମ ପେଟରେ ଜାଗା ନାହିଁ,
ଗୋଟିଏ ଗୋଟିଏ ଇଟା ନେବ ତ
ତମର ମାଟି ନାହିଁ ଘର କରିବାକୁ ?

ଏବେ ତମେ ହିଁ ଯୋଜନା କର।
ପସନ୍ଦ କର, ଫଇସଲା କର
କୁକୁର ସାଜି ଲହ ଲହ କରିବ ଜିଭ
ନା ଲାଞ୍ଜ ହଲ ହଲ କରି
ଫେରିଯିବ ପୂତି ଗନ୍ଧର କୁଡ଼ିଆକୁ ॥ ■

ସର୍ଜନାଳୟ
ଲିଙ୍କ ରୋଡ଼ ୨ୟ ଗଳି, ଜୟପୁର
ମୋ: ୯୯୩୭୦୧୪୮୭୩

## ବାପା

ସୁଶୀଲ କୁମାର ପାଣିଗ୍ରାହୀ



ଲଙ୍ଗଳ ମୁନକୁ
ସହିପାରିଲେ ଯାଇ ଅଙ୍କୁରୋଦଗମ ପର୍ବର
ଉସନାକି ଗହ ଗହ

ତା'ପରେ କୁରେଇ ପତର ତୋଳା
କରଡ଼ି,ହେଡୁଁଆ,ସାରୁକିଣା,ଖଳିଦନା ଟିପା
ଗୋବରଲିପା ଓ
ଗୋଡ଼ ତଳକୁ ନ ଲାଗିବାର
ଯେତେ ଆୟୋଜନ
ଧୁମ୍ ନାଟ ଓ ନାଚ...

କାନ୍ଧରେ ମାଟିଡାଲା,ଖତସାର,ଫାଓଡ଼ା
ଖଳାଏ ଧାନକେଣ୍ଡା
ଆକାଶାଏ ଉତ୍କଣ୍ଠା
ଏସବୁ ଭାରରେ ଝାଳ
ଜୀରାନଦୀ ନ ହେଲେ
କି ବୋହିହେବ କାନ୍ଧରେ
ପୁଅଝିଅ
ଦେଖାଇନେବାକୁ
ଧନୁଯାତରା।

ମୁଣ୍ଡର ତାଳୁ ପରି ନ ତାତିଲେ
ହାଡ଼ ପରି
କଡ଼ମଡ଼ କଡ଼ମଡ଼ ନ କଲେ

ରକତସୁଅ ହେଇ ନ ବହିଲେ
କେମିତି ଆଖୁରେ ଭରିବ
ରସ!

ସମୟର ଘଣାରେ
ପେଶିହେଲେ ସିନା
ଥିପିବ ଥପ୍ ଥପ୍ ବାପର ଜୀବନ
ପେଟପୂରା ସଂସାର ଲାଗିବ
ମଧୁମୟ ମଧୁମୟ। ■



କଲ୍ୟାଣୀ ରେସିଡେନ୍ସି
ଫ୍ଲାଟ-୨୦୩, ଜଲାନ ଗଳି
ପୋ: ମୁଦିପଡ଼ା, ସମ୍ବଲପୁର-୨
ମୋ: ୮୧୪୪୨୨୮୨୦୨

## "ମୁଁ ଲେଖେ ମୋ ନିଃସଙ୍ଗତାକୁ ଏଡ଼ାଇବା ପାଇଁ"






ଦୁର୍ଗାପ୍ରସାଦ ଆଚାର୍ଯ୍ୟ

ମୁଁ କାହିଁକି ଲେଖେ?-ଏମିତି ଏକ ପ୍ରଶ୍ନର ଉତ୍ତର ଅନେକ ଦିଗ୍‌ଗଜ ଲେଖକ/ଲେଖିକା ଭିନ୍ନ ଭିନ୍ନ ବାଗରେ ଦେଇଛନ୍ତି। କିଏ କହିଛି - "ମୋତେ ଲେଖା ମାଡ଼େ" ଭଳି ବେଶ୍ ଗହୀରିଆ, ବ୍ୟଞ୍ଜନାପୂର୍ଣ୍ଣ ବାକ୍ୟଟିଏ ତ ଆଉ କିଏ ଆପଣାର ଲେଖକୀୟ ଢ଼ମରେ ଅଲୌକିକ ପୁଟ ବୋଳିବାକୁ ଇଚ୍ଛା କରି କହିଛି - "ମୁଁ ଲେଖେ, କାରଣ ଲେଖିବା ପାଇଁ ମୋ ଉପରେ କିଏ ଜଣେ 'ସବାର' ହୋଇଯାଇଥାଏ, ସତେ ଯେପରି 'କାଳିଶୀ' ଲାଗିଯାଇଥାଏ ମତେ ସେତେବେଳେ ।" ଏମିତି ଉତ୍ତରଟି ମାନ ଯେଉଁମାନେ ଦେଇଥାନ୍ତି, ସେମାନେ ବୋଧହୁଏ ସେମାନଙ୍କ ଅନ୍ତଃକରଣରେ ବିଶ୍ୱାସ କରିଥାନ୍ତି ଯେ ଲେଖିବା କାମଟା ପୂରାପୂରି ଏକ ରହସ୍ୟଘନ ବ୍ୟାପାର ଓ ଜଣେ ଦିବ୍ୟ ପ୍ରେରଣାଯୁକ୍ତ ହୋଇ ପୂରାପୂରି ଜ୍ୱରାକ୍ରାନ୍ତ ଆବେଶଟିଏ ଭିତରେ ନ ପଡ଼ିଯିବା ପର୍ଯ୍ୟନ୍ତ ଆଦୌ ଲେଖନୀ ଧରିପାରେ ନାହିଁ କି ତୂଳୀଟିଏ ହାତରେ ତୋଳି ଧରି ପାରେନାହିଁ। କିନ୍ତୁ ଏ ଲେଖକ ସେ ଦୃଷ୍ଟିରୁ ଅଧମ, ଭାଗ୍ୟହୀନଟିଏ ନିଶ୍ଚୟ ।

ଏ ଲେଖକ ବାପୁଡ଼ା ଜଣକ ଜାଣେ ଯେ ସେ ଲେଖାଲେଖି କରେ, କାରଣ ଏ ଲେଖିବା କାମଟା ପାଇଁ ଯେଉଁ ମୁଖ୍ୟ ସମ୍ବଳଟି ଲୋଡ଼ା, ତା' ପାଇଁ ତାକୁ ଜମା କିଛି ବ୍ୟୟ କରିବାକୁ ପଡ଼େ ନାହିଁ। ସେ ସମ୍ବଳ ତା' ପାଇଁ ଭାରି ଶସ୍ତା, ପୂରାପୂରି ସହଜପ୍ରାପ୍ୟ । ତାକୁ ପାଇବା ପାଇଁ ଜମା ଲୋଡ଼ା ହୁଏ ନାହିଁ କେଉଁ 'ତୁଙ୍ଗ ଶିଖରୀ ଚୂଳ' ବା କେଉଁ 'ନୀଳାମ୍ବୁ ଚିଲିକା'ର ଶୀତ୍କାର, ରୋମାଞ୍ଚକୁ ଜବରଦସ୍ତ ଭୋଗିବା ବା ଅନୁଭବ କରିବା। ସେ ସମ୍ବଳ ହେଉଛି ତା' ଭିତରେ ସବୁବେଳେ ମଥାପିଟି ଚାଲିଥିବା ଅସୁମାରୀ ଶବ୍ଦମାନଙ୍କର ତରଙ୍ଗ । ତା'ପାଇଁ ସହଜଲଭ୍ୟ ସେଇ ଶବ୍ଦସବୁକୁ ନେଇ ସେ ଲେଖିବା ପାଇଁ ବସିଯାଏ -ବସିଯାଏ ସେତିକିବେଳେ ଯେବେ ସେ ତା'ର ସବୁ ଆବେଗ, ଆବେଶ ଓ ସବୁ ଅସମ୍ଭାଳ, ଅତର୍ଚ୍ଛିଆ ଭାବଭାବନାକୁ ଶୃଙ୍ଖଳିତ, ବ୍ୟବସ୍ଥିତ କରିବାକୁ ଚାହେଁ। ଅନ୍ୟ ଅର୍ଥରେ କହିଲେ ଏ ଲେଖାଲେଖି ତା ପାଇଁ ଗୋଟାଏ ପ୍ରକାର ସ୍ୱଚିକିତ୍ସା କର୍ମ । ବଙ୍କା, ତେଢ଼ା, ମୁନିଆ ବା ଅତି ଜଟିଳ ଭାବରେ ଛନ୍ଦାଛନ୍ଦି ଚିନ୍ତା, ଭାବନାରେ ସେ ଯୋଉ ଅବ୍ୟକ୍ତ ପୀଡ଼ାଟି ପାଇ ଚାଲିଥାଏ, ସେଇଟିର ଉପଯୁକ୍ତ ଚିକିତ୍ସା ଲୋଡ଼ା -ଏଇ ଉପଲବ୍ଧିଟି ତାକୁ 'ମାଡ଼ିବା' ମାତ୍ରେ ବା ତା' ଉପରେ 'ସବାର' ହେବା ମାତ୍ରେ ସେ ଲେଖନୀ ଧରି ବସିପଡ଼େ। ତେବେ ଆଜ୍ଞା, ଏ 'ମାଡ଼ିବା', ଏ 'ସବାର' ହେବା କଥାଟା ଗୋଟାଏ କିଛି ଅଲୌକିକ ବା ଦୈବ ବ୍ୟାପାର ବୋଲି ଏ ଲେଖକ ଜମା କେବେ ଭାବିବ ନାହିଁ । ଏଇଟା ତା ପାଇଁ ପୂରାପୂରି ତା 'ଅସ୍ତିତ୍ୱ'ର ଏକ ବିଲକ୍ଷଣୀୟ ବ୍ୟାପାର । ହଁ, ପୂରାପୂରି ଅସ୍ତିତ୍ୱଗତ, ଅସ୍ତିତ୍ୱଭିତ୍ତିକ ଓ ଅସ୍ତିତ୍ୱ ସଂପର୍କିତ ଏଇଥିପାଇଁ ଯେ, ସେ ତା'ର ସ୍ଥୂଳ ଓ ସୂକ୍ଷ୍ମ ଦୃଷ୍ଟିରେ ଯେତେବେଳେ ଦେଖେ ଯେ ତା' ମନରାଜ୍ୟ ଓ ଚିନ୍ତାରାଜ୍ୟରେ ଗୁଡ଼ାଏ ଗୁଡ଼ାଏ ଧାରଣା, ଅବଧାରଣା, ଭାବନା, ବିଭାବନା ଅରାଜକତା ସୃଷ୍ଟି କରିବା ଆରମ୍ଭ କରିଦେଲେଣି, ସେତିକିବେଳେ ସେ ସବୁକୁ ଆୟତ୍ତକୁ ଆଣିବା ପାଇଁ, ସେ ସବୁକୁ ଟିକିଏ ସୁସଂହତ, ଟିକିଏ ଅଧିକ ବୋଧଗମ୍ୟ କରିବା ପାଇଁ ସେ ସେମାନଙ୍କୁ ଧାଡ଼ିରେ ବସାଇଦିଏ- ଅନ୍ଧାରରୁ ଆଣି ତୋଫା ଆଲୁଅରେ ଠିଆ କରାଇଦିଏ। ଅବଶ୍ୟ ଏ ଲେଖକ ଜାଣେ ଯେ, ଯେତେ ଚେଷ୍ଟା କଲେ ବି ସେ ଯେଉଁ ଅରାଜକ, ବିଶୃଙ୍ଖଳ, ଅସଂହତ ଭାବନା, ଧାରଣା, ଅବଧାରଣା ଓ ଦୃଷ୍ଟିକୋଣର ବିରକ୍ତି-ବେଦନା ଭୋଗିଥାଏ ଏବଂ ସେଥିଯୋଗୁଁ ଜୀବନ ଓ ଜଗତ ପ୍ରତି ଥିବା ତାର ଆଭିମୁଖ୍ୟ ଯେପରି ଗୋଳିଆମିଶା ହୋଇଯାଇଥାଏ, ସେ ସବୁକୁ ସେ କେବେହେଲେ ପୂରାପୂରି ସଂଯତ, ସଂହତ କରିପାରିବ ନାହିଁ-ଲେଖନୀ ଧରି ସବୁକିଛିକୁ ଶତସହସ୍ର ଧାଡ଼ିରେ ବାନ୍ଧି ରଖିଦେଲେ ବି ।

ଆମ ଜୀବନର ଏଇ ଅରାଜକ ଆତ୍ମିକ, ମାନସିକ ଗୌରବ ଅଗୌରବ ବା ଐଶ୍ୱର୍ଯ୍ୟ, ପ୍ରାଚୁର୍ଯ୍ୟ ଆମକୁ ଯେତେ ଆକ୍ରାମାକ୍ରା, ଅଧିର ଆତୁର କରୁଥିଲେ ବି ସେ ସବୁକୁ ଆୟତ୍ତକୁ ଆଣିବା ପାଇଁ ଆମ ପାଖରେ କୌଣସି 'ମାନୁଆଲ୍' ବା 'କରଣୀୟ କର୍ମସୂଚୀ' କିଛି ନାହିଁ । ତେଣୁ କେହି ଯଦି କେବେ ଏ ଲେଖକ ପରି ସୃଜନ ନିଆଁ ଉପରେ ଭିନ୍ନ ଭିନ୍ନ ପାତ୍ର ବସାଇ କିଛି ତିଆରି କରି ବାଢ଼ି ଦିଏ, ସେ ଭାବିଥାଏ ଯେ ସେ ସିଦ୍ଧ ରୋଷେଇଆଟିଏ ହୋଇଯାଇଛି ନିଶ୍ଚୟ। କିନ୍ତୁ ସତରେ ସିଏ ସେମିତି ହୋଇପାରେ କି?

ମୋ ପାଇଁ ଲେଖିବାଟା ଆଦୌ କିଛି ସ୍ୱର୍ଗୀୟ ବା ନୈସର୍ଗିକ ପ୍ରେରଣା ନୁହେଁ । ଆମର ଏଇ ଅଦ୍ଭୁତ, ବିଚିତ୍ର ଓ ଅନେକ ସମୟରେ ଭାରି ବିଭଙ୍ଗ, ବିରୂପ ମନେ ହେଉଥିବା 'ଅସ୍ତିତ୍ୱ'ଟିକୁ ଟିକେ ଅଧିକ ଅନ୍ତରଙ୍ଗତାର ସହ ବୁଝିବା ପାଇଁ ଚାହୁଁଥିବାରୁ ମୁଁ ଲେଖାଲେଖି କର୍ମରେ ବ୍ୟାପୃତ ହୋଇଥାଏ । ମୁଁ ଆଦୌ ଅନ୍ୟ କାହା ପରି ଏ ଲେଖାଲେଖି କର୍ମକୁ 'ରୋମାଣ୍ଟିସାଇଜ୍' କରିବାକୁ ଚାହେଁନା, ଜମା ଚାହେଁନା ଯେ ଶ୍ୱେତବସ୍ତ୍ର ପରିହିତା ବାଗ୍‌ଦେବୀଙ୍କ ବୀଣାବାଦନ ମୁଁ କେବେ ଶୁଣିଥାଏ ବୋଲି । ମୋ ପାଇଁ 'ଲେଖାଲେଖି' ଗୋଟାଏ ଭାରି କଷ୍ଟକର କାମ -ଝାଳବୁହା, ଲୁହବୁହା, ରକ୍ତବୁହା ପୀଡ଼ାଦାୟକ କର୍ମ । ବନ୍ଧୁମେଳରେ ଗୁଲିଖଟି କରିବା ବା ପାର୍କରେ ପଦଚାରଣ କରି ଅନ୍ୟ ପାର୍କ ପଦଯାତ୍ରୀମାନଙ୍କୁ ଗୀତା ଭାଗବତଠାରୁ ସମ୍ବିଧାନର ମୌଳିକ ଢାଞ୍ଚା ସଂପର୍କରେ ଥିବା ମୋର ଅତି ଅସ୍ପଷ୍ଟ ଧାରଣାକୁ ଶୁଣାଇବା ବା ବଜାରରୁ ଚକ୍‌ଚକ୍ କାତିର ବିଶାଳ ରୋହିମାଛ କିଣି ଘରକୁ ଫେରିଆସି ମାର୍ବଲ ଚଟାଣକୁ ଆହୁରି ଚିକ୍କଣ କରିବା ଆଦି ସହଜ ଅଥଚ ଆବଶ୍ୟକ କର୍ମର ପ୍ରଲୋଭନରେ ପଡ଼ିବା ଅପେକ୍ଷା ଅଲେଖା ଧବଳ କାଗଜ ଉପରେ କଲମଟି ଚାଳନା କରିବାରେ ଭିନ୍ନ ଏକ ଆଶ୍ୱସ୍ତି, ଭିନ୍ନ ଏକ ସନ୍ତୋଷ ମିଳେ ବୋଲି ଭାବିଥାଏ ମୁଁ । ହଁ, ଆଉ ଗୋଟେ ନିରାଟ ସତ୍ୟ ଆପଣଙ୍କୁ କହିବି । ଏମିତି କିଛି ମହାର୍ଘ ଚିନ୍ତାରେ ଘାରି ହୋଇ ବା ଏମିତି କିଛି 'ସର୍ବଜନହିତାୟ' ଉଦ୍ଦେଶ୍ୟ ରଖି ମୁଁ ଲେଖେ, ଏହା ଆଦୌ ନୁହେଁ । କହିଛି ତ ମୋ ପାଇଁ ଲେଖିବାଟା ଅନେକ ସମୟରେ ମୋର ଅସ୍ତିତ୍ୱର ଉଭଟତା ସହିତ ସାହସର ସହିତ ମୁକାବିଲା କରିବା ପରି, ଗୋଟିଏ ଗୋଟିଏ ପ୍ରହେଳିକା ବା 'ଜିଗ୍‌ସ୍'କୁ ସମାଧାନ କରିବାର ଜଟିଳ ଉଦ୍ୟମଟିଏ କରିବା ପରି । ତେବେ, ମୁଁ ମୋ ବିକ୍ଷିପ୍ତ ଭାବନାକୁ ରୂପ ଦେଇଥାଏ ସିନା, ସେସବୁର ଆଦୌ ବୋଧଗମ୍ୟ ବ୍ୟାଖ୍ୟା କରିପାରେନା। ମୁଁ କାହିଁକି- ସଚରାଚର କୌଣସି ମସୀଧାରୀ ତାହା କେବେ କରିପାରେନା। ହଁ, ମୁଁ ମୋ ଭାବନାର ବର୍ଣ୍ଣରୂପ ଥୋଇ ଦେବାବେଳେ ମୋ ପାଠକମାନଙ୍କ ଭିତରୁ କେତେକ ନିଶ୍ଚୟ କହୁଥିବେ - "ଆରେ, ଏତ ଆମରି ଚିନ୍ତା, ଆମରି ଭାବନା ଓ କହୁଥିବେ ବି - "ଆହା, ଏଗୁଡ଼ିକ ଆମର ହେଲେବି ଆମେ ତ ଏପରି ଭାବରେ କହିପାରୁନାହୁଁ କି ରୂପାୟିତ କରିପାରୁନାହୁଁ !" ଏଇଠି ହିଁ ମୋର ଯାହା କିଛି ସାର୍ଥକତା, ଯାହା କିଛି ସାଫଲ୍ୟ ।

ପରିଶେଷରେ ଆଉ ଗୋଟିଏ ନିରାଟ ସତ କଥା କହିବି ମୁଁ । ମୁଁ ଲେଖେ ମୋ ନିରବତାର ଅର୍ଗଳିରୁ ଖସି ଆସିବା ପାଇଁ । ମୁଁ ଲେଖେ ମୋ ବିଜନତା, ମୋ ନିଃସଂଗତାକୁ ଏଡ଼ାଇ ଦେବା ପାଇଁ । ମୁଁ ଖୁବ୍ ସାଧାରଣ, ଖୁବ୍ ବିଚରା ମଣିଷ ଜଣେ -ଜମା ଋଷିପ୍ରତିମ ନୁହେଁ, ଜମା କେଉଁ ନନ୍ଦନବନର ଚିର ଅଧିବାସୀ ନୁହେଁ । ମୁଁ ଆପଣମାନଙ୍କ ପରି ଏଇ ହସ, ଲୁହ ବା ରକ୍ତଝରା ସଂଘର୍ଷଭରା ସଂସାରର ମଣିଷ- କେତେବେଳେ ଫ୍ରାନ୍‌ଜ କାଫ୍‌କାଙ୍କ 'ମେଟାମର୍‌ଫସ୍‌ସିସ୍'ର ହତଭାଗ୍ୟ 'ଗ୍ରେଗାର୍ ସାମ୍‌ସା' ବା ତାଙ୍କ 'ଦି ଟ୍ରାଏଲ୍' ଉପନ୍ୟାସର 'ଜୋସେଫ୍ କେ'ଙ୍କ ପରି ତ ଆଉ କେତେବେଳେ 'ଅମାବାସ୍ୟାର ଚନ୍ଦ୍ର'ର ସେହି ଯାଯାବରୀ 'ରମେଶ କାଉଲ' ବା ଗୋପୀନାଥ ମହାନ୍ତିଙ୍କ ଉପନ୍ୟାସର 'ବଳିଦତ୍ତ' ଚରିତ୍ର ପରି । ତେବେ, ଏମିତି ଲେଖନୀ ଧରି କ୍ରମାଗତ ଭାବରେ ଶବ୍ଦର ସମୁଦ୍ରରେ ଜାଲ ପକାଇ ପକାଇ କ୍ଳାନ୍ତ, ଅବସନ୍ନ ହେଉଥିଲେ ମଧ୍ୟ 'ଦି ଓଲଡ୍ ମ୍ୟାନ୍ ଆଣ୍ଡ ଦି ସି'ର ସେ ମହାନାୟକ 'ସାଣ୍ଟିଆଗୋ' ପରି 'ମୁଁ ଅପରାଜେୟ'- ଏହା ଦିନେ ନିଶ୍ଚୟ କହିବି ବୋଲି ମହତ୍ତ୍ୱାକାଂକ୍ଷାଟିଏ ପୋଷଣ କରିଛି ମୁଁ ।

ହଁ, ମୁଁ ଲେଖେ କାରଣ ମୁଁ ମୋର ଯାବତୀୟ ଦୁଃସ୍ଥିତି, ଦୂରବସ୍ଥା, ମାନସିକ ଅସନ୍ତୁଳନ ସତ୍ତ୍ୱେ ନିଜକୁ 'ଅପରାଜେୟ ଯୋଦ୍ଧା' ବୋଲି ଭାବିବାକୁ ଚାହେଁ, 'ବନ୍ଧ୍ୟାନାରୀର ପୁତ୍ର' ପରି ତାହା ମୋ' ପାଇଁ ନିହାତି ଅସମ୍ଭବ ବୋଲି ମୁଁ ଜାଣିଥିଲେ ବି । ■

ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ
କୋଡିଆଁ ବାରଙ୍ଗ
ଭାୟା: କାଦୁଅପଡ଼ା, ଜଗତସିଂହପୁର-୬
ମୋ: ୯୮୫୩୩୫୫୧୦୭

# ସିକ୍କିମ ଦୁର୍ଘଟଣା: ଏଯାଏଁ ୪ ଓଡ଼ିଆଙ୍କ ପତ୍ତା ମିଳିନି

ବ୍ୟାସନଗର,୩୧।୫(ସମିସ): ଗତ ଗୁରୁବାର ରାତିରେ ଉତ୍ତର ସିକିମରେ ଘଟିଥିବା ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ନିଖୋଜ ୪ ଓଡିଆ ଲୋକଙ୍କ ଏଯାଏଁ କୌଣସି ସୂଚନା ମିଳିପାରିନାହିଁ। ତେବେ ଲଗାଣ ବର୍ଷା ଫଳରେ ତିସ୍ତା ନଦୀର ଜଳସ୍ତର ବଢିବା ଫଳରେ ଉଦ୍ଧାର କାର୍ଯ୍ୟରେ ସାମାନ୍ୟ ବ୍ରେକ ଲାଗିଛି। ତେବେ ଉକ୍ତ ଦୁର୍ଘଟଣାରେ ୮ ଜଣ ନିଖୋଜ ହୋଇଥିବା ବେଳେ ଆହତ ଅବସ୍ଥାରେ ସାଇରାଜ ଜେନା ଏବଂ ସ୍ୱୟଂ ସୁପ୍ରୀତମ ନାୟକଙ୍କୁ ଉଦ୍ଧାର ସ୍ଥାନୀୟ ମେଡିକାଲରେ ଚିକିତ୍ସା କରାଯାଉଛି। ସୂଚନାଯୋଗ୍ୟ ଯେ ବ୍ୟାସନଗର ଅଞ୍ଚଳର ଇତିଶ୍ରୀ ଜେନା, ତାଙ୍କ ଭାଇ ଅଜିତ କୁମାର ନାୟକ, ଭାଉଜ ସୁନୀତା ନାୟକ, ପୁଅ ସାହିଲ ଜେନା, ସାଇରାଜ ଜେନା ଏବଂ ସ୍ୱୟଂ ସୁପ୍ରିତମ ନାୟକ ଉତ୍ତର ସିକ୍କିମର ଲାଚେନ ହିଲ ଟପ ଜିରୋ ପଏଣ୍ଟ ବୁଲି ଫେରୁଥିବା ବେଳେ ଏକ ବିପଦପୂର୍ଣ୍ଣ ବୁଲାଣିରେ ବସ୍‌ଟି ନିୟନ୍ତ୍ରଣ ହରାଇ ପ୍ରାୟ ୧ହଜାର ଫୁଟ ତଳକୁ ଖସିପଡି ନିକଟରେ ପ୍ରବାହିତ ତିସ୍ତା ନଦୀ ଗର୍ଭରେ ପଡିଥିଲା। ତେବେ ଆସନ୍ନ ବିପଦ ଜାଣି ଇତିଶ୍ରୀ ଡୋର ଖୋଲି ପୁଅ ଏବଂ ପୁତୁରା ସାଇରାଜ ଜେନା ଏବଂ ସ୍ୱୟଂ ସୁପ୍ରୀତମ ନାୟକଙ୍କୁ ବାହାରକୁ ଠେଲି ଦେଇଥିଲେ। ଫଳରେ ୨ ଜଣ ଆହତ ଅବସ୍ଥାରେ ଉଦ୍ଧାର ହୋଇଥିଲେ। ତେବେ ଘଟଣାକୁ ୨ ଦିନ ବିତିଥିବା ବେଳେ ଏଯାଏଁ ବାକି ଲୋକମାନଙ୍କ ପତ୍ତା ମିଳିପାରୁନାହିଁ। ତେବେ ଘଟଣାକୁ ନେଇ ସାରା ଯାଜପୁର ଜିଲ୍ଲାରେ ଏକ ନୀରବ ପରିବେଶ ସୃଷ୍ଟି ହୋଇଛି। ଏନେଇ ଶନିବାର ବ୍ୟାସନଗରର ଶତାଧିକ ଆବାଳବୃଦ୍ଧ ବନିତା ଇତିଶ୍ରୀଙ୍କ ନିମନ୍ତେ ମହାଦେବଙ୍କ ନିକଟରେ ପ୍ରାର୍ଥନା କରିବା ସହିତ ଦୀପଦାନ ମଧ୍ୟ କରିଛନ୍ତି।

# ବନ୍ଧୁକ ଦେଖାଇ ଟଙ୍କା ଓ ବାଇକ ଲୁଟ୍‌

ବାରିପଦା, ୩୧।୫ (ସମିସ): ମୟୂରଭଞ୍ଜ ଜିଲ୍ଲା ସୀମାନ୍ତ ଅଞ୍ଚଳ ଝାରପୋଖରିଆ ଥାନା ଅଧୀନ ଯୋକା ନିକଟ ଖଡିପାହାଡ଼ୀ ଜଙ୍ଗଲ ରାସ୍ତାରେ ଶନିବାର ଦୁର୍ବୃତ୍ତମାନେ ବନ୍ଧୁକ ଦେଖାଇ ଟଙ୍କା ଓ ବାଇକ ଲୁଟି ନେଇଛନ୍ତି। ୪ଟି ବାଇକ୍‌ରେ ୭/୮ ଜଣ ଦୁର୍ବୃତ୍ତ ଲୁଟ୍ କରି ଫେରାର୍ ହୋଇଯାଇଛନ୍ତି। ଯୋକା ଗ୍ରାମର ଫାର୍ମାସିଷ୍ଟ ଅବିନାଶ ସାହୁଙ୍କ ସହ ତାଙ୍କର ସମ୍ପର୍କୀୟ ବଡ଼ବାପା ବିଦ୍ୟାଭୂଷଣ ଦାସ ଏକ ବାଇକରେ ସାରସକଣା ହାଟକୁ ଯାଉଥିବାବେଳେ ଦୁର୍ବୃତ୍ତମାନେ ଉଭୟଙ୍କୁ ଗୋରୁ ବ୍ୟବସାୟୀ ଭାବି ବନ୍ଧୁକ ଓ ଛୁରି ଦେଖାଇ ଭୟଭୀତ କରିଥିଲେ। ଫଳରେ ଉଭୟ ବାଇକ୍‌ରୁ ଖସି ପଡ଼ିଥିଲେ। ପରେ ଦୁର୍ବୃତ୍ତମାନେ ବାଇକ ଏବଂ ଅବିନାଶଙ୍କ ପାଖରେ ଥିବା ୭ ହଜାର ଟଙ୍କା ଲୁଟି ନେଇଥିଲେ କପାଡିହା ଛକ ହୋଇ ଝାଡ଼ଖଣ୍ଡ ପଟକୁ ପଳାଇଥିଲେ। ଖବର ପାଇ ଝାରପୋଖରିଆ ଆଇଆଇସି ପ୍ରଭୁକଲ୍ୟାଣ ଆଚାର୍ଯ୍ୟ ସଦଳବଳ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି।

# ଘର ଭିତରୁ ବନପାଳଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଉଦ୍ଧାର

ନୟାଗଡ଼,୩୧।୫(ସମିସ): ନୟାଗଡ଼ ଜିଲ୍ଲା ପଞ୍ଚରିଡ଼ା ବନାଞ୍ଚଳ ଅନ୍ତର୍ଗତ ପଞ୍ଚରିଡ଼ା ବନପାଳ ଶିଶିର କୁମାର ସାହୁଙ୍କୁ ତାଙ୍କ ଘରେ ହତ୍ୟା କରାଯାଇଛି। ବନପାଳଙ୍କୁ ପିଟିପିଟି ହତ୍ୟା କରାଯିବା ପରେ ପ୍ରମାଣ ନଷ୍ଟ ତଥା ଆତ୍ମହତ୍ୟାର ରୂପ ଦେବାକୁ ପେଟ୍ରୋଲ ଢାଳି ନିଆଁ ଲଗାଇ ଦିଆଯାଇଛି। ବନପାଳଙ୍କ ମୃତଦେହକୁ ନୟାଗଡ଼ ବାରମାସୀ ଦଣ୍ଡାରେ ରହିଥିବା ତାଙ୍କ ବାସଭବନରୁ ଅର୍ଦ୍ଧଦଗ୍ଧ ଅବସ୍ଥାରେ ପୁଲିସ ଉଦ୍ଧାର କରିଛି। ଏହି ଘଟଣାରେ ପୁଲିସ ବନପାଳଙ୍କ ସ୍ତ୍ରୀ ନମିତା ସାହୁ, ପୁଅ ଅଭିଷେକ ରଣସିଂଙ୍କୁ ପୁଲିସ ଅଟକ ରଖିଛି।

ସୂଚନାନୁସାରେ, ଶୁକ୍ରବାର ପଞ୍ଚରିଡ଼ା ବନାଞ୍ଚଳ ଗୋଚ୍ଛା ସଂରକ୍ଷିତ ଜଙ୍ଗଲରେ ଶିକାରୀ ଗୁଳିରେ ଜଣେ ଆଦିବାସୀଙ୍କର ମୃତ୍ୟୁ ଘଟିଥିଲା। ଏହି କାର୍ଯ୍ୟରେ ବନପାଳ ଶିଶିର ଦିନତମାମ ବ୍ୟସ୍ତ ରହିବା ସହ ରାତି ୧୦ଟାରେ ନୟାଗଡ଼ ଫେରିଥିଲେ। ଫେରିବା ସମୟରେ ସେ ପ୍ରଚୁର ମଦ୍ୟପାନ କରିଥିବା ତାଙ୍କ ବନ୍ଧୁ ଓ ସ୍ଥାନୀୟ ବାସିନ୍ଦା ଦେଖିଥିଲେ। ରାତି ୧୦ଟା ୩୦ରେ ସେ ପୁଣି ମଦ୍ୟପାନ କରିବାକୁ ଯାଇଥିଲେ। ସେଠାରୁ ଫେରିବା ପରେ କୌଣସି କାରଣକୁ ନେଇ ସ୍ତ୍ରୀ ଓ ପୁଅଙ୍କ ସହ ତାଙ୍କର ବଚସା ହୋଇଥିଲା। ଏହି ବଚସାକୁ ନେଇ ସ୍ତ୍ରୀ ଓ ପୁଅ ତାଙ୍କୁ ଲୁହା ପାଇପ୍‌ରେ ଆକ୍ରମଣ କରିଥିଲେ। ଫଳରେ ରକ୍ତାକ୍ତ ହୋଇ ବନପାଳ ଶିଶିର ଅଚେତ ହୋଇପଡ଼ିଥିଲେ। ସେ ମରିଯାଇଥିବା ଭାବି ତାଙ୍କୁ ଟେକି ନେଇ ବେଡ୍ ଉପରେ ଶୁଆଇ ସ୍ତ୍ରୀ ଓ ପୁଅ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ। ଏହା ସହିତ ପ୍ରମାଣ ନଷ୍ଟ ପାଇଁ ଘରର ଆସବାବପତ୍ର ଓ ଏକ ସ୍କୁଟି ଉପରେ ପେଟ୍ରୋଲ ପକାଇ ନିଆଁ ଲଗାଇ ଦେଇଥିଲେ। ନିଆଁ ଲାଗିଯାଇଥିବା ନେଇ ସ୍ତ୍ରୀ ନମିତା ବାହାନା କରିବା ପରେ ସ୍ଥାନୀୟ ଲୋକେ ଦମକଳ ଓ ପୁଲିସକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ କର୍ମଚାରୀ ନିଆଁକୁ ଆୟତ କରିବା ବେଳକୁ ବନପାଳ ଶିଶିରଙ୍କ ମୃତ୍ୟୁ ହୋଇ ସାରିଥିଲା। ଏହି ନିଆଁରେ ସ୍ତ୍ରୀ ନମିତା ମଧ୍ୟ ସାମାନ୍ୟ ଆହତ ହୋଇଥିଲେ। ସର୍ଟସର୍କିଟ୍‌ରୁ ନିଆଁ ଲାଗିଥିବା ସ୍ତ୍ରୀ ନମିତା ପ୍ରଥମେ କହିଥିଲେ। ପୁଲିସ ନମିତାଙ୍କୁ ଡାକ୍ତରଖାନା ପଠାଇବା ସହ ପୁଅକୁ ଅଟକ ରଖିଥିଲା। ପଚରାଉଚରା ପରେ ପୁଅ ସତ ମାନିଥିବା ପୁଲିସ ନିକଟରୁ ସୂଚନା ମିଳିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବ୍ୟାପୁଛି କରୋନା...

ଏପର୍ଯ୍ୟନ୍ତ କରୋନାରେ ୨୩ ଜଣ ପ୍ରାଣ ହରାଇଲେଣି। ମହାରାଷ୍ଟ୍ରରେ ସର୍ବାଧିକ ୬ଜଣ ଲୋକ କରୋନାରେ ମୃତ୍ୟୁବରଣ କରିଛନ୍ତି। କେରଳ, ରାଜସ୍ଥାନ, ଉତ୍ତରପ୍ରଦେଶ ଓ ମଧ୍ୟପ୍ରଦେଶରେ ମୋଟ୍ ୧୩ଜଣଙ୍କ ମୃତ୍ୟୁ ହୋଇଛି। ସେହିପରି ଦିଲ୍ଲୀ, ଗୁଜରାଟ, ପଞ୍ଜାବ ଓ ତାମିଲନାଡୁରେ ଜଣେ ଲେଖାଏଁ ବ୍ୟକ୍ତି କରୋନାରେ ଜୀବନ ହାରିଛନ୍ତି। ମିଜୋରାମରେ ୭ ମାସ ପରେ କୋଭିଡର ପ୍ରଥମ ମାମଲା ସାମ୍ନାକୁ ଆସିଛି।

### ଧସିଲା ପାହାଡ଼...

କୁହାଯାଉଛି। ଏସ୍‌ଡିଆରଏଫ ଏବଂ ଏନ୍‌ଡିଆରଏଫ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାରକାର୍ଯ୍ୟ ଜାରି ରଖିଛି।

ଭୂସ୍ଖଳନ ତ୍ରିପୁରାରେ ଜଣେ ଏବଂ ଆସାମରେ ୫ ଜଣଙ୍କ ଜୀବନ ମଧ୍ୟ ନେଇଛି। ବର୍ଷା ଯୋଗୁଁ ଆସାମରେ ୬ ଜିଲ୍ଲାରେ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି। ଏଥିରେ ୧୦ ହଜାରରୁ ଅଧିକ ଲୋକ ପ୍ରଭାବିତ ହୋଇଛନ୍ତି। ଏଠାକାରେ ବୋନ୍ଦାରେ ଶୁକ୍ରବାର ଭୂସ୍ଖଳନ ହୋଇଥିଲା। ଏଥିରେ ୩ ମହିଳାଙ୍କ ଜୀବନ ଯାଇଥିଲା। ଅନ୍ୟପକ୍ଷରେ ନେପାଳରେ ବର୍ଷା ଯୋଗୁଁ ବିହାରରେ ସଙ୍କଟ ସୃଷ୍ଟି ହୋଇଛି। କିଶନଗଞ୍ଜ ଜିଲ୍ଲାରେ କନକଇ, ବୁଢୀ, ମେଚି ଆଦି ନଦୀ ଫୁଲିବାରେ ଲାଗିଛି। ନଦୀ କୂଳିଆ ଅଞ୍ଚଳରେ ପାଣି ପଶି ଯାଇଛି। ଏଥିଯୋଗୁଁ ଫସଲ ବର୍ବାଦ ହୋଇଯାଇଛି।

### ତେଲଙ୍ଗାନା ଜିତିଲା...

ରହିବା ସାଧାରଣରେ ଆଶ୍ଚର୍ଯ୍ୟ ସୃଷ୍ଟି କରିଛି। ଓଡ଼ିଶାର କ୍ରମାଗତ ଦାବି ସତ୍ତ୍ୱେ ପ୍ରକଳ୍ପର ପଛୁଆ ପାଣି ଯୋଗୁଁ କେଉଁ କେଉଁ ଅଞ୍ଚଳ ପ୍ରଭାବିତ ହେବେ ବୋଲି ସର୍ଭେ କରାଯାଉ ନାହିଁ। ଯାହାଫଳରେ ଓଡ଼ିଶାର ସ୍ୱାର୍ଥ ଏବଂ ଦାବି ଦିନକୁ ଦିନ ଅନ୍ଧାର ମଧ୍ୟକୁ ଠେଲି ହୋଇଯାଉଛି। ଗୋଟିଏ ପଟେ ତେଲେଙ୍ଗାନାର କଂଗ୍ରେସ ସରକାର ନିଜ ଦାବି ହାସଲ କରିବାରେ ସଫଳ ହୋଇଥିବା ବେଳେ ଓଡ଼ିଶାର ଡବଲ ଇଞ୍ଜିନ ସରକାର କଣ ପାଇଁ ଫେଲ୍ ମାରିଲେ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଜଳ ବିଶେଷଜ୍ଞଙ୍କ ଅନୁଯାୟୀ ପ୍ରକଳ୍ପ ଉଚ୍ଚତା ୧୫୦ ଫୁଟ ହୋଇଥିବାରୁ ୫୦ ଲକ୍ଷ କ୍ୟୁସେକ ବନ୍ୟା ଜଳ ଆସିବାର ଆକଳନ ହୋଇଛି। ଯାହାଫଳରେ ଓଡ଼ିଶାର ମାଲକାନଗିରିର ଅନେକ କ୍ଷୟକ୍ଷତି ହେବ। ବିଶେଷକରି ମୋଟୁ ନିକଟରେ ୧୯୪ ଫୁଟରୁ ଅଧିକ ପଛୁଆ ଜଳ ଆସିବ। ମାତ୍ର ଓଡ଼ିଶା ଏନେଇ କାହିଁକି ଦୃଢ଼ ଦାବି ଉପସ୍ଥାପନ କରୁନାହିଁ, ତାହାକୁ ନେଇ ବିଶେଷଜ୍ଞ ମହଲ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ଗତ ୨୮ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓଡ଼ିଶା ସମେତ ୪ଟି ରାଜ୍ୟକୁ ନେଇ ବୈଠକ ଅନୁଷ୍ଠିତ ହେବାର ଥିଲା। ମାତ୍ର ଶେଷ ମୂହୂର୍ତ୍ତରେ ଏହି ବୈଠକ ସ୍ଥଗିତ ରହିଥିବା ଜଣାପଡ଼ିଛି। ଆସନ୍ତା ୨୦୨୭ ମାର୍ଚ୍ଚ ସୁଦ୍ଧା ପ୍ରକଳ୍ପ କାମ ସାରିବାକୁ ଆନ୍ଧ୍ର ସରକାର ଲକ୍ଷ୍ୟ ରଖିଛନ୍ତି। କଣ ପ୍ରକଳ୍ପ କାର୍ଯ୍ୟ ସରିଲେ, ଓଡ଼ିଶାର ଅପୂରଣୀୟ କ୍ଷତି ହେଲେ ଯାଇ ଓଡ଼ିଶା ସରକାର ମୁହଁ ଖୋଲିବେ ବୋଲି ବୁଦ୍ଧିଜୀବି ମହଲ ପ୍ରଶ୍ନ କରିଛନ୍ତି। ଏମିତି ଜଳକା ପରି ଅଭିନୟ ନ କରି ରାଜ୍ୟ ସରକାର ରାଜ୍ୟସ୍ୱାର୍ଥ ପାଇଁ ମୁହଁ ଖୋଲନ୍ତୁ ବୋଲି ବୁଦ୍ଧିଜୀବୀ ମହଲ ପକ୍ଷରୁ ଦାବି କରାଯାଇଛି।

### ବଜ୍ରପାତରେ ଟଳିପଡ଼ିଲେ...

ବିଭାଗୀୟ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ମୃତ ଗୋରୁ ପିଛା ୨୦ ହଜାର ଟଙ୍କା ମାଲିକଙ୍କୁ ମିଳିବ ବୋଲି ବିଭାଗ ତରଫରୁ କୁହାଯାଇଛି।

ସେହିପରି, ଠାକୁରମୁଣ୍ଡା ବ୍ଲକ୍ ତରାମରା ପଞ୍ଚାୟତ ଅନ୍ତର୍ଗତ ବାଲିଆବେଡ଼ା ଗ୍ରାମରେ ବଜ୍ରପାତ ଘଟି ୨ଟି ଛେଳି ପ୍ରାଣ ହରାଇଛନ୍ତି। ଗ୍ରାମର ସାନ ସୁରାଇ ମାର୍ଣ୍ଡିଙ୍କ ଏକ ଟାଇଲ ଘର ଭିତରେ ଧାନ ଭାଡ଼ି ତଳେ ୧୮ ଛେଳି ଓ କୁକୁଡ଼ା ଥିଲେ। ବଜ୍ରପାତ ହେବାରୁ ୨ଟି ଛେଳି ଓ କୁକୁଡ଼ାର ମୃତ୍ୟୁ ଘଟିଥିବା ବେଳେ ବହୁ ଛେଳି ଆହତ ହୋଇଥିବା ଜଣାପଡ଼ିଛି।

### ୫ ମାସର...

ଦିନ ତଳେ ରାଗରେ ରଇବୁ ଗୋଟିଏ ମୋବାଇଲ ଭାଙ୍ଗିଦେଇଥିଲେ। ପରେ ପୁଣି ଏକ ମୋବାଇଲ ଆଣିଥିଲେ। ସବୁ ଠିକ୍‌ଠାକ୍ ଚାଲିଥିଲା। ପୁଣି ମୋବାଇଲକୁ ନେଇ ଶୁକ୍ରବାର ଉଭୟଙ୍କ ମଧ୍ୟରେ କଳହ ହେବାରୁ ନୂଆ ମୋବାଇଲକୁ ନେଇ ପୁଣି ଭାଙ୍ଗି ଦେଇଥିଲେ। ତେବେ କଥା ବଢ଼ିବାରୁ ଶୁକ୍ରବାର ରାତିରେ ଏକ ଗଛରେ ଦୁହେଁ ପାଞ୍ଚ ମାସର ଶିଶୁକନ୍ୟାକୁ ଘରେ ଛାଡ଼ି ପାଖ ଜଙ୍ଗଲରେ ଏକ ଶାଢ଼ି ଲଗାଇ ଝୁଲି ପଡ଼ିଥିଲେ। ତେବେ ଶିଶୁଟିର କାନ୍ଦ ଶୁଣି ପରିବାରଲୋକ ଦେଖିବା ବେଳକୁ ରଇବୁ ଓ ଗୌରୀ ଘରେ ନଥିଲେ। ରାତିରେ ବହୁ ଖୋଜାଖୋଜି କରିବା ପରେ ମଧ୍ୟ ଦୁହିଁଙ୍କୁ ପାଇନଥିଲେ। ତେବେ ଆଜି ସକାଳେ ନିକଟସ୍ଥ ୟୁକାଲିପଟାସ୍ ଜଙ୍ଗଲରେ ଦୁହିଁଙ୍କ ଶବ ଝୁଲନ୍ତା ଅବସ୍ଥାରେ ଠାବ କରାଯାଇଥିଲା।


**APPOINTMENT**

SAI RAM

ରାୟଗଡ଼ା ଏବଂ ନୟାଗଡ଼ (ଖଣ୍ଡପଡ଼ା ବ୍ଲକ୍) ରେ **Computer Teacher** ଯୋଗ୍ୟତା ଭିତ୍ତିରେ ଆବଶ୍ୟକ। ଇଚ୍ଛୁକ ପ୍ରାର୍ଥୀମାନେ ଏହି ବିଜ୍ଞାପନ ପ୍ରକାଶିତ ହେବାର ୭ଦିନ ମଧ୍ୟରେ ନିମ୍ନ Email ଠିକଣାରେ Bio-Data ପଠାନ୍ତୁ।

ବି.ଦ୍ର.: ଏହା ସମ୍ପୂର୍ଣ୍ଣ ଯୋଗ୍ୟତା ଭିତ୍ତିରେ ଚୟନ କରାଯାଏ। ଠକଙ୍କ ଠାରୁ ଦୂରେଇ ରୁହନ୍ତୁ। ଏହି ସଂସ୍ଥା ନିଯୁକ୍ତି ନିମନ୍ତେ କୌଣସି ଅର୍ଥ ଆଦାୟ କରେ ନାହିଁ। ଯଦି କୌଣସି ବ୍ୟକ୍ତି ଚାକିରୀ ପାଇଁ ଅର୍ଥ ଆଦାୟ କରନ୍ତି, ତେବେ ତୁରନ୍ତ ଆମ ଅଫିସ ନମ୍ବରରେ ଯୋଗାଯୋଗ କରନ୍ତୁ।

**SAIRAM TECHNOLOGY & SOLUTIONS**
Plot No. 3660, 2nd Floor, Prachi Vihar, Lane -1, Palasuni, Bhubaneswar
Web : www.srtechnologyandsolutions.com
Email: hr@srtechnologyandsolutions.com
Phone : 9776064677


**BIJAY CHAND SANSKRIT COLLEGE**
SAMAGOL, KUJANG, JAGATSINGHPUR, PIN - 754141
Mob.No.: 9861228204
Email: principalbcsc2017@gmail.com
Notice No. 25/2025 / Date: 30/05/2025

**QUOTATION CALL NOTICE**

Sealed cover quotations along with requisite documents are invited by the undersigned from GST registered firms/agencies and organization for Procurement of I.T Equipment like Desktop Computers, UPS Systems, Multifunction Printers (MFM), LED TVs (65-Inch), wireless mice, cameras for virtual meetings and Internet facilities etc. should reach in the office of the undersigned on or before 10/06/2025 at 1.00 P.M, which will be opened on the same day dt. 10/06/2025 at 2.00 P.M.The authority reserves the right to accept or reject any or all quotations without assigning any reason thereof.

Sd/- Principal
Bijay Chand Sanskrit College
Samagol, Kujang, Jagatsinghpur

**ଉପଜିଲ୍ଲାପାଳ-ତଥା-ନିର୍ବାହୀ ଅଧିକାରୀ ଦେବୋଉର, ରେଢ଼ାଖୋଲ**
ବିଜ୍ଞାପନ ସଂଖ୍ୟା ୩୮୨୪ ଦେବୋଉର / ତାରିଖ ୨୮.୦୫.୨୦୨୫

ଏତଦ୍ଦ୍ୱାରା ରେଢ଼ାଖୋଲ ଉପଖଣ୍ଡ ର ସମସ୍ତ ଦୋକାନୀ ଓ ଜନସାଧାରଣ ମାନଙ୍କ ଅବଗତି ନିମନ୍ତେ ଜଣେଇ ଦିଆଯାଉଅଛି ଯେ ଜଗନ୍ନାଥ ମନ୍ଦିର ର ପଶ୍ଚିମ-ଦକ୍ଷିଣ ପାର୍ଶ୍ୱରେ ନିର୍ମିତ ହୋଇଥିବା ୩ ଗୋଟି ଦୋକାନ ଘର ଗୁଡିକ ଅମାନତ ରାଶି (security ) ବାବଦ କୁ ଟ ୧୦୦୦୦୦/- (ଏକଲକ୍ଷ ଟଙ୍କା) ଓ ମାସିକ ଭଡା ଟ ୧୫୦୦/- (ଏକହଜାର ପଞ୍ଚଶହ ଟଙ୍କା) ସୂତ୍ର ରେ ଆବଣ୍ଟନ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଅଛି। ଉକ୍ତ ଦୋକାନ ଘର ଆବଣ୍ଟନ ସମ୍ପର୍କିତ ବିସ୍ତୃତ ନିୟମାବଳୀ ଓ ସର୍ତ୍ତାବଳୀ ସହିତ ଦରଖାସ୍ତ ଫର୍ମ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ରେ ଉପଲବ୍ଧ ହେବ। ଇଚ୍ଛୁକ ବ୍ୟକ୍ତି ବିଶେଷ ଦୋକାନଘର ପାଇଁ ବିଜ୍ଞପ୍ତିପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ନିର୍ଦ୍ଧାରିତ ଦରଖାସ୍ତଫର୍ମରେ ଆବଶ୍ୟକୀୟ ତଥ୍ୟ ଓ କାଗଜାତ ସହ ଆବେଦନ କରିପାରିବେ।

ଦୋକାନଘର ଆବଣ୍ଟନ ସମ୍ପର୍କରେ ଉପଜିଲ୍ଲାପାଳ ତଥା ନିର୍ବାହୀଅଧିକାରୀ ଦେବୋଉର,ରେଢ଼ାଖୋଲ କୌଣସି କାରଣ ନଦର୍ଶାଇ ଉକ୍ତ ଦୋକାନଘର ଆବଣ୍ଟନ ପ୍ରକ୍ରିୟାକୁ ରଦ କରିପାରିବେ।

ଉପଜିଲ୍ଲାପାଳ-ତଥା-ନିର୍ବାହୀଅଧିକାରୀ
ଦେବୋଉର,ରେଢ଼ାଖୋଲ

**THE BISRA STONE LIME COMPANY LTD.**
CIN: L14100OR1910GOI033904
Regd. Office :Plot No:255, Pristine Green, Pokhariput, Bhubaneswar-751020.

**Statement of Audited Financial Results For Quarter and Year Ended 31st March '2025**

(Rs in lakhs)

| Sl No. | Particulars | Quarter Ended 31.03.2025 (Reviewed) | Quarter Ended 31.03.2024 (Reviewed) | Year Ended 31.03.2025 (Audited) | Year Ended 31.03.2024 (Audited) |
|---|---|---|---|---|---|
| 1 | Total Income from Operation (including Other Income) | 1,467.84 | 1,983.65 | 6,260.56 | 8,531.30 |
| 2 | Net Profit / (Loss) for the period (Before Tax, exceptional and / or extra ordinary items) | (19.77) | (1,052.42) | 671.34 | 232.65 |
| 3 | Net Profit / (Loss) for the period Before Tax (after exceptional and / or extraordinary items) | (19.77) | (1,052.42) | 671.34 | 232.65 |
| 4 | Net Profit / (Loss) for the period after Tax (after exceptional and / or extra ordinary items) | (15.24) | (1,055.94) | 438.51 | 229.13 |
| 5 | Total Comprehensive income for the period [comprising profit / (loss) for the period(after tax) and other comprehensive income (after tax)] | 39.18 | (1,108.42) | 492.93 | 176.65 |
| 6 | Paid up Equity Share Capital (Face Value Rs. 10/- each) | 8,728.63 | 8,728.63 | 8,728.63 | 8,728.63 |
| 7 | Other Equity (Excluding Revaluation Reserve as per Balance Sheet) | (21,180.29) | (21,673.22) | (21,180.29) | (21,673.22) |
| 8 | Earning per share (Rs) | | | | |
| | (i) Basic: | (0.02) | (1.21) | 0.50 | 0.26 |
| | (ii) Diluted: | (0.02) | (1.21) | 0.50 | 0.26 |

1. The above results of the Company were approved by the Board of Directors at their respective meetings held on 30.05.2025
2. The above is the extract of the detail format of Financial Result filed with the Stock Exchange under Regulation 33 and 52 of the SEBI (Listing Obligations and Disclosure Requirements) Regulations, 2015.

For and on behalf of the Board of Director
Sd/-
(A.K.Bagchi)
Managing Director-BSLC

Place: Visakhapatnam
Date: 30th May '2025

**OFFICE OF THE PRINCIPAL PANCHAYAT SAMITI DEGREE COLLEGE, BANGOMUNDA, DIST. BALANGIR (ODISHA) PIN – 767040**
Mob: 9078208298

**TENDER CALL NOTICE**

Sealed tender are hereby invited from the intending manufacturers/ authorized stockists/ Distributors for supply of following items for upgrading I.T. infrastructure at Panchayat Samiti Degree College, Bangomunda, Dist. Balangir. The details specification and guideline may be refer to Govt. of Odisha, Deptt. of Higher Education vide Letter No. 12655 Dated 05.03.2025

| Sl No. | ITEM/ DESCRIPTION | Quantity |
|---|---|---|
| 1 | DESKTOP ( Intel I3 (13100) or Higher, Chipset – Intel H770 or Higher, OS- Windows – 11 Home Factory Preloaded), Intel UHD Graphics 770 or higher, 512 GB NVMe SSD, 19.5" LED Display with CTO Certified same must be belongs to the same OEM, KEYBOARD, MOUSE | 12 |
| 2 | UPS – 600VA/ 360W, 230 VAC nominal, | 12 |
| 3 | MFM Printer (Print, Scan and Copy) A4 and Legal, Print Speed – 26 to 30, Auto Duplexing Printing (2 sided printing) | 02 |
| 4 | LED TV 65" (350 Nits or better), HDR10, HLG, Speaker Position – Down firing (10W + 10W), Android TV, Storage 16 GB, RAM – 3GB, WiFi, LAN | 01 |
| 5 | Wireless Mice and Camera ( Logitech Master Series Graphite MX Brio 4K Ultra HD Web Camera) for virtual meeting | 01 |
| 6 | Internet Facilities | |

The eligible bidders may submit their tender paper on or before 09.06.2025 by 5 PM through Regd. Post/ Speed Post/ Email: psdegreecollegebangomunda@gmail.com the undersigned reserves the right to cancel part or hole of tender/ quotation without specifying any reason thereof.

Sd/- Principal

**GOVERNMENT OF ODISHA** A-233
**OFFICE OF THE EXECUTIVE ENGINEER**
Tel Irrigation Division, Sonepur
Email: eeteldivn2022@gmail.com

**E-Procurement Notice No. EE, TID, SNP-03/2025-26**

The **Executive Engineer, Tel Irrigation Division, Sonepur** on behalf of Governor of Odisha invites online **Percentage rate** tenders in **single cover** system to be received in **online mode** only for the works as detailed below.

| | | |
|---|---|---|
| 1 | Name/Nature of the work | Canal Lining & Canal structure works |
| 2 | No of Works | 12 Nos |
| 3 | Class of Contractor | As mentioned in Col. No. 4 of NIT |
| 4 | Bid Identification No. | EE, TID, SNP -03/2025-26 |
| 5 | Estimated Cost(Approximate) | From Rs. 5.20 lakhs to Rs 11.10 Lakhs |
| 6 | Period of Completion | As per mentioned in Col No. 7 of NIT |
| 7 | Date & time of availability of bid documents in the Portal. | **From 03.06.2025 (10.00 AM) to 17.06.2025 ( 05.30 PM)** |
| 8 | Last date/time for receipt of bids in the Portal | **In portal -17.06.2025 from 10.00 A.M up to 05.30 P.M.** |
| 9 | Date of Opening of Bid | **On Date 18.06.2025 (11.00 AM onwards in the Office of the undersigned)** |
| 10 | Name of the Officer inviting Bid | **Executive Engineer, Tel Irrigation Division, Sonepur (Dist.-Subarnapur)** |

Further details can be seen from the e-Procurement portal https://tendersodisha.gov.in.

Executive Engineer
Tel Irrigation Division,
Sonepur

OIPR-32362/11/0007/2526


**SALE**

Booking Open 2/3 BHK Flats Price Starts from 60 Lakhs BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara & Ready to move 3 BHK Flats BHPL ARYA, Ghatikia & R.J Palace, Samantarapur, Bhubaneswar.

Contact
**GADHWAL GROUP**
**Mob.: 9437015112**


**AFFIDAVIT**

I, Prem Kumar Agarwal S/o- Late Sawarmal Agarwal, resident of ward no 18, Shri Ram colony, PO/PS-Rajgangpur Dist-Sundergarh, Pin - 770017 Odisha declare by this affidavit No.121, dtd- 30.05.2025 that now onwards I shall be known as **PREM CHAND AGARWAL** for all future purposes.

**AFFIDAVIT**

I, Alok Swain, aged about 47 years, S/o- Muralidhar Swain, resident of At- Plot No- 513 B, Nua Sahi, Po/Ps- Nayapalli, Bhubaneswar, Dist-Khurda, Odisha, Pin-751012, do hereby declare by this affidavit No. 1091, dtd. 31/05/2025 that now onwards I shall be known as **ALOK KUMAR SWAIN** for all future purposes.

**AFFIDAVIT**

I, Basanti Sahu, aged about 40 years, W/o-Ganeswar Sahoo, resident of At/Po-Nembara, Dist-Kendrapara, PIN-754212, Odisha declared by this affidavit No. 472, dtd- 30/05/2025 that now onwards I shall be known as **BASANTI SAHOO** for all future purposes.

**AFFIDAVIT**

By virtue of an affidavit sworn before The Executive Magistrate, Gania on dated-30/05/2025. I, **Umamani Sahoo,** aged about 65 year, W/o- Late Kashinath Sahoo, Address: Vill/Po/Ps- Gania, Dist- Nayagarh, Odisha that my actual name is Umamani Sahoo as per my Aadhar Card and Voter ID Card my name mentioned as Matiani Sahoo. **Umamani sahoo and Matiani Sahoo** are same and one person. Henceforth, I will be known as **Umamani Sahoo** in all future purposes.

**Umamani Sahoo**

**AFFIDAVIT**

By virtue of an affidavit sworn before The Notary Public, Swampatna, Keonjhar on dated- 31/05/2025. I, **Sabitri Mahanta,** W/o- Bata Krushna Mahanta, Address: At- Nuapada, PO-Tangarpada, PS- Patna, Dist-Keonjhar, Odisha declare that I have changed my name from **Debaki Mahanta To Sabitri Mahanta.** Henceforth, I shall be known as **Sabitri Mahanta** for all future purposes.

**Sabitri Mahanta**

**AFFIDAVIT**

I, Sk Mahasim Mohammad, S/o- Sk Nasim Mohammad, resident of Fazalpur, Po/Ps- Korei, Dist-Jajpur, Pin-755022 Odisha declare by this affidavit No.5243 dtd.-29/05/2025 that now onwards I shall be known as **SK MOHSIM MOHAMMAD** for all future purposes.

**AFFIDAVIT**

I, Dolagobinda Sahu, aged about 85 years, S/o- Dadhi Sahoo, resident of At/Po-Nembara, Dist-Kendrapara, PIN- 754212, Odisha declared by this affidavit No. 471, dtd-30/05/2025 that now onwards I shall be known as **DOLAGOBINDA SAHOO** for all future purposes.

**AFFIDAVIT**

By Virtue of an affidavit No: 1526, Dtd 30.05.2025 in the court of Executive Magistrate, Phulbani, Dist: Khandhamal, I, Baibasut Kanhar have changed my name from Mamita Kanhar to Baibasut Kanhar. Henceforth I shall be known as **Baibasut Kanhar** instead of Mamita Kanhar for all purpose.

Sd/- Baibasut Kanhar

**AFFIDAVIT**

I, KUNI LATA NAYAK, W/O- BABULAL NAYAK OF VILL- SUSHILADEIPUR, P.O- RAMBHILA, P.S- BHADRAK (R), DIST- BHADRAK, PIN- 756111, DECLARE BY THIS AFFIDAVIT NO-5954, 27-05-2025, THAT NOW ONWARDS . MY DAUGHTER NAME WRONGLY MENTIONED AS AADHAAR CARD NO- 9158 7012 3049 PRAGYAN NAYAK . SHE SHALL BE KNOWN AS PRIYANKA NAYAK FOR ALL PURPOSES .

**AFFIDAVIT**

I, Jyotshna Rani Sahu, W/o- Trilochan Sahu resident of At- Benagudia, Po- Radhaballavpur, Ps-Soro, Dist- Balasore, Odisha - 756045 declared by this affidavit before the Court of Executive Magistrate, Soro No.2232 / dtd-14/05/2025 that, changed my Name Jyotsna Sahu to Jyotshna Rani Sahu. I will be known as **Jyotshna Rani Sahu** instead of Jyotsna Sahu in all respect for all purpose.

**AFFIDAVIT**

By virtue of an affidavit before Executive Magistrate, Bhubaneswar, I, Mausumi Mahapatra, D/o- Akhaya Kumar Mahapatra permanent resident of Plot No. 25/1981, Unit-7, Ganganagar, OUAT Hostel No.9, Ps.- Khandagiri, Bhubaneswar, Odisha, PIN- 751003 state that, my former name was **Mousumi Mahapatra** which has been corrected to **Mausumi Mahapatra**. So **Mousumi Mahapatra** and **Mausumi Mahapatra** is one and same person. Henceforth I will be known as **Mausumi Mahapatra** for all future purposes.

**AFFIDAVIT**

I, Rashmi Agrawal W/o Rohit kumar agarwal, resident of Flat no- 104 B block, Goodwill residency, Jharpada, Bhubaneswar, Dist Khorda, Pin-751006 Odisha declare by this affidavit No.117 dtd- 30.05.2025 that now onwards I shall be known as **RASHMI AGARWAL** for all future purposes.

**AFFIDAVIT**

I P.UMA MAHESWARI ,W/o Peddina Shanamukha Babu, resident of at Trinath Mandir Street, Po- Jayanagar, Ps.: Jeypore, Dt.: Koraput, Odisha -764005 declare by this Affidavit No.2523, Dated - 29/05/2025, that now onwards I shall be known as **PEDDINA UMA MAHESWARI** for all future purpose.

**AFFIDAVIT**

I, Rohit Agrawal s/o Prem chand Agarwal, resident of Flat no- 104 B block, Goodwill residency, Jharpada, Bhubaneswar, Dist Khorda, Pin-751006 Odisha declare by this affidavit No.118 dtd- 30.05.2025 that now onwards I shall be known as **ROHIT KUMAR AGARWAL** for all future purposes.

**AFFIDAVIT**

I, Mahak Agrawal D/o. Rohit kumar Agarwal, resident of Flat no- 104 B block, Goodwill residency, Jharpada, Bhubaneswar, Dist Khorda, Pin - 751006 Odisha declare by this affidavit No.119 dtd- 30.05.2025 that now onwards I shall be known as **MAHAK AGARWAL** for all future purposes.

**AFFIDAVIT**

I, Ganeswar Sahu, aged about 41 years, S/o- Dolagobinda Sahoo, resident of At/Po-Nembara, Dist-Kendrapara, PIN-754212, Odisha declared by this affidavit No. 475, dtd- 30/05/2025 that now onwards I shall be known as **GANESWAR SAHOO** for all future purposes.

## ଆଖଣ୍ଡଳମଣିଙ୍କ ଶିବବିବାହ

# ରାଜରାଜେଶ୍ୱର ବେଶରେ ଦର୍ଶନ ଦେଲେ ବାବାମଣି

ଭଦ୍ରକ/ଆରଡ଼ି, ୩୧।୫(ସମିସ)



ବାବା ଆଖଣ୍ଡଳମଣିଙ୍କ ପ୍ରସିଦ୍ଧ ଶିବବିବାହ ପାଇଁ ଶନିବାର ଉତ୍ସବମୁଖର ହୋଇ ଉଠିଥିଲା ଆରଡ଼ିପୀଠ। ମଧ୍ୟରାତ୍ରରେ ବିବାହ ବନ୍ଧନରେ ବାନ୍ଧି ହେଲେ ଦେବଦମ୍ପତି। ବୈଦିକ ରୀତିନୀତି ଓ ଲୋକାଚାରରେ ମାନବୀୟ ଲିଳା ଭାବେ କନ୍ୟାପିତା ବିଶ୍ୱଜିତ ପାଢ଼ୀଙ୍କ ପକ୍ଷରୁ ବାବାମଣିଙ୍କୁ ବରଣ ନିମନ୍ତେ ପାର୍ବତୀଙ୍କ ଭାଇ ଭାବେ ପବନପୁତ୍ର ହନୁମାନ ବରଧରା ରୂପେ ଏକ ବର୍ଣ୍ଣାଢ଼୍ୟ ଶୋଭାଯାତ୍ରାରେ ବାହାରି ପୀଠ ଓ ମୁଖ୍ୟ ବଜାର ପରିକ୍ରମା କରିବା ପରେ ବରପିତା ଆଲୋକ ପଣ୍ଡାଙ୍କ ଘରେ ପହଞ୍ଚିବା ପରେ ବ୍ରାହ୍ମଣ ଓ ଜ୍ୟୋତିଷଙ୍କ ଦ୍ୱାରା ବରଣ କରାଯାଇଥିଲା। ଏହି ଶୋଭାଯାତ୍ରରେ ଢେଙ୍କାନାଳର ଦୁଲୁଦୁଲି ବାଦ୍ୟ ସାଙ୍ଗକୁ ରାଜସ୍ଥାନ ଅଘୋରୀ ନୃତ୍ୟ, ବ୍ରହ୍ମପୁରର ଯୋଡ଼ିଶଙ୍ଖ, କଙ୍କାଳ ନୃତ୍ୟ, କଲିକତା ମେଦିନପୁରର ମୟୁରଚୂଳିଆ ବାଦ୍ୟ, କେନ୍ଦୁଝରର କଳସ ନୃତ୍ୟ, ଦେବଗଣଙ୍କ ସହ ବିଭିନ୍ନ ଜିଲ୍ଲାରୁ ଆସିଥିବା ସଂକୀର୍ତ୍ତନ ମଣ୍ଡଳୀ, ଘଣ୍ଟବାଦ୍ୟକାର ମାନେ ଯୋଗ ଦେଇଥିଲେ। ଅପରାହ୍ଣ ୪ଟାରେ ମଣିବାବା ଓ ମାତା ପାର୍ବତୀଙ୍କୁ ରାଜରାଜେଶ୍ୱର ବେଶରେ ସଜ୍ଜିତ କରାଯିବା ପରେ ବରପିତା ଓ କନ୍ୟାପିତାଙ୍କ ପକ୍ଷରୁ ଦିଅଁ ମଙ୍ଗୁଳା ଓ ହଳଦୀପାଣି ନୀତି କରାଯାଇଥିଲା। ସନ୍ଧ୍ୟା ୭ଟାରେ ଦେବଦେବ ମହାଦେବ ବର ରୂପେ ବିମାନରେ ବିଜେ କରି ବରାନୁଗମନ ଶୋଭାଯାତ୍ରାରେ ବାହାରିଥିଲେ। ଏହି ଶୋଭାଯାତ୍ରରେ ଭକ୍ତ ଓ ଭଗବାନଙ୍କର ମହାମିଳନ ହୋଇଥିଲା। ରାତ୍ର ୧ଟା ଯାଏଁ ଶୋଭାଯାତ୍ରା ଚାଲିବା ପରେ ମନ୍ଦିର ସମ୍ମୁଖରେ ନିର୍ମିତ ବିବାହ ମଣ୍ଡପରେ ଦେବଦମ୍ପତିଙ୍କର ବିବାହ କାର୍ଯ୍ୟ ଲୋକାଚାରରେ ଅନୁଷ୍ଠିତ ହୋଇଥିଲା। ଦେବଦମ୍ପତିଙ୍କ ବିବାହ ଉତ୍ସବ ଦେଖିବା ପାଇଁ ୪୦ହଜାରରୁ ଉର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥିଲା ପୀଠରେ। ଭିଡକୁ ଦୃଷ୍ଟିରେ ରଖି ଜିଲା ଓ ମନ୍ଦିର ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିବା ବେଳେ ପୁଲିସ ପ୍ରଶାସନ ପକ୍ଷରୁ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ଏଥିସହ ବାବାମଣି ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟାପକ ବିଜୟ କୁମାର ଦାଶଙ୍କ ତ୍ୱତାବୋଧନରେ ୪୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ସେବା ଯୋଗାଇଥିବା ବେଳେ ପୀରାହାଟର ପ୍ରଦେଶ ସେବା ସଂଗଠନ, ସତ୍ୟସାଇ ସେବା ସଂଗଠନ ଆଦି ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ସେବା ଯୋଗାଇ ଦିଆଯାଇଥିଲା।

- ବରାନୁଗମନ ଶୋଭାଯାତ୍ରାରେ ଯୋଗ ଦେଲା ୪୦ହଜାର ଶ୍ରଦ୍ଧାଳୁ
- ଅଘୋରୀ ନୃତ୍ୟ ଓ ବାଦ୍ୟରେ ଦୁଲୁକିଲା ପୀଠ

## ପ୍ରତାପ ଓ ବିଜୟଙ୍କୁ ଧାମନଗର ବିଜେଡି ଦାୟିତ୍ୱ



**ଧାମନଗର/ଦୋବଲ, ୩୧।୫(ସମିସ):** ଧାମନଗର ବ୍ଲକ ବିଜେଡି ସଭାପତି ଭାବରେ ଦୋବଲ ଜୋନର ବିଜେଡି ବରିଷ୍ଠ ସୁସଂଗଠକ ତଥା ବର୍ତ୍ତମାନର ଦୋବଲ ଜୋନ ଜିଲ୍ଲା ପରିଷଦ ସଭ୍ୟାଙ୍କ ପ୍ରତିନିଧି ପ୍ରତାପ ସାମଲଙ୍କୁ ନିର୍ବାଚିତ ହୋଇଛନ୍ତି। ସେହିପରି ଧାମନଗର ଏନ୍ଏସି ବିଜେଡି ସଭାପତି ଭାବରେ ଯୁବ ସୁସଂଗଠକ ବିଜୟକେତନ ସାହୁ ନିର୍ବାଚିତ ହୋଇଛନ୍ତି। ଜିଲ୍ଲା ନିର୍ବାଚନ ଅଧିକାରୀ ପବନ କୁମାର ଶର୍ମା ବିଧିବଦ୍ଧ ଭାବେ ଏହା ଘୋଷଣା କରିଛନ୍ତି। ବ୍ଲକ ଓ ଏନଏସିର ୨ଜଣ ନବ ନିଯୁକ୍ତ ସଭାପତିଙ୍କୁ ଧାମନଗର ବ୍ଲକ ଏବଂ ନଗର ବିଜେଡି ତରଫରୁ ସ୍ୱାଗତ କରିବା ସହ ଶୁଭେଚ୍ଛା, ଅଭିନନ୍ଦନ ଓ ଶୁଭକାମନା ଜଣାଯାଇଛି। ଦଳର ରାଜ୍ୟ ସଭାପତି ନବୀନ ପଟ୍ଟନାୟକ, ଜିଲ୍ଲା ସଭାପତି ଜଗନ୍ନାଥ ସ୍ୱାଇଁ, ଜିଲ୍ଲାର ସମସ୍ତ ନେତୃମଣ୍ଡଳୀଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହିତ ବିଜୁ ଜନତା ଦଳକୁ ତଳସ୍ତରରେ ଆହୁରି ମଜବୁତ କରିବା ପାଇଁ ଉଦ୍ୟମ କରାଯିବ ବୋଲି ଶ୍ରୀ ସାମଲ ଓ ଶ୍ରୀ ସାହୁ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

## ସୁରେନ୍ଦ୍ର ନାୟକ ତିହିଡି ବ୍ଲକ ବିଜେଡି ସଭାପତି



**ତିହିଡ଼ି, ୩୧।୫(ସମିସ):** ବରିଷ୍ଠ ବିଜେଡି ନେତା ତଥା ପୂର୍ବତନ ଜିଲ୍ଲା ଉପସଭାପତି ସୁରେନ୍ଦ୍ର କୁମାର ନାୟକଙ୍କୁ ତିହିଡ଼ି ବ୍ଲକ ବିଜେଡି ସଭାପତି ଭାବେ ମନୋନୀତ କରାଯାଇଛି। ପୂର୍ବରୁ ରଘୁନାଥ ପଣ୍ଡା ସଭାପତି ଥିବା ବେଳେ ତାଙ୍କର ପରଲୋକ ପରେ ଏହି ପଦବୀ ଫାଙ୍କା ପଡ଼ିଥିଲା। ତିହିଡ଼ି ବ୍ଲକରେ ଚାନ୍ଦବାଲି, ବାସୁଦେବପୁର ଓ ଧାମନଗର ତିନି ନିର୍ବାଚନ ମଣ୍ଡଳୀ ରହିଥିବା ବେଳେ ନବ ନିଯୁକ୍ତ ସଭାପତି ସୁରେନ୍ଦ୍ର କୁମାର ନାୟକ ନିଜର ଅଭିଜ୍ଞତା ଓ ସମ୍ପର୍କ ଆଧାରରରେ ବିଜେଡିକୁ ଅଧିକ ସୁଦୃଢ଼ କରିପାରିବେ ବୋଲି ଆଶା ପ୍ରକଟ କରିଛନ୍ତି। ସେ ପୂର୍ବରୁ ବ୍ଲକ ସଭାପତି, ସରପଞ୍ଚ ତଥା ଲଗାତାର ତିନିଥର ସାଂସଦଙ୍କର ପ୍ରତିନିଧି ରହିଥିଲେ।

## ଚାନ୍ଦବାଲିରେ ବିଜେଡି ସଭାପତିଙ୍କୁ ସମ୍ବର୍ଦ୍ଧିତ



**ଭଦ୍ରକ, ୩୧।୫(ସମିସ):** ଚାନ୍ଦବାଲି ବିଜେଡି ଅଫିସରେ ୨ନୂତନ ବିଜେଡି ସଭାପତିଙ୍କ ଉପଲକ୍ଷେ ଏକ ସମ୍ବର୍ଦ୍ଧିତ ସଭା ଅନୁଷ୍ଠିତ ହୋଇଯାଇଛି। ଚାନ୍ଦବାଲି ବ୍ଲକ ସଭାପତି ଭାବେ ପ୍ରତାପ ଚନ୍ଦ୍ର ଧଳ ଓ ଚାନ୍ଦବାଲି ଏନ୍ଏସିରେ ସଭାପତି ଭାବେ ଦ୍ୱିଜବର ରାଉତଙ୍କୁ ନିର୍ବାଚିତ କରାଯାଇଛି। ଏହି ଉପଲକ୍ଷେ ହୋଇଥିବା ସଭାରେ ବ୍ଲକ ଅଧକ୍ଷା ମିନତୀ ସୁତାର ଏବଂ ଏନ୍ଏସି ଅଧକ୍ଷା ଶାନ୍ତିଲତା ସେଠୀ ଉଭୟଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ଏହି ସଭାରେ ନରେଶ ମାଝୀ, ଶରତ ସାହୁ, ଖଗେଶ୍ୱର ବଳ, ସରୋଜ ବଳ, ଟୁନା ଦାସଙ୍କ ସହ ବହୁ ବିଜେଡି କର୍ମୀ ଉପସ୍ଥିତ ଥିଲେ। ଖଗେଶ୍ୱର ବଳ ଧନ୍ୟବାଦ ଅର୍ପଣ କରିଥିଲେ। ସେହିଭଳି ବିଜେଡି ର ସରପଞ୍ଚ, ସମିତି ସଭ୍ୟ-ସଭ୍ୟା ମାନେ ଉପସ୍ଥିତ ରହି ନୂତନ ୨ସଭାପତି ଙ୍କୁ ଶୁଭେଚ୍ଛା ଜଣାଇଥିଲେ।

## ଗୋଟିଏ ରାତିରେ ୩ ଘରୁ ସିରିଜ ଚୋରି

**ଭଦ୍ରକ, ୩୧।୫(ସମିସ):** ଗୋଟିଏ ଗାଁ ର ୩ ଘରୁ ଚୋରି। ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ରାଜପୁର ଗାଁରେ ଶୁକ୍ରବାର ରାତିରେ ସିରିଜ୍ ଲୁଟ ହୋଇଛି। ଚିନ୍ତାମଣି ଜେନା, ଲମ୍ବୋଦର ଦାସଙ୍କ ଘରର ଝରକା ଭାଙ୍ଗି, ଗ୍ରୀଲ୍ କାଟି ଭିତରେ ପଶିଥିଲେ ଲୁଟେରା। ତେବେ ଘର୍ ଗୁଡ଼ିକ ରେ ଲୁଟ ପୂର୍ବରୁ ଘର୍ ର ସମସ୍ତ କବାଟ ଓ ଗ୍ରିଲ୍ ଗୁଡ଼ିକୁ ବାହାରୁ ବାନ୍ଧି ଦେଇଥିଲେ ଲୁଟେରା। ପରେ ଝରକା ଗୁଡ଼ିକୁ ଭାଙ୍ଗିବା ସହ ଝରକା ଗ୍ରିଲ୍ ତାଡ଼ି ଲୁଟ କରିଛନ୍ତି। ଘର୍ ଭିତରେ ଥିବା ଗୋଦ୍ରେଜ୍ ଭଙ୍ଗିବା ସହ ଅନ୍ୟ ଆସବାବପତ୍ର ଭାଙ୍ଗି, ସୁନା ଗହଣା ଓ ଟଙ୍କା ମଧ୍ୟ ଲୁଟ ହେଇଛି। ଗେଟ ଗୁଡ଼ିକ ବାହାରୁ କପଡ଼ାରେ ବନ୍ଧା ହୋଇଥିବାରୁ ଲୁଟ୍ର ଶିକାର ପରିବାର ମାନେ ସକାଳୁ ଘର ବାହାରକୁ ବାହାରି ନ ପାରି ପଡୋଶୀ ଓ ସମ୍ପର୍କୀୟ ଙ୍କୁ ଖବର ଦେଇଥିଲେ। ଅନ୍ୟ ମାନେ ଗେଟ ବାହାରୁ ଖୋଲିବା ପରେ ଲୁଟ ହୋଇଥିବା ନେଇ ଜାଣି ଥିଲେ ଲୋକେ। ଘଟଣାକୁ ନେଇ ଭଦ୍ରକ ଗ୍ରାମାଞ୍ଚଳ ଥାନାରେ ଲିଖିତ ଅଭିଯୋଗ ହୋଇଥିବା ବେଳେ ପୋଲିସ ତଦନ୍ତ ଆରମ୍ଭ କରିଛି।

## ଅଗ୍ନିକାଣ୍ଡରେ ଜଳିଗଲା ୪ ବଖରା

**ବାସୁଦେବପୁର, ୩୧।୫(ସମିସ):** ବାସୁଦେବପୁର ବ୍ଲକର ସୁଗୋ ପଞ୍ଚାୟତର ପାତ୍ରସାହିର ଗତକାଲି ଅଗ୍ନିକାଣ୍ଡରେ ୪ ବଖରା ଘର ଜଳି ପାଉଁଶ ହୋଇ ଯାଇଛି। ପାତ୍ରସାହିର ଉମାକାନ୍ତ ପାତ୍ରଙ୍କ ପୁତ୍ର ଖଗେଶ୍ୱର ପାତ୍ର, ଦୀନବନ୍ଧୁ ପାତ୍ର ଓ ଦୈତାରୀ ପାତ୍ରଙ୍କ ଏକ ଚାଳ ଘରେ ୩ଟି ପରିବାର ରହୁଥିଲେ। ଗତକାଲି ବିଦ୍ୟୁତ ସର୍ଟସର୍କିଟ ଯୋଗୁଁ ଘରେ ନିଆଁ ଲାଗିଯାଇଥିଲା। ଚାହୁଁ ଚାହୁଁ ସବୁ ଜଳି ପାଉଁଶ ହୋଇ ଯାଇଥିଲା। ସ୍ଥାନୀୟ ଲୋକମାନେ ଗୋରୁଗାଈ ଫିଟାଇ ଦେବାରୁ ଅଳ୍ପକେ ରକ୍ଷା ପାଇଯାଇଛନ୍ତି।

## କାର୍‌କୁ ପିଟିଲା ଟ୍ରକ୍, ଅଳ୍ପକେ ବର୍ତ୍ତିଲେ ଯାତ୍ରୀ

**ବାରିକପୁର, ୩୧।୫(ସମିସ):** ଭଣ୍ଡାରିପୋଖରୀ ବ୍ଲକ ୧୬ନଂ ଜାତୀୟ ରାଜପଥର ବିଷ୍ଣୁପୁର ଓଭରବ୍ରିଜ ଠାରେ ଏକ କାରକୁ ଗୋଟିଏ ହାଇୱା ଟ୍ରକ ଧକ୍କା ଦେଇଥିବା ଜଣାପଡ଼ିଛି। ମିଳିଥିବା ସୂଚନା ଅନୁଯାୟୀ ଓଡି ୧୦ଏକ୍ସ ୭୦୮୫କାରଟି ଭଦ୍ରକ ପଟୁ ଭୁବନେଶ୍ୱର ଅଭିମୁଖେ ଯାଉଥିଲା। ମଧ୍ୟାହ୍ନ ୧୨ଟା ୩୦ରେ ଏକ ଦ୍ରୁତଗାମୀ ଟ୍ରକ କାର ପଛପଟୁ ଧକ୍କା ଦେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ସ୍ଥାନୀୟଲୋକେ ତତକ୍ଷଣାତ ଘଟଣା ସ୍ଥଳରେ ପହଞ୍ଚି ୩ଜଣଙ୍କ ସମେତ ଗୋଟିଏ ଛୋଟ ପିଲାକୁ ଉଦ୍ଧାର କରିଥିଲେ। କାରଟି ସମ୍ପୂର୍ଣ୍ଣ ଓଲଟି ପଡ଼ିଥିବା ବେଳେ ଏଥିରେ ଯାତ୍ରା କରୁଥିବା ଚାରିଜଣ ଯାତ୍ରୀ ସୁରକ୍ଷିତ ଥିବା ଜଣାପଡ଼ିଛି।

## ବାଲି ବୋଝେଇ ଡମ୍ଫର ଧକ୍କାରେ ଗାଈ ମୃତ

**ମଞ୍ଜୁରୀ ରୋଡ, ୩୧।୫(ସମିସ):** ଭଣ୍ଡାରିପୋଖରୀ ୧୬ନଂ ଜାତୀୟ ରାଜପଥର ପାଳଦା ବାଙ୍କ ନିକଟସ୍ଥ ଚକବନ୍ଦୀ ଛକ ଠାରେ ଏକ ବାଲି ବୋଝେଇ ଡ଼ମ୍ଫର ଧକ୍କା ଦେବାରୁ ଗୋଟିଏ ଗର୍ଭବତୀ ଗାଈର ଶୋଚନୀୟ ମୃତ୍ୟୁ ଘଟିଛି। ପ୍ରାପ୍ତ ସୂଚନା ଅନୁଯାୟୀ ସ୍ଥାନୀୟ ପାଳଦା ଗ୍ରାମର ଜନୈକ ଗୃହସ୍ଥଙ୍କ ଗାଈଟି ଚାଷ ଜମିରୁ ଚାରଣ ସାରି ଫେରୁଥିବା ବେଳେ ଦୁର୍ଘଟଣାର ଶିକାର ହୋଇଥିଲା। ଟ୍ରକ ଧକ୍କା ଯୋଗୁଁ ଗାଈ ଦେହର ବିଭିନ୍ନ ଜାଗାରେ ଗଭୀର କ୍ଷତ ହୋଇଥିଲା। ଦୁର୍ଘଟଣାର କିଛି ସମୟ ପରେ ଘଟଣାସ୍ଥଳରେ ହିଁ ଗୋ ଦେବତାର ପ୍ରାଣବାୟୁ ଉଡିଯାଇଥିଲା।

# ଶଶୁର ଘରେ ଜ୍ୱାଇଁଙ୍କୁ ବିଷ ଦେଇ ହତ୍ୟା ଅଭିଯୋଗ

**ଭଦ୍ରକ/ବାସୁଦେବପୁର, ୩୧।୫(ସମିସ):** ଭଦ୍ରକ ଜିଲ୍ଲା ବାସୁଦେବପୁର ପୌରାଞ୍ଚଳ ୧ନମ୍ବର ୱାର୍ଡ ରାଧାନାଥପୁର ଭୀମ ଗିରିଙ୍କ ପୁଅ ପବିତ୍ର ଗିରି ଶଶୁର ଘରକୁ ଯାଇଥିବା ବେଳେ ବିଷ ଦେଇ ଶଶୁରଘର ଲୋକ ମାରି ଦେଇଥିବାର ଚୂଡାମଣୀ ସାମୁଦ୍ରିକ ଥାନାର ଅଭିଯୋଗ ହୋଇଛି। ଭୀମ ଗିରିଙ୍କ ପୁତ୍ର ପବିତ୍ର ଗିରି ଚୂଡାମଣୀ ଆଡିଆର ସମ୍ପଥ ଖିଲାରଙ୍କ ଝିଅ ସସ୍ମିତା ସହିତ ୨୦୨୦ ମସିହାରେ ବୈଦିକ ରୀତିରେ ବିବାହ କରିଥିଲେ। କିଛି ମାସ ପରେ ସ୍ୱାମୀ, ସ୍ତ୍ରୀଙ୍କ ମଧ୍ୟରେ ମନାନ୍ତର ହୋଇ ଏକାଧିକ ଥର ସମାଧାନ ହୋଇଛି। ସସ୍ମିତା ଅଧିକାଂଶ ସମୟରେ ବାପଘରେ ରହନ୍ତି। ଗତ ୨୬ତାରିଖ ସାବିତ୍ରୀ ବ୍ରତରେ ପବିତ୍ର ଶଶୁର ଘରକୁ ଯାଇଥିଲା। ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ପାଟିତୁଣ୍ଡ ହେବାରୁ ପବିତ୍ରକୁ ଶାଶୁ, ଶଶୁର, ଶଳା ଓ ପତ୍ନୀ ମିଳିତ ଭାବେ ନିସ୍ତୁକ ମାଡ ଦେଇ ବିଷ ପିଆଇ ଦେଇଛନ୍ତି ବୋଲି ପବିତ୍ରଙ୍କ ଭାଇ ଦୀପୁ ଗିରି ଚୂଡାମଣୀ ସାମୁଦ୍ରିକ ଥାନାର ଲିଖିତ ଅଭିଯୋଗ କରିଛନ୍ତି। ଖବର ପାଇ ମୁର୍ମୁଷ ଅବସ୍ଥାରେ ଚିକିତ୍ସା ପାଇଁ ବାସୁଦେବପୁର ଡାକ୍ତରଖାନାର ଭର୍ତି କରିଥିଲେ। ପରେ ଭଦ୍ରକ ସ୍ଥାନାନ୍ତରିତ କରାଯାଇ ଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ରେଫର କରାଯାଇ ଥିଲା। କଟକରେ ଚିକିତ୍ସାଧୀନ ଅବସ୍ଥାରେ ପବିତ୍ର ମୃତ୍ୟୁବରଣ କରିଥିଲେ। ପୁଲିସ ଘଟଣାର ତଦନ୍ତ କଲେ ପବିତ୍ରକୁ ବିଷ ଦେଇ ହତ୍ୟାକାଣ୍ଡ ପାଇଁ ଯୋଜନା କରିଥିଲେ ନା ପବିତ୍ର ଶଶୁର ଘରର ଅତ୍ୟାଚାର ସହ୍ୟ କରିନପାରି ଆତ୍ମହତ୍ୟା କରିବାକୁ ବିଷ ପିଇଛି। ପୁଲିସର ଖୋଳତାଡ଼ ପରେ ପ୍ରକୃତ ସତ୍ୟ ପଦାକୁ ଆସିବ।

## ଜୁନ ୨ରେ ମୁଖ୍ୟମନ୍ତ୍ରୀଙ୍କ ଭଦ୍ରକ ଗସ୍ତ

# ୧୫ଟି ପ୍ରକଳ୍ପର ହେବ ଉଦ୍‌ଘାଟନ ଓ ଶିଳାନ୍ୟାସ



**ଭଦ୍ରକ, ୩୧।୫(ସମିସ):** ଆସନ୍ତା ଜୁନ ୨ ତାରିଖରେ ଭଦ୍ରକ ଗସ୍ତରେ ଆସୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏଥି ପାଇଁ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଏହି ଗସ୍ତକାଳରେ ମୁଖ୍ୟମନ୍ତ୍ରୀ ୧୫ଟି ପ୍ରକଳ୍ପ ଉଦ୍‌ଘାଟନ ଓ ଶିଳାନ୍ୟାସ କରିବେ ବୋଲି ଜଣାଯାଇଛି। ପୂର୍ବ ସରକାର ଅମଳରେ ଗତ ପ୍ରାୟ ବର୍ଷକ ତଳେ ୧୪୬ କୋଟି ଟଙ୍କା ବ୍ୟୟରେ ୩୦୦ଶଯ୍ୟା ବିଶିଷ୍ଟ ନୂତନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ନୂତନ କୋଠା ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ସେହିଭଳି ପ୍ରାୟ ୨କୋଟି ଟଙ୍କାରେ ବର୍ଷକ ତଳେ ନିର୍ମିତ ଭଦ୍ରକ ସହରର ୧୨ ନଂ ୱାର୍ଡରେ ନିର୍ମିତ ଲାଇବ୍ରେରୀ ଓ ପାଠାଗାରର ଉଦଘାଟନ କରିବେ ମୁଖ୍ୟମନ୍ତ୍ରୀ। ଭଣ୍ଡାରିପୋଖରୀ, ଆରଡ଼ି, ବାସୁଦେବପୁର, ଧାମରାରେ ନିର୍ମିତ ବସ୍‌ଷ୍ଟାଣ୍ଡ ଉଦ୍‌ଘାଟିତ ହେବ। ଏଥିସହିତ ଭଦ୍ରକରେ ବହୁମୁଖୀ ଇନଡୋର ଷ୍ଟାଡିୟମର ମଧ ଉଦ୍‌ଘାଟନ ହେବ। କାଳୀଦାସପୁର-ଲକ୍ଷ୍ମୀଦାସପୁର ରାସ୍ତା, ପୂର୍ତ୍ତବିଭାଗ ରାସ୍ତାରୁ ଆରୁହା ରାସ୍ତା, ଚାନ୍ଦବାଲି-ବାଲିଗାଁ ରାସ୍ତାର ଉଦଘାଟନ ହେବ। ବରପଦା ଓ ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ କୋଠା ଶିଳାନ୍ୟାସ ସହିତ ଆଗରପଡ଼ାର ମହତାବ ସ୍ମାରକୀ ପାର୍କର ମଧ ଶିଳାନ୍ୟାସ କରିବେ ମୁଖ୍ୟମନ୍ତ୍ରୀ। ତେବେ ମୁଖ୍ୟମନ୍ତ୍ରୀଙ୍କ ଗସ୍ତକାଳରେ ଏକ ବିରାଟ ସାଧାରଣ ସଭାର ଆୟୋଜନ ହେଉଛି। ଏଥିପାଇଁ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ, ବିଧାୟକ ସୀତାଂଶୁ ମହାପାତ୍ରଙ୍କ ସମେତ ଜିଲ୍ଲାପାଳ ଦିଲୀପ ରାଉତରାଏ, ଏସ୍‌ପି ମଡକର ସନ୍ଦୀପ ସମ୍ପଦ ଓ ପ୍ରଶାସନର ବରିଷ୍ଠ ଅଧିକାରୀମାନେ ସଭାସ୍ଥଳ ପରିଦର୍ଶନ କରିଛନ୍ତି। ରାଣୀତାଲ-ଅଡ଼ା ରାସ୍ତାର ରମ୍ଭିଳା ଖଡ଼ିପଦାରେ ଏହି ସାଧାରଣ ସଭା ଅନୁଷ୍ଠିତ ହେବ। ବିଜେପି ପକ୍ଷରୁ ଏଥିନିମନ୍ତେ ଏକ ଦଳୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ମନ୍ତ୍ରୀ, ସାଂସଦ, ବିଧାୟକଙ୍କ ସମେତ ଦଳର କାର୍ଯ୍ୟକର୍ତାମାନେ ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀ ସଭାକୁ ସଫଳ କରିବା ଲାଗି ଆବଶ୍ୟକ ପ୍ରସ୍ତୁତି ସମ୍ପର୍କରେ ଆଲୋଚନା କରିଥିଲେ। ସଭାସ୍ଥଳକୁ ପ୍ରତ୍ୟେକ ବ୍ଲକରୁ ଲୋକ କେମିତି ପହଞ୍ଚିବେ ସେଥିପାଇଁ ବ୍ୟବସ୍ଥା ହେଉଥିବା ଜଣାଯାଇଛି।

# ବରିଷ୍ଠ ନାଗରିକ ମହାସଂଘର କାର୍ଯ୍ୟକାରିଣୀ ବୈଠକ



**ଭଦ୍ରକ, ୩୧।୫(ସମିସ):** ଭଦ୍ରକ ଜିଲ୍ଲା ବରିଷ୍ଠ ନାଗରିକ ମହାସଂଘ ସଭାପତି ଲଲାଟେନ୍ଦୁ ମହାନ୍ତିଙ୍କ ପୌରୋହିତ୍ୟରେ ବାଇପାସ ସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ଏକ ବିଦାୟକାଳୀନ ସଭା ଓ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମହାସଂଘ ସାଧାରଣ ସମ୍ପାଦକ କୈଳାସ ଚନ୍ଦ୍ର ମହାପାତ୍ର ମୁଖ୍ୟମନ୍ତ୍ରୀଙ୍କ ଭଦ୍ରକ ଗସ୍ତ ଅବସରରେ ବରିଷ୍ଠ ମାନଙ୍କ ସମସ୍ୟା ସମ୍ପର୍କୀତ ଏକ ୫ ଦଫା ଦାବି ସମ୍ବଳିତ ଦାବିପତ୍ର ପ୍ରଦାନ ସମ୍ପର୍କରେ ଆଲୋଚନା କରିଥିଲେ। ଜିଲ୍ଲା ସଦର ମହକୁମାରେ ବରିଷ୍ଠଙ୍କ ପାଇଁ ଏକ ବରିଷ୍ଠ ନାଗରିକ ବହୁମୁଖୀ ଗୋଷ୍ଠୀ କେନ୍ଦ୍ର ଆବଣ୍ଟିତ କଲେ ଜୀବନର ଶେଷ ସମୟରେ ଉକ୍ତ ଗୋଷ୍ଠୀ କେନ୍ଦ୍ରରେ ଯୋଗ, ପ୍ରାଣାୟାମ, ନିୟମିତ ବୈଠକ, ଭାଗବତ, ରାମାୟଣ, ଗୀତା ଇତ୍ୟାଦି ପୁସ୍ତକ ପଠନ କରିବାରେ ସହାୟକ ହେବ ଓ ଜିଲ୍ଲା ସଦର ମହକୁମାରେ ଶ୍ରଦ୍ଧାଳୟ ଯୋଜନାରେ ବରିଷ୍ଠ ମାନଙ୍କ ପାଇଁ ଜରାନିବାସ ସ୍ଥାପନ, ଜିଲ୍ଲାରେ ମହାସଂଘର ଅନୁବନ୍ଧିତ ୨୫ଗୋଟି ସଂଘକୁ ଓଡ଼ିଶା ସରକାରଙ୍କ 'ଅବଦାନ'କାର୍ଯ୍ୟକ୍ରମ ଜରିଆରେ ପ୍ରତ୍ୟେକ ସଂଘକୁ ୫୦ହଜାର ଟଙ୍କା ଲେଖାଏଁ ଅନୁଦାନ ରାଶି ପ୍ରଦାନ, ଭଦ୍ରକ ଜିଲ୍ଲା ମୁଖ୍ୟ ହସ୍ପିଟାଲରେ ବରିଷ୍ଠଙ୍କ ସ୍ୱାସ୍ଥ୍ୟ ସମସ୍ୟା ଉପରେ ଚିକିତ୍ସା ନିମନ୍ତେ ସ୍ୱତନ୍ତ୍ର ସୁବିଧା ଉପଲବ୍ଧ କରିବା, ଜିଲ୍ଲାର ସମସ୍ତ ପିଏଚ୍‌ସି ଓ ସିଏଚ୍‌ସି ଡାକ୍ତରଖାନାରେ ବରିଷ୍ଠଙ୍କ ପାଇଁ ସ୍ୱତନ୍ତ୍ର ଚିକିତ୍ସା ସୁବିଧା, ଜିଲ୍ଲାରେ ସରକାରଙ୍କ ତରଫରୁ ଅଳ୍ପ କିଛି ସଂଘକୁ ବରିଷ୍ଠ ନାଗରିକ ଗୋଷ୍ଠୀକେନ୍ଦ୍ର ଦିଆଯାଇ ଥିଲେ ମଧ୍ୟ ଅବଶିଷ୍ଟ ସଂଘକୁ ସରକାରଙ୍କ ତରଫରୁ ଗୋଷ୍ଠୀ କେନ୍ଦ୍ର ପ୍ରଦାନ କରାଯିବା ଭଳି ଦାବି ଉପସ୍ଥାପନ କରାଯାଇଥିଲା। ପରେ ମହାସଂଘ ତରଫରୁ ଆଜି ଅବସର ଗ୍ରହଣ କରିଥିବା ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଧାଂଶୁ ଶେଖର ବଳ ଓ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପବିତ୍ର କୁମାର ଦାସଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। କାର୍ଯ୍ୟକାରୀ ସଭାପତି ପଦ୍ମନ ରାୟ, ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଧୀରଞ୍ଜନ ନାୟକ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ସୁବାଷ ଚନ୍ଦ୍ର ନାୟକ, ଉପସଭାପତି ସଚିକାନ୍ତ ପଣ୍ଡା, ଉପଦେଷ୍ଟା ଅଜୟନାୟକ, ଏସ.ଏମ. ଫାରୁକ, ଇନ୍ଦ୍ରମଣି ପଣ୍ଡା, ପର୍ଶୁରାମ ଦ୍ୱିବେଦୀ, ଶଶିକାନ୍ତ ପାଢ଼ୀ, ରାଧାରାଣୀ ମହାପାତ୍ର, ଇଂ.ମହେଶ ଦାସ, ବିଜୟ ସେନାପତି, ଶଙ୍କର୍ଷଣ ସାହୁ, ରାମଚନ୍ଦ୍ର କର, ଉପଦେଷ୍ଟା ସୁଧାକର ରାଉତ, ବିଚିତ୍ରାନନ୍ଦ ମହାନ୍ତି, ଦିଲ୍ଲୀପ ନାୟକ, ଗ୍ରାମାଞ୍ଚଳ ଥାନାଧିକାରୀ ଦୟାନିଧି ଦାସ, ଜିଲ୍ଲା ସ୍ୱଳ୍ପ ସଞ୍ଚୟ ଅଧିକାରିଣୀ ମୋନାଲିସା ପଣ୍ଡା, ମିନର୍ଭା ନାୟକ, ଗିରିଶ ଚନ୍ଦ୍ର ପାତ୍ର, ବସନ୍ତ ସାହାଣୀ, ବରିଷ୍ଠ ସାମ୍ବାଦିକ ତପନ ମିଶ୍ର, ହରିହର ନାୟକ, ପ୍ରଭାତ ଦାସ, ରୂପକ ରାୟ ପ୍ରମୁଖ ଉପସ୍ଥିତ ରହିଥିଲେ।

## ଆଲହାଜ୍ ସେକ ମୋହିଉଦ୍ଦିନଙ୍କ ପରଲୋକ



**ଦୋବଲ/ଧାମନଗର, ୩୧।୫(ସମିସ):** ଧାମନଗର ବ୍ଲକ ଅନ୍ତର୍ଗତ ମୁସ୍ତାଫାପୁର ପଞ୍ଚାୟତର ଜଣାଶୁଣା ମିଷ୍ଟଭାସୀ ମେଳାପୀ ମଣିଷ ଆଲହାଜ୍ ସେକ ମୋହିଉଦ୍ଦିନଙ୍କ ୬୮ବର୍ଷ ବୟସରେ ପରଲୋକ ଘଟିଛି। ସୂଚନା ଅନୁଯାୟୀ ଅସୁସ୍ଥ ହୋଇ ଦୀର୍ଘ ଦିନ ଧରି ଘରୋଇ ଚିକିତ୍ସାଧୀନ ଥିବା ବେଳେ ଗତ ୩୦ ତାରିଖ ରାତି ଦେଢ଼ଟା ବେଳେ ନିଜ ବାସଭବନରେ ଦେହାନ୍ତ ହୋଇଛି। ମୃତ୍ୟୁ ସମୟରେ ସ୍ତ୍ରୀଙ୍କ ସହ ପୁଅ ଝିଅ, ଜ୍ୱାଇଁ, ନାତି ନାତୁଣୀ ପରିବାର ବର୍ଗ ଉପସ୍ଥିତ ଥିଲେ। ଏହି ଦୁଃଖଦ ଖବର ପ୍ରକାଶ ପରେ ସ୍ଥାନୀୟ ଅଞ୍ଚଳରେ ଗଭୀର ଦୁଃଖ ପରିବେଶ ସୃଷ୍ଟି ହୋଇଥିଲା। ଖବର ପାଇ ସ୍ଥାନୀୟ ସରପଞ୍ଚ ଓ ତାଙ୍କ ପ୍ରତିନିଧି ସେକ ମୁସ୍ତାକ, ସମାଜସେବୀ ଦବିରୁଦ୍ଦିନ ଖାଁଙ୍କ ସମେତ ବହୁ ଶୁଭେଚ୍ଛୁ, ବନ୍ଧୁ ବାନ୍ଧବ, ଗ୍ରାମବାସୀ ପ୍ରମୁଖ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ। ମୁସଲିମ ରୀତିନୀତି ଓ ନିୟମ ଅନୁସାରେ ସମୂହ (ଜନାଯା)ର ନମାଜ ପାଠ ପରେ ଗ୍ରାମର କବରସ୍ତାନ ଠାରେ କବର ଦିଆଯାଇଛି। ମୋହିଉଦ୍ଦିନଙ୍କ ବିୟୋଗରେ ଧାମନଗର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ରାଜେନ୍ଦ୍ର ଦାସ, ଡାକ୍ତର ସଞ୍ଜୟ ଦାସ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ନାୟକ, ଜିଲ୍ଲା ପରିଷଦ ସଭ୍ୟା ଉର୍ମିଳା ବିଶ୍ୱାଳ, ସଭ୍ୟ ପ୍ରଦୀପ କୁମାର ମଲ୍ଲିକ, ବିଜେଡି ବ୍ଲକ ସଭାପତି ପ୍ରତାପ ସାମଲ, ବ୍ଲକ ଉପାଧ୍ୟକ୍ଷ ଜଗବନ୍ଧୁ ପ୍ରଧାନଙ୍କ ସମେତ ବିଭିନ୍ନ ମହଲରୁ ଗଭୀର ଦୁଃଖ ପ୍ରକାଶ କରିଥିବା ବେଳେ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

## ନୂତନ ତହସିଲଦାରଙ୍କୁ ସମ୍ବର୍ଦ୍ଧନା

**ଧାମନଗର, ୩୧।୫(ସମିସ):** ଦୀର୍ଘ ୪ମାସ ପରେ ଧାମନଗର ନୂତନ ତହସିଲଦାର ଭାବେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି ସାଇଶ୍ରୀ ଲୋକନାଥ ପ୍ରସାଦ ସେଠୀ। ତାଙ୍କୁ ବିଭିନ୍ନ ମହଲରେ ଅଭିନନ୍ଦନ ଜଣାଯାଇଛି। ଶୁକ୍ରବାର ଶ୍ରୀ ସେଠୀ କାର୍ଯ୍ୟାଳୟରେ ଯୋଗ ଦେବା ପରେ ଉପବିଭାଗୀୟ ଅଧିକାରୀ ମେରାଜ ଅଲ୍ଲୀ ସାହା, ରାଜସ୍ୱ ପରିଦର୍ଶକ ଗିରୀଶ ଚନ୍ଦ୍ର ନାୟକ, ଧର୍ମପଦ ସାହୁ, ରାଜେଶ ମାଝୀ, ଚିତ୍ତରଞ୍ଜନ ମଲ୍ଲିକ, କନିଷ୍ଠ ରାଜସ୍ୱ କିରାଣି କୃଷ୍ଣପ୍ରସାଦ ପେଢ଼ା, ତାପସ ପଣ୍ଡା, ବାସୁଦେବ ପଣ୍ଡା, ସରୋଜ ଜେନା, ମାନସ ରଞ୍ଜନ କର, ପୁଷ୍ପା ଓ ଅନ୍ୟ କର୍ମଚାରୀ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସହ ଅଭିନନ୍ଦନ ଜଣାଇଥିଲେ। ଏହି ସ୍ୱାଗତ ସମୟରେ ଦେବାଶିଷ ସାହୁ, ଭକ୍ତିଲତା ପତି, ଜ୍ୟୋସ୍ନାରାଣୀ ମଲ୍ଲିକ, ଅର୍ଚ୍ଚନା ନାୟକ, ସ୍ମୃତିପ୍ରଭା ମଲ୍ଲିକ, ପଙ୍କଜ ନାୟକ, ଆର୍ଆଇ ପ୍ରକାଶଚନ୍ଦ୍ର ମଲ୍ଲିକ, ସୁଶାନ୍ତ ମୁଦୁଲି, ନଗେନ୍ଦ୍ର ଦାସଙ୍କ ସମେତ ସମସ୍ତ ଆର୍ଆଇ ଓ ଅମିନ ବିଜୟ ପଣ୍ଡା, କର୍ମଚାରୀ ଶତ୍ରୁଘ୍ନ ରାଉତ, ରବୀନ୍ଦ୍ର ଜେନା ଏବଂ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

## ଜାତୀୟସ୍ତରୀୟ ସିନିଅର ବିଚ୍ କବାଡ଼ି

# ଓଡ଼ିଶା ଦଳରେ ଭଦ୍ରକରୁ ଲୋପାମୁଦ୍ରା

ଭଦ୍ରକ, ୩୧।୫(ସମିସ)



ଆନ୍ଧ୍ରପ୍ରଦେଶ ମଛଲୀପାଟଣମର ମାଙ୍ଗୀନାପୁଡି ବିଚ୍ ଠାରେ ୧୨ତମ ଜାତୀୟ ସ୍ତରୀୟ ସିନିଅର୍ ବିଚ୍ କବାଡ଼ି ପ୍ରତିଯୋଗିତା ୫ ଜୁନରୁ ଆରମ୍ଭ ହୋଇ ୮ ଜୁନ୍ ୨୦୨୫ରେ ସମାପ୍ତ ହେବ। ଏହି ପ୍ରତିଯୋଗିତା ନିମନ୍ତେ ଓଡ଼ିଶା ତାର ମହିଳା ଖେଳାଳିଙ୍କ ନାମ ଘୋଷଣା କରିଛ। ଏହି ମହିଳା ଦଳରେ ଭଦ୍ରକ ଜିଲ୍ଲାରରୁ ପ୍ରଥମ ଥର ଲୋପାମୁଦ୍ରା ନାୟକ ସ୍ଥାନ ପାଇଛନ୍ତି। ସେ ଚଳିତ ବର୍ଷ ବାରିକପୁର କଲେଜର +୩ ଶେଷ ବର୍ଷ କଳାରେ ଅଧ୍ୟୟନ ସମାପ୍ତ କରିଛନ୍ତି। ସେ କଲେଜରେ ପଢ଼ିବା ବେଳେ ବରିଷ୍ଠ ଖେଳାଳି ତଥା ଭଦ୍ରକ ମହିଳା ଦଳର ଅଧିନାୟିକା ସ୍ଲିପିକା ରାଉତ୍‌ଙ୍କ ପ୍ରେରଣାରେ ଅନୁପ୍ରାଣିତ ହୋଇ ଖେଳ ଆରମ୍ଭ କରିଥିଲେ। ସେ ଭଦ୍ରକ ଜିଲ୍ଲାରୁ ରାଜ୍ୟ ସ୍ତରୀୟ ବରିଷ୍ଠ କବାଡ଼ି ପ୍ରତିଯୋଗିତାରେ ଦୁଇ ଥର ପ୍ରତିନିଧିତ୍ୱ କରିଛନ୍ତି। ଏଥି ନିମନ୍ତେ ପଞ୍ଚାୟତ ଡିଗ୍ରୀ କଲେଜର ଅଧକ୍ଷ ଓ କ୍ରୀଡା ଶିକ୍ଷକ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ତାଙ୍କ ପିତାଙ୍କ ନାମ ସନାତନ ନାୟକ ଓ ମାତାଙ୍କ ନାମ ଅନ୍ନପୂର୍ଣ୍ଣା ନାୟକ, ଘର ଧାମନଗର ସ୍ଥିତ ବଛଦା ଗ୍ରାମରେ। ଲୋପାମୁଦ୍ରା ଭଦ୍ରକ ଜିଲ୍ଲାରୁ ପ୍ରଥମ ଥର ପ୍ରତିଯୋଗିତାରେ ସ୍ଥାନ ପାଇବାର ସୁଯୋଗ ପାଇଛନ୍ତି। ଏହି ଖବର ଜାଣିବା ପରେ ଜିଲ୍ଲାପାଳ ଦିଲୀପ ରାଉତରାଏ, ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତି, ଅତିରିକ୍ତ ଉପ ଜିଲ୍ଲାପାଳ ତଥା ଜିଲ୍ଲା କ୍ରୀଡା ଅଧିକାରୀ ଶ୍ୟାମଳ କୁମାର ରାୟ, ସ୍ୱତନ୍ତ୍ର କ୍ରୀଡା ଅଧିକାରୀ ରମେଶ ଚନ୍ଦ୍ର ମହାନ୍ତି ଶୁଭେଚ୍ଛା ଜଣାଇବା ସହିତ ଭଦ୍ରକ ଜିଲ୍ଲା ଆଥଲେଟିକ ସଂଘର ସମ୍ପାଦକ ଧିରେନ୍ ପଲାଇ, ଯୁଗ୍ମ ସମ୍ପାଦକ ଅତିଶ ବେହେରା, କୋଚ୍ ମନୋଜ ସାହୁ, କ୍ରୀଡା ଶିକ୍ଷକ ରବିନାରାୟଣ ଓଝା ପ୍ରମୁଖ ଶୁଭେଚ୍ଛା ଜଣାଇବା ସହିତ ସେ କିପରି ଜାତୀୟ ସ୍ତରରେ ଉଚ୍ଚ କୋଟୀର ଖେଳ ପ୍ରଦର୍ଶନ କରନ୍ତୁ ତାଙ୍କର ଶୁଭ ମନାସିଛନ୍ତି।

## କୀଟନାଶକ ଖାଇ ଯୁବକ ଗୁରୁତର

**ସୁକିନ୍ଦା,୩୧।୫(ସମିସ):** ସୁକିନ୍ଦା ବ୍ଲକ ଅନ୍ତର୍ଗତ କରଡ଼ାଗାଡିଆ ଗ୍ରାମରେ ବିଷାକ୍ତ କୀଟନାଶକ ଖାଇ ଯୁବକ ଗୁରୁତର ଅବସ୍ଥାରେ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିବା ଜଣାପଡିଛି । ସୂଚନା ମୁତାବକ କରଡ଼ାଗାଡିଆ ଗ୍ରାମର ଶିଙ୍ଗରାଏ ପୂର୍ବ ପାରିବାରିକ ବିବାଦରୁ ରାଗି ବିଷାକ୍ତ କୀଟନାଶକ ଖାଇଥିଲେ । ହଠାତ୍ ଶିଙ୍ଗରାଏ ଗୁରୁତର ହୋଇଯାଇଥିଲେ । ପରିବାର ଲୋକେ ଶିଙ୍ଗରାଏଙ୍କୁ ତୁରନ୍ତ ଉଦ୍ଧାର କରି ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ସେଠାରେ ଚିକିତ୍ସା ଜାରି ରହିଛି ।

## ମହିଳାଙ୍କ ବେକରୁ ସୁନାଚେନ ଲୁଟ୍

**ଧର୍ମଶାଳା,୩୧।୫(ସମିସ):** ଧର୍ମଶାଳା ଥାନା ଶାନ୍ତିବଜାର କାଏମା ରାସ୍ତାର କେନାଲ ପୋଲ ପାଖରେ ଛିଡା ହୋଇଥିବା ଏକ ମହିଳାଙ୍କ ବେକରୁ ସୁନା ଚେନ ଲୁଟ କରିନେଇଥିବା ବେଳେ ଲୋକମାନଙ୍କ ସହାୟତାରେ ସୁନା ଚେନକୁ ସ୍ଥାନୀୟ ଲୋକେ ଉଦ୍ଧାର କରିଛନ୍ତି । ସୂଚନା ମୁତାବକ ଏହି ଥାନା ଅଧୀନସ୍ଥ ଅଭୟପୁର ଗ୍ରାମର ବୀରେନ୍ଦ୍ର ସାହୁ ଓ ତାଙ୍କ ପତ୍ନୀ କନକଲତା ସାହୁ ଜାରକା ଆସି ଘରକୁ ଯିବା ଲାଗି କେନାଲ ପୋଲ ପାଖରେ ରାସ୍ତା କଡରେ ଛିଡା ହୋଇଥିବା ବେଳେ ମୁହଁରେ ହେଲମେଟ ଲଗାଇଥିବା ଦୁଇ ଜଣ ଦୁର୍ବୃତ୍ତ ଏକ ବାଇକରେ ଆସି ମହିଳାଙ୍କ ବେକରୁ ଚେନ ଲୁଟି ନେଇ ଫେରାର ହୋଇଯାଇଥିଲେ । ଏହି ସମୟରେ ସ୍ୱାମୀ ବୀରେନ୍ଦ୍ର ନିଜ ଗାଁ ଲୋକଙ୍କୁ ଜଣାଇଥିଲେ । ଗ୍ରାମର କିଛି ଯୁବକ ଗାଁ ଛକକୁ ଆସି ଲୁଟେରା ଙ୍କୁ ଅଟକାଇବା ସମୟରେ ସେମାନେ ସୁନା ଚେନକୁ ରାସ୍ତାରେ ଲୁଟି ଥିବା ଚେନ ଟିକୁ ପକାଇ ଦେଇ ଫେରାର ହୋଇଯାଇଥିଲେ ।

## ସ୍କୁଟି ବାଇକ୍ ମୁହଁମୁହିଁ ଧକ୍କା, ୩ ଗୁରୁତର

**ତିହିଡି, ୩୧।୫(ସମିସ):** ଭଦ୍ରକ ଚାନ୍ଦବାଲି ରାସ୍ତାର ତିହିଡ଼ି କଲେଜ ଛକ ନିକଟରେ ସ୍କୁଟି ଓ ବାଇକ ମଧ୍ୟରେ ମୁହାଁ ମୁହିଁ ଧକ୍କା ହେବା ଫଳରେ ୩ ଜନ ଗୁରୁତର ଆହତ ହୋଇଛନ୍ତି । ସ୍ଥାନୀୟ ଗନ୍ଧର୍ବ ପୋଖରୀ ଗ୍ରାମର ଜିତନ୍ ଦାସ (୨୫) ସ୍କୁଟି ରେ ଭଦ୍ରକ ଅଭିମୁଖେ ଆସୁଥିବା ବେଳେ ଇନ୍ଦିରା ଗ୍ରାମର ହାଡୁ ଖାଁ (୨୪) ଓ ସିନ୍ଧୋଳ ଗ୍ରାମର ଜଗବନ୍ଧୁ ବାରିକ (୧୮) ଏକ ବାଇକ୍‌ରେ ଚାନ୍ଦବାଲି ଅଭିମୁଖେ ଯାଉଥିଲେ । ଜିତନ ଙ୍କୁ କଟକ ପଠାଯାଇଥିବା ବେଳେ ହାଡୁ ଓ ଜଗବନ୍ଧୁ ଙ୍କୁ କଟକ ପଠାଇ ଦିଆଯାଇଛି । ଜିତନଙ୍କ ଅବସ୍ଥା ଗୁରୁତର ଅଛି ।

## ଦୁର୍ଘଟଣାରେ ସାନଭାଇ ମୃତ, ବଡ଼ ଗୁରୁତର

**ସୁକିନ୍ଦା,୩୧।୫(ସମିସ):** ମଙ୍ଗଳପୁର ଟମକା ରାସ୍ତାର କୁହିକା ନିକଟରେ ଏକ ଦୁର୍ଘଟଣାରେ ସାନଭାଇର ମୃତ୍ୟୁ ଘଟିଥିବା ବେଳେ ବଡ଼ଭାଇଙ୍କୁ ଗୁରୁତର ଅବସ୍ଥାରେ କଟକ ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି । ଦୁର୍ଘଟଣା ଘଟିଛି ସୁକିନ୍ଦା ଥାନା ଅନ୍ତର୍ଗତ କୁହିକା ନିକଟରେ । ସୂଚନା ମୁତାବକ କୁହିକା ଅଞ୍ଚଳର ସାଲ ମୁଣ୍ଡାଙ୍କ ପୁଅ ରାନ୍ଧ ମୁଣ୍ଡା (୧୯) ଓ କୃଷ୍ଣ ମୁଣ୍ଡାଙ୍କ ପୁଅ ଗୋପାଳ ମୁଣ୍ଡା (୧୮) ବାଇକରେ ଯାଉଥିବା ସମୟରେ ଦୁର୍ଘଟଣାର ଶୀକାର ହୋଇଥିଲେ । ଏହି ଦୁର୍ଘଟଣାରେ ଗୋପାଳ ମୁଣ୍ଡାଙ୍କର ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ବଡ଼ ଭାଇ ରାନ୍ଧ ମୁଣ୍ଡା ଗୁରୁତର ଆହତ ହୋଇଥିଲେ । ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ଶନିବାର ଦିନ ସୁକିନ୍ଦା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ଗୋପାଳକୁ ମୃତ ଘୋଷଣା କରିବା ସହ ଗୁରୁତର ରାନ୍ଧକୁ ପ୍ରାଥମିକ ଚିକିତ୍ସା ପରେ କଟକ ସ୍ଥାନାନ୍ତର କରିଥିଲେ । ସୁକିନ୍ଦା ପୁଲିସ ମୃତଦେହ ଜବତ କରି ଘଟଣାର ତଦନ୍ତ ଜାରି ରଖିଛି ।

## ଶିଶୁ କନ୍ୟାକୁ ଦୁଷ୍କର୍ମ ଅଭିଯୋଗ; ଯୁବକ ଗିରଫ

**ସୁକିନ୍ଦା,୩୧।୫(ସମିସ):** ସୁକିନ୍ଦା ଥାନା ଅଞ୍ଚଳରେ ଏକ ଶିଶୁ କନ୍ୟାକୁ ଅସଦାଚରଣ କରିଥିବା ଅଭିଯୋଗରେ ପୁଲିସ କନ୍ତିରା ଗ୍ରାମ ଆକାଶ ମଲିକ (୨୫)ନାମକ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି । ସୂଚନା ମୁତାବକ କନ୍ତିରା ଗ୍ରାମର କନ୍ଦିଆ ମଲିକଙ୍କ ପୁଅ ଆକାଶ ଏକ ଶିଶୁ କନ୍ୟାକୁ ଏକା ପାଇ ଅସଦା ଚରଣ କରିଥିବା ନେଇ ଶିଶୁ କନ୍ୟାର ପରିବାର ପକ୍ଷରୁ ସୁକିନ୍ଦା ଥାନାରେ ଲିଖିତ ଅଭିଯୋଗ ହୋଇଥଲା । ସୁକିନ୍ଦା ପୁଲିସ ଲିଖିତ ଅଭିଯୋଗକୁ ଭିତ୍ତିକରି ୧୨୭/୨୫ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଆକାଶଙ୍କୁ ଗିରଫ କରି ଡାକ୍ତରୀ ମାଇନା କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି ଅଭିଯୁକ୍ତର ଜାମିନ ଆବେଦନ ଖାରଜ ହୋଇଯିବାରୁ ଜେଲ ହାଜତକୁ ପଠାଯାଇଛି ।

## ଦୁର୍ବୃତ୍ତ ଆକ୍ରମଣରେ ମହିଳା ମୃତ

**ଦାନଗଦି, ୩୧।୫(ସମିସ):** ଗତକାଲି ରାତିରେ ଯଖପୁରା ଥାନା ଅଧୀନରେ ଥିବା ଯଖପୁରା ଗାଁର ମଲିକ ସାହିରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଯାଇଛି । ଘଟଣା ଅନୁସାରେ ଗ୍ରାମର କଳାକାର ମଲିକଙ୍କ ଭାଇଁଙ୍କ ବଡ଼ ଭାଇ କଳାକାରଙ୍କ ଘରକୁ ଆସିଥିଲେ । ତାଙ୍କ ସହ ଉକ୍ତ ଗ୍ରାମର କିଛି ଯୁବକଙ୍କ ଝଗଡ଼ା ହୋଇଥିଲା । ପରେ ଗ୍ରାମର କିଛି ଲୋକ କଳାକାରଙ୍କ ଘରକୁ ଯାଇ ଭାଇଁଙ୍କ ବଡ଼ଭାଇଙ୍କୁ ବାଡେଇବାକୁ ଉଦ୍ୟମ କରିବାରୁ ତାଙ୍କୁ କଳାକାରଙ୍କ ସ୍ତ୍ରୀ ପ୍ରମିଳା ମଲିକ (୫୫) ପ୍ରତିବାଦ କରିଥିଲେ । କାହିଁକି ମୋ ଭାଇଁଙ୍କୁ ମାରୁଛ ବୋଲି ଅଟକାଇବା ପାଇଁ ଚେଷ୍ଟା କରିଥିଲେ । ଯାହା ଫଳରେ ଦୁର୍ବୃତ୍ତ ମାନେ ଅତ୍ୟଧିକ କ୍ରୋଧାନ୍ୱିତ ହୋଇ ପ୍ରମିଳା ମଲିକଙ୍କୁ ବାଡେଇଥିଲେ । ସେ ଘଟଣା ସ୍ଥଳରେ ପଡିଯାଇଥିଲେ । ପରିବାର ଲୋକ ରାତିରେ ସଙ୍ଗେ ସଙ୍ଗେ ତାଙ୍କୁ ତାଙ୍କୁ ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଆଣିଥିଲେ । ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏ ଘଟଣାକୁ ନେଇ ପରିବାର ଲୋକ ଯଖପୁରା ଥାନାରେ ହତ୍ୟା ଅଭିଯୋଗ କରିଛନ୍ତି । ଯଖପୁରା ପୁଲିସ ଘଟଣାସ୍ଥଳରେ ସାଇଣ୍ଟିଫିକ ଟିମସହ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିବା ସହ ମୃତଦେହକୁ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି ।

## ଥାନା ପାର୍ଶ୍ୱରୁ ଚୋରି
# ଲୁଟିନେଲେ ୮୦ଲକ୍ଷ ଟଙ୍କା ମୂଲ୍ୟର ମୋବାଇଲ

**ଭଣ୍ଡାରିପୋଖରୀ/ବାରିକପୁର,୩୧।୫(ସମିସ):** ଭଣ୍ଡାରିପୋଖରୀ ବଜାର ପେଣ୍ଠସ୍ଥଳୀ ମା'ତାରେଣୀ ମୋବାଇଲ ପଏଣ୍ଟ ଦୋକାନରୁ ଗତ ଶୁକ୍ରବାର ରାତ୍ରରେ ୮୦ ଲକ୍ଷ ଟଙ୍କା ମୂଲ୍ୟର ମୋବାଇଲ ଲୁଟ ହୋଇଥିବା ଅଭିଯୋଗ ହୋଇଛି । ଦୁର୍ବୃତ୍ତମାନେ ଦୋକାନ ପଛପଟ କାନ୍ଥ କଣାକରି ଲୁଟିବାକୁ ସକ୍ଷମ ହୋଇଛନ୍ତି । ମୋବାଇଲ ଦୋକାନୀ ବିଭୁଦତ୍ତ କର ଶୁକ୍ରବାର ରାତ୍ର ୧୦ଟାରେ ଦୋକାନ ବନ୍ଦ କରି କୋଳିଗଡିଆ ଘରକୁ ଯାଇଥିଲେ । ଶନିବାର ସକାଳ ୮ଟାରେ ଦୋକାନ ଖୋଲିଥିଲେ । ଦୋକନ ପଛପଟ କାନ୍ଥ କଣା ହୋଇଥିବା ଓ ଦେକାନ ଭିତରେ ମୋବାଇଲ ଖୋଳଗୁଡିକ ବିକ୍ଷିପ୍ତ ଭାବେ ପଡିଥିବାରୁ ଚୋରି ହୋଇଥିବା ଜାଣି ଥାନାରେ ସଙ୍ଗେ ସଙ୍ଗେ ଅଭିଯୋଗ କରିଥିଲେ । ପୁଲିସ ୨୭୮/୨୫ନଂ ମାମଲା ରଜୁ କରି ସନ୍ଧାନୀ କୁକୁର ସହାୟତାରେ ତଦନ୍ତ ଆରମ୍ଭ କରିଥିଲା । କୁକୁର ଇସାରା ଆଧାରରେ ଜଣେ ସନ୍ଦିଗ୍ଧଙ୍କୁ ଥାନାରେ ଅଟକ ରଖାଯାଇଛି । ମାମଲାର ତଦନ୍ତକାରୀ ଅଧିକାରୀ ଭାବେ ମଞ୍ଜୁରୀରୋଡ ଫାଣ୍ଡି ଭାରପ୍ରାପ୍ତ ଅଧିକାରୀ ଦେବରାଜ ଜେନାଙ୍କୁ ଦାଇତ୍ୱ ଦିଆଯାଇଥିବା ଜଣାଯାଇଛି । ସଂପୃକ୍ତ ମୋବାଇଲ ଦୋକନର ସିସିଟିଭିର ଗୋଟିଏ ହାଡଡିସ୍କକୁ ଦୁର୍ବୃତ୍ତମାନେ ନେଇଯାଇଥିବା ବେଳେ ଅନ୍ୟଟି ରହିଯାଇଛି । ପୁଲିସ ଜବତ କରିଥିବା ହାଡଡିସ୍କର ସିସିଟିଭି ଫୁଟେଜକୁ ଆଧାର କରି ପୁଲିସ ତଦନ୍ତ ପରିସରକୁ ଆଗକୁ ବଢାଇଛି । ସଂପୃକ୍ତ ମୋବାଇଲ ଦୋକନା ପଛପଟେ 'ଘ' ନାଳ ରହିଛି । 'ଘ' ନାଳ ପାଶ୍ୱର୍ରେ ହାଇସ୍କୁଲ, ବିଇଓ, ସବରେଜେଷ୍ଟ୍ରି ଅଫିସ ଓ ଥାନା ରହିଛି । ବଜାରରେ ୪ଜଣ ପୁଲିସ କର୍ମଚାରୀ ରାତ୍ରକାଳୀନ ଜଗୁଆଳି ଭାବେ ମୁତୟନ ହୋଇଥାନ୍ତି । ଏପରି ସ୍ଥଳେ ବଜାର ମଧ୍ୟସ୍ଥ ଏକ ଦୋକନରୁ ଚୋରି ହେବାକୁ ସହଜରେ ଗ୍ରହଣ କରିପାରି ନାହାନ୍ତି ବ୍ୟବସାୟୀ ଓ ଲୋକେ । ଭଣ୍ଡାରିପୋଖରୀ ବଜାର ଓ ଥାନା ସମ୍ମୁଖରୁ ଚୋରି ହେବା ପୁଲିସର ଦେହସୁହା ହୋଇଗଲାଣି । ଗତ ମାର୍ଚ୍ଚ ୮ ତାରିଖରେ ଥାନା ସମ୍ମୁଖ ତେଜରାତି ଦୋକନରୁ ବିପୁଳ ଚୋରି ହୋଇଥିବା ଜଳଧର ରାଉତଙ୍କ ପକ୍ଷରୁ ଅଭିଯୋଗ ହୋଇଥିଲା । ମାତ୍ର ଏଥିପ୍ରତି ପୁଲିସ ଗୁରୁତ୍ୱ ଦେଇନଥିଲା କି ମାମଲା ରଜୁ କରିନଥିଲା । ପୁଲିସର ଅପାରଗତାକୁ ସବୁ ମହଲରେ କଟୁ ସମାଲୋଚନା କରାଯାଇଛି । ଥାନାରେ ୨ ଜଣ ପୁରୁଖା ସବଇନିସପେକ୍ଟର ଥିବା ବେଳେ ଏହି ସ୍ୱର୍ଶକାତର ମାମଲାର ତଦନ୍ତ ପାଇଁ ଥାନାଧିକାରୀ କାହିଁକି ସେମାନଙ୍କ ଉପରେ ଭରସା ରଖିପାରିଲେ ନାହିଁ ତାହାକୁ ନେଇ ପ୍ରଶ୍ନ ଉଠିଛି । ପୁଲିସ ଉପରୁ ଜନସାଧାରଣ ଭାସା ତୁଟାଉଥିବା ବେଳେ ଜିଲ୍ଲା ପୁଲିସ ଅଧିକ୍ଷକଙ୍କ ଦକ୍ଷତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ ହୋଇଛି ।

## ଜିଲ୍ଲା ସ୍କୁଲ ପୁରାତନ ଛାତ୍ରସଂସଦର ସମ୍ବର୍ଦ୍ଧନା ସଭା



ଯାଜପୁର,୩୧।୫(ସମିସ): ଯାଜପୁର ଜିଲ୍ଲା ସ୍କୁଲରେ ପୁରାତନ ଛାତ୍ର ସଂସଦ ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଓ ବନ୍ଧୁମିଳନ ସମାରୋହ ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ଶିକ୍ଷାବିତ ଡ. ଦାମୋଦର ବେହେରାଙ୍କ ମଞ୍ଚ ସଞ୍ଚାଳନରେ ଉଦ୍‌ଘାଟକ ଭାବେ ଜିଲ୍ଲା ମୁଖ୍ୟ ଶିକ୍ଷାଧିକାରୀ ନିତ୍ୟାନନ୍ଦ ବାରିକ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଜହିରୁଦ୍ଦିନ ଖାଁଙ୍କ ବିଦାୟ କାଳୀନ ସମ୍ବର୍ଦ୍ଧନା ପର୍ବରେ ମୁଖ୍ୟଅତିଥି ଭାବେ ଭୁଲେଖ ଓ ବନ୍ଦୋବସ୍ତର ଅତିରିକ୍ତ ଆୟୁକ୍ତ ଅକ୍ଷୟ କୁମାର ମଲ୍ଲିକ ଯୋଗ ଦେଇଥିଲେ । ମୁଖ୍ୟବକ୍ତା ଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ପଣ୍ଡିତ ଭୂପତି ଭୂଷଣ ମିଶ୍ର, ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ବୈକୁଣ୍ଠ ନାଥ ପତି, ବରିଷ୍ଠ ଶିକ୍ଷାବିତ ବିଶ୍ୱମ୍ବର ମିଶ୍ର ଯୋଗ ଦେଇଥିଲେ । ଅନ୍ୟତମ ଅତିଥି ଭାବେ ଜିଲ୍ଲା ଶିକ୍ଷାଧିକାରୀ ତଥା ପ୍ରାକ୍ତନ ପ୍ରଧାନ ଶିକ୍ଷକ ସଂଗ୍ରାମ ସାହୁ, ଅବସରପ୍ରାପ୍ତ ଉପ ନିର୍ଦ୍ଦେଶକ ତଥା ପ୍ରାକ୍ତନ ପ୍ରଧାନ ଶିକ୍ଷକ ଉଦୟନାଥ ମାଝୀ ପ୍ରମୁଖ ଯୋଗଦେଇଥିଲେ । ପୁରାତନ ଛାତ୍ର ସଂସଦର ସଭାପତି ତିମିର ରଞ୍ଜନ ବେହେରାଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଭବ୍ୟ ଉତ୍ସବରେ ପ୍ରାକ୍ତନ ଶିକ୍ଷକ ବସନ୍ତ କୁମାର ପତି, ମନୋଜ କୁମାର ଜେନା, ଇନ୍ଦୁରେଖା ସାମଲ, ଅଞ୍ଜଳି ଜେନା, ରାମଚନ୍ଦ୍ର ଦାସ, କୃଷ୍ଣ ଚନ୍ଦ୍ର ପାତ୍ର, ରବୀନ୍ଦ୍ର ପଣ୍ଡାଙ୍କ ସମେତ ବିଦ୍ୟାଳୟର ୨୦ରୁ ଊର୍ଦ୍ଧ୍ୱ ଅବସରପ୍ରାପ୍ତ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ମ୍ୟାଟ୍ରିକ ୧୯ ୯୧ ବ୍ୟାଚ ଠାରୁ ୨୦୨୫ ବ୍ୟାଚର ପୁରାତନ ଛାତ୍ରଛାତ୍ରୀ, ଅଭିଭାବକ, ଶିକ୍ଷକ ଶିକ୍ଷୟତ୍ରୀ ସାମିଲ ହୋଇଥିଲେ । ପରେ ବିଦ୍ୟାଳୟ ପରିସର ରେ ଏହି ୩୪ଟି ମ୍ୟାଟ୍ରିକ ବ୍ୟାଚର ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ ସମାରୋହ ଅନୁଷ୍ଠିତ ହୋଇଥିଲା । ପୁରାତନ ଛାତ୍ର ସଂସଦର ସମ୍ପାଦକ ଅଭିନ୍ନ କୁମାର ସାହୁ, ପୁରାତନ ଛାତ୍ର ଅବିନାଶ ଖୁଣ୍ଟିଆ, ଡ. ପ୍ରଭାସ ପଣ୍ଡା, ମୃତ୍ୟୁଞ୍ଜୟ ମିଶ୍ର, ସଂଗ୍ରାମ କେଶରୀ ପାତ୍ର, ଜନକ କୁମାର ସାହୁ, ସୁନୀଲ କୁମାର ସାହୁ, ପ୍ରିୟତୋଷ ମହାନ୍ତି, ଦେବାଶିଷ ସାହୁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ ।

## ଶିକ୍ଷାବିତଙ୍କ ସ୍ମୃତି ଚାରଣ ସଭା

**ମଞ୍ଜୁରୀରୋଡ,୩୧।୫(ସମିସ):** ଭଣ୍ଡାରିପୋଖରୀ ବ୍ଲକ କୁରିଗାଁ ପଞ୍ଚାୟତ ନାଉରୀଗଡିଆ ଠାରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଦ୍ୟାଧର ଜେନାଙ୍କ ଏକାଦଶାହ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ଶିକ୍ଷାବିତ ଘନଶ୍ୟାମ ଥାଟୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ସ୍ତମ୍ଭକାର କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ପ୍ରିତିକାନ୍ତ ରାଉତ, ସମ୍ମାନୀତ ଅତିଥି ଭାବେ କବି ରସାନନ୍ଦ ମହାପାତ୍ର, ଶିକ୍ଷାବିତ୍ ନୃସିଂହ ଚରଣ ସାମଲ, ଯଦୁମଣି ଦାସ, ରାମଚନ୍ଦ୍ର ମହାନ୍ତି ପ୍ରମୁଖ ଯୋଗ ଦେଇ ଆଦର୍ଶ ଶିକ୍ଷକଙ୍କ ଗୁଣ ଗାନ କରିଥିଲେ ।

## ଭଣ୍ଡାରିପୋଖରୀ ଓ ବନ୍ତରେ ବିଜେଡିର ନୂତନ ସଭାପତି

**ବାରିକପୁର/ବନ୍ତ/ଆଗରପଡ଼ା,୩୧।୫(ସମିସ):** ଭଣ୍ଡାରିପୋଖରୀ ଓ ବନ୍ତ ବ୍ଲକ ପାଇଁ ବିଜେଡିର ନୂତନ ସଭାପତି ଚୟନ ହୋଇଛନ୍ତି । ଭଣ୍ଡାରି ପୋଖରୀ ବ୍ଲକ ପାଇଁ ବରିଷ୍ଠ ବିଜେଡି ନେତା ଲକ୍ଷ୍ମୀଧର ସାହୁଙ୍କୁ ମନୋନୀତ କରାଯାଇଛି । ସେ ୨୦୦୭ମସିହାରେ ଅବିଭକ୍ତ ଦକ୍ଷିଣବାଡ଼ ପଞ୍ଚାୟତ ସରପଞ୍ଚ ଭାବେ ନିର୍ବାଚିତ ହୋଇଥିଲେ । ୫ ବର୍ଷ ସଫଳତାର ସହିତ କାର୍ଯ୍ୟ କରିବା ପରେ ବିଭିନ୍ନ ସମୟରେ ପାଣି ପଞ୍ଚାୟତ ସମ୍ପାଦକ ସମେତ ଅନେକ ପଦ ପଦରେ ରହି ଦକ୍ଷତାର ସହିତ କାର୍ଯ୍ୟ କରିଥିଲେ । ୨୦୨୨ମସିହାରେ ତାଙ୍କୁ ବ୍ଲକ ବିଜେଡି ସଭାପତି ଭାବେ ନିଯୁକ୍ତ ଦିଆଯାଇଥିଲା ।



ସମ୍ପ୍ରତି ସେ ୨୩ ନମ୍ବର ଜୋନର ଜିଲ୍ଲା ପରିଷଦ ସଭ୍ୟ ଭାବେ କାର୍ଯ୍ୟ କରୁଛନ୍ତି । ତାଙ୍କୁ ଏବେ ଦ୍ୱିତୀୟ ଥର ପାଇଁ ବ୍ଲକ ସଭାପତି ଭାବେ ନିଯୁକ୍ତି ଦିଆଯାଇଛି । ସେହିପରି ବନ୍ତ ବ୍ଲକ ପାଇଁ ଲକ୍ଷ୍ମୀଧର ମହାନ୍ତିଙ୍କୁ ପୁଣି ଥରେ ସଭାପତି ଭାବେ ମନୋନୀତ କରାଯାଇଛି । ନୂତନ ସଭାପତିଙ୍କୁ ବିଧାୟକ ସଞ୍ଜୀବ ମଲ୍ଲିକ, ଜିଲ୍ଲାପରିଷଦ ସଭାପତି ପ୍ରଫୁଲ୍ଲ ଜେନା, ବନ୍ତ ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ, ଜିଲ୍ଲାପରିଷଦ ସଭ୍ୟା ରୁନୀତା ଦାସ, ବରିଷ୍ଠ ନେତା ପ୍ରଶାନ୍ତ ଦାଶ, ସତ୍ୟ ସାଧନ ବେଜ, ବସନ୍ତ ପତି,ସପନ ସିଂହ, ଦୀପକ ମହାନ୍ତିଙ୍କ ସମେତ ଶୁଭଦ୍ରା ସିଂହ, ପ୍ରକାଶ ବିଶ୍ୱାଳ,ବିନୋଦିନୀ ମହାନ୍ତି, ମୀନା କୁମାରୀ ଜେନା ପ୍ରମୁଖ ସରପଞ୍ଚ, ନିର୍ମଳ ନାୟକ, ଜ୍ୟୋର୍ତିମୟୀ ପଣ୍ଡା, ସୁଶୀଳା ଜେନା ପ୍ରମୁଖ ସମିତିସଭ୍ୟା ଶୁଭେଚ୍ଛା ଜଣାଇଛନ୍ତି । ଉଭୟ ବ୍ଲକ ସଭାପତିଙ୍କ ବିଧାୟକ ସମ୍ବର୍ଦ୍ଧନା ପ୍ରଦାନ କରିଛନ୍ତି ।

## ବିକଶିତ କୃଷି ସଂକଳ୍ପ ଅଭିଯାନ



**ଯାଜପୁର,୩୧।୫(ସମିସ):** ଭାରତ ସରକାରଙ୍କ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ ଓ ରାଜ୍ୟ ସରକାରଙ୍କ କୃଷି ବିଭାଗର ମିଳିତ ଆନୁକୂଲ୍ୟରେ ଚାଷୀଙ୍କ ପାଖରେ ପହଞ୍ଚିବା ପାଇଁ ବିକଶିତ କୃଷି ସଂକଳ୍ପ ଅଭିଯାନ କରାଯାଇଅଛି । ଏହି କାର୍ଯ୍ୟକ୍ରମ ଜୁନ୍ ୧୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଏହି କାର୍ଯ୍ୟକ୍ରମରେ ନୂତନ କୃଷି ପ୍ରଯୁକ୍ତି, ବିଭିନ୍ନ ସରକାରୀ ଯୋଜନା ଏବଂ ଉନ୍ନତ ବିହନ ଓ ରୋଗ ପ୍ରତିରୋଧକ ବିଷୟରେ ଚାଷୀ ମାନଙ୍କୁ ସୂଚନା ଦିଆଯିବ । ପରିଶେଷରେ କୃଷକମାନଙ୍କ ପ୍ରତିକ୍ରିୟା ଏବଂ ସେମାନଙ୍କର ପ୍ରତିକ୍ରିୟା ଏବଂ ସେମାନଙ୍କର ସମସ୍ୟା ଗୁଡିକୁ ଲିପିବଦ୍ଧ କରାଯିବ । ଏହି ଅଭିଯାନ ୨ ତାରିଖରେ ଦଶରଥପୁର ବ୍ଲକର ମଙ୍ଗଳପୁର ପଞ୍ଚାୟତର ମଙ୍ଗଳପୁର ଓ ସୋଲପାଟ ଗ୍ରାମ, ରାହାସୋଇ ପଞ୍ଚାୟତର ବୃନ୍ଦାବନପୁର ଗ୍ରାମ ଓ ରହାସୋଇ ଗ୍ରାମ, ୩ରେ ବରୀ ବ୍ଲକର ବାଲିଆ ପଞ୍ଚାୟତର ବାଲିଆ ଗ୍ରାମ, ଧାରପୁର ପଞ୍ଚାୟତର ନାଥପୁର ଓ ଧାରପୁର ଗ୍ରାମ, ୫ରେ ଧର୍ମଶାଳା ବ୍ଲକର ପାଟୁନିଆ ଗ୍ରାମ ପଞ୍ଚାୟତର ଶଙ୍ଖ ଗ୍ରାମ, ରଧଦେଇପୁର ଗ୍ରାମ ଓ ହମଜପୁର୍ ଗ୍ରାମରେ, ମହିସାର ପଞ୍ଚାୟତର ମହିସାର ଗ୍ରାମ, ବାଟିଯୋଡା ଗ୍ରାମ, କୁରିକଣା ଗ୍ରାମରେ, ୬ରେ ଯାଜପୁର ବ୍ଲକର ବିଚିତ୍ରପୁର୍ ପଞ୍ଚାୟତର ବିଚିତ୍ରପୁର ଗ୍ରାମ, ଅବଦଲପୁର ଗ୍ରାମ, ଉପର ବରୁଆଁ ଗ୍ରାମ ପଞ୍ଚାୟତର ଉପର ବରୁଆଁ, କଚେରିଗାଁ ଗ୍ରାମରେ, ୭ରେ କୋରେଇ ବ୍ଲକର ବଦବିରୁହଁ ଗ୍ରାମପଞ୍ଚାୟତର ବଡ଼ବିରୁହଁ ଗ୍ରାମ, ବନମାଳୀପୁର ଗ୍ରାମ, ବରୁଣ୍ଡେଇ ଗ୍ରାମ ପଞ୍ଚାୟତର ଉତ୍ତରଖଜିରା, ବିରୁହାଁପଦା, ବାଙ୍ଗରକୋଟେ, ଖଜୁରୀବିଧ ଗ୍ରାମରେ, ୧୦ରେ ସୁକିନ୍ଦା ବ୍ଲକର ସାଂଶିଲୋ ଗ୍ରାମ ପଞ୍ଚାୟତର ସାଂଶିଲୋ ଓ ପାଟପୁର ଗ୍ରାମ, ଗୋବରଘାଟି ପଞ୍ଚାୟତର ଗୋବରଘାଟି, ହାତୀମୁଣ୍ଡ, ମିରିଗଚାର ଗ୍ରାମରେ, ୧୧ରେ ଦାନଗଦି ବ୍ଲକର ରଣହୁଣ୍ଡି ପଞ୍ଚାୟତର ରଣହୁଣ୍ଡି ଓ ମନ୍ଦାପଡ଼ା ଗ୍ରାମରେ ସାଲିଜଙ୍ଗା ପଞ୍ଚାୟତର ସାଲିଜଙ୍ଗା ଗ୍ରାମ ଓ ବାଲିଆପାଳ ଗ୍ରାମରେ, ତା ୧୨ରେ ବିଞ୍ଝାରପୁର ବ୍ଲକର ଅନୁରି ଗ୍ରାମ ପଞ୍ଚାୟତର କରପଡା ଗ୍ରାମ, କୁଆଁରପୁର ଓ ବଳଭଦ୍ରପୁର ଗ୍ରାମରେ ଓ ପ୍ରୀତିପୁର ପଞ୍ଚାୟତର ପ୍ରିତିପୁର ଓ ଆଳୁକୁଣ୍ଡ ଗ୍ରାମରେ ବିକଶିତ କୃଷି ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମର ଆୟୋଜନ କରାଯିବ । ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଅରୁଣ କୁମାର ବେହେରା, ସାଂସଦଙ୍କ ପ୍ରତିନିଧି ଜିତେନ୍ଦ୍ର ବିଶ୍ୱାଳ ତଥା କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ସୁନୀଲ କୁମାର ମହାପାତ୍ରଙ୍କ ଦ୍ୱାରା କୃଷି ରଥର ଶୁଭାରମ୍ଭ କରାଯାଇଥିଲା ।

## ବ୍ରହ୍ମାକୁମାରୀ କେନ୍ଦ୍ରରେ ନିଶାମୁକ୍ତ କାର୍ଯ୍ୟକ୍ରମ

**ଭଦ୍ରକ,୩୧।୫(ସମିସ):** ପ୍ରଜପିତା ବ୍ରହ୍ମା କୁମାରୀ ଇଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ଭଦ୍ରକ ଅନୁକୁଲ୍ୟ ରେ ବିଶ୍ୱ ତମ୍ବାଖୁ ବର୍ଜନ ଦିବସ ଅବସର ରେ ଏକ ନିଶା ମୁକ୍ତ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇ ଯାଇଛି । ଉକ୍ତ କାର୍ଯ୍ୟକ୍ରମ ଭଦ୍ରକ ବ୍ରହ୍ମକୁମାରୀ କେନ୍ଦ୍ରର ମୁଖ୍ୟ ସଞ୍ଚାଳିକ ବ୍ରହ୍ମାକୁମାରୀ ମଞ୍ଜୁ ଭଉଣୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଭଦ୍ରକ ହସ୍ପିଟାଲର ଅବସରପ୍ରାପ୍ତ ନର୍ସିଂ ଅଫିସର କମଳା ସେଠୀ, କୃଷି ଅଧିକାରୀ ଦିବାକର ସେଠୀ, ଭଦ୍ରକ ସର୍ବୋଦୟ ମଣ୍ଡଳ ସଭାପତି ଅମର କୁମାର ପାଣିଗ୍ରାହୀ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷିକା ସୁଷମା ବେହେରା, ବ୍ରହ୍ମାକୁମାର ଅକ୍ଷୟ, ବ୍ରହ୍ମାକୁମାର ସୌଭାଗ୍ୟ ପ୍ରମୁଖ ଯୋଗ ଦେଇଥିଲେ । ନିଶା ଦ୍ୱାରା ହେଉଥିବା ସମସ୍ୟା ଓ ତାର ନିରାକରଣ ପାଇଁ ବିଭିନ୍ନ ମତ ପ୍ରକାଶ କରିଥିଲେ । ପରମାତ୍ମଙ୍କ ପ୍ରଦତ ସହଜ ରାଜଯୋଗ ଦ୍ୱାରା ଆତ୍ମ ସଂଯମତା ଓ ସଂସ୍କାର ପରିବର୍ତ୍ତନ ମାଧ୍ୟମରେ ନିଶା ମୁକ୍ତି ସମ୍ଭବ ବୋଲି ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ତରଫରୁ ବ୍ରହ୍ମକୁମାର ଅକ୍ଷୟ ପ୍ରକାଶ କରିଥିଲେ । ଭଦ୍ରକ ତଥା ସାରା ବିଶ୍ୱ ନିଶା କବଳରୁ ମୁକ୍ତ ହେବା ପାଇଁ ପରମାତ୍ମାଙ୍କ ନିକଟରେ ସମସ୍ତେ ସଂକଳ୍ପ ପାଠ ରଖିଥିଲେ ।

## ଦେବ ଦମ୍ପତିଙ୍କ ବିବାହ ଉତ୍ସବ

**ଭଣ୍ଡାରିପୋଖରୀ/ବାରିକପୁର, ୩୧।୫(ସମିସ):** ପବିତ୍ର ଶୀତଳ ଷଷ୍ଠୀ ଉପଲକ୍ଷେ ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ ଶୈବ ପୀଠରେ ଆଜି ଦେବ ଦମ୍ପତି ଶିବ ପାର୍ବତୀଙ୍କ ବିବାହ ଉତ୍ସବ ଭାବ ଉଦ୍ଦୀପନାର ସହିତ ଅନୁଷ୍ଠିତ ହୋଇଯାଇଛି । ବ୍ଲକର ଫତେପୁର ସ୍ଥିତ ସ୍ୱପ୍ନେଶ୍ୱର ମନ୍ଦିର, ସରସଦାର ଗୋଠେଶ୍ୱର, ପାଳଦାର ଜମ୍ବେଶ୍ୱର ଓ କୋବେରାଗଡିଆର ରାମେଶ୍ୱର ପୀଠରେ ଶିବ ପାର୍ବତୀଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହୋଇଛି । ପୂଜା କମିଟି ଓ ପୂଜକଙ୍କ ଦ୍ୱାରା ବୈଦିକ ରୀତିନୀତି ଅନୁଯାୟୀ ପୂଜା ଆୟୋଜନ ହୋଇଥିବା ବେଳେ ପ୍ରଥା ଅନୁସାରେ ଦେବ ଦମ୍ପତି ନଗର ଭ୍ରମଣ କରି ମନ୍ଦିର ପ୍ରବେଶ କରିଥିଲେ । ଅନୁରୂପ ଭାବେ ଆଖୁଆପଦା ସ୍ଥିତ ପ୍ରସିଦ୍ଧ ହର ପାର୍ବତୀ ପୀଠରେ ବେଶ ଧୂମଧାମରେ ଶିବ ପାର୍ବତୀଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପୂଜକ ପ୍ରହ୍ଲାଦ ପଣ୍ଡା ଓ ସୁଦାମ ଚରଣ ଦାସ ହର ପାର୍ବତୀଙ୍କ ବିବାହ ଉତ୍ସବରେ ବିଭିନ୍ନ ପ୍ରକାର ପୂଜା କାର୍ଯ୍ୟ ସମ୍ପନ୍ନ କରିଥିବା ବେଳେ ବର ପିତା ଭାବେ ପ୍ରତାପ ଚନ୍ଦ୍ର ପରିଡା ଓ କନ୍ୟା ପିତା ଭାବେ ପୀତବାସ ସାହୁ ଦାୟିତ୍ୱ ତୁଲାଇଥିଲେ । ଆଖପାଖ ପାଞ୍ଚ ସାତ ଖଣ୍ଡି ଗାଁର ଶ୍ରଦ୍ଧାଳୁ ମାନେ ଦେବ ଦମ୍ପତିଙ୍କ ବିବାହ ଉତ୍ସବରେ ଯୋଗ ଦେଇଥିଲେ । ଆୟୋଜିତ କାର୍ଯ୍ୟକ୍ରମକୁ ମନ୍ଦିର କମିଟିର ବରିଷ୍ଠ ସଦସ୍ୟ ଶରତ ଚନ୍ଦ୍ର ଜେନା, ଗୌରାଙ୍ଗ ଜେନା, ବସନ୍ତ ବେହେରା, କାହ୍ନୁ ଚରଣ ଜେନା, ଅକ୍ଷୟ ଚନ୍ଦ୍ର ଜେନା, ସୌମ୍ୟରଞ୍ଜନ ଜେନା, ସୁବ୍ରତ ବେହେରା, ସୁମନ ସାହୁ, ପ୍ରଦୀପ ଘଡେଇ, ତପନ ବାରିକ, ଦୀପକ ଜେନା ପ୍ରମୁଖ ପରିଚାଳନା କରିଥିଲେ ।



## ଗାନ୍ଧିଜୀଙ୍କ ହରିଜନ ପଦଯାତ୍ରାର ୯୧ ତମ ସ୍ମାରକୀ ପଦଯାତ୍ରା

**ବରୀ,୩୧।୫(ସମିସ)**



ଜାତିର ପିତା ମହାତ୍ମାଗାନ୍ଧୀ ୧୯୩୪ ମସିହା ମେ' ମାସ ୩୦ ତାରିଖରେ ହରିଜନ ପଦଯାତ୍ରା କରି ବରୀ ବ୍ଲକର ଅନ୍ୟାସୀପୁର ଠାରେ ରାତ୍ରୀଯାପନ କରିଥିଲେ ଏବଂ ପରଦିନ ସକାଳୁ ଅରଙ୍ଗାବାଦ, ବାଗଦା, ବରୀମାଉଣ୍ଡ, ନୂଆଗାଁ ଆଦି ଅଞ୍ଚଳରେ ପଦଯାତ୍ରା କରି ସାହସପୁରର ଗୋବିନ୍ଦପୁର ଠାରେ ରାତ୍ରିଯାପନ କରିଥିଲେ ଏବଂ ଏହି ସ୍ମୃତିକୁ ଉଜ୍ଜୀବିତ କରିବା ପାଇଁ ଶନିବାର ସକାଳ ପୂର୍ବାହ୍ନରେ ସମାଜସେବୀ ସତ୍ୟରଞ୍ଜନ କରଙ୍କ ନେତୃତ୍ୱରେ ବରୀ ବାଗଦା ବାମନ ଚନ୍ଦ୍ର ଦାସଙ୍କ ଚୌପାଢୀ ଠାରୁ ଆରମ୍ଭ କରି ଗୋବିନ୍ଦପୁର ଆମ୍ବ ତୋଟା ପର୍ଯ୍ୟନ୍ତ ଏକ ସ୍ମାରକୀ ପଦଯାତ୍ରା ବରୀ ଅଞ୍ଚଳର ସଂଗ୍ରାମୀ ଯୁବକ ମାନଙ୍କ ଦ୍ୱାରା ଆୟୋଜନ ହୋଇଥିଲା । ବରୀ ଅଞ୍ଚଳର ବରିଷ୍ଠ ସମାଜସେବୀ କୁଳମଣି ଶୁକ୍ଳ ଉକ୍ତ ପଦଯାତ୍ରାକୁ ଉଦଘାଟନ କରିଥିବା ବେଳେକ୍ଷ ପ୍ରଶାନ୍ତ ବେହୁରିଆ, ସାବିତ୍ରୀ ଦାଶ, ପ୍ରଶାନ୍ତ ପରିହାଡି, ସ୍ନେହଲତା ଧଳ, ଅପୂର୍ବ ସାହୁ, ସୀମାନ୍ତ ପାତ୍ର, ଏସ. କେ. ମନିରଉଦ୍ଦିନ, ଦିଲ୍ଲୀପ ଦେବତା, ତିଳତ୍ତମା ସେଠି, ତାରାକାନ୍ତ ଆଚାର୍ଯ୍ୟ, ତପନ ବେହେରା ଓ ମୋହନ ଜେନା ପ୍ରମୁଖ ସହଯୋଗ କରିଥିଲେ । ସମାଜସେବୀ ନବଘନ ପାଣିଙ୍କ ସଭାପତିତ୍ୱ ଓ ସତ୍ୟ ରଞ୍ଜନ କର ଙ୍କ ପରିଚାଳନାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବରିଷ୍ଠ ସମାଜସେବୀ ଡାକ୍ତର ରାଜ କିଶୋର ପଣ୍ଡା, ମୁଖ୍ୟ ବକ୍ତା ଭାବେ ପ୍ରଫେସର ସୁଧୀର ଜେନା, ସମ୍ମାନିତ ଅତିଥି ଭାବେ ରାମଚନ୍ଦ୍ର ଶୁକ୍ଳ, ମିହିର ଦାସ, ରବୀନ୍ଦ୍ର ଜେନା ପ୍ରମୁଖ ଯୋଗ ଦେଇ ଗାନ୍ଧିଜୀଙ୍କ ହରିଜନ ପଦଯାତ୍ରାର ଆଭିମୁଖ୍ୟ ବିସ୍ତୃତ ଭାବେ ଉଲ୍ଲେଖ କରିଥିଲେ । ଉକ୍ତ ସଭାରେ ଗଣେଶ ଚନ୍ଦ୍ର ସାହୁ ସ୍ୱାଗତ ସଂଗୀତ ଗାନ କରିଥିବା ବେଳେ ଅଶୋକ ରାଉତ ସ୍ୱାଗତ ଅଭିଭାଷଣ ଦେଇଥିଲେ । ନବ କିଶୋର ରାଉତ ଅତିଥି ପରିଚୟ ଦେଇଥିବା ବେଳେ ପ୍ରଶାନ୍ତ ବେହୁରିଆ ଧନ୍ୟବାଦ ଦେଥିଲେ ।

## ଭଦ୍ରକ ବୁଦ୍ଧିଜୀବୀ ପରିଷଦର ସମ୍ବର୍ଦ୍ଧନା ଉତ୍ସବ

**ଭଦ୍ରକ,୩୧।୫(ସମିସ):** ଜିଲ୍ଲା ସଂସ୍କୃତି ଭବନଠାରେ ଭଦ୍ରକ ବୁଦ୍ଧିଜୀବୀ ପରିଷଦର ଉଦଘାଟନ ଓ ବିଶିଷ୍ଟ ଶିକ୍ଷକନେତା, କବି, ପ୍ରାଧ୍ୟାପକ ଡ.ସମୀର କୁମାର ହୁଇଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ବୁଦ୍ଧିଜୀବୀ ପରିଷଦର ସଭାପତି ତଥା ଶିକ୍ଷାବିତ ଡ. ରାମଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ସମାବେଶକୁ ପ୍ରାକ୍ତନ ଅଧ୍ୟକ୍ଷ ତଥା ବିଶିଷ୍ଟ କଥାକାର ଡ. ରାଧାବିନୋଦ ନାୟକ ଉଦଘାଟନ କରିଥିଲେ । ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଦିଲୀପ ରାଉତରାଏ, ମୁଖ୍ୟବକ୍ତା ଭାବେ ଆଇନଜୀବୀ ଓ ଶ୍ରମିକ ନେତା ଦିବ୍ୟସିଂହ ନାୟକ, ସମ୍ମାନିତ ଅତିଥି ଭାବେ ଶିକ୍ଷକ ନେତା ଓ ପ୍ରାକ୍ତନ ଅଧ୍ୟକ୍ଷ ଡ.ପ୍ରହ୍ଲାଦ ପତି, ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ଶିକ୍ଷକନେତା ତଥା ଅଧ୍ୟାପକ ଗୋଲକ ଚନ୍ଦ୍ର ନାୟକ, ବିଶିଷ୍ଟ ସ୍ତମ୍ଭକାର ଇଂ.ଅଭୟ ସୂତାର ପ୍ରମୁଖ ଯୋଗ ଦେଇଥିଲେ । ପରିଷଦର ସମ୍ପାଦକ,ସାମ୍ବାଦିକ ରବିନାରାୟଣ ଖିଲାର ମଞ୍ଚ ଆମନ୍ତ୍ରଣ ଓ ପ୍ରାରମ୍ଭିକ ସୂଚନା ପ୍ରଦାନ, ସଂଗଠନ ସମ୍ପାଦକ ଆଇନଜୀବୀ ଗଦାଧର ବଳ ଅତିଥି ପରିଚୟ ପ୍ରଦାନ, ଆବାହକ ଅଧ୍ୟାପକ ନୀହାର ରଞ୍ଜନ କର ସ୍ୱାଗତ ଭାଷଣ ଓ ବିଶିଷ୍ଟ ଶ୍ରମିକ ନେତା ଶିଶିର କୁମାର ହୁଇ ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ବିଦାୟୀ ଇଂରାଜୀ ପ୍ରାଧ୍ୟାପକ ଡ. ହୁଇଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା । ଶିକ୍ଷାବିତ କମଳା କାନ୍ତ ସ୍ୱାଇଁ, କୋଷାଧ୍ୟକ୍ଷ ମାଧବ ଚନ୍ଦ୍ର ଜେନା, ଅଧ୍ୟାପକ ରାଜକିଶୋର ରାୟ, ବାରିକପୁର କଲେଜ ଅଧ୍ୟକ୍ଷ ଆଦିତ୍ୟ ଜେନା, ଅଧ୍ୟାପକ ବଇରୀ ଗଞ୍ଜନ, ଧୂଷୁରୀ ପ୍ରେସ କ୍ଲବର କର୍ମକର୍ତ୍ତା, କଲିକତା, କଟକ, ବାଲେଶ୍ୱର ଓ ଭଦ୍ରକରେ ରହୁଥିବା ଡ. ହୁଇଙ୍କର ବହୁ ଛାତ୍ର ଛାତ୍ରୀ ପ୍ରାଧ୍ୟାପକ ହୁଇଙ୍କୁ ବିପୁଳ ସମ୍ବର୍ଦ୍ଧନା ଦେଇଥିଲେ । ଏହି ଅବସରରେ କବି ନାରାୟଣ ପାଢ଼ୀ, ସଭ୍ୟା ଅଞ୍ଜନା ମିଶ୍ର, ଜାନକୀ ପାଢ଼ୀ, ମନୋରମା ରାୟ, ଦମୟନ୍ତୀ ରାଉତ, ସଂଯୁକ୍ତା ବଳ, ଶଶିକଳା ମିଶ୍ର, ଶାନ୍ତିଲତା ବାରିକ, ସଂଯୁକ୍ତା ଯାଦବ, ଗୀତାଞ୍ଜଳି ଅଗସ୍ତି,କେ. ରାଜଲକ୍ଷ୍ମୀ ପ୍ରମୁଖ ସଭା ଓ ମଞ୍ଚ ପରିଚାଳନା କରିଥିଲେ ।



## ସତ୍ୟପାଠରେ ମିଥ୍ୟା ତଥ୍ୟ

# ମନମୋହନଙ୍କୁ ରାଜ୍ୟ ଆଇନଜୀବୀ ପରିଷଦର ନୋଟିସ

**ଭୁବନେଶ୍ୱର,୩୧।୫ (ସମିସ):** ରାଜ୍ୟ ବିଜେପି ସଭାପତି ମନମୋହନ ସାମଲଙ୍କ ବିରୋଧରେ ଅସତ୍ୟପାଠ ଅଭିଯୋଗ ଆଣି ୧୫ ଦିନ ମଧ୍ୟରେ ଏହାର ଉତ୍ତର ରଖିବାକୁ ନୋଟିସ ଜାରି କରିଛି ରାଜ୍ୟ ଆଇନଜୀବୀ ପରିଷଦ ।

ପରିଷଦ ପକ୍ଷରୁ କୁହାଯାଇଛି ଯେ ନିଜକୁ ଜଣେ ଆଇନଜୀବୀ ବୃତ୍ତିଧାରୀ ବୋଲି ଦର୍ଶାଇଥିବା ମନମୋହନ ସାମଲ ୨୦୦୪ ମସିହାରୁ ୨୦୦୮ ମସିହା ପର୍ଯ୍ୟନ୍ତ ଧାମନଗର ନିର୍ବାଚନ ମଣ୍ଡଳୀରୁ ବିଧାନସଭା ସଭ୍ୟ ଭାବେ ନିର୍ବାଚିତ ହୋଇଥିଲେ ଓ ଏହି ସମୟରେ ରାଜ୍ୟ ସରକାରରେ ଜଣେ କ୍ୟାବିନେଟ୍ ପାହ୍ୟା ମନ୍ତ୍ରୀ ରୂପେ ଅବସ୍ଥାପିତ ହୋଇଥିଲେ। ଆଇନଜୀବୀ ପରିଷଦର ନିୟମ ଅନୁସାରେ ଆଇନଜୀବୀ ଭାବରେ ମନମୋହନ ସାମଲ ଉପରୋକ୍ତ ଅବଧିରେ ଆଇନ ବୃତ୍ତିରୁ ବିରତ ରହିବା ଓ ପରବର୍ତ୍ତୀ ସମୟରେ ମନ୍ତ୍ରୀ ପଦରୁ ଅବ୍ୟାହତି ପରେ ପୁନର୍ବାର ଆଇନଜୀବୀ ପରିଷଦର ଅନୁମତି କ୍ରମେ ଆଇନବୃତ୍ତିକୁ ପ୍ରତ୍ୟାବର୍ତ୍ତନ କରିବା କଥା। ମାତ୍ର ଶ୍ରୀ ସାମଲ ମନ୍ତ୍ରୀ ପଦରେ ଅଧିଷ୍ଠିତ ହେବାର କୌଣସି ସୂଚନା ବା ତଥ୍ୟ ପ୍ରଦାନ ନ କରି ଏକ ସମୟରେ କ୍ୟାବିନେଟ୍ ମନ୍ତ୍ରୀ ପାହ୍ୟା ଯାହା ଏକ ଅଫିସ ଅଫ ପ୍ରଫିଟ ଓ ଓକିଲାତି ବୃତ୍ତି ଯାହାକି ଏକ

**ଉତ୍ତର ଦେବା ଲାଗି ୧୫ ଦିନ ମହଲତ**

ପୂର୍ଣ୍ଣକାଳୀନ ପେଶା ଉଭୟଟିରେ କାର୍ଯ୍ୟରତ ରହି ଆଇନଜୀବୀ ଅଧିନିୟମର ବିରୋଧାଚରଣ କରିଛନ୍ତି । ଗତ ୨୩.୦୫.୨୦୨୫ ରିଖରେ ଆଇନଜୀବୀ ପରିଷଦ ନିକଟରେ ଶ୍ରୀ ସାମଲ କରିଥିବା ଅଭିଯୋଗରେ ସେ ୨୦୦୪ ରୁ ୨୦୦୮ ପର୍ଯ୍ୟନ୍ତ କ୍ୟାବିନେଟ୍ ପାହ୍ୟା ମନ୍ତ୍ରୀ ପଦରେ ଅଧିଷ୍ଠିତ ଥିଲେ ବୋଲି ଉଲ୍ଲେଖ କରିଛନ୍ତି ।ସେହିପରି ୨୫.୦୧.୨୦୨୧ ରିଖ ରେ ଦାଖଲ କରିଥିବା ଭେରିଫିକେସନ ଫର୍ମ (ପାରା ୧୨)ରେ ଶ୍ରୀ ସାମଲ ନିଜକୁ ଆଇନଜୀବୀ ବୋଲି ଦର୍ଶାଇବା ସହ ନିରବଚ୍ଛିନ୍ନ ଭାବରେ ଆଇନବୃତ୍ତି ବା ଓକିଲାତି ପେଶାରେ ରହିଥିବା ଦର୍ଶାଇଛନ୍ତି । ଏକପକ୍ଷରେ ସେ ରାଜ୍ୟ ସରକାରଙ୍କ କ୍ୟାବିନେଟ ମନ୍ତ୍ରୀ ଥିବା ଶ୍ରୀ ସାମଲ ଉଲ୍ଲେଖ କରିଛନ୍ତି ଓ ଅନ୍ୟପକ୍ଷରେ ସେ ନିରବଚ୍ଛିନ୍ନ ଆଇନଜୀବୀ ବୃତ୍ତିରେ ଥିବା ନିଜ ପ୍ରଦତ୍ତ ଭେରିଫିକେସନ ଫର୍ମରେ ଦର୍ଶାଇଛନ୍ତି। ତେଣୁ ଭେରିଫିକେସନ ଫର୍ମରେ ସେ ପ୍ରଦାନ କରିଥିବା ତଥ୍ୟ ମିଥ୍ୟା ଉପରେ ଆଧାରିତ ବୋଲି ସ୍ପଷ୍ଟ ହୋଇଛି । ଓକିଲାତି ପେଶାକୁ ସାମୟିକ ସ୍ଥଗିତ ରଖିବା ନିମନ୍ତେ ଆଇନଜୀବୀ ପରିଷଦକୁ ଅବଗତ ନ କରି ପ୍ରଦାନ କରିଥିବା ମିଥ୍ୟା ତଥ୍ୟ ନିମନ୍ତେ ତାଙ୍କୁ ଆଇନଜୀବୀ ପରିଷଦ ଆଡ଼ଭୋକେଟ୍ ଅଧିନିୟମର ଧାରା ୩୫ ଅନୁସାରେ ୧୫ ଦିନିଆ ନୋଟିସ ଜାରି କରିଛି । ମିଥ୍ୟା ସତ୍ୟପାଠ ଦାଖଲ କରିଥିବାରୁ କାହିଁକି ତାଙ୍କ ବିରୋଧରେ ଫୌଜଦାରୀ ମାମଲା ରୁଜୁ ନ କରାଯିବ ସେ ସମ୍ପର୍କରେ ସ୍ପଷ୍ଟୀକରଣ ପ୍ରଦାନ ନିମନ୍ତେ ଶ୍ରୀ ସାମଲଙ୍କୁ ରାଜ୍ୟ ଆଇନଜୀବୀ ପରିଷଦ ଚିଠି ଲେଖିଛି ।

# ଜାକର୍ତ୍ତାସ୍ଥିତ ଭାରତୀୟ ଦୂତାବାସରେ 'ବିଜୁ ହଲ୍' ଉଦ୍‌ଘାଟିତ

## ଉଦ୍‌ଘାଟନ କଲେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ




**ନୂଆଦିଲ୍ଲୀ,୩୧।୫(ସମିସ):** ଜାକର୍ତ୍ତାସ୍ଥିତ ଭାରତୀୟ ଦୂତାବାସରେ ଭାରତର ବରପୁତ୍ର ଓ ଇଣ୍ଡୋନେସିଆର 'ଭୂମିପୁତ୍ର' ବିଜୁ ପଟ୍ଟନାୟକଙ୍କ ନାମରେ ସ୍ଥାପନ ହୋଇଛି ଏକ ହଲ। ଆତଙ୍କବାଦ ବିରୋଧରେ ଆନ୍ତର୍ଜାତୀୟସ୍ତରରେ ସ୍ୱର ଉତ୍ତୋଳନ ନିମନ୍ତେ ସାଂସଦ ସଞ୍ଜୟ ଝାଙ୍କ ନେତୃତ୍ୱରେ ଇଣ୍ଡୋନେସିଆ ପ୍ରତିନିଧି ଦଳର ସଦସ୍ୟ ତଥା ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ବିଜୁ ପଟ୍ଟନାୟକଙ୍କ ନାମରେ ନାମିତ ହଲ୍ ଓ ସେଠାରେ ସ୍ଥାପିତ ଏକ ଫଳକକୁ ଆନୁଷ୍ଠାନିକ ଭାବରେ ଲୋକାର୍ପଣ କରିଛନ୍ତି। ଇଣ୍ଡୋନେସିଆସ୍ଥିତ ଭାରତୀୟ ଦୂତାବାସ କର୍ତ୍ତୃପକ୍ଷ ଏହି ଖବର ଓ ଫଟୋକୁ ନିଜ 'ଏକ୍ସ' ହ୍ୟାଣ୍ଡଲରେ ପୋଷ୍ଟ କରିଛି ।

ଏହି ଅବସରରେ ସାଂସଦ ଶ୍ରୀମତୀ ଷଡ଼ଙ୍ଗୀ ଇଣ୍ଡୋନେସିଆର ସ୍ୱାଧୀନତା ସଂଗ୍ରାମରେ କିମ୍ବଦନ୍ତୀ ପୁରୁଷ ବିଜୁ ପଟ୍ଟନାୟକଙ୍କ ଉଲ୍ଲେଖନୀୟ ଅବଦାନକୁ ସ୍ମରଣ କରିଛନ୍ତି। ସେ କହିଛନ୍ତି ଯେ ଓଡ଼ିଶା ସହ ଇଣ୍ଡୋନେସିଆର ସମ୍ପର୍କ ବହୁ ପ୍ରାଚୀନ। ୧୯୫୧ ରେ ଭାରତରେ ପ୍ରଥମ ସାଧାରଣତନ୍ତ୍ର ଦିବସରେ ତତ୍କାଳୀନ ଇଣ୍ଡୋନେସିଆ ରାଷ୍ଟ୍ରପତି ଆମର ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ତତ୍‌ମାନଙ୍କ ସହ ୧୯୪୭ରେ ଇଣ୍ଡୋନେସିଆର ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶାର କିମ୍ବଦନ୍ତୀ ପୁରୁଷ ବିଜୁ ପଟ୍ଟନାୟକ ଅଦମ୍ୟ ସାହସ ପ୍ରଦର୍ଶନ କରି ଇଣ୍ଡୋନେସିଆର ନେତାମାନଙ୍କୁ ସହଯୋଗର ହାତ ବଢ଼ାଇଥିଲେ ଓ ସ୍ୱାଧୀନତା ସଂଗ୍ରାମରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ଯେଉଁଥିପାଇଁ ଇଣ୍ଡୋନେସିଆ ସରକାର ବିଜୁ ପଟ୍ଟନାୟକଙ୍କୁ ତାଙ୍କ ଦେଶର ସର୍ବଶ୍ରେଷ୍ଠ ସମ୍ମାନ ସହ 'ଭୂମିପୁତ୍ର' ଉପାଧି ପ୍ରଦାନ କରିଥିଲେ ବୋଲି ଅପରାଜିତା କହିଛନ୍ତି ।

# ଅମରେନ୍ଦ୍ର ମହାନ୍ତି ନୂଆ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ

**ଭୁବନେଶ୍ୱର, ୩୧।୫(ସମିସ):** ସ୍ୱାସ୍ଥ୍ୟ ବିଭାଗରେ ଉଚ୍ଚ ପଦସ୍ଥ ଅଧିକାରୀଙ୍କ କ୍ଷେତ୍ରରେ ଏକ ଅଦଳବଦଳ ହୋଇଛି। ଡାକ୍ତର ବିଜୟ କୁମାର ମହାପାତ୍ର ସ୍ୱତନ୍ତ୍ର ସଚିବ ଭାବେ ପଦୋନ୍ନତି ପାଇବା ପରେ ବି ଅତିରିକ୍ତ ଭାବେ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଦାୟିତ୍ୱ ତୁଲାଉଥିଲେ। ଏବେ ଡାକ୍ତର ଅମରେନ୍ଦ୍ରନାଥ ମହାନ୍ତିଙ୍କୁ ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକ ଦାୟିତ୍ୱ ଦିଆଯାଇଛି। ସେହିପରି ରାଉରକେଲାସ୍ଥିତ ଆର୍‌ଜିଏଚ୍ ଅଧୀକ୍ଷକ ଡାକ୍ତର ଶଶିଭୂଷଣ ପଟେଲଙ୍କୁ ସ୍ୱାସ୍ଥ୍ୟ ବିଭାଗ ସ୍ୱତନ୍ତ୍ର ସଚିବ ଭାବେ ବଦଳି କରାଯାଇଛି। କ୍ୟାପିଟାଲ୍ ହସ୍ପିଟାଲ୍ ଅଧୀକ୍ଷକ ଡାକ୍ତର ଦିଲ୍ଲୀପ କୁମାର ପଣ୍ଡାଙ୍କୁ ଏସ୍‌ଆଇଏଚ୍ ଆଣ୍ଡ ଏଫ୍‌ଡବ୍ଲୁ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଭାବେ ନିଯୁକ୍ତି ମିଳିଛି। ପୁରୀ ସିଡିଏମ୍‌ଓ ଡାକ୍ତର ରୂପଭାନୁ ମିଶ୍ରଙ୍କୁ ପଦୋନ୍ନତି ଦିଆଯାଇ କ୍ୟାପିଟାଲ୍ ହସ୍ପିଟାଲ୍‌ର ନିର୍ଦ୍ଦେଶକ ନିଯୁକ୍ତି ଦିଆଯାଇଛି। ସେହିପରି ଖୋର୍ଦ୍ଧା ସିଡିଏମ୍‌ଓ ରାଜଶ୍ରୀ ପଟ୍ଟନାୟକଙ୍କୁ ନର୍ସିଂ ନିର୍ଦ୍ଦେଶିକା ଭାବେ ଅବସ୍ଥାପିତ କରାଯାଇଛି।

**କ୍ୟାପିଟାଲ୍ ହସ୍ପିଟାଲ୍ ନିର୍ଦ୍ଦେଶକ ହେଲେ ରୂପଭାନୁ ମିଶ୍ର**

# ଯଶୋବନ୍ତ ନାରାୟଣ ସିଂହ ଲାଗୁରୀ ହେଲେ ପ୍ରଦେଶ ଆଦିବାସୀ କଂଗ୍ରେସ ଅଧ୍ୟକ୍ଷ

**ଭୁବନେଶ୍ୱର,୩୧।୫(ସମିସ):** କେନ୍ଦୁଝର ଲୋକସଭାର ପୂର୍ବତନ ସାଂସଦ ଯଶୋବନ୍ତ ନାରାୟଣ ସିଂହ ଲାଗୁରୀଙ୍କୁ ଓଡ଼ିଶା ପ୍ରଦେଶ ଆଦିବାସୀ କଂଗ୍ରେସ ଅଧ୍ୟକ୍ଷ ଭାବେ ନିଯୁକ୍ତି ମିଳିଛି। ଏନେଇ ଅଖିଳ ଭାରତୀୟ କଂଗ୍ରେସ କମିଟି(ଏଆଇସିସି) ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

# ବିଦ୍ୟୁତ୍ ଆଘାତରେ ଦନ୍ତା ମୃତ



**ଅନୁଗୋଳ,୩୧।୫(ସମିସ):** ଶୁକ୍ରବାର ବିଳମ୍ବିତ ରାତିରେ ବିଦ୍ୟୁତ୍ ଆଘାତରେ ଏକ ଦନ୍ତାହାତୀର ମୃତ୍ୟୁ ଘଟିଛି। ଅନୁଗୋଳ ବନଖଣ୍ଡ ବନ୍ତଲା ରେଞ୍ଜ ଅନ୍ତର୍ଗତ ତଳସୀରା ଗାଁରେ ଏହି ଅଘଟଣ ଘଟିଛି। ଖବର ପାଇ ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏହି ଘଟଣାରେ ଜଣକୁ ଅଟକ ରଖି ପଚାରଉଚରା କରୁଛନ୍ତି। ଶୁକ୍ରବାର ରାତିରେ ହାତୀଟି ଖାଦ୍ୟ ଅନ୍ୱେଷଣରେ ତଳସୀରା ଗାଁକୁ ଚାଲି ଆସିଥିଲା। ଗାଁରେ ଥିବା ଏକ ବଗିଚାରେ ଫସଲ ସୁରକ୍ଷା ପାଇଁ ଘେରାଯାଇଥିବା ବିଦ୍ୟୁତ୍ ତାରରେ ଶୁଣ୍ଢ ଲାଗିବାରୁ ତା'ର ମୃତ୍ୟୁ ହୋଇଥିଲା। ଶନିବାର ସକାଳେ ସ୍ଥାନୀୟ ଲୋକେ ଏନେଇ ବନବିଭାଗକୁ ଖବର ଦେଇଥିଲେ।

## ହାତୀ ଆକ୍ରମଣରେ ବୃଦ୍ଧ ମୃତ

# ବନକର୍ମଚାରୀ ଓ ପୁଲିସ୍ ୩ ଘଣ୍ଟା ଅଟକ

**ଛେଣ୍ଡିପଦା,୩୧।୫ (ସମିସ):** ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବନାଞ୍ଚଳ କଣଲୋଇ ଗ୍ରାମରେ ହାତୀ ଆକ୍ରମଣରେ ଶନିବାର ସକାଳେ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ, କଣଲୋଇର ପ୍ରସନ୍ନ ନାଏକ (୬୩)। ଭୋର୍ ପ୍ରାୟ ୫ଟାରେ ପ୍ରସନ୍ନ ବଗିଚାକୁ ଆମ୍ବ ଗୋଟାଇବାକୁ ଯାଇଥିବା ବେଳେ ହାତୀ ସହ ମୁହାଁମୁହିଁ ହୋଇଥିଲେ। ହାତୀକୁ ଦେଖି ପ୍ରସନ୍ନ ଦୌଡ଼ି ପଳାଇବାକୁ ଉଦ୍ୟମ କରୁଥିବା ବେଳେ ହାତୀଟି ତାଙ୍କୁ ଗୋଡ଼ାଇ ଗୋଡ଼ାଇ ଶୁଣ୍ଢରେ ଟେକି କଚାଡ଼ି ମାରିଦେଇଥିଲା। ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଥିଲା। ଘଟଣାର ଅନୁଧ୍ୟାନ ପାଇଁ ବନ କର୍ମଚାରୀ ଓ ବାଗଡ଼ିଆ ପୁଲିସ୍ ଗ୍ରାମକୁ ଯାଇଥିବା ବେଳେ ଲୋକେ ସେମାନଙ୍କୁ ୩ ଘଣ୍ଟା ଧରି ଅଟକ ରଖିଥିଲେ। ଛେଣ୍ଡିପଦା ରେଞ୍ଜର୍ ଶୁଭ୍ର ଶୁଚିସ୍ମିତା ମହାପାତ୍ର ଘଟଣାସ୍ଥଳରେ ପହଞ୍ଚିଥିଲେ ହେଁ ଉତ୍ତେଜନା ଥମିନଥିଲା। ମୃତକଙ୍କ ପରିବାରକୁ ୪ଲକ୍ଷ ଟଙ୍କାର ଅନୁକମ୍ପା ରାଶି ପ୍ରଦାନ, ପୁଅକୁ ରେଞ୍ଜ କାର୍ଯ୍ୟାଳୟରେ ସ୍ଥାୟୀ ନିଯୁକ୍ତି, ୩ଦିନ ମଧ୍ୟରେ ସୌର ସୁରକ୍ଷା ବାଡ଼ କାର୍ଯ୍ୟ ଆରମ୍ଭ, ଟ୍ରେଞ୍ଚ୍ ଖନନ, ଫସଲ ନଷ୍ଟର ଶତପ୍ରତିଶତ କ୍ଷତିପୂରଣ, କାର୍ଯ୍ୟରେ ଅବହେଳା କରିଥିବା ହାତୀ ସ୍କ୍ୱାଡ୍‌ମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ, ନୂତନ ହାତୀ ସ୍କ୍ୱାଡ୍ ନିଯୁକ୍ତି, ଜଙ୍ଗଲରେ ଯେକୌଣସି କାର୍ଯ୍ୟ ହେଲେ ବନସୁରକ୍ଷା

- ପ୍ରତିଦିନ ହାତୀ-ମଣିଷ ଲଢ଼େଇ, ବନ ବିଭାଗର ପଦକ୍ଷେପ ଶୂନ
- ପଦା ହେବାକୁ ବସିଲାଣି ସଂରକ୍ଷିତ ଜଙ୍ଗଲ, ଗାଁମୁହାଁ ହାତୀପଲ



ସମିତିର ସୁପାରିସ ପରେ କରାଯିବା ଆଦି ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ସ୍ଥାନୀୟ ସରପଞ୍ଚ ଜନ୍ମେଜୟ ମାଝୀ ଓ ଗ୍ରାମ ସଭାପତି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ପରେ ଉତ୍ତେଜନା ଥମିଥିଲା। ପରେ ଛେଣ୍ଡିପଦା ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

ସୂଚନାଯୋଗ୍ୟ, ପ୍ରସ୍ତାବିତ କଣଲୋଇ ସଂରକ୍ଷିତ ଜଙ୍ଗଲରେ ଆଜକୁ ୨ ମାସରୁ ଊର୍ଦ୍ଧ୍ୱ ସମୟ ହେବ ଏକ ଦନ୍ତାହାତୀ ରହୁଥିବା ବେଳେ ସନ୍ଧ୍ୟା ହେଲେ ଗାଁ ଭିତରକୁ ଆସି ବ୍ୟାପକ ଫସଲ କ୍ଷତି କରିବା ସହ ଲୋକଙ୍କ ଘର ଓ ଗୁହାଳ ଆଦି ଭାଙ୍ଗି ନଷ୍ଟ କରୁଛନ୍ତି। ଫଳରେ ଗ୍ରାମବାସୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାର ସ୍ଥାୟୀ ପ୍ରତିକାର ପାଇଁ ଗ୍ରାମବାସୀ ରେଞ୍ଜରଙ୍କୁ ଗୁହାରି କରିଆସୁଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଭରି ରହିଛି।

# ରାଜ୍ୟ ଟପ୍ପର ସରସ୍ୱତୀ ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁସନ୍‌ର +୨ ବିଜ୍ଞାନ ଛାତ୍ର ସମ୍ବର୍ଦ୍ଧିତ

**କଟକ,୩୧।୫(ସମିସ):** ପୂର୍ବର ଶିକ୍ଷା ନିର୍ଦ୍ଦେଶାବଳୀରେ ଅନେକ ପରିବର୍ତ୍ତନ ଆସିଛି। ଭାରତ ସରକାର ଯେଉଁ ନୂତନ ଶିକ୍ଷା ନୀତି ପ୍ରଣୟନ କରିଛନ୍ତି ତଦନୁଯାୟୀ ଆଜିକାଲି ବିଦ୍ୟାର୍ଥୀମାନେ ଚାହିଁଲେ ଯେ କୌଣସି କ୍ଷେତ୍ରରେ ନିଜକୁ ପ୍ରତିଷ୍ଠିତ କରାଇପାରିବେ। ସେଥିପାଇଁ ନିଜର ଅଧ୍ୟବସାୟ ସାଙ୍ଗକୁ ବାତାନୁକୂଳ ଶିକ୍ଷା ପଦ୍ଧତିକୁ ଆପଣାଇ ପାରିଲେ ଡାକ୍ତର, ଇଞ୍ଜିନିୟର ଓ ପ୍ରାଶାସନିକ ବନିବାରେ ବାଧା ରହିବନି ବୋଲି ସରସ୍ୱତୀ ଗ୍ରୁପ ଅଫ ସାଇନ୍ସ କଲେଜରେ ରାଜ୍ୟର ବିଜ୍ଞାନ ଟପ୍ପର ଙ୍କୁ ସମ୍ବର୍ଦ୍ଧିତ କରିବା ଅବସରରେ କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉ ସାହେବ ସିନ୍ଧେ ଉପସ୍ଥିତ ବିଦ୍ୟାର୍ଥୀଙ୍କୁ ପରାମର୍ଶ ଦେଇଛନ୍ତି। ଚଳିତ ବର୍ଷ ଯୁକ୍ତଦୁଇ ପରୀକ୍ଷାରେ କଟକ ଜିଲ୍ଲା ବାରଙ୍ଗ ବ୍ଲକ୍ ବେଲଗଛିଆ ସ୍ଥିତ ସରସ୍‌ବତୀ ଗ୍ରୁପ୍ ଅଫ ଇନଷ୍ଟିଚ୍ୟୁସନର ଶତ ପ୍ରତିଶତ ସଫଳତାକୁ ନେଇ ଗୁରୁବାର ଏହାର ଅଡିଟୋରିୟରେ ଅନୁଷ୍ଠିତ ବାର୍ଷିକ ଏକାଡେମିକ୍ ଏକ୍ସଲେନ୍ସ ପୁରସ୍କାର ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଦତ୍ତାତ୍ରୟ ଭାଉସାହେବ ସିନ୍ଧେ ଏହା କହିଛନ୍ତି। ଏହି ସମାରୋହରେ ସମ୍ମାନିତ ୧୩୦ ଜଣ ମେଧାବୀ ଛାତ୍ରଛାତ୍ରୀଙ୍କ ପାଇଁ ପୁରସ୍କାର ଆକାରରେ ଅର୍ଥରାଶି ପ୍ରଦାନ କରାଯାଇଥିଲା। ରାଜ୍ୟ ବିଜ୍ଞାନ ଟପ୍ପର ବିନୀତ ମହାନ୍ତି




୯୭.୬୬% ନମ୍ବର ରଖି ରାଜ୍ୟ ଟପ୍ପର ହୋଇଥିବାରୁ ଶିକ୍ଷାନୁଷ୍ଠାନ ତରଫରୁ ଜିଲ୍ଲାପାଳ ତାଙ୍କୁ ୫୦ ହଜାର ଟଙ୍କା ନଗଦ ପୁରସ୍କାର ପ୍ରଦାନ କରିଥିଲେ। ସେହିପରି ୯୦%ରୁ ଅଧିକ ନମ୍ବର ପାଇଥିବା ଅନ୍ୟ ୩୦ ଜଣ ଛାତ୍ରଛାତ୍ରୀଙ୍କୁ ୧୦ ହଜାର ଟଙ୍କା ଲେଖାଏଁ ନଗଦ ପୁରସ୍କାର ଦିଆଯାଇଥିଲା। ଶ୍ରୀ ସିନ୍ଧେଙ୍କ ଜୀବନଯାତ୍ରା ଏକ ଶକ୍ତିଶାଳୀ ପ୍ରେରଣା ସୃଷ୍ଟି କରିଛି। କଟକ ଜିଲ୍ଲାପାଳ ଭାବେ ବ୍ୟସ୍ତ ଦାୟିତ୍ୱ ମଧ୍ୟରେ ଏହି କାର୍ଯ୍ୟକ୍ରମର ଶୋଭା ବର୍ଦ୍ଧନ କରିବା ପାଇଁ ସରସ୍ୱତୀ ଗ୍ରୁପ ଶ୍ରୀ ସିନ୍ଧେଙ୍କୁ ଗଭୀର କୃତଜ୍ଞତା ଜ୍ଞାପନ କରିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ଡ଼ ଦେବଦତ୍ତ ସ୍ୱାଇଁ କହିଥିଲେ ଯେ, ଛାତ୍ରଛାତ୍ରୀମାନେ ପ୍ରଥମେ ନିଜ ପିତାମାତାଙ୍କୁ ପୂଜା କରିବା ଆବଶ୍ୟକ। ପିତାମାତାଙ୍କ ଆଶୀର୍ବାଦ ରହିଲେ ସେମାନଙ୍କୁ ସଫଳତା ନିହାତି ମିଳିପାରିବ। କାର୍ଯ୍ୟକ୍ରମରେ ସଂସ୍ଥାର ପ୍ରତିଷ୍ଠାତା ଡ଼. ଦେବଦତ୍ତ ସ୍ୱାଇଁ, ଅଧ୍ୟକ୍ଷ ଡ଼ ବିଶ୍ୱଜିତ ତ୍ରିପାଠୀ, ସିଇଓ ଅରୁଣ ବିଶ୍ୱାଳ, ଡିନ୍ ବ୍ୟୋମକେଶ ମିଶ୍ର ଏବଂ ମହାବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଅଣ ଶିକ୍ଷକଗଣ, ଗଣ୍ୟମାନ୍ୟ ଅତିଥି, ଗର୍ବିତ ଅଭିଭାବକଗଣ ଏବଂ ମେଧାବୀ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ। ସେହିପରି ମାଟ୍ରିକ ପରୀକ୍ଷାରେ ୫୯% ମାର୍କ ରଖି ଏହି ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଛାତ୍ର ଓମ୍ ପ୍ରକାଶ କର ଚଳିତ ବିଜ୍ଞାନ ପରୀକ୍ଷାରେ ୯୧% ରଖି ପାସ୍ କରିଥିବାରୁ ତାଙ୍କୁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା।

■ ଏଡିଏମ୍‌ଓ ଦୁର୍ବାଦଳ ମିଶ୍ର ହତ୍ୟା ମାମଲା

# ୨ ଅଭିଯୁକ୍ତଙ୍କୁ ଆଜୀବନ

**ସୋନପୁର,୩୧।୫(ସମିସ):** ବହୁଚର୍ଚ୍ଚିତ ସୁବର୍ଣ୍ଣପୁର ଏଡିଏମ୍‌ଓ ତଥା ଶିଶୁରୋଗ ବିଶେଷଜ୍ଞ ଡାକ୍ତର ଦୁର୍ବାଦଳ ମିଶ୍ର ହତ୍ୟା ମାମଲାର ରାୟ ଦୀର୍ଘ ୧୧ବର୍ଷ ପରେ ପ୍ରକାଶ ପାଇଛି। ସୁବର୍ଣ୍ଣପୁର ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ଦିଲ୍ଲୀପ କୁମାର ବିଶ୍ୱାଳ ମାମଲାର ଶୁଣାଣି କରି ଆଜି ୨ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ ଜେଲ୍ ଓ ୨୫ହଜାର ଟଙ୍କା ଲେଖାଏଁ ଜରିମାନାରେ ଦଣ୍ଡିତ କରିଛନ୍ତି। ହତ୍ୟାକାରୀଦ୍ୱୟ ହେଲେ, ପ୍ରତ୍ୟୁଷ ପଣ୍ଡା (ବବୁଲୁ) ଓ ଅଶୋକ ସାହୁ।

୨୦୧୪ ନଭେମ୍ବର ୨୧ରେ ଶିଶୁରୋଗ ବିଶେଷଜ୍ଞ ତଥା ଏଡିଏମଓ ଡା. ଦୁର୍ବାଦଳଙ୍କୁ ତାଙ୍କ ଘର ଆଗରେ ଅତି ନିର୍ମମ ଭାବରେ ହତ୍ୟା କରାଯାଇଥିଲା। ଘଟଣାରେ ଜଣେ ନାବାଳକଙ୍କ ସମେତ ଉପରୋକ୍ତ ଦୁଇ ଅଭିଯୁକ୍ତଙ୍କୁ ସୋନପୁର ପୁଲିସ୍ ଧରିଥିଲା। ନାବାଳକ ଅଭିଯୁକ୍ତର ଜୁଭେନାଇଲ ଜଷ୍ଟିସ୍ ବୋର୍ଡରେ ବିଚାର ଚାଲିଛି। ସରକାରୀ ଓକିଲ କହ୍ନେୟାଲାଲ ପ୍ରଧାନ ମାମଲା ପରିଚାଳନା କରୁଥିଲେ।

# ଲଘୁଚାପ ବର୍ଷାରେ ଧୋଇଗଲା ରବି ଧାନ

## ଲାଭ ଆଶା ମଉଳିଲା; ହତାଶ ଚାଷୀ

**ଭୁବନେଶ୍ୱର, ୩୧।୫ (ସମିସ):** ରାଜ୍ୟ ସରକାରଙ୍କ ତରଫରୁ ଧାନ କ୍ୱିଣ୍ଟାଲ୍ ପିଛା ଅତିରିକ୍ତ ୮୦୦ ଟଙ୍କା ସବ୍‌ସିଡି ଦିଆଯାଉଛି। ତେଣୁ ଅଧିକ ଲାଭ ପାଇବା ପାଇଁ ଖରିଫ୍ ଧାନ ବିକ୍ରି ପରେ ଚାଷୀ ରବିରେ ଦୋଫସଲୀ ଧାନ କରିଥିଲା। ଏପରିକି, ଜଳସେଚିତ ଅଞ୍ଚଳରେ ଥିବା ଜମିରେ ଧାନ ଭଲ ଥୋଡ଼ ବି ଧରିଥିଲା। ହେଲେ ବାରମ୍ବାର କାଳବୈଶାଖୀ ବର୍ଷା ଧାନ ଗଛକୁ କିଛି ମାତ୍ରାରେ ନଷ୍ଟ କରିଦେଇଥିବା ବେଳେ ଏବେ ଦୁଇ ଦୁଇଟି ଲଘୁଚାପ ବର୍ଷା ଦାଉ ସାଧିଛି। ଠିକ୍ ଅମଳ ବେଳକୁ ବର୍ଷା ଏମିତି ଲାଗି ରହିଛି ଯେ ଚାଷୀ ତା' ପରିଶ୍ରମକୁ ଖଳାକୁ ଆଣିପାରୁନି। କିଛି ସ୍ଥାନରେ ବିଲରେ କଟା ହୋଇ ପଡ଼ିଥିବା ଧାନ କେଣ୍ଡା ଭିଜୁଥିବା ବେଳେ ଧାନ ଗଦା, ମଣ୍ଡିରେ ବି ଧାନ ଭିଜୁଛି। ଉପକୂଳ ଓଡ଼ିଶା ସମେତ ସୋନପୁର, ସମ୍ବଲପୁର, ବୌଦ୍ଧ, ଝାରସୁଗୁଡ଼ା, ସୁନ୍ଦରଗଡ଼, ମୟୂରଭଞ୍ଜ, ବଲାଙ୍ଗୀର, ଦେବଗଡ଼ ପ୍ରଭୃତି ଜିଲ୍ଲାରେ ଏଭଳି ଚିତ୍ର ଦେଖିବାକୁ ମିଳୁଛି। ଫଳରେ ଚାଷୀର ଚିନ୍ତା ବଢ଼ି ଯାଇଛି।

ବର୍ଷାରେ ରବି ଫସଲ କରିଥିବା ସାରା ଓଡ଼ିଶାର ଚାଷୀଙ୍କ ଅବସ୍ଥା ବେହାଲ ହୋଇଯାଇଛି। ବର୍ଷା ହେବା ନେଇ ଆଗୁଆ ସୂଚନା ପାଇଥିଲେ ମଧ୍ୟ ସବୁ ଜମିରୁ ଧାନ ଅମଳ କରିବାକୁ ଚାଷୀଙ୍କ ପାଖରେ ବେଳ ନଥିଲା। ଆଉ ଯାହା କଟାଯାଇଛି, ତାହା ଖଳାକୁ ଆସିପାରୁନାହିଁ। ସେମିତି ଜମିରେ ପଡ଼ିରହିଛି। ଲଘୁଚାପ ବର୍ଷା ଚାଷୀର ମେରୁଦଣ୍ଡ ଭାଙ୍ଗି ଦେଇଛି। କିଛି ଚାଷୀଙ୍କର ବର୍ଷକର ଦାନା ବି ଛଡ଼ାଇନେଇଛି ଏହି ଅଦିନିଆ ବର୍ଷା। ଆଉ ଯାହା କିଛି ରହିଯାଇଛି ତାହା ଅମଳ ହୋଇପାରିବ କି ନାହିଁ, ତାହାକୁ ନେଇ ଚିନ୍ତା ଘାରିଲାଣି। କେବଳ ଯେ ଜମିରେ ଧାନ ନଷ୍ଟ ହୋଇଛି, ତାହା ନୁହେଁ। ମଣ୍ଡିରେ ବି ବର୍ଷାରେ ଭିଜୁଛି ଶହଶହ ବସ୍ତା ଧାନ। ଅମଳ କରିବା ପରେ ଧାନ ବିକିବା ଲାଗି ଚାଷୀମାନେ ମଣ୍ଡିରେ ଧାନ ବସ୍ତା ପକାଇ ଅପେକ୍ଷାରେ ରହିଥିଲେ। ଖୋଲା ଆକାଶ ତଳେ ଧାନ ବସ୍ତା ପଡ଼ି ରହିଥିବାରୁ ତାହା ଏବେ ପାଣିରେ ବୁଡ଼ି ରହିଛି। କିନ୍ତୁ, ସମ୍ଭାବ୍ୟ ପରିସ୍ଥିତିର ମୁକାବିଲା ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନି।

ଏମିତିକି, ଧାନମଣ୍ଡିରେ ଧାନର ସୁରକ୍ଷା ପାଇଁ ବ୍ୟବସ୍ଥା କରିବା ପାଇଁ ଚାଷୀମାନେ ଦାବି କରିଆସୁଥିଲେ ମଧ୍ୟ ସରକାର କିଛି କରିନାହାନ୍ତି। ଏବେ ବର୍ଷା କମିବାର ସମ୍ଭାବନା ରହିଛି। ତେଣୁ ଚାଷୀମାନେ ଓଦା ଧାନକୁ ଅମଳ କରି ଶୁଖାଇବାକୁ କୃଷି ବିଶେଷଜ୍ଞ ପରାମର୍ଶ ଦେଇଛନ୍ତି। ଯେପରି ନଷ୍ଟ ନ ହୁଏ, ସେଥିପ୍ରତି ପ୍ରାଥମିକତା ଦେବାକୁ ପରାମର୍ଶ ଦିଆଯାଇଛି। ସେହିପରି ମଣ୍ଡିରେ ପଡ଼ି ରହିଥିବା ଧାନର ସୁରକ୍ଷା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଚାଷୀ ଦାବି କରିଛି। ଏବେ ଧାନକୁ ଖରାରେ ଶୁଖାଇ ରଖିଦେଲେ ଆଉ ଗଜା ଧରିବନି ବୋଲି ବିଶେଷଜ୍ଞ କହିଛନ୍ତି। ବର୍ଷାରେ ଧାନ ଓଦା ହୋଇଯାଇଥିବାରୁ ସରକାର ଏହାର ମାନ ନିର୍ଦ୍ଧାରଣ କୋହଳ କରିବାକୁ ଚାଷୀ ମହଲରୁ ଦାବି ହୋଇଛି।

# ତିନି ଦଫା ଦାବି ନେଇ ଏକାଠି ହେଲେ ପ୍ରକାଶକ

**ଭୁବନେଶ୍ୱର,୩୧।୫(ସମିସ):** ସଂଘ, ସହର ଓ ସଂସ୍ଥା ନିର୍ବିଶେଷରେ ରାଜ୍ୟର ୫୦ରୁ ଅଧିକ ପୁସ୍ତକ ପ୍ରକାଶକ ଏକାଠି ହୋଇ ସରକାରୀସ୍ତରରେ ପୁସ୍ତକ ଚୟନ ପ୍ରକ୍ରିୟା, ବିଭିନ୍ନ ଯୋଜନାରେ ପାଠରଅନ୍ତର ଓ ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ନିଯୁକ୍ତି ଆଦି ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ଆଲୋଚନା ପରେ ୩ ଦଫା ସମ୍ବଳିତ ଏକ ଦାବିପତ୍ର ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀଙ୍କ ସମେତ ବିଭାଗୀୟ ମନ୍ତ୍ରୀ, ସଚିବ ଓ ନିର୍ଦ୍ଦେଶକମାନଙ୍କୁ ପଠାଯାଇଛି। ନିକଟରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ପ୍ରକାଶିତ ମହାବିଦ୍ୟାଳୟ ପାଠାଗାର ନିମନ୍ତେ ପୁସ୍ତକ ତାଲିକାରେ ନିର୍ଦ୍ଦିଷ୍ଟ ୪-୫ ଜଣ ପ୍ରକାଶକଙ୍କ ପୁସ୍ତକୁ ଅଗ୍ରାଧିକାର ଦିଆଯାଇଥିବା ବେଳେ ଶତାଧିକ ପ୍ରକାଶକଙ୍କୁ ଅଣଦେଖା କରାଯାଇଛି। ଏହି ଚୟନ କମିଟିରେ ଥିବା ଜଣେ ବ୍ୟକ୍ତି ଜାଣି ଶୁଣି ଏଭଳି କରିଛନ୍ତି ବୋଲି ପ୍ରକାଶକ ସମୂହ ଅଭିଯୋଗ କରିଛନ୍ତି। ତୁରନ୍ତ ଏହି ତାଲିକାକୁ ବାତିଲ କରାଯାଇ ସରକାରୀ ନିୟମ ଆଧାରରେ ସାନି ତାଲିକା ପ୍ରକାଶ କରିବାକୁ ପ୍ରକାଶକମାନେ ଦାବି କରିଛନ୍ତି।

ସେହିପରି ଉକ୍ତ ବ୍ୟକ୍ତି ପୂର୍ବରୁ ଓଡ଼ିଆ ଭାଷା ପ୍ରତିଷ୍ଠାନରେ ସଂଯୋଜକ ଥିବା ବେଳେ ନିଜର ଅଜାଙ୍କ ପୁସ୍ତକ ବିକ୍ରି କରିବା, ନିଜ ପିଏଚ୍‌ଡି ଥେସିସ୍‌କୁ ପତ୍ନୀଙ୍କ ନାମରେ ପୁସ୍ତକ କରି ବିକ୍ରି କରିବା ଭଳି ଏକାଧିକ ବେଆଇନ କାର୍ଯ୍ୟ କରିଥିବା ବେଳେ ପ୍ରାୟ ୨୦ବର୍ଷ ଧରି ବିଭିନ୍ନ ଚୟନ କମିଟିରେ ରହି ନିର୍ଦ୍ଦିଷ୍ଟ ୪-୫ଜଣ ପ୍ରକାଶକଙ୍କୁ କାର୍ଯ୍ୟାଦେଶ ଦେବାରେ ସହଯୋଗ କରୁଛନ୍ତି ବୋଲି ପ୍ରକାଶକ ସମୂହ ଅଭିଯୋଗ କରିଛନ୍ତି। ଓସେପା, ଗଣଶିକ୍ଷା ବିଭାଗ, ଉଚ୍ଚଶିକ୍ଷା ବିଭାଗ, ଓଡ଼ିଶା ସାହିତ୍ୟ ଏକାଡେମୀ ବା ଅନ୍ୟ କୌଣସି ସରକାରୀ ସଂସ୍ଥାର ଚୟନ ପ୍ରକ୍ରିୟାରେ ତାଙ୍କୁ ସାମିଲ ନ କରିବା ଲାଗି ପ୍ରକାଶକମାନେ ଅନୁରୋଧ କରିଛନ୍ତି। ଚିଠିର ଏକକିତା ନକଲ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା), ଉଚ୍ଚଶିକ୍ଷା ନିର୍ଦ୍ଦେଶାଳୟ, ଗଣଶିକ୍ଷା ନିର୍ଦ୍ଦେଶାଳୟ ଓ ଓଡ଼ିଶା ସାହିତ୍ୟ ଏକାଡେମୀକୁ ମଧ୍ୟ ପ୍ରେରଣ କରାଯାଇଛି।

ସ୍ଥାନୀୟ ବୁଦ୍ଧମନ୍ଦିର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ପ୍ରକାଶକ ସମୂହର ଏ ବୈଠକରେ ଜୟକୃଷ୍ଣ ମହାପାତ୍ର, ଭିକାରୀ ଧଳ, ବନ୍ଦନା ମିଶ୍ର, ଶୁଭେନ୍ଦୁ କୁମାର ପାତ୍ର, କରୁଣାକାର ପୃଷ୍ଟି, ସସ୍ମିତା ଦାଶ, କ୍ଷୀରୋଦ ଚନ୍ଦ୍ର ପତି, ସରୋଜ ବଳ, ବନୋଜ ତ୍ରିପାଠୀ, ଅଭୟ ଦାସ, ସୁଧୀର ମଉଡ଼ମଣି, ଶୁଭ୍ରାଂଶୁ ପଣ୍ଡା, ରାଧାକୃଷ୍ଣ ଘଡ଼େଇ, ବିରଞ୍ଚି ନାରାୟଣ ଦାଶଙ୍କ ସବେତ ପ୍ରମୁଖ ୫୦ରୁ ଅଧିକ ପ୍ରକାଶକ ଉପସ୍ଥିତ ଥିଲେ।

**ମହାବିଦ୍ୟାଳୟ ପାଠାଗାର ପୁସ୍ତକ ତାଲିକା ବାତିଲ କରାଯାଉ**

**ଚୟନ ପ୍ରକ୍ରିୟାରେ ପ୍ରକାଶନ ସଂଘ ପ୍ରତିନିଧିଙ୍କୁ ସାମିଲ କରାଯାଉ**

# ଭାସମାନ ସୌର ପ୍ରକଳ୍ପରୁ ଉତ୍ପାଦନ ହେବ ୧୦୦୦ ମେଗାୱାଟ୍ ବିଜୁଳି

**ଭୁବନେଶ୍ୱର, ୩୧।୫ (ସମିସ):** ରାଜ୍ୟରେ ଯେପରି ଅଧିକରୁ ଅଧିକ ଅକ୍ଷୟ ଶକ୍ତିର ଆହରଣ ସହ ବ୍ୟବହାର ହୋଇପାରିବ, ସେନେଇ ଗୁରୁତ୍ୱ ପ୍ରଦାନ କରାଯାଉଛି। ଏନେଇ ପୂର୍ବ ବିଜେଡି ସରକାର ସ୍ୱତନ୍ତ୍ର ଭାବେ ଓଡ଼ିଶା ଅକ୍ଷୟ ଶକ୍ତି ନୀତି ୨୦୨୨ ପ୍ରଣୟନ କରିଥିଲେ। ଏହି କ୍ରମରେ ରାଜ୍ୟ ସରକାର ୧୦୦୦ ମେଗାୱାଟ୍ କ୍ଷମତା ବିଶିଷ୍ଟ ଭାସମାନ ସୌର (ଫ୍ଲୋଟିଂ ସୋଲାର) ପ୍ରକଳ୍ପ ବିକଶିତ କରିବା ପାଇଁ ପଦକ୍ଷେପ ନେବା ଆରମ୍ଭ କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ରାଜ୍ୟ ସରକାର ଆନ୍ତଃବିଭାଗୀୟ କମିଟି ଗଠନ କରିଛନ୍ତି। ଏହି କମିଟି ଭାସମାନ ସୌର ପ୍ରକଳ୍ପ କାର୍ଯ୍ୟାନ୍ୱୟ ପାଇଁ ପ୍ରକ୍ରିୟା ଆରମ୍ଭ କରିଛି। ଏହି କ୍ରମରେ କମିଟି ପକ୍ଷରୁ ରାଜ୍ୟର ବିଭିନ୍ନ ଜଳଭଣ୍ଡାରରେ ସମନ୍ୱିତ ଜିଆଇଏସ୍ ମ୍ୟାପିଂ ପ୍ରକ୍ରିୟା ଜାରି ରହିଛି। ହୀରାକୁଦ, ରେଙ୍ଗାଲି, ଅପରକୋଲାବ୍, ଇନ୍ଦ୍ରାବତୀ ଓ ବାଲିମେଳା ଜଳଭଣ୍ଡାରରେ ଏହି ମ୍ୟାପିଂ ପ୍ରକ୍ରିୟାକୁ ଚୂଡ଼ାନ୍ତ କରାଯିବ। ପରେ ପ୍ରକଳ୍ପ କାର୍ଯ୍ୟାନ୍ୱୟନ ପାଇଁ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ଜଣାପଡ଼ିଛି। ଏହି ୫ଟି ସ୍ଥାନରେ ଭାସମାନ ସୌର ପ୍ରକଳ୍ପ କାର୍ଯ୍ୟାନ୍ୱୟନ ହେବା ପରେ ୧୦୦୦ ମେଗାୱାଟ୍ ବିଜୁଳି ଉତ୍ପାଦନ ହେବା ସହ ଏହାଦ୍ୱାରା ପ୍ରାୟ ୧୦ଲକ୍ଷ ଘରକୁ ବିଜୁଳି ଯୋଗାଣ ସମ୍ଭବ ହୋଇପାରିବ। ସୁଦ୍ଧା ଓଡ଼ିଶା ୭.୫ ଗିଗାୱାଟ୍ ସୌରଶକ୍ତି ଉତ୍ପାଦନ କରିବାକୁ ବୃହତ୍ ଲକ୍ଷ୍ୟ ହାସଲ କରିଛି। ଏଥିରେ ସୌର ଏବଂ ଭାସମାନ ସୌର ପ୍ରକଳ୍ପର ଭୂମିକା ସର୍ବାଗ୍ରେ ରହିବ ବୋଲି ଶକ୍ତି ବିଶେଷଜ୍ଞ ଆଶା ରଖିଛନ୍ତି। ଅଧିକରୁ

- ବିଭିନ୍ନ ଜଳଭଣ୍ଡାରରେ କରାଯିବ ସମନ୍ୱିତ ଜିଆଇଏସ୍ ମ୍ୟାପିଂ
- ୫ଟି ସ୍ଥାନରେ ପ୍ରକଳ୍ପ ସ୍ଥାପନ ପାଇଁ ଶକ୍ତି ବିଭାଗର ଯୋଜନା

ଅପରପକ୍ଷେ, ନ୍ୟାସନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋଲାର୍ ଏନର୍ଜି(ଏନଆଇଏସଇ) ଏବଂ ଆଇ-ଫରେଷ୍ଟର ଏକ ମିଳିତ ସର୍ଭେର ରିପୋର୍ଟ ଅନୁଯାୟୀ, ରାଜ୍ୟର ୬୭୦ବର୍ଗ କି.ମି ବିଶିଷ୍ଟ ଜଳୀୟ ଅଞ୍ଚଳରୁ ୩୩.୫ଗିଗାୱାଟ୍ କ୍ଷମତାର ଶକ୍ତି ଉତ୍ପାଦନ କରାଯାଇପାରିବ। ସେହିପରି ଅକ୍ଷୟ ଶକ୍ତି ଉତ୍ପାଦନ ପାଇଁ ଓଡ଼ିଶା ଯେଉଁ ଲକ୍ଷ୍ୟ ଧାର୍ଯ୍ୟ କରିଛି, ତନ୍ମଧ୍ୟରୁ ପମ୍ପଡ୍ ଷ୍ଟୋରେଜ୍ ପ୍ରକଳ୍ପରୁ ୧୧ ପ୍ରତିଶତ ଉତ୍ପାଦନ ହାସଲ କରିହେବ। ୨୦୩୦ ଅଧିକ ଅକ୍ଷୟ ଶକ୍ତି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଏହା ପରିବେଶ ଉପଯୋଗୀ ହେବା ସହ ଅଧିକ ସଂଖ୍ୟାରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ଏହାସହ ଏହା ସ୍ଥାନୀୟ ଅର୍ଥନୀତିକୁ ମଧ୍ୟ ସୁଦୃଢ଼ କରିବ। ନିକଟରେ ଅନୁଷ୍ଠିତ ମେକ୍ ଇନ୍ ଓଡ଼ିଶା କନକ୍ଲେଭ୍‌ରେ ମଧ୍ୟ ଭାସମାନ ସୌର ପ୍ରକଳ୍ପ କ୍ଷେତ୍ରରେ ଓଡ଼ିଶାକୁ ବହୁ କୋଟି ଟଙ୍କାର ନିବେଶ ପ୍ରସ୍ତାବ ମିଳିଛି। ଏହା ଓଡ଼ିଶାର ଅକ୍ଷୟ ଶକ୍ତି ଯାତ୍ରାକୁ ସୁଦୃଢ଼ କରୁଥିବା ନେଇ ଶକ୍ତି ବିଶେଷଜ୍ଞ ମତପ୍ରକାଶ କରିଛନ୍ତି।

# ରୋଜଗାର ଦେଇଛି ଗୋଲାପ





ସାଧାରଣତଃ ଗୋଲାପଫୁଲଟିଏ ନିଜର ରଙ୍ଗ, ସୌନ୍ଦର୍ଯ୍ୟ, ସୁଗନ୍ଧ ସର୍ବୋପରି ଏହାର କୋମଳତା ପାଇଁ ସବୁରି ମନ ହରଣ କରିଥାଏ । ଗୋଲାପ ଫୁଲରେ ଅନେକ ଔଷଧୀୟ ଗୁଣ ରହିଛି । ଏହାକୁ ଖାଦ୍ୟ ଭାବେ ମଧ୍ୟ ଗ୍ରହଣ କରାଯାଉଛି । ପ୍ରସାଧାନ ସାମଗ୍ରୀ ଭାବେ ଏହାର ବ୍ୟବହାର ବହୁ ଦିନରୁ ରହିଆସିଛି । ଗୋଲାପ ଫୁଲର ବହୁବିଧ ଉପଯୋଗିତା ପାଇଁ ଏହାକୁ ଅନେକ ରୋଜଗାରର ପନ୍ଥା ଭାବେ ଗ୍ରହଣ କରିଛନ୍ତି । ଏଇ ଯେମିତି ରାଜସ୍ଥାନ ହଲ୍‌ଦୀଘାଟି ଅଞ୍ଚଳର ମହିଳା । ସେମାନେ ଗୋଲାପରୁ ଗୁଲକନ୍ଦ, ସର୍ବତ, ଗୋଲାପ ଜଳ ଆଦି ପ୍ରସ୍ତୁତ କରି ଅର୍ଥ ଉପାର୍ଜନ କରିପାରୁଛନ୍ତି । ଏହାର ଚାହିଦା କେବଳ ଦେଶ ନୁହେଁ, ବିଦେଶରେ ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି । ଫଳରେ ଏହା ମହିଳାଙ୍କ ପାଇଁ ଏକ ସ୍ଥାୟୀ ରୋଜଗାରର ମାଧ୍ୟମ ପାଲଟିଛି ।

### ବଦଳିଛି ପରିବାରର ଆର୍ଥିକ ମାନଦଣ୍ଡ

ରାଜସ୍ଥାନ ହଲ୍‌ଦୀଘାଟିରେ ଫୁଟୁଥିବା ଏହି ଚୈତ୍ରୀ ଗୋଲାପ ନିଜର ସୁଗନ୍ଧ, ରଙ୍ଗ ତଥା ଔଷଧୀୟଗୁଣ ପାଇଁ ପ୍ରସିଦ୍ଧି ଲାଭ କରିଛି । ସ୍ଥାନୀୟ କିଛି ମହିଳା ଗୋଷ୍ଠୀ ଗଠନ କରି ଗୋଲାପଫୁଲରୁ ପାରମ୍ପରିକ ପଦ୍ଧତିରେ ସର୍‌ବତ, ଗୁଲକନ୍ଦ ତଥା ଗୋଲାପଜଳ ଆଦି ତିଆରି କରୁଛନ୍ତି । ଏହାକୁ ସ୍ଥାନୀୟ ଅଞ୍ଚଳରେ ବିକ୍ରିବଟା କରି ବେଶ୍ କିଛି ରୋଜଗାର କରିଛନ୍ତି । ଏହି ଗୋଷ୍ଠୀର ଅଧ୍ୟକ୍ଷା ରୀନା ଜୈନ୍‌ଙ୍କ କହିବାନୁଯାୟୀ, ସେ ମହିଳାମାନଙ୍କୁ ୨୦-୨୦ ଟି ଗ୍ରୁପ୍‌ରେ ଭାଗ କରି ଏ ଦିଗରେ ସେମାନଙ୍କୁ ତାଲିମ ଦେଉଛନ୍ତି । ଏହା ଦ୍ୱାରା ପ୍ରତି ମହିଳା ମାସକୁ ୧୦ ରୁ-୧୨ ହଜାର ଟଙ୍କା ପର୍ଯ୍ୟନ୍ତ ଆୟ କରିପାରୁଛନ୍ତି । ଏହି କାର୍ଯ୍ୟ କରି ମହିଳାମାନେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି । ଏଥି ସହିତ ନିଜେ ପ୍ରସ୍ତୁତ କରୁଥିବା ସାମଗ୍ରୀକୁ ଦେଶ-ବିଦେଶକୁ ପହଞ୍ଚାଇଛନ୍ତି ।

### ପାରମ୍ପରିକ ବିଧିରେ ତିଆରି ଉତ୍ପାଦ

ଏହି ମହିଳାଗୋଷ୍ଠୀଙ୍କ ଦ୍ୱାରା ଗୋଲାପ ଉତ୍ପାଦ ପାରମ୍ପରିକ ଏବଂ ପ୍ରାକୃତିକ ଉପାୟରେ ପ୍ରସ୍ତୁତ ହୋଇଥାଏ । ଗୋଲାପର ପାଖୁଡ଼ାକୁ ବାଛିବା, ଶୁଖାଇବା ଏବଂ ସର୍ବତ ପ୍ରସ୍ତୁତ କରିବା ଯାଏଁ, ସମସ୍ତ ପ୍ରକ୍ରିୟାର ଶୁଦ୍ଧତା ଓ ଗୁଣବତ୍ତା ଉପରେ ବିଶେଷ ଧ୍ୟାନ ଦିଆଯାଇଥାଏ । ପ୍ରାରମ୍ଭରେ ମହିଳାମାନେ କେବଳ ଗୋଲାପ ସର୍ବତ ଓ ଗୁଲକନ୍ଦ ପ୍ରସ୍ତୁତ କରୁଥିଲେ । କିନ୍ତୁ ଏବେ ସେମାନେ ପାନ ସର୍ବତ ସାଙ୍ଗକୁ ପୋସ୍ତ ସର୍ବତ ମଧ୍ୟ ପ୍ରସ୍ତୁତ କରୁଛନ୍ତି । ଏହି ସବୁ ଉତ୍ପାଦ ଲୋକପ୍ରିୟତା ଦିନକୁ ଦିନ ବୃଦ୍ଧି ହେବାରେ ଲାଗିଛି । ଫଳରେ ମହିଳାଙ୍କ ଆୟ ମଧ୍ୟ ବୃଦ୍ଧି ହୋଇଛି ।

### ଚୈତ୍ରୀ ଗୋଲାପ

ଚୈତ୍ରୀ ଗୋଲାପ କେବଳ, ହଲ୍‌ଦିଘାଟୀରେ ନୁହେଁ, ବରଂ ଅନ୍ତଃରାଷ୍ଟ୍ରୀୟ ବଜାରରେ ମଧ୍ୟ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି । ଏହାର ବିଶେଷତା ଅନୁଯାୟୀ, ଏହା କେବଳ ମାର୍ଚ୍ଚ - ଏପ୍ରିଲ ଅର୍ଥାତ୍ ଚୈତ୍ର ମାସରେ ଫୁଟିଥାଏ । ସେଥିପାଇଁ ଏହାକୁ ଚୈତ୍ରୀ ଗୋଲାପ ବୋଲି କୁହାଯାଏ । କମ୍ ପାଣିରେ ମଧ୍ୟ ଏହା ଭଲ ଉତ୍ପାଦନ ହୋଇଥାଏ । ଏହାର ମହକ ଏହାକୁ ଅନ୍ୟ ଫୁଲଠାରୁ ସ୍ୱତନ୍ତ୍ର କରିଥାଏ । ହଲ୍‌ଦୀଘାଟିର ମହିଳାମାନେ ଏହାକୁ ଆର୍ଥିକ ସୁଯୋଗରେ ପରିଣତ କରି ଆତ୍ମନିର୍ଭର ହୋଇପାରିଛନ୍ତି । ସେମାନେ ଏହାକୁ ଅନ୍‌ଲାଇନ୍‌ରେ ବିକ୍ରିବଟା କରିପାରୁଛନ୍ତି । ଏହି ସ୍ୱତନ୍ତ୍ରତା ପାଇଁ ହଳଦୀଘାଟି ଅଞ୍ଚଳ ଏବେ ଦେଶ ବିଦେଶରେ ପରିଚିତ ହେବାକୁ ଯାଉଛି ।

# ଟମାଟୋରେ ଘର ସଫା

ଅଧିକାଂଶ ଲୋକେ ଟମାଟୋ ଅଧିକ ପାଚିଗଲେ ଏହାକୁ ଫୋପାଡ଼ି ଦିଅନ୍ତି । କିନ୍ତୁ ଏହାକୁ ନ ଫୋପାଡ଼ି ତାହାକୁ ଉପଯୋଗ କରି ଘର ସଫା କରାଯାଇପାରିବ । ଏଥିରେ ପ୍ରାକୃତିକ ଏସିଡ୍‌ର ଗୁଣ ରହିଥାଏ । ଯାହା ଦାଗ, କଳଙ୍କି ସଫା କରିବା ସହ ଘର ଚଟାଣକୁ ମଧ୍ୟ ପରିଷ୍କାର ରଖିବାରେ ସହାୟକ ହୋଇଥାଏ । ଜାଣିବା ସେ ବିଷୟରେ...

### ବାସନ ଦାଗ ଦୂର

ଷ୍ଟିଲ୍ ବାସନ, କଡ଼େଇ କିମ୍ବା ତାୱା ପୋଡ଼ି ଯାଇଥିଲେ, ଏହାକୁ ଶଡ଼ିଯାଇଥିବା ଟମାଟୋରସ ଲଗାଇ ସଫା କରିପାରିବେ । ଏଥିପାଇଁ ଶଡ଼ିଯାଇଥିବା ଟମାଟୋକୁ ଦୁଇ ଭାଗରେ କାଟି ବାସନରେ ଦାଗ ଲାଗିଥିବା ସ୍ଥାନରେ ଲଗାନ୍ତୁ । ଏହାପରେ କିଛି ସମୟ ଛାଡ଼ି ଗୋଟିଏ ସ୍କ୍ରବ୍‌ରେ ରଗଡ଼ି ପାଣିରେ ଧୋଇ ଦିଅନ୍ତୁ । ଏହା ବାସନରୁ ପୋଡ଼ାଦାଗ ଦୂର କରିଥାଏ ।

### କଳଙ୍କି ସମସ୍ୟା

ଟମାଟୋରେ ଥିବା ପ୍ରାକୃତିକ ଏସିଡ୍ କଳଙ୍କି ଦୂର କରିବାରେ ବେଶ୍ ଲାଭଦାୟୀ ହୋଇଥାଏ । ଏଥିପାଇଁ କଳଙ୍କି ଲାଗିଥିବା ଜିନିଷରେ ପ୍ରଥମେ ଟମାଟୋ ରସ ଲଗାଇ ୧୦-୧୫ ମିନିଟ୍ ରଖନ୍ତୁ । ଏହାକୁ ପୁରୁଣା ବ୍ରଶ୍ କିମ୍ବା ସ୍କ୍ରବ୍‌ରେ ରଗଡ଼ି ସଫା କରନ୍ତୁ । ଏପରି କରିବା ଦ୍ୱାରା କଳଙ୍କି ଛାଡ଼ିଯାଏ ।

### କିଚେନ୍ ବେସିନ୍

ଅନେକ ସମୟରେ ରୋଷେଇ କରିବାବେଳେ କିଚେନ୍ ସିଙ୍କ୍ ଏବଂ ସ୍ଲାବ୍‌ରେ ତେଲ, ମସଲା ଛିଟିକା ପଡ଼ିଯାଏ । ଏହା ଶୁଖିଗଲେ ଛଡ଼ାଇବା ମୁସ୍କିଲ୍ ହୋଇଯାଏ । ଏପରିସ୍ଥଳେ ଟମାଟୋ ପେଷ୍ଟ ପ୍ରସ୍ତୁତ କରି ଏହାକୁ ରୋଷେଇ ଘର ସ୍ଲାବ୍ କିମ୍ବା ସିଙ୍କ୍‌ରେ ଲଗାନ୍ତୁ । ଏହାପରେ ସ୍କ୍ରବ୍‌ରେ ଘଷି ସଫା କରନ୍ତୁ ।

### ଚମକାନ୍ତୁ ବାଥରୁମ୍ ଟାଇଲ୍

ଟମାଟୋରେ ଥିବା ଏସିଡ୍ ଟାଇଲ ଏବଂ କାଚକୁ ସଫା କରିବାରେ ସହାୟକ ହୋଇଥାଏ । ଏଥିପାଇଁ ଟମାଟୋ ରସକୁ ଟାଇଲରେ ଲଗାଇ ୧୦-୧୫ ମିନିଟ୍ ରଖି ବ୍ରଶ୍‌ରେ ଘଷିଦିଅନ୍ତୁ । ଏହା ଦ୍ୱାରା ଟାଇଲ୍‌ରେ ଲାଗିଥିବା ମଇଳା ପରିଷ୍କାର ହୋଇ ଉଜ୍ଜ୍ୱଳ ଦିଶିଥାଏ ।



# ମଖାନା ଫେସ୍‌ପ୍ୟାକ୍

ମଖାନା କେବଳ ସ୍ୱାସ୍ଥ୍ୟ ପାଇଁ ନୁହେଁ, ତ୍ୱଚା ପାଇଁ ଖୁବ୍ ଉପଯୋଗୀ । ଏହା ଆଣ୍ଟି ଏଜିଙ୍ଗ୍, ଆଣ୍ଟି ଅକ୍ସିଡାଣ୍ଟ ଗୁଣରେ ଭରପୂର । ଯାହା ଚର୍ମ କୁଞ୍ଚନ, ବୟସ ଛାପ ଆଦିକୁ ଦୂର କରିଥାଏ । ତେଣୁ ତ୍ୱଚାକୁ ସର୍ବଦା ଯୁବା ରଖିବାକୁ ଚାହୁଁଥିଲେ ମଖାନା ଫେସ୍‌ପ୍ୟାକ୍ ଲଗାଇପାରିବେ ।

### ମଖାନା - ମହୁ

ପ୍ରଥମେ ମଖାନାକୁ ଗୋଟିଏ ଜାର୍‌ରେ ନେଇ ପାଉଡର ପ୍ରସ୍ତୁତ କରନ୍ତୁ । ଏଥିରେ ଏକ ଚାମଚ ମହୁ ଓ ଦୁଇ ଚାମଚ କ୍ଷୀର ଦେଇ ମିଶାନ୍ତୁ । ଏହାକୁ ମୁହଁରେ ଲଗାଇ ୧୫ ମିନିଟ୍ ରଖି ଧୋଇ ଦିଅନ୍ତୁ । ଏହା ତ୍ୱଚାକୁ ହାଇଡ୍ରେଟ୍ ରଖିବାରେ ସହାୟକ ହୋଇଥାଏ । ଏହାକୁ ଲଗାଇବା ଦ୍ୱାରା ତ୍ୱଚାର ରୁକ୍ଷପଣ ଦୂର ହୋଇ ଉଜ୍ଜ୍ୱଳ ଦିଶିଥାଏ ।

### ମଖାନା - ଦହି

ଗୋଟିଏ ପାତ୍ରରେ ଅଳ୍ପ ମଖାନା ପାଉଡ୍‌ର ନେଇ ସେଥିରେ ଦୁଇଚାମଚ ଦହି ଓ ଏକ ଚାମଚ ହଳଦୀଗୁଣ୍ଡ ମିଶାଇ ଗୋଳାଇ ଦିଅନ୍ତୁ । ଏହାକୁ ତ୍ୱଚାରେ ଲଗାଇ ୨୦ ମିନିଟ୍ ରଖନ୍ତୁ । ଏହା ଶୁଖିଯିବା ପରେ ଧୋଇ ଦିଅନ୍ତୁ । ଏହି ଫେସ୍‌ପ୍ୟାକ୍ ଚର୍ମକୁଞ୍ଚନ ଦୂର କରିବାରେ ସହାୟକ ହୋଇଥାଏ । ଏହାକୁ ନିୟମିତ ଲଗାଇଲେ ସୁଫଳ ମିଳିଥାଏ ।

### ମଖାନା ଓ ଆଲୋଭେରା

ପ୍ରଥମେ ମଖାନା ପାଉଡର ସହ ଦୁଇଚାମଚ ଆଲୋଭେରା ଜେଲ୍ ଓ ଏକ ଚାମଚ ଗୋଲାପ ଜଳ ଦେଇ ଭଲ ଭାବେ ଗୋଳାଇ ଦିଅନ୍ତୁ । ଏହାକୁ ମୁହଁରେ ଲଗାଇ ୧୫ ମିନିଟ୍ ରଖି ଧୋଇ ଦିଅନ୍ତୁ । ଏହା ତ୍ୱଚାର ଉଜ୍ଜ୍ୱଳତା ବୃଦ୍ଧି କରିଥାଏ ।

### ମଖାନା ଓ ବେସନ

ମଖାନା ଗୁଣ୍ଡକୁ ଗୋଟିଏ ପାତ୍ରରେ ନେଇ ସେଥିରେ ଏକ ଚାମଚ ବେସନ ଓ ଲେମ୍ବୁରସ ମିଶାଇ ଗୋଳାଇ ଦିଅନ୍ତୁ । ଏହି ପେଷ୍ଟକୁ ମୁହଁରେ ଲଗାଇ ୨୦ ମିନିଟ୍ ରଖି ଧୋଇ ଦିଅନ୍ତୁ । ବିଶେଷ କରି ତେଲିଆ ତ୍ୱଚା ଥିବା ମହିଳାଙ୍କୁ ଏଥିରୁ ବେଶୀ ସୁଫଳ ମିଳିଥାଏ ।

### ମଖାନା ଓ ମୁଲ୍‌ତାନି ମାଟି

ପ୍ରଥମେ ମଖାନାକୁ ପେଷି ପାଉଡର ପ୍ରସ୍ତୁତ କରନ୍ତୁ । ସେଥିରେ ଏକ ଚାମଚ ମୁଲତାନି ମାଟି ଓ ଏକ ଚାମଚ ଗୋଲାପ ଜଳ ମିଶାଇ ଏକ ପତଳା ପେଷ୍ଟ ପ୍ରସ୍ତୁତ କରନ୍ତୁ । ଏହାକୁ ତ୍ୱଚାରେ ଲଗାଇ ୧୫ ମିନିଟ୍ ରଖି ଧୋଇ ଦିଅନ୍ତୁ । ଏହା ଦ୍ୱାରା ତ୍ୱଚା ଚିକ୍କଣ ହୋଇଥାଏ ।



# ଖରାଦିନିଆ କେଶର ଯତ୍ନ



ସାଧାରଣତଃ ଖରାଦିନେ ତ୍ୱଚା ସାଙ୍ଗକୁ କେଶ ମଧ୍ୟ ପ୍ରଭାବିତ ହୋଇଥାଏ । ଟାଣଖରା, ଗରମ ଓ ଝାଳ ଯୋଗୁ କେଶମୂଳ ଅଧିକ ତେଲିଆ ହୋଇଯାଏ । ଫଳରେ ସେହି ସ୍ଥାନରେ ରୂପି ଜମି କେଶରୁ ଦୁର୍ଗନ୍ଧ ବାହାରିଥାଏ । ତେଣୁ କିଛିଟା ସରଳ ଉପାୟ ଆପଣାଇ କେଶକୁ ଖରାରୁ ସୁରକ୍ଷା ଦେଇପାରିବେ ।

### ଧୋଇବା ପୂର୍ବରୁ ଲଗାନ୍ତୁ ତେଲ

ବିଶେଷ କରି ଟାଣଖରାରୁ କେଶକୁ ସୁରକ୍ଷା ଦେବାପାଇଁ ସପ୍ତାହରେ ଥରେ କିମ୍ବା ଦୁଇଥର ତେଲ ଲଗାନ୍ତୁ । ଏହାକୁ କେଶରେ ଲଗାଇ କିଛି ସମୟ ପରେ ଧୋଇ ଦିଅନ୍ତୁ । ଏହାପରେ କେଶରେ କଣ୍ଡିସନର୍ ଲଗାନ୍ତୁ । ଚାହିଁଲେ ହାଇଡ୍ରେଟିଙ୍ଗ୍ ମାସ୍କ ମଧ୍ୟ ଲଗାଇପାରିବେ । ଏହା କେଶକୁ ନରମ କରିବା ସହ ଚମକ ବୃଦ୍ଧି କରିଥାଏ ।

### ଗରମ ଉପକରଣରୁ ଦୂରେଇ ରୁହନ୍ତୁ

ସାଧାରଣତଃ କେଶମୂଳ ଖୁବ୍ ସମ୍ବେଦନଶୀଳ ହୋଇଥାଏ । ତେଣୁ ହେୟାର୍ ଷ୍ଟ୍ରେଟ୍‌ନର୍, ଡ୍ରାୟର୍ ତଥା କର୍ଲର ବ୍ୟବହାରରୁ ଦୂରେଇ ରୁହନ୍ତୁ । କାରଣ ଏହା କେଶକୁ ରୁକ୍ଷ କରିଥାଏ । ତେଣୁ ଯଥା ସମ୍ଭବ ଏସବୁ ଉପକରଣରୁ ଦୂରେଇ ରହିବା ଆବଶ୍ୟକ ।

### ଖରାରୁ କେଶ ସୁରକ୍ଷା

ଟାଣଖରାରେ କେଶ ନଷ୍ଟ ହେବାର ବେଶୀ ସମ୍ଭାବନା ଥାଏ । ତେଣୁ ଘରୁ ବାହାରକୁ ଯାଉଥିଲେ ଧଳା କିମ୍ବା ହାଲୁକା ରଙ୍ଗ ସ୍କାର୍ଫରେ କେଶକୁ ଘୋଡ଼ାଇ ରଖନ୍ତୁ । ଏହା କେଶକୁ ଧୂଳି, ପ୍ରଦୂଷଣ ଆଦିରୁ ସୁରକ୍ଷା ଦେଇଥାଏ ।

# ଆଖି ମେକ୍‌ଅପ୍

ମହିଳାମାନେ ସୁନ୍ଦର ତଥା ଗ୍ଲାମରସ୍ ଦିଶିବାକୁ ଚାହାନ୍ତି । ଏଥିପାଇଁ ଅନେକେ କନ୍‌ସିଲର୍, ଫାଉଣ୍ଡେସନ୍, ଲିପ୍‌ଷ୍ଟିକ୍ ଓ ବ୍ଲଶ୍‌କୁ ଗୁରୁତ୍ୱ ଦେଇଥାନ୍ତି । ହେଲେ ଆଖି ମେକ୍‌ଅପ୍ ପ୍ରତି ଏତେ ଧ୍ୟାନ ଦିଅନ୍ତିନି । କିନ୍ତୁ ଆଖି ମେକ୍‌ଅପ୍ ବିନା ମେକଅପ୍ ଅଧୁରା । ତେଣୁ ଆଖି ମେକ୍‌ଅପ୍‌କୁ ସୁନ୍ଦର କରି ଦୀର୍ଘ ସମୟ ରଖିବାକୁ ଚାହୁଁଥିଲେ, ଏହି ଉପାୟ ଆପଣାଇ ମେକ୍‌ଅପ୍ କରିପାରିବେ ।

### ପ୍ରଥମେ ମଏଶ୍ଚରାଇଜର୍

ଆଖି ପତାରେ ଆଇସ୍ୟାଡୋ ଲଗାଇ ପୂର୍ବରୁ ପ୍ରଥମେ ଏହାକୁ ଭଲ ଭାବେ ମଏଶ୍ଚରାଇଜ୍ କରିବା ଆବଶ୍ୟକ । ଏହା ଦ୍ୱାରା ଆଖିପତା ଆର୍ଦ୍ରତା ସହ ନରମ ରହିଥାଏ । ତେଣୁ ଏହା ମେକ୍‌ଅପ୍‌କୁ ଦୀର୍ଘ ସମୟ ରଖିବାରେ ସହାୟକ ହୋଇଥାଏ । ସେହିପରି ଆଖି ସମ୍ବେଦନଶୀଳ ହୋଇଥିଲେ ହାଇଡ୍ରେଟିଙ୍ଗ୍ କ୍ରିମ୍ ମଧ୍ୟ ଲଗାଇପାରିବେ ।

### ୱାଟର୍ ପ୍ରୁଫ୍ ଆଇ ମେକ୍‌ଅପ୍

ବିଶେଷ କରି ଖରାଦିନେ ୱାଟର୍ ପ୍ରୁଫ୍ ଆଇଲାଇନର୍, କାଜଲ୍ ଓ ମସ୍କାରା ଆଦି ବ୍ୟବହାର କରିପାରିବେ । ଏହା ଟାଣଖରା କିମ୍ବା ଝାଳରେ ମଧ୍ୟ ସହଜରେ ଲିଭେନି । ତେଣୁ ମେକ୍‌ଅପ୍‌ରେ କୌଣସି ଫରକ୍ ପଡ଼େନି । ସେହିପରି ଏହାକୁ ଲଗାଇବା ପରେ ପାଖାପାଖି ଆଠ ଘଣ୍ଟା ଯାଏ କୌଣସି ଟଚ୍‌ଅପ୍ କରିବାକୁ ପଡ଼ି ନଥାଏ ।



### ଆଖି ପ୍ରାଇମର୍‌ର ବ୍ୟବହାର

ଆଖି ମେକ୍‌ଅପ୍‌କୁ ଦୀର୍ଘ ସମୟ ରଖିବାକୁ ଚାହୁଁଥିଲେ, ଆଖିରେ ପ୍ରାଇମର୍ ଲଗାଇପାରିବେ । ଏହା ଆଇସ୍ୟାଡୋକୁ ଦୀର୍ଘ ସମୟ ରଖିବାରେ ସହାୟକ ହୋଇଥାଏ । ସେହିପରି ଏହା ଆଖିର ପାଖାପାଖି ସ୍ଥାନକୁ ଓଦା ହେବାରୁ ମଧ୍ୟ ସୁରକ୍ଷା ଦେଇଥାଏ । ଏହା ଦ୍ୱାରା ଆଖି ମେକ୍‌ଅପ୍ ଦୀର୍ଘ ସମୟ ଯାଏ ସତେଜ ରହିଥାଏ ।

### ଗ୍ଲିଟର୍ ଆଖି

ସ୍ମୋକି ଆଇ ବଦଳରେ ଏକ ଗ୍ଲିଟର୍ ମେକ୍‌ଅପ୍ କରିପାରିବେ । ଏଥିପାଇଁ ଗୋଲାପୀ, ସୁନେଲି ଓ ସବୁଜ ରଙ୍ଗର ଆଇସ୍ୟାଡୋ ଲଗାନ୍ତୁ । ଏଥିରୁ ଏକ କୁଲ୍ ଲୁକ୍ ମିଳିଥାଏ । ସେହିପରି ଚାହିଁଲେ ଆଉଟ୍‌ଫିଟ୍ ଅନୁସାରେ, ମ୍ୟାଚିଙ୍ଗ୍ କରି ଗ୍ଲିଟର୍ କିମ୍ବା ସିମର୍ ଆଇସ୍ୟାଡୋ ଲଗାଇପାରିବେ । ଏହା ଆଖିକୁ ସୁନ୍ଦର ଓ ଆକର୍ଷଣୀୟ କରିଥାଏ ।



ମୋ ହାଣ୍ଡିଶାଳରୁ...

# ଦହି ଉପମା

### ଆବଶ୍ୟକ ସାମଗ୍ରୀ

ସୁଜି - ୨୦୦ ଗ୍ରାମ୍, ଦହି - ଏକ କପ୍, କଟା ଅଦା - ଅଧା ଚାମଚ, କଟା କଞ୍ଚାଲଙ୍କା - ଦୁଇଟି, ଧନିଆପତ୍ର, କଟା ପିଆଜ - ଅଧା କପ୍, ବୁଟ ଡାଲି - ଅଧା କପ୍, ଚିନାବାଦାମ - ଅଳ୍ପ, ଭୃର୍ସୁଙ୍ଗପତ୍ର - ଏକ ପାଖୁଡ଼ା, ଶୁଖିଲା ଲଙ୍କା - ଦୁଇଟି, ଲୁଣ - ସ୍ୱାଦ ଅନୁସାରେ, ତେଲ - ଆବଶ୍ୟକତା ଅନୁସାରେ ।

### ପ୍ରସ୍ତୁତି ପ୍ରଣାଳୀ

ଗୋଟିଏ ବାଉଲ୍ ନେଇ ସେଥିରେ ଏକ କପ୍ ଦହି ଦେଇ, କଟା କଞ୍ଚାଲଙ୍କା, କଟା ଅଦା, ଧନିଆପତ୍ର, ଲୁଣ ସାଙ୍ଗକୁ ଅଧା ଗ୍ଲାସ୍ ପାଣି ଦେଇ ଭଲ ଭାବେ ଗୋଳାଇ ଦିଅନ୍ତୁ । ଏହା ପରେ ଚୁଲା ଲଗେଇ କଡ଼େଇ ବସାନ୍ତୁ । କଡ଼େଇ ଗରମ ହୋଇଯିବା ପରେ ସେଥିରେ ଅଳ୍ପ ତେଲ ଦିଅନ୍ତୁ । ତେଲ ଗରମ ହୋଇ ଆସିଲେ ସେଥିରେ ସୋରିଷ, ଶୁଖିଲା ଲଙ୍କା, ବୁଟ ଡାଲି, ଚିନାବାଦାମ, କଟା ପିଆଜ ଓ ଭୃର୍ସୁଙ୍ଗ ପତ୍ର ଦେଇ ଭାଜନ୍ତୁ । ଏହାପରେ ସେଥିରେ ସୁଜି ମିଶାନ୍ତୁ । ସୁଜି ଭାଜି ହୋଇ ଆସିଲେ ସେଥିରେ ପୂର୍ବରୁ ରଖିଥିବା ଦହି ପାଣିକୁ ଦେଇ ଭଲ ଭାବେ ଗୋଳାଇ ଦିଅନ୍ତୁ । ଏହା ଧୀରେ ଧୀରେ ବହଳିଆ ହୋଇ ଆସିଲେ ଗ୍ୟାସ୍ ବନ୍ଦ କରି ଢାଙ୍କୁଣୀରେ ଘୋଡ଼ାଇ ଦିଅନ୍ତୁ । କିଛି ସମୟ ପରେ ଢାଙ୍କୁଣୀ ଖୋଲି ପ୍ଲେଟ୍‌କୁ କାଢ଼ି ପରଷନ୍ତୁ ସ୍ୱାଦିଷ୍ଟ 'ଦହି ଉପମା' ।

### ପ୍ରଥମ ଅନ୍‌ଅଫିସିଆଲ୍ ଟେଷ୍ଟ

# ପ୍ରଥମ ଶ୍ରେଣୀରେ କରୁନଙ୍କ ୪ର୍ଥ ଦ୍ୱିଶତକ

**କେଣ୍ଟବୁରୀ, ୩୧।୫ (ଏଜେନ୍ସି):** କରୁନ ନାୟାରଙ୍କ ଦମ୍‌ଦାର ଦ୍ୱିଶତକୀୟ ପାଳି ବଳରେ ଏଠାରେ ଘରୋଇ ଇଂଲଣ୍ଡ ଲାୟନ୍ସ ବିପକ୍ଷରେ ଚାଲିଥିବା ପ୍ରଥମ ଅନ୍‌ଅଫିସିଆଲ୍ ଟେଷ୍ଟ ମ୍ୟାଚରେ ଭାରତ-ଏ ଦୃଢ଼ସ୍ଥିତିରେ ରହିଛି। ଅଭିମନ୍ୟୁ ଈଶ୍ୱରନଙ୍କ ନେତୃତ୍ୱାଧିନ



ଭାରତ-ଏ ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ଶନିବାର ଦ୍ୱିତୀୟ ଦିବସରେ ୧୨୫.୧ ଓଭରରେ ୫୫୭ ରନ କରି ପ୍ରଥମ ପାଳିରେ ଅଲ୍‌ଆଉଟ୍ ହୋଇଛି। ବ୍ୟାଟିଂକ୍ରମର ୩ୟ ସ୍ଥାନରେ ଆସିଥିବା କରୁନ ନାୟାର ୨୦୪ ରନର ମାରାଥନ ପାଳି ଖେଳିଥିଲେ। ୨୮୧ ବଲର ଏହି ପାଳିରେ ସେ ୨୬ ଚୌକା ଓ ୧ ଛକା ମାରିଥିଲେ। ଭାରତ ପକ୍ଷରୁ ଅନ୍ୟମାନଙ୍କ ମଧ୍ୟରେ ସର୍ଫରାଜ ଖାନ ୯୨, ଧ୍ରୁବ ଜୁରେଲ ୯୪, ଯଶସ୍ୱୀ ଜୟସ୍ୱାଲ ୨୪, ଶାର୍ଦ୍ଦୁଳ ଠାକୁର ୨୭ ରନ କରିଥିଲେ। ଜବାବରେ ପ୍ରଥମ ପାଳି ଆରମ୍ଭ କରିଥିବା ଘରୋଇ ଇଂଲଣ୍ଡ ଲାୟନ୍ସ ଶେଷ ଖବର ସୁଦ୍ଧା ୧୧ ଓଭରରେ ଗୋଟିଏ ୱିକେଟ୍ ହରାଇ ୪୧ ରନ ସଂଗ୍ରହ କରିଛି। ପ୍ରଥମଶ୍ରେଣୀ କ୍ରିକେଟ୍‌ରେ ୩୩ ବର୍ଷୀୟ କରୁନଙ୍କ ଏହା ୪ର୍ଥ ଦ୍ୱିଶତକୀୟ ପାଳି। ୨୦୧୫-୧୬ ରଣଜୀ ଟ୍ରଫି ସିଜନରେ କର୍ଣ୍ଣାଟକ ପକ୍ଷରୁ ପ୍ରତିନିଧିତ୍ୱ କରି ତାମିଲନାଡୁ ବିପକ୍ଷରେ ୩୨୮ ରନ କରିଥିଲେ। ଯାହା ତାଙ୍କର ଶ୍ରେଷ୍ଠ ପାଳି ହୋଇ ରହିଛି। ସେହିଭଳି ଇଂଲଣ୍ଡ ମାଟିରେ ଏହା ତାଙ୍କର ଦ୍ୱିତୀୟ ଦ୍ୱିଶତକ। ଏଥିପୂର୍ବରୁ ସେ ୨୦୨୪ରେ କାଉଣ୍ଟି କ୍ରିକେଟ୍ କ୍ଲବ ନର୍ଥାମ୍ପଟନ ପକ୍ଷରୁ ଖେଳି ଗ୍ଲାମରଗନ ବିପକ୍ଷରେ ୨୦୨ ରନ କରିଥିଲେ।

# ଜାତୀୟ ସବ୍‌ଜୁନିଅର ଉଷୁରେ ଓଡ଼ିଶାକୁ ୧୭ ପଦକ




**ଭୁବନେଶ୍ୱର, ୩୧।୫ (ସମିସ):** ତାମିଲନାଡୁରେ ଅନୁଷ୍ଠିତ ଜାତୀୟ ସବ୍‌ଜୁନିଅର ଉଷୁ ଚାମ୍ପିଅନସିପ୍‌ରେ ଓଡ଼ିଶା ଦଳ ୧୭ ପଦକ ଜିତି ରାଜ୍ୟ ପାଇଁ ଗୌରବ ଆଣିଛି। ଓଡ଼ିଶା ଖେଳାଳିମାନେ ଜିତିଥିବା ପଦକ ମଧ୍ୟରେ ୨ଟି ସ୍ୱର୍ଣ୍ଣ ସହ ୪ ରୌପ୍ୟ ଓ ୧୧ କାଂସ୍ୟ ରହିଛି। ବାଳକ ୨୬ କିଗ୍ରା ମଜନୁ ମୁଣ୍ଡା ଓ ବାଳିକା ୨୨ କିଗ୍ରାରେ ରଶ୍ମିତା ମୁଣ୍ଡା ପ୍ରଥମ ସ୍ଥାନରେ ରହି ସ୍ୱର୍ଣ୍ଣପଦକ ଜିତିଥିଲେ। ସେହିଭଳି ସୁଶାନ୍ତ ଗାଗରାଇ, ପ୍ରିୟତମ ମୁଣ୍ଡା, ଆୟୁଷ ଦାସ ଓ ଦିରେନ୍ଦ୍ର ଦାସ ରୌପ୍ୟପଦକ ହାସଲ କରିଥିଲେ। ଗତ ୨୬ରୁ ଆରମ୍ଭ ହୋଇଥିବା ଏହି ଚାମ୍ପିଅନସିପ୍‌ରେ ଓଡ଼ିଶାର ମୋଟ୍ ୫୯ ଜଣ ଖେଳାଳି ଓ ୬ ଅଫିସିଆଲ୍ ଅଂଶଗ୍ରହଣ କରିଥିଲେ। ପ୍ରଦ୍ୟୁମ୍ନ ବେହେରା ମୁଖ୍ୟ ଜଜ୍ ଭାବେ କାର୍ଯ୍ୟ ତୁଲାଇଥିଲେ। ଏହି ସଫଳତା ଲାଗି ଓଡ଼ିଶା ଉଷୁ ସଂଘର ଅଧ୍ୟକ୍ଷ ସୁଧାଂଶୁ ଶେଖର ହରିଚନ୍ଦନ, ସଭାପତି ବିଷ୍ଣୁ ମୋହନ ମହାନ୍ତି, ଉପସଭାପତି ବିକାଶ ପଟ୍ଟନାୟକ, ସାଧାରଣ ସମ୍ପାଦକ ଯୁବରାଜ ହରିଚନ୍ଦନ ପ୍ରମୁଖ ପଦକ ବିଜୟୀ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ଆଜି ଖୋର୍ଦ୍ଧା ରୋଡ୍ ହାଫ୍ ମାରାଥନ୍

**ଭୁବନେଶ୍ୱର, ୩୧।୫ (ସମିସ):** ଆଇଆଇଟି ଭୁବନେଶ୍ୱର ଓ ପୂର୍ବତଟ ରେଳବାଇ କ୍ରୀଡ଼ା ସଂଘ (ଇକୋର୍ସା) ର ମିଳିତ ସହଯୋଗରେ ରବିବାର ସକାଳ ଖୋର୍ଦ୍ଧା ରୋଡ୍ ହାଫ୍ ମାରାଥନ (୨୧.୧ କିମି) ଅନୁଷ୍ଠିତ ହେବ। ଅଲିମ୍ପିଆନ ଦ୍ୟୁତୀ ଚାନ୍ଦ ଏହି ହାଫ୍ ମାରାଥନର ନେତୃତ୍ୱ ନେବେ। ହାଫ୍ ମାରାଥନ ବ୍ୟତୀତ ୨ କିମି, ୫ କିମି ଓ ୧୦ କିମି ରେସ ଆୟୋଜିତ ହେବ। ମୋଟ୍ ୨ ଲକ୍ଷ ଟଙ୍କାର ପୁରସ୍କାର ରାଶି ଏଥିରେ ରଖାଯାଇଛି। ରବିବାର ଭୋର୍ ୪ଟା ୩୦ରେ ଜଟଣୀ ରେଳବାଇ କ୍ରିକେଟ୍ ଷ୍ଟାଡିୟମରୁ ଏହି ହାଫ୍ ମାରାଥନ ଆରମ୍ଭ ହେବ। ଆଇଆଇଟି ଭୁବନେଶ୍ୱରରୁ ଏହା ୟୁଟର୍ଣ୍ଣ ନେଇ ପୁନର୍ବାର କ୍ରିକେଟ୍ ଷ୍ଟାଡିୟମରେ ସମାପ୍ତ ହେବ। ଏଥିରେ ଓଡ଼ିଶା ସମେତ ଉତ୍ତର ପ୍ରଦେଶ, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ତେଲଙ୍ଗାନା ଆଦିରୁ ୧୨୦୦ରୁ ଊର୍ଦ୍ଧ୍ୱ ଧାବକଧାବିକା ଅଂଶଗ୍ରହଣ କରିବେ ବୋଲି ଇକୋର୍ସା ପକ୍ଷରୁ କୁହାଯାଇଛି। ଏହି ହାଫ୍ ମାରାଥନର ଟି-ଶାର୍ଟକୁ ଶନିବାର ଖୋର୍ଦ୍ଧା ରୋଡ୍ ମଣ୍ଡଳ ରେଳ ପ୍ରବନ୍ଧକ ଏଚ୍.ଏସ୍. ବାଜ୍ୱା ଉଦ୍‌ଘାଟନ କରିଥିଲେ।

### ଏସିଆନ୍ ଆଥ୍ଲେଟିକ୍ସରେ ଓଡ଼ିଶା କ୍ରୀଡ଼ାବିତ୍‌ଙ୍କ ଚମକ

# ଶ୍ରାବଣୀଙ୍କୁ ରୌପ୍ୟ; ଜାତୀୟ ରେକର୍ଡ ସହ ଅନିମେଶଙ୍କୁ କାଂସ୍ୟ

ଗୁମି, ୩୧।୫ (ଏଜେନ୍ସି)

ଦକ୍ଷିଣ କୋରିଆରେ ଶେଷ ହୋଇଥିବା ୨୮ତମ ଏସିଆନ୍ ଆଥ୍ଲେଟିକ୍ସ ଚାମ୍ପିଅନସିପ୍‌ର ଅନ୍ତିମ ଦିବସରେ ଶନିବାର ଓଡ଼ିଶା କ୍ରୀଡ଼ାବିତ୍‌ଙ୍କ ଚମକ ଦେଖିବାକୁ ମିଳିଛି। ଦେଶର ଜଣାଶୁଣା ଧାବକ ଓଡ଼ିଶାର ଅନିମେଶ କୁଜୁର ପୁରୁଷ ୨୦୦ ମିଟର ରେସରେ ଜାତୀୟ ରେକର୍ଡ ସହ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ସେହିଭଳି ଓଡ଼ିଶାର ଅନ୍ୟତମ ଚର୍ଚ୍ଚିତ ଧାବିକା ଶ୍ରାବଣୀ ନନ୍ଦ ମହିଳା ୪ ଗୁଣା ୧୦୦ ମିଟର ରିଲେ ରେସ୍‌ରେ ରୌପ୍ୟ ପଦକ ସଫଳତା ପାଇଛନ୍ତି।



ଶନିବାର ଅନୁଷ୍ଠିତ ପୁରୁଷ ୨୦୦ ମିଟର ରେସ୍‌ର ଫାଇନାଲରେ ଅନିମେଶ ୨୦.୩୨ ସେକେଣ୍ଡ ସମୟ ନେଇ ପୋଡିୟମର ୩ୟ ସ୍ଥାନରେ ରହିଥିଲେ। ଏଥିରେ ଜାପାନର ତୋୱା ଉଜାୱା (୨୦.୧୨) ଓ ସାଉଦୀ ଆରବର ଅବଦୁଲାଜିଜ୍ ଆତଫି (୨୦.୩୧) ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ହାସଲ କରିଥିଲେ। ଅନିମେଶଙ୍କ ଏହି ଟାଇମିଂ ନୂଆ ଜାତୀୟ ରେକର୍ଡ ହୋଇଛି। ନିକଟରେ ଅନୁଷ୍ଠିତ ଫେଡେରେସନ କପ୍‌ରେ ଅନିମେଶ ୨୦୦ ମିଟରକୁ ୨୦.୪୦ ସେକେଣ୍ଡରେ ଫିନିଶ କରି ରେକର୍ଡର ଅଧିକାରୀ ରହିଥିଲେ। ବର୍ତ୍ତମାନ କଳିଙ୍ଗ ଷ୍ଟାଡିୟମ ପରିସରସ୍ଥିତ ଆଥ୍ଲେଟିକ ଏଚ୍‌ପିସିରେ ପ୍ରଶିକ୍ଷଣ ନେଉଥିବା ଅନିମେଶଙ୍କୁ ଏହି ଅନ୍ତର୍ଜାତୀୟ ସଫଳତା ଲାଗି ଚାରିଆଡୁ ଶୁଭେଚ୍ଛାର ସୁଅ ଛୁଟିଛି। ତାଙ୍କ ପ୍ରଶିକ୍ଷକ ମାର୍ଟିନ ଓନ୍ସ ଅନିମେଶଙ୍କ ଏହି ପ୍ରଦର୍ଶନରେ ଖୁସି ବ୍ୟକ୍ତ କରିଛନ୍ତି।

ଅପରପକ୍ଷରେ ମହିଳା ୪ ଗୁଣା ୧୦୦ ମିଟର ରିଲେ୍ ରେସରେ ଭାରତୀୟ ଦଳ ୪୩.୮୬ ସେକେଣ୍ଡରେ ଶେଷ କରି ଦ୍ୱିତୀୟ ସ୍ଥାନରେ ରହିବା ସହ ରୌପ୍ୟପଦକ ଜିତିଥିଲା। ଓଡ଼ିଶାର ଶ୍ରାବଣୀ ନନ୍ଦଙ୍କ ସମେତ ଏସ୍. ସ୍ନେହା, ଅଭିନ୍ୟା ସେଟ୍ଟୀ ଓ ନିତ୍ୟା ଗାନ୍ଧେ ଭାରତୀୟ ଦଳର ସଦସ୍ୟା ରହିଥିଲେ। ୪୩.୨୮ ସେକେଣ୍ଡ ସହ ଚାଇନା ରିଲେ ଦଳ ସ୍ୱର୍ଣ୍ଣପଦକ ହାତେଇନେଇଥିଲା। ଭାରତୀୟ ରିଲେ ଦଳ ଏଠାରେ ରୌପ୍ୟ ଜିତିବା ସହ ୨୦୦୦ ମସିହା ପରେ ପ୍ରଥମଥର ଲାଗି ଏସିଆନ ଚାମ୍ପିଅନସିପ୍‌ର ଏହି ଇଭେଣ୍ଟରେ ପଦକ ସଫଳତା ପାଇଛି।

**ଜାଭେଲିନରେ ସଚିନଙ୍କୁ ରୌପ୍ୟ**

ପୁରୁଷ ଜାଭେଲିନ ଥ୍ରୋ'ରେ ଭାରତର ଯୁବ ଆଥ୍ଲେଟ୍ ସଚିନ ଯାଦବ ଅଳ୍ପକେ ସ୍ୱର୍ଣ୍ଣପଦକରୁ ବଞ୍ଚିତ ହୋଇଛନ୍ତି। ସଚିନ ୮୫.୧୬ ମିଟର ଫିଙ୍ଗି ୨ୟ ସ୍ଥାନରେ ରହିବା ସହ ରୌପ୍ୟରେ ସନ୍ତୁଷ୍ଟ ରହିଥିଲେ। ଅଲିମ୍ପିକ ଚାମ୍ପିଅନ ପାକିସ୍ତାନର ଅର୍ଶଦ ନଦୀମ ୮୬.୪୦ ମିଟର ସହ ସ୍ୱର୍ଣ୍ଣପଦକ ହାତେଇ ନେଇଥିଲେ। ତାରକା ଜାଭେଲିନ ଫିଙ୍ଗାଳୀ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରି ନ ଥିଲେ। ଶନିବାର ଅନ୍ୟ ଭାରତୀୟ ଆଥ୍ଲେଟ୍‌ଙ୍କ ମଧ୍ୟରେ ମହିଳା ୫୦୦୦ ମିଟରରେ ପାରୁଲ ଚୌଧୁରୀ ରୌପ୍ୟ ଏବଂ ମହିଳା ୮୦୦ ମିଟରରେ ପୂଜା ଓ ମହିଳା ୪୦୦ ମିଟର ହର୍ଡଲ୍ସରେ ବିଥ୍ୟା ରାମରାଜ କାଂସ୍ୟ ପଦକ ଜିତିଛନ୍ତି।

**ଭାରତକୁ ୨୪ ପଦକ**

ଏସିଆନ୍ ଆଥ୍ଲେଟିକ୍ସ ଚାମ୍ପିଅନସିପ୍‌ର ଚଳିତ ୨୬ତମ ସଂସ୍କରଣରେ ଭାରତ ୨୪ ପଦକ ଜିତି ଦ୍ୱିତୀୟ ସ୍ଥାନରେ ରହି ଅଭିଯାନ ଶେଷ କରିଛି। ଯେଉଁଥିରେ ୮ ସ୍ୱର୍ଣ୍ଣ, ୧୦ ରୌପ୍ୟ ଓ ୬ କାଂସ୍ୟ ପଦକ ରହିଛି। ୧୯ ସ୍ୱର୍ଣ୍ଣ ସହ ମୋଟ୍ ୨୬ ପଦକ ଜିତି ଚାଇନା ପ୍ରଥମ ସ୍ଥାନ ହାସଲ କରିଛି।



ଅନିମେଶ

### ଫ୍ରେଞ୍ଚ ଓପନ୍

# ଚତୁର୍ଥ ରାଉଣ୍ଡରେ ସିନର, ଜ୍ୱେରେଭ

**ପ୍ୟାରିସ,୩୧।୫(ଏଜେନ୍ସି):** ଚଳିତ ଫ୍ରେଞ୍ଚ୍ ଓପନ୍ ଟେନିସ ଟୁର୍ଣ୍ଣାମେଣ୍ଟରେ ପୁରୁଷ ଏକକରେ ଟପ୍ ସିଡ୍ ଇଟାଲୀର ଜାନିକ ସିନର, ତୃତୀୟ ସିଡ୍ ଜର୍ମାନୀର ଆଲେକଜାଣ୍ଡର ଜ୍ୱେରେଭ, ବ୍ରିଟେନର ୫ମ ସିଡ୍ ଜ୍ୟାକ ଡ୍ରାପର ଚତୁର୍ଥ ରାଉଣ୍ଡକୁ ଉଠିଛନ୍ତି। ଶନିବାର ତୃତୀୟ ରାଉଣ୍ଡ ମାଚ୍‌ରେ ସିନର ୬-୦, ୬-୧, ୬-୩ ସିଧା ସେଟ୍‌ରେ ଚେକ ଗଣରାଜ୍ୟର ଜିରି ଲେହକାଙ୍କୁ, ଡ୍ରାପର ୬-୨, ୬-୪, ୬-୨ ସିଧା ସେଟ୍‌ରେ ବ୍ରାଜିଲର ଜୋଆଓ ଫୋନସେକାଙ୍କୁ, ଜ୍ୱେରେଭ ୬-୨, ୭-୬, ୬-୧ ସେଟ୍‌ରେ ଇଟାଲୀର ଫ୍ଲାଭିଓ କୋବୋଲିଙ୍କୁ ହରାଇ ଅଗ୍ରଗତି କରିଛନ୍ତି।

**ପେଗୁଲା, ଆନ୍ଦ୍ରିଭା ପ୍ରି-କ୍ୱାର୍ଟରରେ**

ମହିଳା ଏକକରେ ଆମେରିକାର ଦ୍ୱିତୀୟ ସିଡ୍ ଖେଳାଳି ଜେସିକା ପେଗୁଲା ୩-୬, ୬-୪, ୬-୨ ସେଟ୍‌ରେ ଚେକ ଖେଳାଳି ମାର୍କେଟା ଭଣ୍ଡ୍ରୋଉଶୋଭାଙ୍କୁ, ଷଷ୍ଠ ସିଡ୍ ରୁଷିଆର ୧୭ ବର୍ଷୀୟା ମୀରା ଆନ୍ଦ୍ରିଭା ୬-୩, ୬-୧ ସିଧା ସେଟ୍‌ରେ ୩୨ତମ ସିଡ୍ କାଜାଖସ୍ତାନର ୟୁଲିଆ ପୁତିନଶୋଭାଙ୍କୁ, ୧୬ତମ ସିଡ୍ ଅଷ୍ଟ୍ରେଲିଆର ଡାରିଆ କାସାତକିନା୬-୧, ୭-୫ ସେଟ୍‌ରେ ସ୍ପେନର ୧୦ମ ସିଡ୍ ପଉଲା ବଡୋସାଙ୍କୁ ହରାଇ ପ୍ରି-କ୍ୱାର୍ଟରକୁ ଉଠିଛନ୍ତି। ପୁରୁଷ ଯୁଗଳରେ ଭାରତର ଅଭିଜ୍ଞ ଖେଳାଳି ରୋହନ ବୋପାନ୍ନା, ଯୁକି ଭାମ୍ବ୍ରୀ ତୃତୀୟ ରାଉଣ୍ଡକୁ ଉଠିଛନ୍ତି।


ମୀରା ଆନ୍ଦ୍ରିଭା

### ୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ୍

# ବରଗଡ଼, ଢେଙ୍କାନାଳ, କେନ୍ଦୁଝର ବିଜୟୀ

**ଭୁବନେଶ୍ୱର, ୩୧।୫ (ସମିସ):** ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ କଟକରେ ଚାଲିଥିବା ୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା ପୁରୁଷ ଏକଦିବସୀୟ ମ୍ୟାଚରେ ଶନିବାର ୬ଟି ମ୍ୟାଚ୍ ଖେଳାଯାଇଛି। ଏଥିରେ ଡ୍ରିମ୍ସ ଗ୍ରାଉଣ୍ଡରେ ଅନୁଷ୍ଠିତ ଏକ ମ୍ୟାଚରେ ଢେଙ୍କାନାଳ ୮ ୱିକେଟ୍‌ରେ ପୁରୀକୁ ପରାସ୍ତ କରିଛି। ଶ୍ରେୟାଂଶୁ ମହାନ୍ତି (୫.୫-୧-୨୭-୬)ଙ୍କ ବୋଲିଂକୁ ସାମ୍ନା କରି ନ ପାରି ପ୍ରଥମେ ବ୍ୟାଟିଂ କରିଥିବା ପୁରୀ ୧୮.୫ ଓଭରରେ ମାତ୍ର ୬୫ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଜବାବରେ ଢେଙ୍କାନାଳ ୧୭ ଓଭରରେ ୨ ୱିକେଟ୍ ହରାଇ ବିଜୟୀ ହୋଇଥିଲା। ଶ୍ରେୟାଂଶୁ ଶ୍ରେଷ୍ଠ ଖେଳାଳି ହୋଇଥିଲେ। ସେହିଭଳି ଅଡ଼ଶପୁର ଗ୍ରାଉଣ୍ଡରେ କେନ୍ଦୁଝର ୪୦ ରନରେ ବାଲେଶ୍ୱରକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି କେନ୍ଦୁଝର ଦିଗବିଜୟ ଦେହୁରୀଙ୍କ ୪୦ ରନ ସହାୟତାରେ ୨୩.୩ ଓଭରରେ ୯୩ ରନରେ ସୀମିତ ରହିଥିଲା। ଜବାବରେ ବାଲେଶ୍ୱର ୫୩ ରନରେ ସୀମିତ ରହିଥିଲା। ବିଜୟୀ ଦଳର ସଙ୍କେତ ପଣ୍ଡା ୧୩ ରନରେ ୩ଟି ୱିକେଟ୍ ନେଇଥିଲେ।

ରେଭେନଶା ଗ୍ରାଉଣ୍ଡ-୧ରେ ନୂଆପଡ଼ା ବିପକ୍ଷରେ ପ୍ରଥମେ ବ୍ୟାଟିଂ କରି ବରଗଡ଼ ୧୧୦ ରନରେ ଅଲ୍‌ଆଉଟ୍ ହୋଇଥିଲା। ସେକ୍ ହାୟତ୍ ସର୍ବାଧିକ ୪୫ ରନ କରିଥିଲେ। ନୂଆପଡ଼ାର ନିଖିଳ ଚନ୍ଦ୍ରପର ୬ଟି ୱିକେଟ୍ ସଫଳତା ପାଇଥିଲେ। ଜବାବରେ ନୂଆପଡ଼ା ୮୨ ରନରେ ଅଲ୍‌ଆଉଟ୍ ହୋଇଥିଲା। ବୋଲିଂରେ ମଧ୍ୟ ସେକ୍ ହାୟତ ୪ଟି ୱିକେଟ୍ ନେଇ ଶ୍ରେଷ୍ଠ ଖେଳାଳି ହୋଇଥିଲେ। ଅନ୍ୟମ୍ୟାଚରେ ରାଉରକେଲା ୪ ୱିକେଟରେ ଗଞ୍ଜାମକୁ, ଭୁବନେଶ୍ୱର-ଏ ୧୪୧ ରନରେ ପାରାଦୀପକୁ ଓ କଟକ-ଏ ୨୦୬ ରନରେ କନ୍ଧମାଳକୁ ମାତ୍ ଦେଇଛି। କଟକ-ଏ'ର ପ୍ରିୟାଂଶୁ ମହାନ୍ତି (୩ ୱିକେଟ୍), ରାଉରକେଲାର ଖୁସୱନ୍ତ ସାନ୍ଧୁ (୫ ୱିକେଟ୍) ଓ ଭୁବନେଶ୍ୱର-ଏ'ର ଅର୍ନବ ଶତପଥୀ (୩ ୱିକେଟ୍) ଶ୍ରେଷ୍ଠ ଖେଳାଳି ହୋଇଥିଲେ।

### ପିକେଏଲ୍ ଖେଳାଳି ନିଲାମୀ

# ଶାଦଲୋଇଙ୍କ ମୂଲ୍ୟ ୨.୨୩ କୋଟି ଟଙ୍କା

**ମୁମ୍ବାଇ,୩୧।୫(ଏଜେନ୍ସି):** ପୋ କବାଡ଼ି ଲିଗ୍ (ପିକେଏଲ)ର ୨୦୨୫ ସଂସ୍କରଣ ପାଇଁ ମୁମ୍ବାଇରେ ଖେଳାଳି ନିଲାମୀ ଚାଲୁ ରହିଛି। ଶନିବାର ଓ ରବିବାର ଦୁଇଦିନ ଧରି ଚାଲିବାକୁ ଥିବା ଏହି ନିଲାମୀରେ ଇରାନର ତାରକା ଡିଫେଣ୍ଡର ମହମ୍ମଦ ରେଜା ଶାଦଲୋଇ ୨.୨୩ କୋଟି ଟଙ୍କାରେ ଗୁଜରାଟ ଜିଆଣ୍ଟସ ଦଳରେ ସାମିଲ ହୋଇଛନ୍ତି। ସେହିପରି ଯୋଗେଶ ୧.୨୫ କୋଟି ଟଙ୍କାରେ ବେଙ୍ଗାଲୁରୁ ବୁଲ୍ସ, ଦୀପକ ୮୬ ଲକ୍ଷ ଟଙ୍କାରେ ପାଟଣା ପାଇରେଟ୍ସ ଦଳରେ ସାମିଲ ହୋଇଛନ୍ତି। ଦୀପକ ପ୍ରଥମ ଖେଳାଳି ଭାବେ ନିଲାମୀରେ ୫୦ ଲକ୍ଷ ପାର କରିଥିଲେ।






### ଆଇପିଏଲ୍ ୧୮ | ଆଜି କ୍ୱାଲିଫାୟର-୨


# ୧୧ ବର୍ଷ ପରେ ଫାଇନାଲ ଲକ୍ଷ୍ୟରେ ପଞ୍ଜାବ

ଅହମ୍ମଦାବାଦ, ୩୧।୫ (ଏଜେନ୍ସି)

ଆଇପିଏଲ୍‌ର ଚଳିତ ଅଷ୍ଟାଦଶ ସଂସ୍କରଣ ଚୂଡ଼ାନ୍ତ ପର୍ଯ୍ୟାୟରେ ଉପନୀତ ହୋଇଛି। ସୁପର୍ ସନ୍‌ଡେ'ରେ ଗୁରୁତ୍ୱପୂର୍ଣ୍ଣ କ୍ୱାଲିଫାୟର-୨ରେ ଆସନ୍ତାକାଲି ପାଞ୍ଚଥରର ବିଜେତା ମୁମ୍ବାଇ ଇଣ୍ଡିଆନ୍ସ ସହ ପଞ୍ଜାବ କିଙ୍ଗସ ସାମ୍ନାସାମ୍ନି ହେବେ। ଉଭୟ ମୁମ୍ବାଇ ଓ ପଞ୍ଜାବ ଲାଗି ଏହା ସେମିଫାଇନାଲ ସଦୃଶ ହୋଇଛି। ଅର୍ଥାତ୍ ଯେଉଁ ଦଳ ଏହି ମ୍ୟାଚରେ ବିଜୟୀ ହେବ ମଙ୍ଗଳବାର ଫାଇନାଲରେ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି)କୁ ଭେଟିବ। ପୂର୍ବରୁ କ୍ୱାଲିଫାୟର-୧ରେ ଆର୍‌ସିବି ୮ ୱିକେଟ୍‌ରେ ପଞ୍ଜାବକୁ ମାତ୍ ଦେଇ ସିଧାସଳଖ ଫାଇନାଲ ଟିକଟ୍ ହାସଲ କରିଥିଲା।



ଶ୍ରେୟାସ ଆୟରଙ୍କ ନେତୃତ୍ୱଧୀନ ପଞ୍ଜାବ ପାଇଁ ଏହି କ୍ୱାଲିଫାୟର-୨ ବେଶ୍ ଗୁରୁତ୍ୱବହନ କରୁଛି। କ୍ୱାଲିଫାୟର-୧ରେ ପଞ୍ଜାବ ରଜତ ପାଟିଦାରଙ୍କ ଆର୍‌ସିବି ନିକଟରୁ ଏକପାଖିଆ ଭାବେ ୮ ୱିକେଟ୍‌ରେ ହାରି ସିଧାସଳଖ ଫାଇନାଲ ପ୍ରବେଶରୁ ବଞ୍ଚିତ ହୋଇଥିଲା। ଏବେ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ମୁକାବିଲା ପଞ୍ଜାବ ପାଇଁ 'କର ବା ମର' ସଦୃଶ ହୋଇଛି। ଯଦି ପଞ୍ଜାବ ଏହି ମ୍ୟାଚରେ ବିଜୟୀ ହୁଏ ତେବେ ୧୧ ବର୍ଷ ପରେ ଆଇପିଏଲ୍ ଫାଇନାଲ ଖେଳିବାର ସୌଭାଗ୍ୟ ଲାଭ କରିବ। ଶେଷ ଓ ପ୍ରଥମଥର ଲାଗି ପଞ୍ଜାବ ୨୦୧୪ରେ ଫାଇନାଲ ଖେଳିଥିଲା। ଏଥିରେ କିନ୍ତୁ ଦଳ ୩ ୱିକେଟ୍‌ରେ କୋଲକାତା ନାଇଟ୍ ରାଇଡର୍ସ ନିକଟରୁ ପରାସ୍ତ ହୋଇ ଟ୍ରଫି ଜିତିବାରୁ ବଞ୍ଚିତ ହୋଇଥିଲା। ପଞ୍ଜାବ ପାଇଁ ବ୍ୟାଟିଂରେ ପ୍ରଭସିମରନ ଓ ଆୟର ଯଥାକ୍ରମେ ୫୧୭ ଓ ୫୧୬ ରନ କରି ଶ୍ରେଷ୍ଠ ଫର୍ମରେ ରହିଛନ୍ତି। ବୋଲିଂରେ ପଞ୍ଜାବ ପାଇଁ ଅର୍ଶଦୀପ୍ ସିଂହ ୧୮ ୱିକେଟ୍ ନେଇ ଭଲ ଫର୍ମରେ ରହିଛନ୍ତି। ଅପରପକ୍ଷରେ ମୁମ୍ବାଇ ଏଲିମିନେଟରେ ୨୦ ରନରେ ଗୁଜରାଟ ଟାଇଟନ୍ସକୁ ପରାସ୍ତ କରି କ୍ୱାଲିଫାୟର-୨ରେ ପହଞ୍ଚିଛି। ପୂର୍ବତନ ଅଧିନାୟକ ରୋହିତ୍ ଶର୍ମା ଏହି ମ୍ୟାଚରେ ୮୧ ରନ କରି ଫର୍ମକୁ ଫେରିବା ଏବଂ ଇଂଲଣ୍ଡର ଅଭିଜ୍ଞ ୱିକେଟ୍‌କିପର ଜନ୍ନୀ ବେୟାରଷ୍ଟୋ ୪୭ ରନର ଦ୍ରୁତ ପାଳି ଖେଳିବା ମୁମ୍ବାଇର ବ୍ୟାଟିଂ ଲାଇନଅପ୍‌କୁ ଆହୁରି ସୁଦୃଢ଼ କରିଛି। ଯଦି ଏହି ମ୍ୟାଚରେ ମୁମ୍ବାଇ ବିଜୟୀ ହୁଏ ତେବେ ୭ଥର ଲାଗି ଫାଇନାଲ ଖେଳିବ।




କ୍ୱାଲିଫାୟର-୨
ମୁମ୍ବାଇ ବନାମ ପଞ୍ଜାବ
ଅହମ୍ମଦାବାଦ/ ରାତି ୭.୩୦ | ଷ୍ଟାର୍‌ସ୍ପୋର୍ଟ୍ସ / ଜିଓ ହଟ୍‌ଷ୍ଟାର


PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS